

ବାପା ହେଲେ ଭେର୍ଷ୍ଟାପେନ
ପୃଷ୍ଠା ୭

# ସଂଚାର
THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 43 | ଭାଗ ୩୪ | ସଂଖ୍ୟା ୪୩ Bhubaneswar |Tuesday 6 May 2025 | Page 8 Rs. 4.00 ● ଭୁବନେଶ୍ୱର ମଙ୍ଗଳବାର ୬ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




କେନ୍ଦୁଝର ଡିଡି ମେଡିକାଲରେ ଟ୍ରମା କେୟାର ଆରମ୍ଭ, ଟାଉନ ଥାନା ଓ ରିଜର୍ଭ ପୁଲିସ ଅଫିସ ଉଦ୍‌ଘାଟିତ

# ସବୁ ଜିଲ୍ଲାରେ ହେବ ମେଡିକାଲ୍ କଲେଜ

● ପୂରଣ ହେବ ୫ ହଜାର ଡାକ୍ତର ପଦବୀ
● ନିଯୁକ୍ତି ପାଇବେ ୩୨ ହଜାର ପୁଲିସ

**କେନ୍ଦୁଝର,୫।୫(ସଂଚାର ବ୍ୟୁରୋ):** ସ୍ଥାନୀୟ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଆଜି ଅନ୍ତଃଚିକିତ୍ସା ସେବା ଓ ଟ୍ରମା କେୟାର ଆରମ୍ଭ ହୋଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଫଳରେ ଏହି ମେଡିକାଲ୍‌ରେ ଏଣିକି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେଶରେ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁହାର ଖୁବ ଅଧିକ। କେନ୍ଦୁଝର ଭଳି ଜିଲ୍ଲାରେ ଖଣି କାରବାର ଯୋଗୁଁ ଅଧିକ ଯାନବାହନ ଚଳାଚଳ ହେଉଛି। ଏହା ସହିତ ଆଗାମୀ ଦିନରେ ଅଧିକ ଶିଳ୍ପ ପ୍ରତିଷ୍ଠା ଓ ଭିତ୍ତିଭୂମିର ବିକାଶ ମଧ କରାଯିବ। ତେଣୁ ଯାନବାହନ ଚଳାଚଳ ଆହୁରି ବୃଦ୍ଧି ପାଇବ। ଏ କ୍ଷେତ୍ରରେ ଉତ୍ତମ ଟ୍ରମା କେୟାର ବ୍ୟବସ୍ଥା ଲୋକଙ୍କୁ ଆଶୁ ମୃତ୍ୟୁମୁଖରୁ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଥିବା ବେଳେ ବିଜେପି ସରକାର ୪ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ କରିସାରିଛି। ଆଗାମୀ ଦିନରେ ଆହୁରି ୫ ହଜାର ଡାକ୍ତର ପଦବୀ ପୂରଣ କରାଯିବ। ତା'ଛଡ଼ା ରାଜ୍ୟରେ ଖୁବଶୀଘ୍ର ଆଉ ୪ଟି ନୂଆ ମେଡିକାଲ କଲେଜ ସ୍ଥାପନ କରାଯିବ। ସେଗୁଡିକ ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଓ ନବରଙ୍ଗପୁରରେ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ଏବଂ କ୍ରମଶଃ ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ୬୦ ପ୍ରତିଶତ ➪ପୃଷ୍ଠା-୬

# ଗୃହ ମନ୍ତ୍ରଣାଳୟର ତାଗିଦା: ୭ରେ ସମରସଜ୍ଜା



**ନୂଆଦିଲ୍ଲୀ,୫।୫:** ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାରେ କ୍ରମାଗତ ଭାବେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବା ବେଳେ ଆଜି ଗୃହ ମନ୍ତ୍ରଣାଳୟ ଏହି ଆଶଙ୍କାରେ ଘିଅ ଢାଳିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଆଜି ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟକୁ ସମ୍ଭାବ୍ୟ ଯୁଦ୍ଧ ସକାଶେ ପ୍ରସ୍ତୁତ ହେବାକୁ କୁହାଯାଇଛି। ସବୁ ରାଜ୍ୟ ମକ୍ ଡ୍ରିଲ୍ କରିବେ। ଶତ୍ରୁ ଆକ୍ରମଣ ପରିସ୍ଥିତିରେ ନିଜକୁ କିପରି ସୁରକ୍ଷା ଦେବେ, ସେନେଇ ପ୍ରସ୍ତୁତ ହେବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଆସନ୍ତା ୭ ତାରିଖରେ ମକଡ୍ରିଲ ହେବ। କୌଣସି ପ୍ରକାର ଆକ୍ରମଣ ପରିପ୍ରେକ୍ଷୀରେ ସାଧାରଣ ଲୋକ, ଛାତ୍ରଛାତ୍ରୀ, ସ୍ଥାନୀୟ ପ୍ରଶାସନ ଓ ଜରୁରୀକାଳୀନ ସେବା ଆଦିଗୁଡ଼ିକର କ'ଣ ଭୂମିକା ରହିବ, ସେନେଇ ତାଲିମ ଦିଆଯିବ। ସାଧାରଣ ଲୋକେ ସୁରକ୍ଷିତ ସ୍ଥାନକୁ କିଭଳି ଯିବେ ଏହାର ଯୋଜନା କରାଯିବା ସହ ଅଭ୍ୟାସ ବି ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ମନ୍ତ୍ରଣାଳୟର ଏପରି ନିର୍ଦ୍ଦେଶନାମା ପରେ ଦେଶରେ ଶୀତଳ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। ଫଳସ୍ୱରୂପ ଦେଶବ୍ୟାପୀ ସମ୍ଭାବ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତି ଦିଗରେ ପଦକ୍ଷେପ ନିଆଯିବା ସକାଶେ କୁହାଯାଇଛି। ତେବେ ଦୀର୍ଘ ବର୍ଷ ପରେ ଦେଶରେ ବିଭିନ୍ନ ରାଜ୍ୟକୁ ଏପରି ପ୍ରସ୍ତୁତ କରିବା ସକାଶେ ପରାମର୍ଶ ➪ପୃଷ୍ଠା-୬

## ପାକ୍ ଉପରେ ପୁଣି ଜଳ ପ୍ରହାର

### ଡ୍ୟାମ୍ ବନ୍ଦ କଲା ଭାରତ, ଶୁଖିଗଲା ଚେନାବ



**ନୂଆଦିଲ୍ଲୀ:** ପୁଣି ପାକିସ୍ତାନ ଉପରେ ଭାରତର ପ୍ରହାର। ପାକିସ୍ତାନ ଉପରେ ଜଳ ପ୍ରହାର କଲା ଭାରତ। ସିନ୍ଧୁ ପରେ ଏବେ ଚେନାବ ନଦୀର ଜଳ ବନ୍ଦ । ଜମ୍ମୁ କାଶ୍ମୀର ରାମବନ ଅଞ୍ଚଳରେ ଥିବା ବାଗଲିହାର ଡ୍ୟାମର ସବୁ ଗେଟ୍ ବନ୍ଦ କଲା ଭାରତ । ଡ୍ୟାମ ବନ୍ଦ ହେବା ପରେ ପାକିସ୍ତାନକୁ ଯାଇଥିବା ଚେନାବ ନଦୀ ଶୁଖିଲା ପଡିଛି। ଯାହାର ଦୃଶ୍ୟ ଏବେ ସାମ୍ନାକୁ ଆସିଛି । ବାଲିହାର ଡ୍ୟାମ ଦ୍ୱାରା ଭାରତ-ପାକିସ୍ତାନ ମଧ୍ୟରେ ଜଳ ପ୍ରବାହ ହୋଇଥାଏ । ଜଳସ୍ତର କମିବା ପରେ ପାକିସ୍ତାନର ଚାଷ ପ୍ରଭାବିତ ହେବାର ଆଶଙ୍କା ରହିଛି। କେବଳ ବାଗଲିହାର ନୁହେଁ ଆଗାମୀ ଦିନରେ ଭାରତ ଝେଲମ ନଦୀର କ୍ରିଷ୍ଣାଗଙ୍ଗା ଡ୍ୟାମ ମଧ ବନ୍ଦ କରିବାକୁ ଯୋଜନା କରିଛି । ସେପଟେ ଜମ୍ମୁ-କାଶ୍ମୀର ରେଇସରେ ଥିବା ସଲାଲ ଡ୍ୟାମର ସବୁ ଗେଟ୍ ବନ୍ଦ କରାଯାଇଛି। ଯାହା ଫଳରେ ଚେନାବ ନଦୀରେ ଜଳସ୍ତର ହ୍ରାସ ପାଇଛି।

ସିନ୍ଧୁ ନଦୀରୁ ପଡ଼ୋଶୀ ଦେଶକୁ ଗୋଟିଏ ବୁନ୍ଦା ବି ଜଳ ଯିବାକୁ ଅନୁମତି ନଦେବା ନିଷ୍ପତ୍ତି ପରେ ➪ପୃଷ୍ଠା-୬

## ସମର୍ଥନ ଦେଲେ ପୁଟିନ୍



**ମସ୍କୋ:** ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ରୁଷ୍ ସମ୍ପୂର୍ଣ୍ଣ ସମର୍ଥନ କରୁଛି ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣର ଦୋଷୀମାନଙ୍କୁ ଦଣ୍ଡ ମିଳିବା ଦରକାର ବୋଲି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍ ଯୋଗେ ଆଲୋଚନା ସମୟରେ କହିଛନ୍ତି। ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ପୁଟିନ୍ ଦୃଢ଼ ନିନ୍ଦା କରିବା ➪ପୃଷ୍ଠା-୬

## ପ୍ରତିରକ୍ଷା ସଚିବଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା



**ନୂଆଦିଲ୍ଲୀ:** ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କୁ ଭେଟିଛନ୍ତି। ଏହି ବୈଠକ ଅଧଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ବେଳେ ସାମ୍ପ୍ରତିକ ସମୟରେ ଏପରି ଏକ ଆଲୋଚନାକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ଗତକାଲି ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ମଧ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସୁରକ୍ଷା ସ୍ଥିତି ସମ୍ପର୍କରେ ➪ପୃଷ୍ଠା-୬

## ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନରେ ବଢୁଛି ଆତ୍ମହତ୍ୟା ପ୍ରବଣତା

**ଭୁବନେଶ୍ୱର, ୫।୫ (ସଂଚାର ବ୍ୟୁରୋ) :** ଦେଶରେ ଏବେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ଲକ୍ଷ୍ୟ କରାଯାଉଛି। ନିକଟରେ କିଟ୍ ୟୁନିଭର୍ସିଟରେ ଜଣୈକା ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଥିବା ବେଳେ ତିନି ମାସ ତଳେ ମଧ ଉକ୍ତ ଦେଶର ଜଣେ ଛାତ୍ରୀ ସମାନ ଶିକ୍ଷାନୁଷ୍ଠାନରେ ପ୍ରେମଜନିତ ବ୍ୟାପାର ପାଇଁ ଆତ୍ମହତ୍ୟା କରିଥିଲେ। ସେହିପରି ଆଜି ଆଇଆଇଟି ଖଡ଼ଗପୁରରେ ଜଣେ ଛାତ୍ର ଜୀବନ ହାରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଉକ୍ତ ପ୍ରତିଷ୍ଠାନରେ ଦ୍ୱିତୀୟ ଘଟଣା। ସଦ୍ୟ ଘଟଣାରେ ଜୀବନ ହାରିଥିବା ଛାତ୍ର ଜଣଙ୍କ ସିଭିଲ ଇଞ୍ଜିନିୟରିଂର ତୃତୀୟ ବର୍ଷରେ ଅଧ୍ୟୟନରତ ଥିଲେ। ସେ ତାଙ୍କ ବାନ୍ଧବୀଙ୍କ ସହ ଭିଡିଓ କଲରେ ଲାଇଭ୍ କଥା ହେଉଥିବା ସମୟରେ ଏପରି ଚରମ ନିଷ୍ପତ୍ତି ନେଇଥିଲେ।

## ଝିଣ୍ଟିକା ମାରି ବଣି ପୋଷୁଛନ୍ତି ସନ୍ୟାସୀ ପ୍ରୋ

❑ 'କିସ ଏକ ବଡ଼ ଜେଲ ଯେଉଁଠି ଶିକ୍ଷାର୍ଥୀ ମାଙ୍କଡ଼ ସଦୃଶ'
❑ ଦୁଃଖ ବଖାଣୁଛନ୍ତି ଆଦିବାସୀ ଛାତ୍ରଛାତ୍ରୀ
❑ ନିରୀହ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଧୁମ ମାଡ, ଗାଳି



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ):** ଅଚ୍ୟୁତ ସାମନ୍ତଙ୍କ ମାଲିକାନାରେ ଅନ୍ୟତମ ଶିକ୍ଷାନୁଷ୍ଠାନ କିସ (କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ)ରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଛି ଅକଥନୀୟ ନିର୍ଯାତନା। ସାମାନ୍ୟ ଭୁଲ ପାଇଁ ଏକାଧିକ ଶିକ୍ଷକ ଜଣେ ନିରୀହ ଆଦିବାସୀ ପିଲାଙ୍କୁ ଗୋରୁଗାଈ ଭଳି ପାଣି ପାଇପରେ ମାଡ଼ ମାରୁଛନ୍ତି। ଏକଥା ଆମେ କହୁନୁ, କିଟରେ ଆତ୍ମହତ୍ୟା ଘଟଣା ପରେ କିସର କିଛି ଛାତ୍ରଛାତ୍ରୀ ନାମ ଗୋପନ ରଖି ଏଭଳି ଅଭିଯୋଗ କରିଛନ୍ତି। କିଟ ଓ କିସର ପ୍ରତିଷ୍ଠାତା ତିରୁପତିରେ ଲଣ୍ଡା ହୋଇ ମାନସିକ ପୂରଣ କରୁଛନ୍ତି ବୋଲି କହି ସୋସିଆଲ ମିଡିଆରେ ଫଟୋ ଛାଡୁଛନ୍ତି। ସୋସିଆଲ ମିଡିଆରେ ନିଜକୁ ଜଣେ ଅତି ଧାର୍ମିକ ଓ ସମାଜସେବୀ ବୋଲି ଦର୍ଶାଉଥିବା ଏହି ସନ୍ୟାସୀ ପ୍ରୋ ଝିଣ୍ଟିକା ମାରି ବଣି ପୋଷିବା ଭଳି ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠପଢାଇବା ନାଁରେ ଚଳାଇଛନ୍ତି ଏକ ବଡ଼ ର୍‌ୟାକେଟ। ଯେଉଁଠି ପିଲାଙ୍କୁ ମାଙ୍କଡ଼ ପରି ବ୍ୟବହାର କରାଯାଉଛି ଏବଂ ମଦାରୀଙ୍କ ଇଙ୍ଗିତରେ ଖେଳ ନଦେଖାଇଲେ ନିର୍ଘାତ ମାଡ଼ ମରାଯାଉଛି। ଆଉ ଗତ ୨୪ ବର୍ଷ ଧରି ବିଜେଡି ସରକାର ସବୁ ଜାଣି ବି ନିରବ ରହିଥିଲା। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରୁ ପାଠ ପଢିବାକୁ ପ୍ରଥମ ଶ୍ରେଣୀରୁ କିସରେ ନାମ ଲେଖାଇଥିବା ଏକ ଆଦିବାସୀ ଛାତ୍ରୀକୁ କିଛି ବର୍ଷ ପୂର୍ବେ ଶିକ୍ଷକମାନେ ଅମାନବୀୟ ମାଡ଼ ମାରିଥିଲେ। ଏହି ଛାତ୍ରୀ ଏବେ ଦ୍ୱାଦଶ ଶ୍ରେଣୀରେ ପାଠ ପଢୁଥିଲେ ବି ଅତୀତର ମାଡ଼ କଥା ମନେ ପଡିଲେ ତାଙ୍କ ଦେହ ଶିହରି ଉଠୁଛି। ତାଙ୍କୁ ଶିକ୍ଷକମାନେ କହିଥିଲେ, 'ତୁ ଜଙ୍ଗଲୀ ପିଲା, ତତେ ଖାଇବାକୁ, ପିଇବାକୁ, ରହିବାକୁ ଦେଇ ମାଗଣାରେ ➪ପୃଷ୍ଠା-୬

### ଦୀଘା ଜଗନ୍ନାଥ ମନ୍ଦିର ବିବାଦ

# ବଳକା କାଠରେ ବିଗ୍ରହ ନିର୍ମାଣ ମିଛ: ମନ୍ତ୍ରୀ

● ତଦନ୍ତ ରିପୋର୍ଟ ଦେଲେ ମୁଖ୍ୟ ପ୍ରଶାସକ
● ଜାରି ହେବ ସ୍ୱତନ୍ତ୍ର ମାର୍ଗଦର୍ଶିକା



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ):** ସମ୍ପ୍ରତି ଦୀଘାଠାରେ ନିର୍ମିତ ଜଗନ୍ନାଥ ମନ୍ଦିରକୁ ନେଇ ପୁରୀ ଶ୍ରୀମନ୍ଦିରରେ କେତେକ ବିଭ୍ରାଟ ନେଇ ଅଭିଯୋଗ ଆସିଥିବା ବେଳେ ଏ ସଂକ୍ରାନ୍ତ ଅନ୍ତରୀଣ ତଦନ୍ତ ରିପୋର୍ଟ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ଷଡ଼ଙ୍ଗୀ ଲୋକସେବା ଭବନରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଦିଘାରେ ପ୍ରତିଷ୍ଠା ହେବା, ମନ୍ଦିରରେ 'ଜଗନ୍ନାଥ ଧାମ' ଲେଖାଯିବା, ପୁରୀ ମନ୍ଦିରର ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଆଦି ବାବଦରେ ଉଲ୍ଲେଖ ରହିଛି।

ଏହି ରିପୋର୍ଟ ଗ୍ରହଣ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଅନ୍ତରୀଣ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ସକାଶେ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଥିଲା। ଆଜି ଏହି ରିପୋର୍ଟ ହସ୍ତଗତ ହୋଇଛି। ମହାରଣା ସେବକ, ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ନିଯୋଗ, ଦାଇତାପତି ନିଯୋଗ ଓ ଯେଉଁମାନେ ଦୀଘା ମନ୍ଦିର ଯାଇଥିଲେ ସେମାନଙ୍କୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ ଦିନ ଧରି ମାରାଥନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ସମସ୍ତ ଦିଗକୁ ଅନୁଧ୍ୟାନ କରି ବିଭିନ୍ନ ପ୍ରସ୍ତାବ ଓ ବିସ୍ତୃତ ରିପୋର୍ଟକୁ ରାଜ୍ୟ ସରକାରଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ହସ୍ତାନ୍ତର କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବା ସହ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ଅନୁଧ୍ୟାନ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ➪ପୃଷ୍ଠା-୬

## ଚାପରେ ଚେପା ମମତା
## ଦୀଘା ମନ୍ଦିରରୁ ହଟିଲା 'ଧାମ'



**ପୁରୀ:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ୨୮ ତାରିଖରେ ଦୀଘାରେ ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କରିବା ପରେ ଅଦ୍ୟାବଧି ବିବାଦ ତାଙ୍କ ପିଛା ଛାଡ଼ିନାହିଁ। ବିଶେଷକରି ମନ୍ଦିର ସମ୍ମୁଖରେ 'ଜଗନ୍ନାଥ ଧାମ' ଲେଖାଯିବାକୁ ଜଗନ୍ନାଥପ୍ରେମୀ କଡ଼ା ସମାଲୋଚନା କରିଛନ୍ତି। ମମତା ଏପରି ଉଦ୍ୟମ କରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଐତିହ୍ୟକୁ ଅପମାନିତ କରିଥିବା ଅଭିଯୋଗ ହୋଇଆସିଛି। ➪ପୃଷ୍ଠା-୬



## ମୁହଁ ଖୋଲିଲେ ଗଜପତି

ପାଖାପାଖି ସପ୍ତାହେ ଧରି ଦୀଘା ଜଗନ୍ନାଥ ମନ୍ଦିରର ନାମ 'ଜଗନ୍ନାଥ ଧାମ'କୁ ନେଇ ବିବାଦ ଜାରି ରହିଥିବା ବେଳେ ଆଜି ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ମୁକ୍ତି ମଣ୍ଡପ ମତକୁ ଆଧାର କରି ଏକ ପ୍ରେସ୍ ବିଜ୍ଞପ୍ତିରେ ଗଜପତି କହିଛନ୍ତି ଯେ ଦୀଘା ଜଗନ୍ନାଥ ମନ୍ଦିର 'ଜଗନ୍ନାଥ ଧାମ' ନୁହେଁ। ପୁରୀ ହେଉଛି ମହାପ୍ରଭୁଙ୍କ ପବିତ୍ର ଆଦ୍ୟ ଓ ନିତ୍ୟ ପୀଠ। ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତୀ ବିଗ୍ରହଙ୍କର ଶାସ୍ତ୍ରୀୟ ଅନୁସାରେ ପ୍ରତିଷ୍ଠା ହୋଇଥିଲେ ମଧ ତାହା ଜଗନ୍ନାଥ ଧାମ, ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର କିମ୍ବା ନୀଳାଚଳ ଧାମ ଭାବେ ନାମିତ ହୋଇପାରିବ ନାହିଁ। ଶ୍ରୀବିଗ୍ରହ ଦାରୁ ବ୍ୟତୀତ ଅନ୍ୟ କୌଣସି ଧାତୁ ବା ଶୀଳାରେ ନିର୍ମାଣ ବାରଣ। ଅନ୍ୟ କୌଣସି ଧାତୁ ବା ଶୀଳାରେ ନିର୍ମାଣ କରି ପୂଜା କରିବା ଅନୁଚିତ। ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ଶ୍ରୀବିଗ୍ରହଙ୍କୁ ସମର୍ପିତ ନୈବେଦ୍ୟକୁ 'ମହାପ୍ରସାଦ' ମଧ କହିବା ଶାସ୍ତ୍ରସମ୍ମତ ନୁହେଁ ବୋଲି ଗଜପତି କହିଛନ୍ତି।



## କାନ ଡେରିଥା

ଜଗନ୍ନାଥ ଧାମ ନାମ ନେଇ ତୁମେ
କେତେ ଅର୍ଥ ପାଇଗଲ
ଓଡ଼ିଆ ଭାବକୁ ଖେଳ କରିଦେଇ
ଟଙ୍କା ଉପରେ ଶୋଇଲ
ଏମିତି କାହିଁକି କଲ...
କ୍ଷମତା ଗେଣ୍ଡାଠୁ ମିଳିଗଲା ବୋଲି
ନାଚିଲ, ନଚେଇ ଦେଲ !

■ ଦେବାଶିଷ

# ପିଏସି ଏବେ ପାଣ୍ଡିଆନ୍ ଆଫେୟାର୍ସ କମିଟି



● କ୍ରୀତଦାସଙ୍କ ମୁଁ ନୁହେଁ ତ କେହି ନୁହେଁ ରାଜନୀତି
● ସୁରକ୍ଷା ଦେବାକୁ ହଟିଲା ସଙ୍ଗଠନ ସମ୍ପାଦକ ପଦ

**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ):** ବହୁ ବିଳମ୍ବରେ ବିଜେଡିରେ ଯେଉଁ ସାଙ୍ଗଠନିକ ଅଦଳବଦଳ ହୋଇଛି, ସେଥିରେ କ୍ରୀତଦାସଙ୍କ ପଦବୀକୁ ଉଚ୍ଛେଦ କରାଯାଇଛି। ମୁଁ ନୁହେଁ ତ କେହି ନୁହେଁ ନ୍ୟାୟରେ କ୍ରୀତଦାସ ଲାଗିପାଡି ସାଙ୍ଗଠନିକ ପଦବୀଟିକୁ ଉଚ୍ଛେଦ କରିଦେଇଛନ୍ତି। ଯଦି ଅନ୍ୟ କେହି ଏହି ପଦବୀରେ ବସିଥାନ୍ତେ, ତା'ହେଲେ କ୍ରୀତଦାସଙ୍କ ପତିଆରା କେବଳ ହ୍ରାସ ପାଇନଥାନ୍ତା, ତାଙ୍କର ଭବିଷ୍ୟତ ମଧ ଅସୁରକ୍ଷିତ ହୋଇପଡ଼ିଥାନ୍ତା ବୋଲି ଦଳରେ ଆଲୋଚନା ଚାଲିଛି।

ବିଜେଡିରେ ସାଙ୍ଗଠନିକ ସମ୍ପାଦକ ପଦବୀଟି ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦଳର ଅଧିକାଂଶ ନିଷ୍ପତ୍ତି ନେଉଥିଲେ ସଙ୍ଗଠନ ସମ୍ପାଦକ। ନିର୍ବାଚନ ସମୟରେ ତ ଦଳକୁ ଏହି ପଦରେ ଆସୀନ କ୍ରୀତଦାସ ଏକପ୍ରକାର ସମ୍ଭାଳୁଥିଲେ। ପ୍ରାର୍ଥୀ ଚୟନଠାରୁ ପାଣ୍ଠି ଯୋଗାଣ ପର୍ଯ୍ୟନ୍ତ ସବୁକିଛି କରୁଥିଲେ। କ୍ଷମତା ଥିବାରୁ ନିଜେ ସମ୍ବଲପୁରରେ ଛିଡ଼ା ହେବା ସହିତ ମା'ଙ୍କୁ ବି ପରିଣତ ବୟସରେ ପ୍ରାର୍ଥୀ କରିଦେଲେ। ହେଲେ ଉଭୟ ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଲେ କ୍ରୀତଦାସ ଆଉ ଦଳ ବି ଚାରି ପାଞ୍ଚିରୁ ଗଲା।

ଦଳର ଆକସ୍ମିକ ବିପର୍ଯ୍ୟୟ ପରେ କର୍ମୀଙ୍କ ଟାର୍ଗେଟରେ ରହିଲେ ସଙ୍ଗଠନ ସମ୍ପାଦକ। ତାଙ୍କ ମାମଲତି ଯୋଗୁଁ ଦଳର ଏଭଳି ଅବସ୍ଥା ବୋଲି କହିଲେ। ଯେଉଁଠି ଦେଖିଲେ କର୍ମୀମାନେ ଗାଳିଦେଲେ। ଅବସ୍ଥା ଏଭଳି ହେଲା ଯେ ସଙ୍ଗଠନ ସମ୍ପାଦକ ଦଳୀୟ କାର୍ଯ୍ୟାଳୟକୁ ଆସିବାକୁ ବି ଡରିଲେ। ଯେତେବେଳେ ଆସି ଲୁଚିକି ବସୁଥିବା ନେଇ କର୍ମୀମାନେ ➪ପୃଷ୍ଠା-୬

## ବରିଷ୍ଠ ନେତାଙ୍କୁ ଲଲିପପ୍

ନବୀନ ପଟ୍ଟନାୟକ ଆଜି ବିଜେଡିର ସାଙ୍ଗଠନିକ ପୂନର୍ବିନ୍ୟାସ କରିଛନ୍ତି। ହେଲେ ଏଥିରେ ବିଜେଡିର ପ୍ରତିଷ୍ଠାତା ସଦସ୍ୟ ଓ ଅନ୍ୟ କିଛି ବରିଷ୍ଠ ନେତାମାନଙ୍କୁ କଣଠେସା କରି ଲଲିପପ ଧରାଇଲା ଭଳି କିଛି ସଂଗଠନର ଆବାହକ ଭାବେ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମଙ୍ଗଳା କିଶାନ ପ୍ରମୁଖ। ଏହି ନେତାମାନେ ହେଉଛନ୍ତି ବିଜେଡିର ଅନ୍ୟତମ ➪ପୃଷ୍ଠା-୬

## ହୋଇପାରୁନି କାର୍ଯ୍ୟକାରିଣୀ

୨୫ ବର୍ଷ ପରେ ଆଜି ବିଜେଡିକୁ ଫେରିଛି ରାଜନୈତିକ ବ୍ୟାପାର କମିଟି (ପିଏସି)। ଏଥିସହିତ ୭୧ ଜଣ ପଦାଧିକାରୀ ଓ ୧୦ଜଣିଆ ଫ୍ରଣ୍ଟାଲ ୱିଙ୍ଗର ଆବାହକ ତାଲିକା ବି ପ୍ରକାଶ କରିଛନ୍ତି ନବୀନ ପଟ୍ଟନାୟକ। ହେଲେ ଏଯାଏଁ ୮୦ ଜଣିଆ କାର୍ଯ୍ୟକାରିଣୀ ଗଠନ କରିପାରୁନାହାଁନ୍ତି ନବୀନ। କାରଣ ଏହି ୮୦ ଜଣ କାର୍ଯ୍ୟକାରିଣୀ ହିଁ ଦଳର ମେରୁଦଣ୍ଡ। କାର୍ଯ୍ୟକାରିଣୀର ଅଧାରୁ ଅଧିକ ସଦସ୍ୟ ଯଦି ଚାହିଁବେ ତେବେ ସେମାନେ ଅଲଗା ହୋଇ ଦଳର ଚିହ୍ନ ଓ ଆବଶ୍ୟକ ପଡ଼ିଲେ ଦଳ ଉପରେ କବଜା କରିପାରିବେ। ତେଣୁ କାର୍ଯ୍ୟକାରିଣୀରେ କେଉଁ ବିଶ୍ୱସ୍ତ ନେତାଙ୍କୁ ନବୀନ ନିଜ ସହ ରଖିବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିବା ଚର୍ଚ୍ଚା ହେଉଛି । ଏମିତିବି ଅମିତ ଶାହଙ୍କ ଗସ୍ତ ପରେ ବିଜେଡିର ସଂସଦୀୟ ଟିମରୁ ପୁଣି ଗୋଟିଏ ମୁଣ୍ଡ ଗଡ଼ିପାରେ ବୋଲି ଚର୍ଚ୍ଚା ହେଉଛି।

# ବଢୁଛି ବେଆଇନ ରନ୍ଧନ ଗ୍ୟାସ୍ ବିକ୍ରି

## ସବୁ ଜାଣି ଆଖି ବୁଜିଦେଇଛି ଯୋଗାଣ ବିଭାଗ

**ଗରଦପୁର,୫।୫ (ସଂଚାର ବ୍ୟୁରୋ):** ଗରଦପୁର ଅଞ୍ଚଳରେ ଛତୁ ଫୁଟିଲା ପରି ଖୁଲମଖୁଲା ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ବିକ୍ରି ଚାଲିଛି। କିଛି ଦଲାଲ ନିଜ ଘରେ ଗ୍ୟାସ୍ ସିଲିଣ୍ଡର ଆଣି ଗଚ୍ଛିତ ରଖି ବିକ୍ରି କରୁଥିବାର ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁସାରେ, ବିତରକ କେନ୍ଦ୍ରର ଗୋଦାମ ଘର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଗ୍ୟାସ୍ ସିଲିଣ୍ଡର ଗଚ୍ଛିତ ରହିବ ନାହିଁ। ହେଲେ ଏହାକୁ ଉଲଙ୍ଘନ କରି ଜନବସତି ସ୍ଥାନରେ ଗ୍ୟାସ୍ ସିଲଣ୍ଡର ରହୁଛି। ଯାହା ରହିବାର ନିୟମ ନାହିଁ।



ତେବେ ଯେଉଁ ଗୃହରେ ଗ୍ୟାସ୍ ସିଲଣ୍ଡର ରହିବ, ଉକ୍ତ ଗୃହକୁ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତି ମିଳିଥିବାର ଆବଶ୍ୟକତା ରହିଛି। କିନ୍ତୁ ଗରଦପୁର ବିଭିନ୍ନ ଛକ, ବଜାର ଆଦି ଦୋକାନଗୃହରେ ଗ୍ୟାସ୍ ସିଲିଣ୍ଡର ଗଚ୍ଛିତ ରହୁଥିବା ଦେଖିବାକୁ ମିଳିଛି। ଦୋକାନୀ ଏଥିପ୍ରତି ଆଦୌ ସଚେତନ ରହୁନାହାନ୍ତି । ଯଦି କୌଣସି କାରଣରୁ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ଅଘଟଣ ଘଟେ, ଏଥିପାଇଁ କିଏ ଦାୟୀ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ପ୍ରକାଶ ଥାଉକି, ଗ୍ୟାସ୍ ବିତରକ କେନ୍ଦ୍ର ପକ୍ଷରୁ ଏତେ ସଂଖ୍ୟକ ଗ୍ୟାସ୍ ଦୋକାନୀ ଓ ଦଲାଲଙ୍କୁ କେମିତି ଯୋଗାଉଛନ୍ତି ? ବେଆଇନ ଭାବେ ବହୁ ସଂଖ୍ୟକ ଗ୍ୟାସ୍ ସିଲିଣ୍ଡରକୁ ଗଚ୍ଛିତ ରଖି ଚଢ଼ା ଦରରେ ବିକ୍ରି କରୁଥିଲେ ମଧ ଯୋଗାଣ ବିଭାଗ ଏହା ଉପରେ ଆଦୌ ଗୁରୁତ୍ୱ ଦେଉନି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା। ସଳାସୁତରାରେ ଏହି ବେଆଇନ୍ ବେପାର ଚାଲିଥିବା ବେଳେ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଆଲୋଚନାର ବିଷୟ ପାଲଟିଛି ।




## ସୂଚନା ଅଧିକାରରେ ତଥ୍ୟ ନମିଳିବାରୁ ବ୍ଲକ ସମ୍ମୁଖରେ ଧାରଣା

**ରାଜନଗର,୫।୫ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ବିଭିନ୍ନ ବିଭାଗରେ ସୂଚନା ଅଧିକାରରେ ତଥ୍ୟ ମାଗିଲେ ମିଳୁନି। ବ୍ଲକ, ତହସିଲ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟଜଳ ଆଦି ତଥ୍ୟ ସୂଚନା ଅଧିକାର ଆଇନରେ ମିଳୁନାହିଁ। ବିଭାଗୀୟ ଅଧିକାରୀ ଜାଣିଶୁଣି ତଥ୍ୟ ଦେଉନାହାନ୍ତି। ଏହାର ପ୍ରତିବାଦରେ ଆଜି ରାଜନଗର ବ୍ଲକ ସମ୍ମୁଖରେ ସୂଚନା ଅଧିକାର କର୍ମୀ ମାନେ ଧାରଣାରେ ବସିଛନ୍ତି। ୩ ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିବୁ। ସୁଫଳ ନମିଳିଲେ ଆମରଣ ଅନସନରେ ବସିବୁ ବୋଲି ରାଜନଗର ବ୍ଲକ ସୂଚନା ଅଧିକାର କର୍ମୀର ସଭାପତି ସୋମନାଥ ବାରିକ, ସମ୍ପାଦକ ଅଲେଖ କୁମାର ପରିଡା, ପ୍ରଫୁଲ କୁମାର ଭୂୟାଁ, ହେମନ୍ତ କୁମାର ବେହେରା ପ୍ରମୁଖ ଧାରଣାରେ ବସିଛନ୍ତି।

## ଶ୍ରେଷ୍ଠ ସମାଜସେବା ଅନୁଷ୍ଠାନ ଭାବେ ସମ୍ମାନିତ ହେଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

**କେନ୍ଦ୍ରାପଡ଼ା,୫।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟକୁ ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବରେ ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ ସମ୍ମାନରେ ସମ୍ମାନୀତ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇଷ୍ଟର୍ଣ୍ଣ ମିଡ଼ିଆର ଅଧକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଥିବା ଚଇତି ଘୋଡ଼ା ନୃତ୍ୟ ଗୁରୁ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ସମ୍ମାନୀତ ଅତିଥି ଡଃ ଲଳିତ ନାରାୟଣ ରଥ ଓ ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚର ସଭାପତି ଶିବ ନାରାୟଣ ସ୍ୱାଇଁ ଉପସ୍ଥିତ ଥିଲେ।

ଆମ କର୍ମ, ଆମ ପରିଚୟ ନାରାରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସାମାଜିକ କର୍ମ ପାଇଁ ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ "ଶ୍ରେଷ୍ଠ ସମାଜସେବା ଅନୁଷ୍ଠାନ" ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ର,



ସଭାପତି ଦମନ ମହାନ୍ତି ଓ ଟ୍ରଷ୍ଟର ଅତିରିକ୍ତ ସଭାପତି ସଂଗ୍ରାମ କୁମାର ଦାସ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

## ● ୧୬୬ ଅଭିଯୋଗରୁ ୧୫ଟି ସାମୂହିକ ଓ ୧୫୧ଟି ବ୍ୟକ୍ତିଗତ

**କେନ୍ଦ୍ରାପଡା,୫।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ମହକୁମାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ସମୟରେ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଏସଡିପିଓ, କେନ୍ଦ୍ରାପଡା, ସହକାରୀ ଜିଲ୍ଲାପାଳ, କେନ୍ଦ୍ରାପଡା ପୌରପରିଷଦର ନିର୍ବାହୀ ଅଧିକାରୀ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେର୍ଣ୍ଟର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ।



ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୬୬ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୫ ଗୋଟି ସାମୁହିକ ଏବଂ ୧୫୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୨୯ ହଜାର ଟଙ୍କା ୯ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତ୍ୟୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା ।

ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଫ୍ଲାୟ ଓଭର ନିର୍ମାଣ, ବିଦ୍ୟୁତ ଯୋଗାଣ, ରାସ୍ତା ନିର୍ମାଣ, ରାସ୍ତା ପ୍ରଶସ୍ତିକରଣ, ପାନୀୟ ଜଳ ଯୋଗାଣ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା ।

## ଯୋଗଦେଲେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ



**କେନ୍ଦ୍ରାପଡା,୫।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଫକିର ମୋହନ ମାଝୀ ଆଜି ପୂର୍ବାହ୍ନରେ ଯୋଗ ଦେଇଛନ୍ତି। ପୂର୍ବରୁ ସେ ଭଞ୍ଜନଗର ଓ ରେଢ଼ାଖୋଲରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ସମ୍ବଲପୁରରେ ଦୀର୍ଘ ୩ ବର୍ଷ ଧରି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିସାରିଛନ୍ତି। ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରେରେ କିପରି ପହଞ୍ଚାଯାଇପାରିବ, ସେନେଇ ଉଦ୍ୟମ କରିବେ ବୋଲି ଯୋଗଦାନ ଅବସରରେ ଶ୍ରୀ ମାଝୀ କହିଛନ୍ତି। ଏଦିଗରେ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ନିବେଦନ ମଧ୍ୟ କରିଛନ୍ତି।

## ବାଂଲାଅନୁପ୍ରବେଶକାରୀଙ୍କ ବିରୋଧରେ ଅପହରଣ ଅଭିଯୋଗ

**ରାଜନଗର,୫।୫ (ସଂଚାର ବ୍ୟୁରୋ):** ରାଜନଗର ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଛି। ବାଂଲା ଅନୁପ୍ରବେଶକାରୀ ନାବାଳିକାକୁ ଅପହରଣ କରିନେଇଛନ୍ତି। ମାର୍ଚ୍ଚ ୧୫ ତାରିଖରୁ ନାବାଳିକାକୁ ଅପହରଣ ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ପୁଲିସ ନିଖୋଜ ମାମଲା କରି ଚୁପ ବସିଥିବା ନେଇ ପରିବାର ଲୋକେ ଆଜି କେନ୍ଦ୍ରାପଡା ଏସପିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଝିଅର ବାପା ଏସପିଙ୍କ ନିକଟରେ କରିଥିବା ଅଭିଯୋଗ ମୁତାବକ ସାତଭାୟାରେ ରହୁଥିବା ବାଂଲା ଅନୁପ୍ରବେଶକାରୀ ଶିଶିର ଦଳାଇଙ୍କ ପୁଅ ରଶ୍ମୀରଞ୍ଜନ ଦଳାଇ ମାର୍ଚ୍ଚ ୧୩ ତାରିଖ ଦିନ ରାଜନଗର ଥାନା ଅଞ୍ଚଳର ନାବାଳିକାଙ୍କୁ ଅପହରଣ କରି ନେଇଛନ୍ତି। ଏ ନେଇ ରାଜନଗର ପୁଲିସ କେବଳ ନିଖୋଜ ମାମଲା କରି ଚୁପ ବସିଛି। ଝିଅ ସମ୍ପର୍କରେ ଜାଣିବାକୁ ଥାନାକୁ ଗଲେ ପୁଲିସ ବିରକ୍ତ ହେଉଛି। ଅପହରଣକାରୀ ବାଂଲା ଅନୁପ୍ରବେଶକାରୀ ହୋଇଥିବାରୁ

### ଏସପିଙ୍କୁ ଜଣାଇଲେ ପରିବାର ଲୋକେ

ସେମାନେ ଝିଅକୁ କେଉଁ ଆଡେ ଚାଲାଣ କରିଦେଇଛନ୍ତି କିମ୍ବା ମାରିଦେଇଥିବା ନେଇ ସନ୍ଦେହ ହେଉଛି। ଝିଅ ନିଖୋଜ ହେବ ଦିନ ଫୋନ କରିଥିଲୁ, ଝିଅ କାନ୍ଦି କାନ୍ଦି ବାପା କହିବା ଭିତରେ ସେମାନେ ଫୋନ ଛଡାଇ ନେଇ ସ୍ୱିଚ ଅଫ କରିଦେଇଛନ୍ତି। ଝିଅକୁ ନପାଇ ମାଆ ରୋଗ ଶଯ୍ୟାରେ, ଜୀବନ ହରିବାକୁ ବାରମ୍ବାର ଚେଷ୍ଟା କରୁଛି। ମୁଁ ମଧ ମାନସିକ ଭାରଶ୍ୟାମ ହରାଇ ବସୁଛି। ମୋ ଝିଅକୁ ଖୋଜି ଫେରାଇ ଆଣିବାକୁ ଅନୁରୋଧ କରୁଛି। ୧୫ ଦିନ ଭିତରେ ୧୯ ମଇ ସୁଧା ଝିଅକୁ ଖୋଜି ବାହାର ନକଲେ ବାଧ ହୋଇ ପରିବାର ସହିତ ଥାନା ଆଗରେ ଆମରଣ ଅନସନରେ ବସିବୁ। ଆବଶ୍ୟକସ୍ଥଳେ ଆତ୍ମହୁତି ଦେବାକୁ ପଛାଇବୁ ନାହିଁ ବୋଲି ନିଖୋଜ ନାବାଳିକାର ବାପା କେନ୍ଦ୍ରପଡା ଏସପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। କେନ୍ଦ୍ରାପଡା ଜିଲ୍ଲାପାଳ, ଏସଡିପିଓ ପଟ୍ଟାମୁଣ୍ଡାଇଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ସାରା ରାଜ୍ୟରେ ଅପହରଣ ମାମଲାରେ ଉପରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ରାଜ୍ୟ ସରକାର ଜୋର ଦେଉଥିବା ବେଳେ ରାଜନଗର ପୋଲିସ ନାବାଳିକା ଅପହରଣ ମାମଲାରେ କୌଣସି ପଦକ୍ଷେପ ନନେବା ଆଚମ୍ବିତ କରିଛି।

### ଖବର ପ୍ରକାଶ ପରେ ଭଦ୍ରେଶ୍ୱର ପୁଲିସର ନିଦ ଭାଙ୍ଗିଲା

# ଗଉଡ଼ଗୋପରୁ ଜବତ ହେଲା ୫ ମାଟି ବୋଝେଇ ଟ୍ରାକ୍ଟର

**ମାହାଙ୍ଗା,୫।୫ (ସଂଚାର ବ୍ୟୁରୋ):** ମାଟି ମାଫିଆ ମାନଙ୍କ ଚରା ଭୂଇଁ ମାହାଙ୍ଗା ବ୍ଲକ୍ ପାଲଟି ଥିବା ବେଳେ ଭଦ୍ରେଶ୍ୱର ଥାନା ପୁଲିସ ପ୍ରଶାସନର ଡେରିରେ ହେଲେବି ଭାଙ୍ଗିଛି ନିଦ। ସୂଚନା ମୁତାବକ ଭଦ୍ରେଶ୍ୱର ଥାନା ଅଧୀନରେ ଥିବା ବିଭିନ୍ନ ପଂଚାୟତରେ ଥିବା ଗାଇଁ ଗୋରୁଙ୍କ ଗୋଚୋର ଜମି, ଶ୍ମଶାନ ଦଣ୍ଡା, ଛୋଟ ବଡ ନାଳକୁ ମାଟି ମାଫିଆ ମାନେ ରାତି ଦିନ ଜେସିବି ମେସିନ୍ ଦ୍ୱାରା ତାଡ଼ି ଗାଁ ଗହଳିର ଅଣ ଓସାରିଆ ରାସ୍ତାରେ ଅତି ବିପଦ ଜନକ ଭାବେ ଟ୍ରାକ୍ଟର ଯୋଗେ ଶହ ଶହ ମାଟି ଚାଲାଣ କରୁଥିବା ବେଳେ ଏହା ବାବଦରେ ଖଣି ବିଭାଗ ଠାରୁ ଆରମ୍ଭ କରି ତହସିଲ ଓ ଆଇନ କାନୁନର ରକ୍ଷକ ପୁଲିସ ବିଭାଗ ନିକଟରେ ସାଧାରଣରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ ପ୍ରଶାସନ ସତେ ଯେପରି

ସଂଚାର ପ୍ରଭାବ




ନିଦାବିଷ୍ଟ ସାଜି ବସିଥିବା ବେଳେ ମାଟି ମାଫିଆ ମାନଙ୍କ ବର୍ବରତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିଲା। ଯାହାକୁ ନେଇ ସଂଚାର ଦୈନିକ ଖବର କାଗଜରେ ଗତ ୪ ତାରିଖରେ ଖବର ପ୍ରକାଶ ପରେ ରାତା ରାତି ଭଦ୍ରେଶ୍ୱର ପୁଲିସ ପ୍ରଶାସନର ନିଦ ଭାଙ୍ଗିବା ସହ ସ୍ଥାନୀୟ ଗଉଡଗୋପ ଅଞ୍ଚଳରୁ ୫ଟି ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖିଥିବା ଜଣା ପଡ଼ିଛି।

ତେବେ ସଂଚାର ଖବର କାଗଜରେ ପ୍ରକାଶିତ ଖବରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭଦ୍ରେଶ୍ୱର ପୁଲିସ୍ ପ୍ରଶାସନ ଉପରେ ଆଙ୍ଗୁଳି ନିର୍ଦ୍ଦେଶ ହୋଇଥିବା ବେଳେ ଉଭୟ ପୁଲିସ ପ୍ରଶାସନ ଓ ମାଟି ମାଫିଆ ମାନଙ୍କ ମଧ୍ୟରେ ଭିତିରିଆ ବୁଝାମଣା ଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ସେପଟେ ସଂଚାରରେ ଖବର ପ୍ରକାଶ ପାଇବା ପରେ ପୁଲିସ ବିଭାଗର ତତ୍ପରତା ଦେଖିବା ପାଇଁ ମିଳିଛି। ତେବେ ଜବତ ହୋଇଥିବା ସମସ୍ତ ମାଟି ବୋଝେଇ ଟ୍ରାକ୍ଟର ବର୍ତ୍ତମାନ ସୁଦ୍ଧା ଭଦ୍ରେଶ୍ୱର ଥାନା ପରିସରରେ ଅଟକ ରହିଥିବା ବେଳେ ଏବାବଦରେ ଭଦ୍ରେଶ୍ୱର ଥାନା ପକ୍ଷରୁ କେଶ୍ ରୁଜୁ ହୋଇଛି କି ନାହିଁ, କେଶ୍ ନଂ ତଥ୍ୟ ପାଇବା ପାଇଁ ଆମ ପ୍ରତିନିଧି ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂଙ୍କ ମୋବାଇଲ ନଂ'୯୪୩୯୮୯୧୩୧ କୁ ଏକାଧିକ ଥର ଯୋଗଯୋଗ କରିଥିଲେ ମଧ ଆଇଆଇସି ଆମ ପ୍ରତିନିଧିଙ୍କ କଲ୍ ଟିକୁ ନଉଠାଇବା ସହିତ ଫୋନ୍ କଲଟିକୁ କାଟି ଦେଇଥିଲେ। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




## ଦୀଘା ଜଗନ୍ନାଥ ମନ୍ଦିର ଦାରୁକୁ ନେଇ ଜଗନ୍ନାଥପ୍ରେମୀଙ୍କ ରାସ୍ତା ଅବରୋଧ

**ଡେରାବିଶ,୫।୫ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ଦୀଘାଠାରେ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି। ରବିବାର ଅପରାହ୍ନରେ ଚାନ୍ଦୋଳ ବଜାରର ଖରିଦାସାହି ଛକଠାରେ ବହୁ ଜଗନ୍ନାଥପ୍ରେମୀ ରାସ୍ତା ଅବରୋଧ କରିବା ସହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଥିଲେ। ମନ୍ଦିର ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗନ୍ନାଥଙ୍କ ସେବକ ରାମକୃଷ୍ଣ ଦାସମହାପାତ୍ରଙ୍କ ବୟାନକୁ ନେଇ ନିନ୍ଦା କରାଯାଇଛି। ଖରିଦାସାହି ଛକ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରାୟ ଏକ ଘଣ୍ଟା ଧରି ରାଜ୍ୟ ରାଜପଥ ଅବରୋଧ କରାଯିବା ସହିତ ପ୍ରଥମେ ରାମକୃଷ୍ଣ ଦାସମହାପାତ୍ରଙ୍କୁ ଗିରଫ କରାଯିବାକୁ ଦାବି କରାଯାଇଥିଲା।

## ଜିଲ୍ଲା ଟପ୍ପର ଶୁଭମ ଜ୍ୟୋତି ରାଉତ ସମ୍ବର୍ଦ୍ଧିତ

**ପଟ୍ଟାମୁଣ୍ଡାଇ,୫।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ କାଠିଆପଡା ଦକ୍ଷିଣେଶ୍ୱର ହାଇସ୍କୁଲର ଛାତ୍ର ଶୁଭମ ଜ୍ୟୋତି ରାଉତ ଚଳିତ ମାଟ୍ରିକ ପରୀକ୍ଷା ରେ ୫୭୫ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି । ତାଙ୍କୁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ତପନ କୁମାର ଦାଶ ଓ ସଞ୍ଜୟ ବର୍ମା ପ୍ରମୁଖ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।



## ରଜୁଓ୍ୱାନା ବେଗମ ବିଜେଡି ସଂଖ୍ୟାଲଘୁ ସେଲ ରାଜ୍ୟ ସହଆବାହକ

**ପଟ୍ଟାମୁଣ୍ଡାଇ,୫।୫ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେଡି ସଂଖ୍ୟାଲଘୁସେଲର ଟାଣୁଆ ନେତ୍ରୀ ଦୃଢ଼ ସଂଗଠିକା ରଜୁଓ୍ୱାନା ବେଗମକୁ ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲର ସହ ଆବାହକ ଭାବେ ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟନାୟକ ନିଯୁକ୍ତି ଦେଇଛନ୍ତି। ଏକ ଇଂରାଜୀ ମାଧମ ସ୍କୁଲରେ ସାଧାରଣ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଥିବା ରଜୁଓ୍ୱାନା ପରବର୍ତୀ ସମୟରେ ସକ୍ରିୟ ରାଜନୀତିରେ ପାଦ ଦେଇ ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୧ନଂ ୱାର୍ଡରୁ ବିଜେଡି କାଉନସିଲର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦୀତା କରି ପରାସ୍ତ ହୋଇଥିଲେ। ଏହାପରେ ନିଜର ସାଙ୍ଗଠନିକ ଦକ୍ଷତା ପାଇଁ ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ ସାଧାରଣ ସମ୍ପାଦିକା, ରାଜ୍ୟ ମହିଳା ବିଜେଡି ଉପସଭାପତି, ବିଜେଡି ରାଜ୍ୟ ପରିଷଦ ସଦସ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ସଂଖ୍ୟାଲଘୁ ସେଲ କାର୍ଯ୍ୟ କାରୀ ସଭାପତି, ବିଭିନ୍ନ ନିର୍ବାଚନରେ ଦଳୀୟ ପର୍ଯ୍ୟବେକ୍ଷକ, ଆଦି କାର୍ଯ୍ୟ କରି ନିଜର ଲୋକ ପ୍ରିୟତା ଓ ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଛନ୍ତି।



## ଯଶୁଆପଲ୍ଲୀରେ ଯାତ୍ରା କମିଟି ଓ କଳାକାରଙ୍କ ଚାରା ରୋପଣ

**ମହାକାଳପଡ଼ା,୫।୫ (ସଂଚାର ବ୍ୟୁରୋ):** ଆଜି ମା' ତାରିଣୀ ଯାତ୍ରା କମିଟି (ଯଶୁଆପଲ୍ଲି) ଓ ଯାତ୍ରା ସ୍ୱପ୍ନ ମହଲର କଳାକାରମାନଙ୍କ ମିଳିତ ଉଦ୍ୟମରେ ନୀଳକଣ୍ଠେଶ୍ୱର ଆଦର୍ଶ ଉ.ପ୍ରା. ବିଦ୍ୟାଳୟ, ପୋଷାଇ ନିକଟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ପାଇଁ ଯାତ୍ରା କମିଟିର ଏହି ନିଆରା ପ୍ରୟାସ ଦେଖିବାକୁ ମିଳିଛି। ଯାତ୍ରା କଳାକାରମାନଙ୍କ ସହଯୋଗରେ ପରିବେଶ ସଚେତନତା ପାଇଁ ଏମିତି ଉଦ୍ୟମ ସମସ୍ତଙ୍କ ପାଇଁ ଏକ ଉଦାହରଣ। ଆଗାମୀ ଦିନରେ ଏମିତି ଆହୁରି ବୃକ୍ଷ ରୋପଣ କରି ନିଜ ଗ୍ରାମ ତଥା ପରିବେଶକୁ ପରିବର୍ତ୍ତନ କରିବା ପାଇଁ ଯାତ୍ରା କମିଟି ର ସଭାପତି ଏବଂ ସମସ୍ତ କମିଟି ସଦସ୍ୟ ମାନେ ଶପଥ ନେଇଛନ୍ତି।



## ଯାଦବଙ୍କ ସ୍ୱାର୍ଥ ଓ ହକ୍ ପାଇଁ ଲଢେଇ ଜାରି ରହିବ: ଚିତ୍ତରଞ୍ଜନ

**ମାର୍ଶାଘାଇ,୫।୫ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ରାଉତରାପୁର ସ୍ଥିତ ଗିରି ଗୋବର୍ଦ୍ଧନ ପୀଠରେ ରବିବାର ସନ୍ଧ୍ୟାରେ ମାର୍ଶାଘାଇ ଓ ମହାକାଳପଡ଼ା ଯାଦବ ମହାସଭା ପକ୍ଷରୁ ଅଷ୍ଟମ ବାର୍ଷିକ ଦୋଳ ମହୋତ୍ସବ ପାଳିତ ହୋଇଯାଇଛି। ଯାଦବ ମହାସଭାର ଜିଲ୍ଲା ସମ୍ପାଦକ ଚିନ୍ମୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ ଗଗନଚନ୍ଦ୍ର ଦାସ ମୁଖ୍ୟ



ଅତିଥି, ଚୌଧୁରୀ ରମାକାନ୍ତ ଦାସ ମୁଖ୍ୟବକ୍ତା, ଯାଦବ ମହାସଭା ଜିଲ୍ଲା ସଭାପତି ପ୍ରଭାକର ପଲେଇ, ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ଦାସ, ଜିଲ୍ଲା ଯୁବ ସଭାପତି ମନୋଜ କୁମାର ଦାସଙ୍କ ସମେତେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଯାଦବ ସମ୍ପ୍ରଦାୟର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜ୍ଜୀବିତ କରି ଏହି ମହାନ ଜାତିକୁ ଏକତ୍ରିତ କରି ବିକାଶଧାରା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ପରୀପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭାର ଉପସଭାପତି ଚିତ୍ତରଞ୍ଜନ ଦାସ ଯାଦବ ମାନଙ୍କ ସ୍ୱାର୍ଥ ଓ ହକ୍ ପାଇଁ ସଦାସର୍ବଦା ଲଢେଇ ଜାରି ରଖିବ ବୋଲି କହିଛନ୍ତି।

## ମା' ସିତଳେଶ୍ୱରୀଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ



**ଗରଦପୁର,୫।୫ (ସଂଚାର ବ୍ୟୁରୋ):** ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଅଷ୍ଟପ୍ରହରି ହରିହାଟ ମହୋତ୍ସବ ଗରଦପୁର ବ୍ଲକ ଅଧିନ ପଦ୍ମପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି ଯଜ୍ଞ ସହ ଅଷ୍ଟପ୍ରହରୀ ଓ ହରିହାଟ ମହୋତ୍ସବ ୧୮ବର୍ଷରେ ପଦାର୍ପଣ କରିଛି। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମଙ୍ଗଳବାର ଦିନଠୁ ଚାରିଦିନ ବ୍ୟାପୀ ମହାସମାରୋହରେ ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟ ପ୍ରହରୀ ହରିହାଟ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ପଦ୍ମପୁର ଗ୍ରାମର ଥିବା ଗ୍ରାମଦେବତୀ ମା' ସିତଳେଶ୍ୱରିଙ୍କ ଜନ୍ମଦିବସ ଉପଲକ୍ଷେ ମା'ଙ୍କ ନିକଟରେ ପ୍ରଥମେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ହରିଭକ୍ତ ଭିଡ଼ ଜମାଇଥିଲେ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ହରିହାଟ ମହୋତ୍ସବ ବିଶେଷ କରି ଅଧିକ ଆକୃଷ୍ଟ କରିଥିଲା ।

### ପଟ୍ଟାମୁଣ୍ଡାଇରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ସ୍ଥାପନ ଜରୁରୀ

# ସରକାରଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଲା ଉତ୍କଳମଣି ଯୁବକ ସଙ୍ଘ

**କେନ୍ଦ୍ରାପଡା,୫।୫ (ସଂଚାର ବ୍ୟୁରୋ):** କେନ୍ଦ୍ରପଡ଼ା ଜିଲ୍ଲାର କଲ୍ୟାଣ ଏବଂ ବିକାଶ ପାଇଁ କାର୍ଯ୍ୟ କରୁଥିବା ଯୁବ ନେତୃତ୍ୱାଧୀନ ସ୍ୱେଚ୍ଛାସେବୀ ସଂଗଠନ, ଉତ୍କଳମଣି ଯୁବକ ସଂଘ ପକ୍ଷରୁ, କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରବିନ୍ଦୁ ପଟ୍ଟାମୁଣ୍ଡାଇ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରେ ଥିବା ବସ୍ ଷ୍ଟପ୍ ଛକରେ ଏକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କୁ ଚିଠି ଜରିଆରେ ପ୍ରସ୍ତାବ ଦିଆଯାଇଛି। କଟକ-ଚାନ୍ଦବାଲି ରୋଡ୍, ରାଜ୍ୟ ରାଜପଥ ଏନଏଚ୍-୯ଏରେ ପ୍ରଥପ୍ରାନ୍ତ ସୁବିଧା କେନ୍ଦ୍ରରେ ସ୍ଥାପନ ନିର୍ମାଣ ହେଲେ ଏହା ଅଧିକରୁ ଅଧିକ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବ ଓ ଜିଲ୍ଲା ପର୍ଯ୍ୟଟନ ପ୍ରତି ବିଶେଷ ଲାଭ ଦାୟକ ହେବା ସହିତ ଆତ୍ମନିଯୁକ୍ତି ସୃଷ୍ଟି ହୋଇ ପାରିବ। ଏନେଇ ପୂର୍ତ୍ତ ବିଭାଗ ସମେତ ବିଭାଗୀୟ ମନ୍ତ୍ରୀ ଓ ସଚିବ ମାନଙ୍କୁ ପ୍ରସ୍ତାବ ପଠାଯାଇଛି। ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା ଏନେଇ ଚିଠି ଲେଖି ଜିଲ୍ଲାର ସାର୍ବଜନୀନ ଭିତ୍ତିଭୂମିର ଜରୁରୀ ଆବଶ୍ୟକତା ବିଷୟରେ ଇ-ମେଲ୍ ଜରିଆରେ ଅବଗତ କରାଇଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲାରେ ରହିଛି ଭିତରକନିକା ଜାତୀୟ ଉଦ୍ୟାନ, କନିକା ରାଜବାଟି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଏବଂ ଐତିହ୍ୟ ସ୍ଥଳୀ ପରି ପ୍ରସିଦ୍ଧ ସ୍ଥାନ। ଯାହା ଜାତୀୟ ରାଜପଥ ଏନଏଚ୍-୯ଏ ଦେଇ ପରିବ୍ୟାପ୍ତ। ଏହି ପର୍ଯ୍ୟଟନସ୍ଥଳୀକୁ ଯାତ୍ରା କରୁଥିବା ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ପଟ୍ଟାମୁଣ୍ଡାଇ ବିଜୁ ପଟ୍ଟନାୟକଙ୍କ ମୂର୍ତ୍ତି ପାଖରେ ଥିବା ବସ୍ ଷ୍ଟାଣ୍ଡ ଛକ ଏକ ପ୍ରମୁଖ ସଂଯୋଗୀକରଣ ସ୍ଥାନ ପାଲଟିଛି। ପର୍ଯ୍ୟଟନ ସ୍ଥାନ ବୁଲିବା ପାଇଁ ଲମ୍ବାଯାତ୍ରାରେ ଆସୁଥିବା ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ସତ୍ତ୍ୱେ, ଏହି ଅଞ୍ଚଳରେ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଏକ ସୁସଜ୍ଜିତ ପ୍ରଥପ୍ରାନ୍ତ ସୁବିଧା କେନ୍ଦ୍ରର ଅଭାବ ଅଛି। ଏହି ପରିପ୍ରେକ୍ଷୀରେ ଯାତ୍ରୀ ଓ ପର୍ଯ୍ୟଟକଙ୍କ ଆରାମ, ସୁରକ୍ଷା ଏବଂ ପର୍ଯ୍ୟଟନ ସହାୟତାକୁ ଉନ୍ନତ କରିବା ପାଇଁ ଏକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ସହ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି। ଯେଉଁଥିରେ ଯାତ୍ରୀ ବିଶ୍ରାମାଗାର, ବସ୍ ଏବଂ କାର ପାର୍କିଂ ସୁବିଧା, ପରିଷ୍କାର ଶୌଚାଳୟ ଏବଂ ନିରାପଦ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଏବଂ ଚିକିତ୍ସା ସହାୟତା, ଖାଦ୍ୟ ଏବଂ ଜଳପାନ ପାଇଁ କାଫେଟେରିଆ କିମ୍ବା ହୋଟେଲ, ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନ, ସ୍ଥାନୀୟ କାରିଗରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ କ୍ରାଫ୍ଟ ବଜାର, ଲଜିଷ୍ଟିକ୍ସ ଏବଂ ପର୍ଯ୍ୟଟନ ସୂଚନା ସେବା, ଯାତ୍ରୀ ଏବଂ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମ କ୍ଷେତ୍ର ଆଦିର ସୁବିଧା ରଖିବାକୁ ଗୌତମ ଉଲ୍ଲେଖ କରିଛନ୍ତି।

## ସତ୍ୟପାଠ

ମୁଁ ଶ୍ରୀଯୁକ୍ତ ପ୍ରମୋଦ କୁମାର ମଲ୍ଲିକ, ବୟସ ୩୮ ବର୍ଷ ପିତା - ଅଚ୍ୟୁତାନନ୍ଦ ମଲ୍ଲିକ, ଗ୍ରାମ- ସମଲପୁର, ପୋଷ୍ଟ- କପାଳେଶ୍ୱର, ଥାନା - କେନ୍ଦ୍ରାପଡା ସଦର, ଜିଲ୍ଲା- କେନ୍ଦ୍ରାପଡା।

ଏତତ୍ ଦ୍ୱାରା, କେନ୍ଦ୍ରାପଡା exicutive magistrateଙ୍କ ସମ୍ମୁଖରେ ତା-୨୪/୧୨/୨୦୨୪ ରିଖ ଆମ୍ଭେ ହାଜର ହୋଇ ଏହି ସତ୍ୟପାଠ ଜରିଆରେ ଜଣାଉଛି ଯେ,ପୂର୍ବରୁ ମୋର ଝିଅ ଆଧାର ପରିଚୟ ପତ୍ର ନମ୍ବର-୩୧୫୫୯୦୪୦୪୬୬୧ରେ ହର୍ଷିତା ମଲ୍ଲିକ, ପିତା-ପ୍ରମୋଦ କୁମାର ମଲ୍ଲିକ, ଗ୍ରାମ-ସମଲପୁର, ପୋଷ୍ଟ-କପାଳଶ୍ୱର ଜିଲ୍ଲା-କେନ୍ଦ୍ରାପଡା କିନ୍ତୁ କମ୍ପ୍ୟୁଟର ଦ୍ୱାରା ଭୁଲ୍ ବସତ ମୋ ଝିଅର ନାମ କାଜଲ ମଲ୍ଲିକ ହୋଇଅଛି । ଉପରୋକ୍ତ ଠିକଣାରେ ହର୍ଷିତା ମଲ୍ଲିକ ଓ କାଜଲ ମଲ୍ଲିକ ଜଣେ ମାତ୍ର ବ୍ୟକ୍ତି ଅଟନ୍ତି । ମୋର ଝିଅର ନାମ ସଂଶୋଧନ ଉକ୍ତ ସତ୍ୟପାଠ ନମ୍ବର - ୬୪ଏ୬୭୦୮୬୮୮ ତା,୨୪/୧୨/୨୪ ରେ ଉଲ୍ଲେଖ ଅଛି । ଯଦି ଏଥିରେ କୌଣସି ତ୍ରୁଟି ଥାଏ, ତେବେ ମୁଁ ଆଇନ ଅନୁଯାୟୀ ଦଣ୍ଡିତ ହେବି ବୋଲି ଜଣାଉଅଛି।

(ପ୍ରମୋଦ ମଲ୍ଲିକ)

## ଷ୍ଟ୍ରିଟ୍ ଲାଇଟ୍ ବିଲ୍‌ରେ ହେରଫେର

# ଚେତିଲା ବିଏମ୍‌ସି, କେଳେଙ୍କାରୀରେ ଲାଗିବ ରୋକ୍



**ଭୁବନେଶ୍ୱର, ୫।୫ (ସଂଚାର ବ୍ୟୁରୋ) :** ଷ୍ଟ୍ରିଟ୍ ଲାଇଟ୍ ବିଲ୍‌ରେ ହେରଫେର ଅଭିଯୋଗ ପରେ ଶେଷରେ ଚେତିଛି ବିଏମ୍‌ସି। ୧୨ ବର୍ଷ ହେବ ଖାଲି ପଡ଼ିଥିବା ଏନର୍ଜି ଅଡିଟର(ଶକ୍ତି ସମୀକ୍ଷକ) ପଦବି ଏବେ ପୂରଣ ହେବ। ଏନେଇ ବିଏମ୍‌ସି ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି । ଏଣିକି ଗୋଟି ଗୋଟି ବିଲ୍‌ର ହିସାବ ପରେ ବିଏମସି ବିଦ୍ୟୁତ ବିଲ ପୈଠ କରିବ। ବିଏମ୍‌ସିରେ ଦୀର୍ଘ ବର୍ଷ ହେଲା ଇଣ୍ଡିପେଣ୍ଡେଣ୍ଟ ଏନର୍ଜି ଅଡିଟର୍ ପଦବି ଫାଙ୍କା ପଡ଼ିଥିଲା । ଶକ୍ତି ସମୀକ୍ଷକ ନଥିବାରୁ ବିଏମ୍‌ସି ବିଲ ଅଡିଟ ନ କରି ଘରୋଇ କମ୍ପାନୀ ହାତକୁ କୋଟି କୋଟି ଟଙ୍କା ଟେକି ଦେଉଥିଲା । ଏନେଇ ଖବର ପ୍ରକାଶ ପରେ ବିଏମସିର ଚେତା ପଶିଛି । ଏହି କେଳେଙ୍କାରୀ ପଦାରେ ପଡ଼ିବା ପରେ ବିଏମ୍‌ସି ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକାଯାଇଥିଲା। ବୈଠକ ପରେ ଶକ୍ତି ସମୀକ୍ଷକ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ନିଷ୍ପତ୍ତି ଅନୁସାରେ ରାସ୍ତା ଆଲୋକ ପ୍ରକଳ୍ପର ପରିଚାଳନା, ତଦାରଖ, ବିଦ୍ୟୁତ୍ ବିଲ୍ ହିସାବ ପାଇଁ ଜଣେ ସ୍ୱାଧୀନ ଏନର୍ଜି ଅଡିଟର ନିଯୁକ୍ତି କରାଯିବ । ଏହାର ପରିଚାଳନା କରିବାକୁ ଟେଣ୍ଡର ଆହ୍ୱାନ କରାଯାଇଛି । ଏଥିପାଇଁ ବାର୍ଷିକ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏହି ପରିଚଳନା କମ୍ପାନି ଏକ ଟିମ୍ ସହ ବିଦ୍ୟୁତ୍ ତଦାରଖ କରିବ । ଏହା ସହ ବିଦ୍ୟୁତ୍ ବିଲ୍ ଯାଞ୍ଚ ସହ ସହରରେ ଲାଗିଥିବା ସବୁ ଲାଇଟର ଲକ୍ସ ଲେବଲ ମେଜର୍‌ମେଣ୍ଟ କରିବାକୁ ଉଲ୍ଲେଖ ରହିଛି । ପ୍ରତି ୬ ମାସରେ ଲାଇଟ୍ ଯାଞ୍ଚ କରାଯିବ । ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରାବଧାନ ରହିଛି ।

ଖବରପ୍ରକାଶ ପରେ ବିଏମ୍‌ସି ଏନର୍ଜି ଅଡିଟର ପାଇଁ ଟେଣ୍ଡର ଡାକିଛି । ହେଲେ ୧୨ ବର୍ଷ ହେଲା ବିନା ହିସାବରେ ଷ୍ଟ୍ରିଟ୍ ଲାଇଟ୍ ଏବଂ ବିଦ୍ୟୁତ୍ ପରିଚାଳନା ପାଇଁ ବିଏମ୍‌ସି ଯେଉଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି, ତାହାର ହିସାବ କିଏ ଦବ ? ଏହି ସବୁ ଫାଇଲର ଯାଞ୍ଚ ହେବ ତ ? ନା କୋଟି କୋଟି ଟଙ୍କାର ହିସାବ ଏମିତି ଲୁଚିଯିବ। ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଏମ୍‌ସିର ବିଭିନ୍ନ ଗଳିକନ୍ଦି ସମେତ ମୁଖ୍ୟ ରାସ୍ତାରେ ଲାଇଟ୍ ଲାଗିଛି । ଖାଲି ଏତିକି ନୁହେଁ, ଏବେ ଏନ୍‌ଏଚ୍‌ଏଆଇରେ ଲାଗିଥିବା ଲାଇଟର ପରିଚାଳନା ମଧ ବିଏମ୍‌ସି କରିବ । ଷ୍ଟ୍ରିଟ ଲାଇଟ ପରିଚାଳନା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ହେଲେ ବିଏମ୍‌ସି ପକ୍ଷରୁ ସଠିକ୍ ଭାବେ ଷ୍ଟ୍ରିଟ୍ ଲାଇଟ୍ ପରିଚାଳନା କରାଯାଉ ନଥିବା ନେଇ ଅଭିଯୋଗ ହେଉଛି ।

# ରଥଯାତ୍ରା ସମୟରେ ନିରନ୍ତର ସ୍ୱାସ୍ଥ୍ୟସେବା ପାଇଁ ନିର୍ଦ୍ଦେଶ



**ପୁରୀ, ୫।୫ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଆରମ୍ଭ କରିଛି । ରଥଯାତ୍ରା ସମୟରେ ଭକ୍ତମାନଙ୍କୁ କିଭଳି ଭଲ ଭାବରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘନଘନ ଉଚ୍ଚସ୍ତରୀୟ ବୈଠକ ବସୁଛି । ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ବିଭିନ୍ନ ନିର୍ଦ୍ଦେଶାଳୟ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କରାଯାଇଥିବା ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରି ମହାପ୍ରଭୁଙ୍କ ଯାତ୍ରା ସମୟରେ ସେବାୟତ, ଭକ୍ତ, ପର୍ଯ୍ୟଟକଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଉଛି । ଲୋକସେବା ଭବନ ସଭାଗୃହଠାରେ ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ଔଷଧ ଓ ମାନବ ସମ୍ବଳ ପୁରୀରେ ଆଗୁଆ ପ୍ରସ୍ତୁତ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ସମସ୍ତ ନିର୍ଦ୍ଦେଶାଳୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ.। ରଥଯାତ୍ରା ସମୟରେ ସାଧାରଣ ଭାବରେ ପୁରୀ ଜିଲ୍ଲାର ବିଭିନ୍ନ ସରକାରୀ ହସ୍ପିଟାଲରେ ସ୍ୱାସ୍ଥ୍ୟସେବାର ଦୃଢ଼ୀକରଣ, ଆବଶ୍ୟକୀୟ ସଂଖ୍ୟକ ଫାଷ୍ଟ୍‌ଏଡ୍ କେନ୍ଦ୍ର ସ୍ଥାପନ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହାସହ ପୁରୀରେ ଅଧିକ ଡାକ୍ତର ବିଶେଷଜ୍ଞ, ଡାକ୍ତର, ନର୍ସିଂ ଅଫିସର ଓ ପରାମେଡିକ୍ସ ନିୟୋଜନ, ଖାଦ୍ୟ ନିରାପତ୍ତା, କୌଣସି ପ୍ରକାର ସମ୍ଭାବ୍ୟ ସଂକ୍ରାମକ ରୋଗର ମୁକାବିଲା ଓ ନିୟନ୍ତ୍ରଣ, ଜନସ୍ୱାସ୍ଥ୍ୟ ଓ ବ୍ୟାପକ ସଚେତନତା କରିବା ପାଇଁ ଆଲୋଚନା କରାଯାଇଛି ।

ମହାପ୍ରଭୁଙ୍କ ନବଯୌବନ ଦର୍ଶନ (୨୬ ଜୁନ)ରୁ ନୀଳାଦ୍ରୀ ବିଜେ (୮ ଜୁଲାଇ) ପର୍ଯ୍ୟନ୍ତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେଡିଏମ୍‌ଏମ୍ ପୌରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ହସ୍ପିଟାଲ, ସାକ୍ଷୀଗୋପାଳ, ମଙ୍ଗଳପୁର, ପିପିଲି ଷ୍ଟେସନ ରୋଡ, ରେବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଟିବିଆଇଡିଏଚ୍ ହସ୍ପିଟାଲ, ଚିକିତ୍ସା ସୁବିଧା, ଔଷଧ ଆଦିର ବ୍ୟବସ୍ଥା କରିବା ସହ ଜଗନ୍ନାଥ ମେଡିକାଲ କଲେଜରେ ଅଧିକ ସଂଖ୍ୟକ ବେଡ୍ ପ୍ରସ୍ତୁତ ରଖିବା ପାଇଁ ସ୍ଥିର କରାଯାଇଛି। ଚଳିତ ବର୍ଷ ଅଧିକ ମାତ୍ରାରେ ଫାଷ୍ଟ୍-ଏଡ୍ କେନ୍ଦ୍ର ଖୋଲିବା ପାଇଁ ସ୍ଥିର କରାଯାଇଛି । ଏହି କେନ୍ଦ୍ର ଗୁଡ଼ିକ ୩ଟି ସିଫ୍ଟରେ ୨୪ ଘଣ୍ଟା ଧରି କାର୍ଯ୍ୟ କରିବେ। ପ୍ରତି ସିଫ୍ଟରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ବହୁମୁଖି ସ୍ୱାସ୍ଥ୍ୟ ସେବକ ଓ ଜଣେ ସହାୟକ ନିୟୋଜିତ ରହିବେ । ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ୧୨ଟି, ସମୁଦ୍ରକୂଳରେ ୩ଟି, ତାଳ ବଣିଆ ବସଷ୍ଟାଣ୍ଡ ଓ ରେଳ ଷ୍ଟେସନରେ ୩ଟି, ପୁରୀ ଭୁବନେଶ୍ୱର ରାସ୍ତାରେ ୯ଟି, ପୁରୀ କୋଣାର୍କ ରାସ୍ତାରେ ୪ଟି, ପୁରୀ ସାତପଡ଼ା ରାସ୍ତାରେ ୨ଟି ଏହିପରି ଭାବରେ ୩୩ଟି ଫାଷ୍ଟ୍-ଏଡ୍ ସେବାକେନ୍ଦ୍ର ଖୋଲିବା ପାଇଁ ପ୍ରାଥମିକ ସ୍ତରରେ ନିଷ୍ପତ୍ତି ନିଆଯାଇଛି ।

ସେହିପରି ଭାବରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମୁଦ୍ରକୂଳ, ସହର ଭିତର, ପୁରୀ-ଭୁବନେଶ୍ୱର ରାସ୍ତା, ପୁରୀ-କୋଣାର୍କ ରାସ୍ତା ଓ ପୁରୀ-ସାତପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ଅଧିକ ୩୧ଟି ଆମ୍ବୁଲାନ୍ସ ନିୟୋଜିତ କରାଯିବ। ଅତିରିକ୍ତ ୭ଟି ୧୦୮-ଆମ୍ବୁଲାନ୍ସ ୨୦୩ ଜାତୀୟ ରାଜପଥର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ନିୟୋଜିତ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

## ସରକାରୀ ଅଧିକାରୀଙ୍କ ଅମ୍ବର ଲାଇଟ୍ ମୋହ



**ବାଲେଶ୍ୱର, ୫।୫ (ସଂଚାର ବ୍ୟୁରୋ) :** ସରକାରୀ ଅଧିକାରୀମାନଙ୍କର ଅମ୍ବର ଲାଇଟ୍ ମୋହ । ବାଲେଶ୍ୱର ଜିଲ୍ଲାରେ ସରକାରୀ ବଡ଼ ବାବୁମାନେ ଏବେ ଅମ୍ବର ଲାଇଟ୍ ମାୟାରେ ପଡି ଯାଇଛନ୍ତି। ଗାଡି ଉପରେ ଲାଗୁଛି ଅରେଞ୍ଜ ଲାଇଟ୍। ଏହି ଲାଇଟ୍ ଲଗାଇବା ପାଇଁ ନିର୍ଦ୍ଦିଷ୍ଟ ସରକାରୀ ନିୟମ ଥିବା ବେଳେ ଜିଲ୍ଲାର ବାବୁମାନେ ଏହାକୁ ଫୁ କରି ଉଡାଇ ଦେଇଛନ୍ତି । ଯେଉଁଆଡେ ଯେତେବେଳେ ଯାଉଛନ୍ତି ଏହି ଲାଇଟ୍ ଲଗାଇ ନିଜର ଥାଟ୍ ଦେଖାଉଛନ୍ତି। ବେଆଇନ ଭାବେ ଗାଡିରେ ଏହି ବତୀ ଲଗାଇଲେ ଫାଇନ୍ ଦେବାର ରହିଛି ନିୟମ । ହେଲେ ଯେଉଁଠି ଜିଲ୍ଲାପାଳ ଖୋଦ୍ ଆଇନ ମାନୁ ନାହାଁନ୍ତି, ତାଙ୍କୁ ଫାଇନ୍ କରିବ କିଏ ? ଜରୁରୀ କାଳୀନ ପରିସ୍ଥିତିରେ ସରକାରୀ ବାବୁମାନେ ତାଙ୍କ ସରକାରୀ ଗାଡି ଉପରେ ନାଲି, ନୀଳ ଏବଂ ଧଳା ଲାଇଟ ବ୍ୟବହାର କରିପାରିବାର ରହିଛି ନିୟମ । ତେବେ ଏହି ସବୁ ଲାଇଟ୍ କେଉଁ ବାବୁମାନେ ଆଉ କେଉଁ ପରିସ୍ଥିତିରେ ତାହା ମଧ ସ୍ପଷ୍ଟଭାବେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଗେଜେଟ୍ ନୋଟିଫିକେସନ୍‌ରେ ଉଲ୍ଲେଖ କରିଛନ୍ତି । ୨୦୨୦ ସେପ୍ଟେମ୍ବର ମାସରେ ଜାରି ହୋଇଥିବା ଏହି ନୋଟିଫିକେସନ୍ ଉପରେ ଟିକେ ନଜର ପକାନ୍ତୁ । ଏଥିରେ ଉଲ୍ଲେଖ ରହିଛି ଭୂମିକମ୍ପ, ବନ୍ୟା, ମାଟି ଧସିବା, ସୁନାମୀ, ନ୍ୟୁକ୍ଲିଅର, କେମିକାଲ କିମ୍ବା ବାୟୋଲୋଜିକାଲ ଡିଜାଷ୍ଟର ସମୟରେ ସରକାରୀ ଅଧିକାରୀ ଯେପରିକି ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ,ତହସିଲଦାର, ବିଡିଓ ଓ ମ୍ୟୁନିସପାଲ୍ କମିଶନର ଏହି ଲାଇଟ ତାଙ୍କ ଗାଡିରେ ବ୍ୟବହାର କରି ପାରିବେ। ହେଲେ ଏହି ସମୟକୁ ଛାଡିଦେଲେ ସବୁ ସମୟରେ କିନ୍ତୁ ଏହି ଅଧିକାରୀମାନେ ସେମାନଙ୍କ ସରକାରୀ ଗାଡ଼ିରେ ଏହାକୁ ଲଗାଇ ବୁଲୁଛନ୍ତି । ଯାହାକୁ ନେଇ ଉଠିଛି ପ୍ରଶ୍ନ । ନିୟମକୁ ବାଲେଶ୍ୱର ଜିଲ୍ଲାର ସରକାରୀ ଅଧିକାରୀମାନେ ମାନିବାକୁ ନାରାଜ। ଜିଲ୍ଲାରେ ମାଳ ମାଳ ଅମ୍ବର ଲାଇଟ ଗାଡି ଦେଖିବାକୁ ମିଳୁଛି । ଜିଲ୍ଲାର ସବୁ ବିଡିଓ, ତହସିଲଦାରଙ୍କ ଗାଡିରେ ଲାଗିଛି ଅମ୍ବର ଲାଇଟ। ଏହି ନିୟମ ବେଖାତିର କଲେ ୫ ଶହରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ୍ ଦେବାକୁ ପଡିବ ବୋଲି ୧୯୮୮ ମୋଟର ଭେହିକିଲ୍ ଆକ୍ଟର ୧୭୭ ଧାରାରେ ଉଲ୍ଲେଖ ଅଛି । ହେଲେ ଜିଲ୍ଲାପାଳ ବି ଏହି ନିୟମକୁ ମାନୁ ନାହାଁନ୍ତି । ତେଣୁ ତାଙ୍କ ପାଖରୁ ଫାଇନ୍ ଆଦାୟ କରିବ କିଏ ।

● ନିଟ୍ ଆଡମିଶନ କେଳେଙ୍କାରୀ

## ଭୁବନେଶ୍ୱରର ଏକ ଏକାଡେମୀ ସଂସ୍ଥା ଉପରେ ଏସ୍‌ସିୟୁର ରେଡ୍



**ଭୁବନେଶ୍ୱର, ୫।୫ (ସଂଚାର ବ୍ୟୁରୋ) :** ବଢ଼ିଲା ମେଡିକାଲ ସିଟ୍ ନାମଲେଖା ଅଡୁଆ । ରାଡାରରେ ରାଜଧାନୀର ବିଭିନ୍ନ କୋଚିଂ ଅନୁଷ୍ଠାନ । ନିଟ୍ ନାମଲେଖା ପାଇଁ ଦଲାଲ ଗିରଫ ଘଟଣାରେ ଆଜି ଏକ ଏକାଡେମିକ ସଂସ୍ଥା ଉପରେ ରେଡ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ । ଏନେଇ ଖଣ୍ଡଗିରି ଥାନା ଜାଗମରା ଅଞ୍ଚଳର ଏକ ଏକାଡେମୀରେ ରେଡ କରିବା ସହ ପୋଲିସ ଦୁଇ ଜଣଙ୍କୁ ଉଠାଇ ଆଣିଛି। ଏନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନିଟ୍ ମେଡିକାଲ ସିଟ୍‌ରେ ନାମ ଲେଖାଇବା ପାଇଁ ଧରାପଡ଼ିଥିବା ରାକେଟ ଲିଙ୍କରେ କିଛି ସୁରାକ ମିଳିଛି। ଏନେଇ ଦୁଇ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ସମ୍ପୃକ୍ତ ସଂସ୍ଥାର ମାଲିକ ଫେରାର ଅଛନ୍ତି। ରେଡ ଜାରି ରହିଛି । ରାଡରରେ ଅନେକ ସଂସ୍ଥା ରହିଛି । ତଦନ୍ତ ଆଧାରରେ ସ୍ପେଶାଲ କ୍ରାଇମ୍ ୟୁନିଟ ତଦନ୍ତ ଜାରି ରଖିଛି। ତେବେ ଏନେଇ ଦୁଇ ଜଣଙ୍କୁ ସ୍ପେଶାଲ କ୍ରାଇମ୍ ୟୁନିଟ ଉଠାଇ ନେଇଛି। ଏହାସହ କିଛି ଫାଇଲ ପତ୍ର, କାଗଜ ଓ ଆଟେଣ୍ଡାନ୍ସ ସିଟ୍ ଭଳି ଅନେକ ଜିନିଷ ମଧ ଜବତ ହୋଇଥିବା ବେଳେ ସେସବୁକୁ ତଦନ୍ତ ପାଇଁ ସାଥିରେ ଆଣିଛନ୍ତି ତଦନ୍ତକାରୀ ଅଧିକାରୀ । ଅଟକ ହୋଇଥିବା ଦୁଇ ଜଣ, ଯେଉଁମାନେ ଏହି ସଂସ୍ଥାରେ କାମ କରୁଥିଲେ, ସେମାନଙ୍କୁ ପଚରାଉଚରା ଜାରି ରହିଛି । ଅନ୍ୟ କିଛି କର୍ମଚାରୀ ମଧ ପୋଲିସ ଅଧିନରେ ରହିଛନ୍ତି । ତେବେ ଏଭଳି ଏକାଡେମୀ ସଂସ୍ଥା ଜରିଆରେ ନିଟ୍ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ କରାଯାଉଥିଲା । ବିଭିନ୍ନ କୋଚିଂ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ କରି ସେମାନଙ୍କୁ ଏପରି ପରୀକ୍ଷାରେ ନ ବସି ଭଲ ରାଙ୍କ କରାଇ ଦେବାର ମୁଲଚାଲ ହେଉଥିଲା । ଏଥିପାଇଁ କିଛି ପୁରୁଣା ପିଲା ଯେଉଁମାନଙ୍କର ମେଡିକାଲ ସିଟ୍ ଆଡ୍‌ମିଶନ କରାଯାଇଛି, ସେମାନଙ୍କର ମଧ୍ୟ ରେଫରେନ୍ସ ଦିଆଯାଉଥିଲା । ଫଳରେ ସହଜରେ ବିଶ୍ୱାସ ଜନ୍ମାଇ କୋଟି କୋଟି ଟଙ୍କାର ବିଲ କରୁଥିଲେ । ଏଭଳି ଢଙ୍ଗରେ ଗତ ମେ ୩ ତାରିଖରେ ଧରାପଡ଼ିଥିବା ଚାରି ଜଣଙ୍କୁ ଠାରୁ କିଛି ଲିଙ୍କ୍ ପାଇବା ପରେ ଏନେଇ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବା ଠକଙ୍କୁ ଏବେ ପୋଲିସ ଖୋଜୁଛି ।

## ପୁରୀରେ ବିମାନବନ୍ଦରକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ



**ଭୁବନେଶ୍ୱର, ୫।୫ (ସଂଚାର ବ୍ୟୁରୋ) :** ପୁରୀରେ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ କେନ୍ଦ୍ର ସରକାର ନୀତିଗତ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ବିମାନ ବନ୍ଦର ହେବା ଫଳରେ ଭାରତର ପ୍ରମୁଖ ସହରକୁ ସିଧାସଳଖ ଯୋଗାଯୋଗ ବୃଦ୍ଧି ହେବ। ଏଥିସହିତ ପୁରୀ ଏବଂ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲ୍ ଖୁଣ୍ଟ ସୃଷ୍ଟି ହେବ।

# ଆଇନମନ୍ତ୍ରୀଙ୍କୁ ସାକ୍ଷାତ କଲେ ଆଇବିସି ସଭାପତି



**ଭୁବନେଶ୍ୱର, ୫।୫(ସଂଚାର ବ୍ୟୁରୋ):** ଭାରତୀୟ ବିଲ୍ଡିଙ୍ଗସ୍ କଂଗ୍ରେସ୍ (ଆଇବିସି)ର ଜାତୀୟ ସଭାପତି ଇଂ. ଚିନ୍ମୟ ଦେବନାଥ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଆଜି ସାକ୍ଷାତ କରିବା ସହ ଆଇବିସିର କାର୍ଯ୍ୟାବଳୀ ସଂପର୍କରେ ଅବଗତ କରିଥିଲେ । ବିଭିନ୍ନ ରାଜ୍ୟରେ ସରକାରଙ୍କ ସହଯୋଗରେ ଆଇବିସି ଉଚ୍ଚକୋଟିର ବୈଷୟିକ କର୍ମଶାଳା ଆୟୋଜିତ କରିବା ସହ ନିର୍ମାଣ ପରିବେଶରେ ସଂପୃକ୍ତ ପେସାଦାରଙ୍କର କାର୍ଯ୍ୟଦକ୍ଷତା ଓ ଗୁଣବତ୍ତାରେ ଉନ୍ନତି ଆଣିବାରେ ସହାୟତା କରିଛି। ଜାତୀୟ ସ୍ତରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ସହାୟତାରେ ଆଇବିସି କାର୍ଯ୍ୟରତ । ଏହି ଅବସରେ ଓଡ଼ିଶା ଚାପଟର ମୁଖ୍ୟ ଇଂ ବିଜୟ ଚନ୍ଦ୍ର ତ୍ରିପାଠୀ ବର୍ଷକ ମଧ୍ୟରେ ନିଆଯାଇଥିବା କାର୍ଯ୍ୟକଳାପ ସଂପର୍କରେ ଅବଗତ ହେବା ସହ ଆସନ୍ତା ଜୁନ ୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆଇବିସି ନିର୍ବାହୀ କମିଟି ଏବଂ ଜାତୀୟ ବୈଷୟିକ ସମ୍ମିଳନୀ ସମ୍ପର୍କରେ ସେ ସୂଚନା ଦେଇଥିଲେ । ମନ୍ତ୍ରୀ ନିର୍ମାଣ କ୍ଷେତ୍ରରେ ନୂତନ ପଦ୍ଧତି ଓ ଡିଜାଇନ୍ ବିଷୟରେ ଅଧିକ ଗବେଷଣାତ୍ମକ ଆଲୋଚନା କରି ଦେଶକୁ ପ୍ରଗତି ପଥରେ ଆଗେଇନେବା ପାଇଁ ପରାମର୍ଶ ଦେଇଥିଲେ । ବିପର୍ଯ୍ୟୟ ସହନଶୀଳ ନିର୍ମାଣ, ପରିବେଶ ଅନୁକୂଳ କୋଠାବାଡ଼ି, ଶୂନ୍ୟ ଆବର୍ଜନା ଓ ବହୁତଳ ପ୍ରାସାଦ ନିର୍ମାଣ ସ୍ୱଳ୍ପ ସମୟରେ ସାରିବା ପାଇଁ ସେ ମଧ୍ୟ ଉପଦେଶ ଦେଇଥିଲେ । ଏହି ଅବସରେ ମୁଖ୍ୟ ଯନ୍ତ୍ରୀ ( ବିଲଡିଂ ) ଇଞ୍ଜିନିଅର ପ୍ରିୟବ୍ରତ ସାମନ୍ତରାୟ, ସିସିଇ ଇଂ ମନୋଜ ମହାନନ୍ଦ ଏବଂ ଅନ୍ୟ ଇଞ୍ଜିନିଅର ମାନେ ଉପସ୍ଥିତ ଥିଲେ।

## ମହଙ୍ଗା ପଡ଼ିଲା ଅଳ୍ପ ବୟସରେ ପ୍ରେମ

**ଅନୁଗୁଳର,୫।୫(ସଂଚାର ବ୍ୟୁରେ):** ମହଙ୍ଗା ପଡିଲା ଅଳ୍ପ ବୟସରେ ପ୍ରେମ। ଚାଇଲ୍ଡ କେୟାର ସେଣ୍ଟରରେ ରହୁଥିବା ଜନୈକା ନାବାଳିକା ପାଇଁ ପରିସ୍ଥିତି ବେଶ୍ ଜଟିଳ ହୋଇଛି। ଅନୁଗୁଳ ଜିଲ୍ଲା କଣିହା ବ୍ଲକ ଗଣ୍ଡମାଳା ପଞ୍ଚାୟତର ଜଣେ ନାବାଳକ ଓ ନାବାଳିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଗାଁରେ ଯାତ୍ରା ଚାଲିଥିବାବେଳେ ନାବାଳକ ଜଣକ ପ୍ରେମିକାକୁ ନିଜ ଘରକୁ ଆଣିଥିବାର ଖବର ପାଇଥିଲେ ଅଙ୍ଗନୱାଡି କର୍ମୀ। ଦୁଇ ପରିବାରଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ନାବାଳିକା ନିଜ ଘରକୁ ଫେରିଥିଲା। ଏହି ଖବର ଅନୁଗୁଳ ଜିଲ୍ଲାପାଳ ଜାଣିବା ପରେ ଘଟଣାର ତଦନ୍ତ ପାଇଁ ଚାଇଲ୍ଡ ହେଲ୍ପଲାଇନକୁ ନିର୍ଦ୍ଦେଶ ଦେଇଥିଲେ । ଚାଇଲ୍ଡ ହେଲ୍ପଲାଇନର ସଦସ୍ୟମାନେ ରେଙ୍ଗାଳି ଥାନା ସହାୟତାରେ ପ୍ରେମିକ ପ୍ରେମିକାଙ୍କ ଘରେ ପହଞ୍ଚିଥିଲେ । ଉଭୟ ଅଲଗା ଅଲଗା ନିଜ ନିଜର ଘରେ ରହୁଥିବାର ଦେଖିବାକୁ ପାଇଥିଲେ ।

# ପଶୁପାଳନ ମନ୍ତ୍ରୀଙ୍କୁ ଭେଟିଲେ ଏଓଏଲ୍‌ଏଫ୍‌ଏ ସଦସ୍ୟ



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରେ):** ଅଲ୍ ଓଡ଼ିଶା ଲେୟର ଫାର୍ମର୍ସ ଆସୋସିଏସନ (ଏଓଏଲ୍‌ଏଫ୍‌ଏ)ର ଏକ ପ୍ରତିନିଧି ଦଳ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଭେଟିଛନ୍ତି। ଏଥିରେ ସଂଘ ନିଜର ଅବଧିଜନିତ ସମସ୍ୟା ନେଇ ଆଲୋଚନା କରିଥିବା ବେଳେ ଏହାର ସମାଧାନ ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ନ୍ୟାସନାଲ ଏଗ୍ କୋର୍ଡିନେସନ କମିଟି (ଏନ୍‌ଇସିସି) ପକ୍ଷରୁ ଅଣ୍ଡା ପିଛା ଯେଉଁ ଦର ଧାର୍ଯ୍ୟ ହୋଇଛି, ସେଥିରେ ଚାଷୀ କ୍ଷତିର ସମ୍ମୁଖୀନ ହେଉଥିବା ନେଇ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ସମସ୍ୟାର ତ୍ୱରିତ ସମାଧାନ ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ଏନ୍‌ଇସିସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ଆବଶ୍ୟକ ସ୍ଥଳେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ସମୟ ଧାର୍ଯ୍ୟ କରାଯିବ। ମନ୍ତ୍ରୀଙ୍କ ସହ ସଂଘର ଏକ ପ୍ରତିନିଧି ମଣ୍ଡଳୀ ମଧ୍ୟ ଦିଲ୍ଲୀ ଗସ୍ତ କରିବେ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାର ରାଜ୍ୟରେ ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନ ଏବଂ ଏହାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଅଣ୍ଡାଚାଷୀ ଏବଂ ଏହି ଶିଳ୍ପର କଲ୍ୟାଣ ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯିବ। ଏପରିକି ଆଗାମୀ ଦିନରେ ଅଧିକରୁ ଅଧିକ ଅଣ୍ଡାର ବ୍ୟବହାର ଏବଂ ସଠିକ୍ ବଣ୍ଟନ ବ୍ୟବସ୍ଥାର ପରିଚାଳନା ପାଇଁ ଏମ୍‌ଡ଼ିଏମ୍ (ମଧ୍ୟାହ୍ନ ଭୋଜନ) ଏବଂ ଏସ୍‌ଏନ୍‌ପିରେ ଅଣ୍ଡା ଚାଷୀଙ୍କୁ ସିଧାସଳଖ ଅଂଶଗ୍ରହଣ ପାଇଁ ସୁଯୋଗ ଦେବାକୁ ସରକାର ଚିନ୍ତା କରୁଥିବା ନେଇ ମନ୍ତ୍ରୀ କହିଛନ୍ତି। ଏହି ପ୍ରତିନିଧି ଦଳରେ ସଭାପତି ଦେବଦତ୍ତ ବିଶ୍ୱାଳ, ଉପସଭାପତି ପ୍ରସନ୍ନ ବସ୍ତିଆ, ଦୀପକ ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପାତ୍ର, ଏନ୍‌ଇସିସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆବାସ ପାଇଁ ଲଟେରି: ମିଳିବ ଋଣ ସୁବିଧା

**ଭୁବନେଶ୍ୱର, ୫।୫ (ସଂଚାର ବ୍ୟୁରୋ) :** ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବସ୍ତିବାସିନ୍ଦାଙ୍କୁ ପକ୍କାଘର ମିଳିବ। ଏନେଇ ୨୦୨୨ରେ ଏକ ନୀତି (ସମସ୍ତଙ୍କୁ ପକ୍କାଘର) ଅଣାଯାଇଥିଲା। ମାତ୍ର ଏବେ ଏଥିରେ କେତେକ ସଂଶୋଧନ ଅଣାଯାଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ସମସ୍ତ ବସ୍ତିବାସିନ୍ଦା ଯେଭଳି ପ୍ରଧାନମନ୍ତ୍ରୀ ଆବାସ (ସହରାଞ୍ଚଳ)-୨ରେ ସାମିଲ ହୋଇପାରିବେ ସେଥିନେଇ ଏସ୍‌ଓପି ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ହିତାଧିକାରୀ ନିଶ୍ଚିତ ଭାବେ ବିଏମ୍‌ସି ଅଞ୍ଚଳର ଜଣେ ବସ୍ତିବାସିନ୍ଦା ହୋଇଥିବେ। ତାଙ୍କର କିମ୍ବା ତାଙ୍କ ପରିବାରର କାହା ନାମରେ ଭୁବନେଶ୍ୱରରେ ପକ୍କାଘର ନ ଥିବ। ସମ୍ପୃକ୍ତ ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ। ହିତାଧିକାରୀ ଭାବେ ସ୍ୱାମୀ, ସ୍ତ୍ରୀ କିମ୍ବା ତାଙ୍କର ସନ୍ତାନଙ୍କୁ ନିଆଯାଇପାରିବ। ସେ କେନ୍ଦ୍ର, ରାଜ୍ୟ ତଥା କୌଣସି ପିଏସ୍‌ୟୁ ଚାକିରିଆ ହୋଇ ନ ଥିବେ। ଯେଉଁମାନେ ସରକାରଙ୍କ ପକ୍ଷରୁ ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍ (ଏଲ୍‌ଆର୍‌ସି) ପଟ୍ଟା ପାଇଥିବେ ସେମାନେ ଆପଣା ଛାଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇପାରିବେ। ସରକାରଙ୍କ ଏସ୍‌ଓପିରେ ରହିଛି ଯେ, ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ହେଲେ ତାଙ୍କୁ ପ୍ରଥମେ ୨୦ ପ୍ରତିଶତ ଅଗ୍ରିମ ଦେବାକୁ ପଡ଼ିବ। ଯଦି ସମ୍ପୃକ୍ତ ହିତାଧିକାରୀ ଋଣ କରିବାକୁ ଚାହିଁବେ ତେବେ ସେଥିପାଇଁ ବିଏମ୍‌ସି ସହାୟତା କରିବ। ଋଣ ଦେବା ପାଇଁ ବିଏମ୍‌ସି ପକ୍ଷରୁ ବ୍ୟାଙ୍କ ଯୋଗାଡ଼ କରାଯିବ। ତେବେ ହିତାଧିକାରୀଙ୍କୁ ଏଥିପାଇଁ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ନ ଥିବା ନେଇ ଅନୁମତି ପତ୍ର ଯୋଗାଡ଼ କରିବାକୁ ହେବ। ଋଣ ପାଇଁ ବ୍ୟାଙ୍କ ସହିତ ବିଏମ୍‌ସି ଓ ହିତାଧିକାରୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସମ୍ପାଦନ କରାଯିବ। ଥରେ ବିଏମ୍‌ସି ପକ୍ଷରୁ ରିସିପ୍ଟ ମିଳିଗଲେ ସମ୍ପୃକ୍ତ ହିତାଧିକାରୀଙ୍କୁ ପକ୍କାଘର ମିଳିବ ବୋଲି ସ୍ପଷ୍ଟ ବୁଝାଯିବ। ଏହାବାଦ୍ କ୍ଷେତ୍ର ଯାଞ୍ଚ ବେଳେ ଜଏଣ୍ଟ ଏନୁମରେଶନ ଟିମ୍ ଏବଂ ଓ୍ୱାର୍ଡ ଅଫିସରଙ୍କ ଭୂମିକା କ'ଣ ସବୁ ରହିବ ତାହା ବିଜ୍ଞପ୍ତିରେ ଦର୍ଶାଯାଇଛି।



ରବିବାର ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଫୁଲଚାରା ବଣ୍ଟାଯାଇଥିଲା। ପ୍ରଭୁଙ୍କୁ ସେବାରେ ଫୁଲ ଲାଗିହେବା ଏହି ବଣ୍ଟନ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରତିଷ୍ଠାତା ପ୍ରତିମା ମିଶ୍ର କହିଛନ୍ତି।

# କଟକଠାରୁ-ଦାରିଙ୍ଗବାଡ଼ି ସରକାରୀ ବସ୍ ଚଳାଚଳ ବନ୍ଦ

**ଦାରିଙ୍ଗବାଡ଼ି, ୫।୫ (ସଂଚାର ବ୍ୟୁରୋ) :** ମାତ୍ର ୨ ଦିନ ଚାଲିଲା ସରକାରୀ ବସ୍ ତା' ପରେ କାହାର ନିର୍ଦ୍ଦେଶ ଥିଲା ଏହି ବସ୍ ବନ୍ଦ କରିବାକୁ ତା'ର କାରଣ କ'ଣ ଏବଂ ଏହା ପଛରେ କାହାର ହାତ ରହିଛି ତାହା ଅସ୍ପଷ୍ଟ ରହିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ିଠାରେ।

ପ୍ରକାଶ ଯେ, ମାର୍ଚ୍ଚ ୨୪ରେ କଟକଠାରୁ ଦାରିଙ୍ଗବାଡ଼ିକୁ ସରକାରୀ ଶୀତତାପ ନିୟନ୍ତ୍ରଣ ବସ୍(ଓଏସ୍‌ଆରଟିସି) ଚଳାଚଳ ଆରମ୍ଭ ହୋଇଥିଲା ମାତ୍ର ୨ ଦିନ ସେହି ବସ୍ ଚଳାଚଳ କରିବା ପରେ ହଠାତ ବସ୍‌କୁ ବନ୍ଦ କରିଦିଆଯାଇଛି। ପ୍ରଥମଥର ପାଇଁ ବ୍ଲକ୍ ହେଡକ୍ୱାର୍ଟରଠାରୁ ରାଜ୍ୟ ହେଡ୍‌କ୍ୱାର୍ଟର ଓ କଟକକୁ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ଥିବା ବସ୍ ଯାତାୟାତ ବ୍ୟବସ୍ଥା କରାଯାଇଥିବା ବେଳେ ହଠାତ କାହିଁକି କେଉଁ କାରଣରୁ ବନ୍ଦ କରିଦିଆଯାଉଛି ସେ ନେଇ ଜନସାଧାରଣ ଜାଣିପାରିନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବସ୍ ଚଳାଚଳ କଲେ ସାଧାରଣ ଲୋକମାନେ କମ୍ ଖର୍ଚ୍ଚରେ ଯାତାୟାତ କରୁପାରୁଥିଲେ ଘରୋଇ ବସ୍‌ଭଡ଼ାଠାରୁ ସୁବିଧା ଦର୍‌ରେ ଯାତାୟାତ କରୁଥିବା ଯାତ୍ରୀ ପୁଣି ସେହି ଘରୋଇ ବସ୍ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହେଉଛି। ଏନେଇ କଟକ ଜିଲା ପରିବହନ ଅଧିକାରୀ ଶ୍ରୀନିବାସ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, କଟକଠାରୁ ଦାରିଙ୍ଗବାଡ଼ି ବସ୍‌କୁ ବନ୍ଦ କରିବାକୁ ଉପରୁ ନିର୍ଦ୍ଦେଶ ହେଲା ତେବେ କିଏ ଏହି ନିର୍ଦ୍ଦେଶ ଦେଲେ ତାହା କହିବାକୁ ସେ ମନା କରିଦେଇଛି। ସେହିପରି କଟକଠାରୁ କଳିଙ୍ଗିଆ, ରାଇକିଆ ଦେଇ ବାଲିଗୁଡ଼ା ପର୍ଯ୍ୟନ୍ତ ସରକାରୀ ବସ୍ ଚଳାଚଳ କରୁଥିଲା ସେହି ବସ୍ ଦୁର୍ଘଟଣା ଘଟିବା ପରେ ବନ୍ଦ ଅଛି ତାକୁ ଦାରିଙ୍ଗବାଡ଼ି ପର୍ଯ୍ୟନ୍ତ ଯାତାୟାତ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ସେ କହିଛନ୍ତି ଯେ, ସରକାରୀ ବସ୍ ଚଳାଚଳ ପାଇଁ ଦାରିଙ୍ଗବାଡ଼ିରୁ ପ୍ରସ୍ତାବ ଆସିଲେ ତାକୁ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କଟକ ଜିଲା ପରିବହନ ଅଧିକାରୀ (ଡିଟିଏମ୍) ପାଣିଗ୍ରାହୀ କହିଛନ୍ତି।

# ବୃହତ୍ ଶିଳ୍ପ, ଅଧା ବି କାର୍ଯ୍ୟକ୍ଷମ ହୋଇନି



**ଭୁବନେଶ୍ୱର,୫।୫:** ରାଜ୍ୟରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ଯେତିକି ଶିଳ୍ପସଂସ୍ଥା ଆଗେଇ ଆସୁଛନ୍ତି ସେମାନଙ୍କ ମଧ୍ୟରୁ କିଛି ସଂସ୍ଥା ପ୍ରକଳ୍ପରୁ ଓହରି ଯାଉଥିବାବେଳେ ଆଉ କିଛି ସଂସ୍ଥା ଆଇନ୍ ଅଦାଲତ ମାମଲାରେ ଛନ୍ଦି ହେଉଛନ୍ତି। ତେବେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ଠାରୁ ଜମି ନେଇ ଯେଉଁମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାରଖାନା କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

ସୂଚନା ଅନୁଯାୟୀ ୨୦୦୪ରୁ ୨୦୧୧ ମଧ୍ୟରେ ୯୨ଟି ବୃହତ୍ ଶିଳ୍ପ ଓଡ଼ିଶାକୁ ଆସିଥିଲେ। ଏମାନେ ରାଜ୍ୟ ସରକାରଙ୍କ ସହିତ କାରଖାନା ବସାଇବାପାଇଁ ଚୁକ୍ତି କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଏମାନଙ୍କ ମଧ୍ୟରୁ ୩୧ଟି କମ୍ପାନୀ ଆଂଶିକ ଓ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ ହୋଇପାରିଛି।

କେନ୍ଦୁଝର ଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଆସିଥିବା ଆର୍ସେଲର ମିତ୍ତଲ ସେହି ପ୍ରକଳ୍ପରୁ ଓହରି ଯାଇଥିବାବେଳେ ଯାଜପୁରର ଡୁବୁରିକୁ ଆସିଥିବା ମହାରାଷ୍ଟ୍ର ସିମଲେସ୍ ଲିମିଟେଡ୍ ମଧ୍ୟ ପ୍ରକଳ୍ପରୁ ହଟିଯାଇଛି। ସେହିଭଳି ପାରାଦୀପ୍‌କୁ ଆସିଥିବା ପୋସ୍କୋ, ଅନୁଗୁଳକୁ ଆସିଥିବା ଜେ ଆର ପାୱାରଜେନ୍ ଲିମିଟେଡ୍, କଟକର ନରାଜ ଠାରେ ଟାଟା କମ୍ପାନୀର ପ୍ରସ୍ତାବିତ ତାପଜ ପ୍ରକଳ୍ପ, ଢେଙ୍କାନାଳର ନେଉଳପୋଇକୁ ଆସିଥିବା ସିଇଏସସି ଲିମିଟେଡ, ସେହି ଜିଲ୍ଲାର ହିନ୍ଦୋଳକୁ ଆସିଥିବା ଚମ୍ବଲ ଇନଫ୍ରାଷ୍ଟ୍ରକଚର ଆଣ୍ଡ ଭେଞ୍ଚର୍ସ, ଝାରସୁଗୁଡାକୁ ଆସିଥିବା କଳିଙ୍ଗ ଏନର୍ଜି, ନୟାଗଡ଼କୁ ଆସିଥିବା ବିଜିଆର ଏନର୍ଜି ଆଦି ସେମାନଙ୍କ ପ୍ରକଳ୍ପରୁ ଓହରି ଯାଇଛନ୍ତି। ତେବେ ଇତି ମଧ୍ୟରେ ପସ୍କୋ କମ୍ପାନୀ ପୁଣିଥରେ ଓଡ଼ିଶା ମୁହାଁ ହେବା ସହିତ ମିଳିତ ଉଦ୍ୟୋଗରେ କେନ୍ଦୁଝରରେ ଇସ୍ପାତ କାରଖାନା ଲାଗି ଆଗ୍ରହ ପ୍ରକାଶ କରିଥିବାବେଳେ ଆର୍ସେଲର ମିତ୍ତଲ କେନ୍ଦ୍ରାପଡ଼ା ଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଆଗକୁ ବଢ଼ିବାରେ ଲାଗିଛି।

ତେବେ ଓଡ଼ିଶା ଆସିଥିବା କେତେ ବୃହତ୍ ଶିଳ୍ପସଂସ୍ଥା ବର୍ତ୍ତମାନ ସୁଦ୍ଧା ଆଦୌ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ସେହି ତାଲିକାରେ ଆମଟେକ୍ ମେଟାଲ, ଆଥା ମାଇନ୍ସ, ଦେଓ ମାଇନ୍ସ ଆଣ୍ଡ ମିନେରାଲ୍ସ, କୋଣାର୍କ ଇସ୍ପାତ, ପ୍ରଧାନ ଷ୍ଟିଲ ଆଣ୍ଡ ପାୱାର, ଏସଏସଏଲ୍ ଏନର୍ଜି, ଟେକଟନ୍ ଇସ୍ପାତ, ୱେଲସ୍ପୁନ୍ ପାୱାର, ଅନୁଗୁଳରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ଏନଏସଏଲ୍ ଓଡ଼ିଶା ପାୱାର ଇନଫ୍ରା, ନବ ଭାରତ ପାୱାର, ଜେଏସଏଲ୍ ଏନର୍ଜି, ଏସପିଏଲ୍ ପୋର୍ଟସ, ଅସ୍ତରଙ୍ଗ ପାୱାର, କେୟୁ ପ୍ରୋଜେକ୍ଟ, ଟିଟାନିୟମ ପ୍ରଡକ୍ଟସ ଓ ଆଧୁନିକ ମେଟାଲିକ୍ସ ଆଦି ରହିଛନ୍ତି।

ଏଥି ସହିତ ଆଉ କିଛି ବୃହତ୍ ଶିଳ୍ପ ପୁନରୁଦ୍ଧାର ଯୋଜନାରେ ଥିବାବେଳେ କିଛି ବୃହତ୍ ଶିଳ୍ପସଂସ୍ଥା ମାମଲାରେ ଛନ୍ଦିହୋଇ ଯାଇଛନ୍ତି। କଟକ ଠାରେ ଭିସା ପାୱାରର ପ୍ରସ୍ତାବିତ ପ୍ରକଳ୍ପରେ କୌଣସି ଅଗ୍ରଗତି ନହେବାରୁ ଇଡ୍‌କୋ ପକ୍ଷରୁ ଯୋଗାଯାଇଥିବା ଜମି ବାତିଲ ହୋଇଥିବାବେଳେ ଟିଟିଲାଗଡ଼ର ଘଣ୍ଟବାହାଲିଠାରେ ସାହାରା ପାୱାର କ୍ଷେତ୍ରରେ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରାଯାଇଛି।

ତେବେ ଯେଉଁକେତେ ବୃହତ୍ ଶିଳ୍ପସଂସ୍ଥା ଓଡ଼ିଶାରେ ଏବେ ବି ରହିଛନ୍ତି ସେମାନଙ୍କର ଅଗ୍ରଗତି ସେଭଳି ହେଉନାହିଁ। କିଏ ପାଚେରି ନିର୍ମାଣରେ ସୀମିତ ରହିଛି ତ ଆଉ କିଏ ଖଣି ନପାଇବାରୁ ଓଡ଼ିଶା ଛାଡିଛି। ତେବେ ଜମି ପାଇବା ଓ ପରିବେଶଗତ ମଞ୍ଜୁରୀରେ ପୂର୍ବରୁ ବିଳମ୍ବ ଯୋଗୁଁ କେତେ ଶିଳ୍ପସଂସ୍ଥା ଆଗେଇ ପାରୁନଥିବାବେଳେ ବର୍ତ୍ତମାନ ଓଡ଼ିଶା ମୁହାଁ ହୋଇଥିବା ଶିଳ୍ପସଂସ୍ଥାଗୁଡିକ କିଭଳି ପ୍ରଦର୍ଶନ କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର। (ତଥ୍ୟ)

# ଫ୍ରାନ୍ସ ସହ ରାଫେଲ ଚୁକ୍ତି

ନିକଟରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ ଭାରତ ୨୬ ଟି ରାଫେଲ-ଏମ କ୍ରୟ କରିବ। ଏହିସବୁ ବିମାନ ଭାରତୀୟ ନୌସେନାରେ ବ୍ୟବହାର ହେବ। ଆଗାମୀ ୫ ବର୍ଷ ଭିତରେ କର୍ଯ୍ୟୟକ୍ରମେ ଏହିସବୁ ବିମାନ ଆସିବ। ଫଳରେ ଭାରତୀୟ ନୌସେନାର ଶକ୍ତି ଓ ସାମର୍ଥ୍ୟ ବହୁଗୁଣିତ ହେବ ଯାହା ଗେମଚେଞ୍ଜର ସାବ୍ୟସ୍ତ ହୋଇପାରେ। ଏସବୁ ରାଫେଲ ବିମାନ ନୌସେନାର ଏୟାରକ୍ରାଫ୍ଟ କ୍ୟାରିୟର ବିକ୍ରାନ୍ତ ଏବଂ ଅନ୍ୟ ଯୁଦ୍ଧ ଜାହାଜରେ ରହିବେ। ଆରବ ସାଗରରୁ ଏହା ସହଜରେ ଚୀନ ଏବଂ ପାକିସ୍ତାନକୁ ଟାର୍ଗେଟ କରିପାରିବ। ଗତ ବର୍ଷ ଭାରତୀୟ ନୌସେନାରେ ୩ଟି ଅତ୍ୟାଧୁନୀକ ଯୁଦ୍ଧ ଜାହାଜ ଆଇଏନଏସ ସୁରତ, ଆଇଏନଏସ ବାଘଶୀର ଏବଂ ଆଇଏନଏସ ନୀଳଗିରି ସାମିଲ ହୋଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମିତ ୩ଟି ଯୁଦ୍ଧ ଜାହାଜ ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ ଲାଗି ସମର୍ଥ। ଏହା ମଧ୍ୟ ଏୟାରକ୍ରାଫ୍ଟ କ୍ୟାରିୟର। ଏହା ଦ୍ୱାରା ଭାରତୀୟ ନୌସେନା ବା ଭାରତୀୟ ସେନା ବେଶ ଶକ୍ତିଶାଳି ଏବଂ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଆଶା କରାଯାଉଛି। ମୁମ୍ବାଇ ନାଭାଲ ଡକ ୟାର୍ଡରେ ଏହି ୩ଟି ଯୁଦ୍ଧ ଜାହାଜ ନୌସେନାରେ ସାମିଲ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସିଡିଏସଙ୍କ ସହ ତିନି ବାହିନୀର ମୁଖ୍ୟମାନେ ଉପସ୍ଥିତ ଥିଲେ। ଭାରତର ତିନି ଦିଗରେ ସମୁଦ୍ର ରହିଛି। ତେଣୁ ସାମରିକ ଦୃଷ୍ଟିରୁ ଭାରତୀୟ ନୌସେନାର ସୁଦୃଢ଼ୀକରଣ ଜରୁରୀ। ସେଥିପାଇଁ ଭାରତ ସରକାର ଭାରତୀୟ ନୌସେନାର ସୁଦୃଢ଼ୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ଏକଦା ଭାରତୀୟ ନୌସେନାରେ ମାତ୍ର ଗୋଟିଏ ଏୟାରକ୍ରାଫ୍ଟ କ୍ୟାରିୟର ବିକ୍ରାନ୍ତ ଥିଲା। ତାହା ବି ମାଗିକି ଅଣାଯାଇଥିଲା। ଏବେ ଭାରତ ନିକଟରେ ଅନେକ ଶକ୍ତିଶାଳି ଯୁଦ୍ଧ ଜାହାଜ, ଏୟାରେକ୍ରାଫ୍ଟ କ୍ୟାରିୟର, ଅଣୁ ଶକ୍ତି ସମ୍ପନ୍ନ ସବମେରିନ ରହିଛି। ଏହା ଦ୍ୱାରା ଭାରତ ଉଭୟ ପାକିସ୍ତାନ ଏବଂ ଚୀନର ମୁକାବିଲା କରିପାରିବ ବୋଲି କୁହାଯାଉଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବାରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଆମେରିକା ଓ ଚୀନ ଭଳି ଦେଶର ଆର୍ଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ଋଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ତେବେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଏବଂ ହେଲିକ୍ଟରରେ ତ୍ରୁଟି ରହିଛି। ଫଳରେ ଏସବୁ ବିମାନ ଏବଂ ହେଲିକପ୍ଟର ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛି। ଏହାକୁ ଭଲଭାବେ ଯାଞ୍ଚ କରି ତ୍ରୁଟି ସଂଶୋଧନ କରାଯିବା ଉଚିତ। ସ୍ଥଳସେନା ପାଇଁ ଅତ୍ୟାଧୁନୀକ ଟ୍ୟାଙ୍କ ଏବଂ ଅନ୍ୟ ସାମରିକ ସରଞ୍ଜାମର ଆବଶ୍ୟକତା ରହିଛି। ଏହାର ଉତ୍ପାଦନ ବୃଦ୍ଧି ଏବଂ ଗୁଣାତ୍ମକ ମାନ ଉପରେ ଦୃଷ୍ଟି ଦିଆଯିବା ଉଚିତ। ସାମରିକ ଦୃଷ୍ଟିରୁ ଚୀନଠାରୁ ଭାରତ ଏବେ ବି ବହୁ ପଛରେ ପଡ଼ିଛି। ଚୀନ ସହ ସମକକ୍ଷ ହେବାକୁ ହେଲେ ଆମକୁ ପ୍ରତିରକ୍ଷା ବାବଦ ବ୍ୟୟ ବରାଦ ବୃଦ୍ଧି କରିବାକୁ ପଡ଼ିବ। ଆସନ୍ତା କେନ୍ଦ୍ରୀୟ ବଜେଟରେ ଏଥିଲାଗି ଅଧିକ ଅର୍ଥ ବରାଦ ହେବ ବୋଲି ଆଶା।

# ଲେଖିବାକୁ ଥିବା କଲମରୁ କାଳି ଶୁଖିଯାଉଛି...!



**ଗୋପାଳ ମହାପାତ୍ର**

ସମୟକୁ ଟିକେ ପଛକୁ ନେଇଯିବା ଓ ୧୯୮୦-୯୦ ଦଶକୁ ଚାଲିଯିବା। ସେ ସମୟର ସାମ୍ବାଦିକତା ଭିନ୍ନ ଥିଲା। ସାମ୍ବାଦିକ ପ୍ରଶ୍ନ କରୁଥିଲେ ଓ ବଡ଼ବଡ଼ ନେତା ମଧ୍ୟ ଉତ୍ତର ଦେଉଥିଲେ ଏପରିକି ସାମ୍ବାଦିକଙ୍କ ପ୍ରଶ୍ନବାଣରେ ଆହତ (ଘାଇଲା) ହେଉଥିଲେ। ଏବେ ସେ ସମୟ ନାହିଁ। ଏବେ ସାମ୍ବାଦିକତାରେ ଚାଟୁକାରିତାର ସମୟରେ ସାମ୍ବାଦିକ ମାନଙ୍କର ୧୯୮୦-୯୦ ବା ତାରପୁର୍ବ ସମୟରେ ମାନସିକତା ନାହିଁ, ସାହସ ନାହିଁ, ପ୍ରଶ୍ନ ପଚାରିବାର ନାହିଁ। ବର୍ତ୍ତମାନର ସାମ୍ବାଦିକତାର ଏକ କିଂଭୁତ କିମାକାର ଅବସ୍ଥାରେ ପହଞ୍ଚିଛି। ଏବେ ଅସଲ କଥାର ଗୁରୁତ୍ୱ କମିଛି। ପ୍ରଶ୍ନ କରିବା ପାଇଁ ଉଦିଷ୍ଟ କଲମରୁ କାଳି ଶୁଖିଯାଇଛି। ସମୟଥିଲା ଖବରର ସମାନତା (ବାଲାନ୍ସ) ଥିଲା। ଏକତରଫା ନଥିଲା। ସାମ୍ବାଦିକ ମାନେ ପଜିଟିଭ ନିଉଜ(ସମ୍ବାଦ) ଖୋଜୁଥିଲେ। ସମ୍ପାଦକ ମାନେ ମଧ୍ୟ ଏପରି କରିବାକୁ ନିର୍ଦ୍ଦେଶ ଦେଉଥିଲେ। ଦଙ୍ଗା/ ଆତଙ୍କବାଦୀ ଘଟଣା ସହିତ ସାମାଜିକ, ଧାର୍ମିକ ଖବରକୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିଲା। ଗତ ଏପ୍ରିଏ ୨୧ ତାରିଖରେ କାଶ୍ମୀରରେ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ଘଟିଥିଲା। ଏହି ଘଟଣାକୁ ଦେଶର ଅନେକ ବୈଦ୍ୟୁତିକ ଗଣମାଧମ (ଟିଭିଚାନେଲ) ତମାମ ପ୍ରଶ୍ନ କୁ ଛାଡି ସିଧା ସଳଖ ଗୋଟିଏ ବିଶୟରେ ସମ୍ବାଦକୁ କେନ୍ଦ୍ରୀତ କଲେ ଯେ କିଏ କେତେ ବିଷ ମଞ୍ଜିର ସମାଜରେ ବୁଣିପାରୁଛି। ଏହି ବିଦ୍ୟୁତିକ ଗଣମାଧ ସହ କେତେକ ଜାତୀୟ ସ୍ତରର ମୁଦ୍ରିତ ଗଣ ମାଧମ ମଧ୍ୟ ବିଦ୍ୱେଷ ସୃଷ୍ଟି କରିବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରି ଦେଇଥିଲେ।

କୁଆଡ଼େ ଗଲା ଶାସକଙ୍କ ଆଖିରେ ଆଖି ମିଶାଇ ପ୍ରଶ୍ନ କରିବାର ସାହସ? କୁଆଡ଼େ ଗଲା ସତ୍ୟ ଘଟଣା ପ୍ରସାରିତ କରିବାର ମାନସିକତା? ଯେଉଁ କାଶ୍ମୀରୀର ଲୋକେ ନିଜ ପିଠି ଉପରେ ଲଦି ଲୋକଙ୍କ ଜୀବନ ବଞ୍ଚାଇଥିଲେ ସେ କଥାକୁ ପ୍ରସାରିତ କରାଗଲା ନାହିଁ କାହିଁକି? କାଶ୍ମୀର ଟ୍ୟାକ୍ସି ଆସୋସିଏସନର ଶହ ଶହ ଲୋକ ଯେଉଁମାନେ ନିଷ୍ପତ୍ତି ନେଇଥିଲେ ପର୍ଯ୍ୟଟକ ମାନଙ୍କୁ ବିନା ଭଡ଼ାରେ ବା ବିନା ପଇସାରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ଛାଡିଦେବାକୁ, ସେମାନଙ୍କ କଥା ସମ୍ବାଦରୁ ବାଦ୍ ପଡ଼ିଗଲା କେମିତି? ଆହତଙ୍କୁ ରକ୍ତ ଦେବା ପାଇଁ ଲାଇନ ଲଗାଇ ଠିଆ ହୋଇଥିବା କାଶ୍ମୀର ବାସୀଙ୍କ କଥା ମଧ୍ୟ ସ୍ଥାନ ପାଇପାରିଲା ନାହିଁ। କ'ଣ ଏସବୁ ସମ୍ବାଦ ବା ଖବରର ଅଂଶ ନଥିଲା? କିଏ ମନା କରିଥିଲା ଏ ସବୁକୁ ପ୍ରସାର ନ କରିବା ପାଇଁ? ଏବେ ପହଲଗାମରେ ଆତଙ୍କ ବାଦୀଙ୍କ ନରସଂହାର ମାମଲା ସାରା ଦେଶରେ ଚର୍ଚ୍ଚାର ବିଶୟ ହୋଇଛି। ଆକ୍ରମଣରେ ୨୭ଜଣଙ୍କର ମୃତ୍ୟୁ ଘଟିଥିବାବେଳେ କାଶ୍ମୀରର ସ୍ଥାନୀୟ ବାସିବା ମଧ୍ୟ ଅନେକ ପର୍ଯ୍ୟଟକଙ୍କ ଜୀବନ ବଞ୍ଚାଇଛନ୍ତି। ଆତଙ୍କବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ପାଇଁ ଦାବି କରିବା ସହ



କାଶ୍ମୀରର ଲୋକେ ଦିନିକିଆ କାଶ୍ମୀର ବନ୍ଦପାଳନ କରିଛନ୍ତି। ଜାମ୍ମୁ- କାଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ରାଜ୍ୟର ଆଇନ୍ ବ୍ୟବସ୍ଥାକୁ ନେଇ ତାଙ୍କ ପାଖରେ କୌଣସି ଅଧିକାର ନାହିଁ ବୋଲି କହିବା ସହ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଆତଙ୍କବାଦୀ ଆକ୍ରମଣ ପାଇଁ ସାରା ଦେଶକୁ ଭୁଲ ମାଗିଛନ୍ତି। ଏସବୁ ପରେ ଜାତୀୟ ବୈଦୁତିକ ଗଣମାଧମ ସାରା ଦେଶରେ ଏକ ବିଦ୍ୱେଷର ବାତାବରଣ ସୃଷ୍ଟି କରିବାର ଲାଗିପଡ଼ିଛନ୍ତି।

ବୈଦ୍ୟୁତିକ ଗଣ ମାଧମ (ଟିଭିଚାନେଲ)ର ଏହି ମାନସିକତା ୬ ବର୍ଷ ତଳେ ଧାରା ୩୭୦ ଉଛେଦ ବେଳେ ମଧ୍ୟ ଅନେକ ମନଗଢା କାହାଣୀ ପ୍ରସାରିତ କରିବେଳେ ଜଣାପଡ଼ିଥିଲା। ସେତେବେଳେ କେତେକ ବୈଦ୍ୟୁତିକ ଗଣମାଧମ ଏମିତି ସମ୍ବାଦ ପ୍ରକାଶ କଲେ ସତେ ଯେମିତି କାଶ୍ମୀର କୌଣସି ଦେଶର ଅଂଶ ଥିଲା ଯାହାକୁ କେନ୍ଦ୍ର ସରକାର ଭାରତରେ ମିଶାଇ ଦେଇଛନ୍ତି। ଏହା କେମିତି ସାମ୍ବାଦିକତା? ସାଧାରଣ ଲୋକେ ତ୍ରିରଙ୍ଗାଧରି ଆତଙ୍କବାଦ ବିରୁଦ୍ଧରେ ପ୍ରଦର୍ଶନ କଲେ। ଏହା କ'ଣ ସମ୍ବାଦ ନୁହେଁକି? ସବୁଠାରୁ ବିପଦଜନକ କଥା ହେଉଛି କେତେକ ବୈଦ୍ୟୁତିକ ଗଣମାଧମ ଭାରତୀୟ ସେନାର ସମ୍ଭାବିତ ରଣନୀତିକୁ ନେଇ ଚର୍ଚ୍ଚା କରୁଛନ୍ତି। ଯେଉଁ ତଥ୍ୟ ଶତ୍ରୁ ପାଖରେ ପହଞ୍ଚିବା ପାଇଁ ସମୟ ଲାଗିଥାନ୍ତା ତାକୁ କେତେକ ବୈଦ୍ୟୁତିକ ଗଣମାଧମ ତାଙ୍କ ଷ୍ଟୁଡିଓରେ ବସି ପ୍ରସାର କରି ଚାଲୁଛନ୍ତି। ଏସବୁ ଗଣମାଧମକୁ ରାଷ୍ଟ୍ରୀୟ ସୁରକ୍ଷା ସହ ଜଡିତ ପ୍ରସଙ୍ଗ ଉପରେ ଚର୍ଚ୍ଚା ପାଇଁ ଅନୁମତି ଦେଲା କିଏ? ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମ ଏବଂ ଅଫିସିଆଲ ସିକ୍ରେଟ ଆକ୍ଟ ଅନୁସାରେ ସମ୍ବେଦନ ଶୀଳ ସୂଚନା ସାର୍ବଜନୀନ କରାଯିବା ଉଚିତ୍ ନୁହେଁ। ଏସବୁ ବୈଦ୍ୟୁତିକ ଗଣମାଧମ ରାଷ୍ଟ୍ରୀୟ ସୁରକ୍ଷାକୁ ଲୋକଙ୍କ ମନୋରଞ୍ଜନ ଏବଂ ନିଜର ଧନ୍ଦାର ସାଧନ ବନାଇଛନ୍ତି ଯାହା ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ନୁହେଁ କି?

କୌଣସି ଜାତୀୟ ବୈଦ୍ୟୁତିକ ଗଣମାଧମ ସରକାରଙ୍କୁ ପ୍ରଶ୍ନ କରୁନାହାଁନ୍ତି ଯେ ପୁରା ଜାମ୍ମୁ-କାଶ୍ମୀରରେ ବିଭିନ୍ନ ସୁରକ୍ଷା ବଳର ଅଢେଇ ଲକ୍ଷରୁ ଅଧିକ ଜବାନ ମୁତୟନ ଥିବା ବେଳେ ପହଲଗାମରେ ଯେଉଁ ସ୍ଥାନରେ ଆକ୍ରମଣ ହେଲା ସେଠାରେ ଜଣେ ବି ଜବାନ ମୁତୟନ କରାଯାଇନଥିଲା କାହିଁକି? ଗଣମାଧମକୁ ପ୍ରଶ୍ନ କରିବା ପାଇଁ ଅନେକ କଥା ରହିଛି। କିନ୍ତୁ ପ୍ରଶ୍ନ କରାଯାଉନାହିଁ। ଅଦ୍ୟାବଧି ଫୁଲବାମା ଘଟଣାର ତଦନ୍ତ ହୋଇ ପାରିଲା ନାହିଁ। ପହଲଗାମା ଘଟଣା ଆଉ କିଛିଦିନ ପରେ ଜନମାନସକୁ ଲିଭିଯିବ ଯେମିତି କାନ୍ଦାହାର ହାଇଜାକ୍, ଅକ୍ଷରଧାମ, ରଘୁନାଥ ମନ୍ଦିର, କାରଗିଲ, ସଂସଦ ଉପରେ ଆକ୍ରମଣ, ଅମରନାଥ ଯାତ୍ରୀଙ୍କ ଉପରେ ଆକ୍ରମଣ, ପଠାନକୋଟ, ଉରି ଓ ଫୁଲବାମା ଘଟଣା ଜନମାନସରୁ ଲିଭି ଯାଇଛି। କିନ୍ତୁ ନିକଟରେ ବିଶ୍ୱପ୍ରେସ ଦିବସ ପାଳିତ ହେଇ ଯାଇଛି। ଏଣୁ ଏହି ଅବସରରେ ସାମ୍ବାଦିକତାକୁ ନେଇ ଉଠୁଥିବା ପ୍ରଶ୍ନ ବାବଦରେ ମଧ୍ୟ ତର୍ଜମା କରାଯିବା ଆବଶ୍ୟକ। ପ୍ରଶ୍ନ କରିବା କଥା ସିଏ ଚୁପ୍, ଲେଖିବା ପାଇଁ କଲମରୁ କାଳି ଶୁଖିଯାଉଛି କାହିଁକି?

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ମରିବାକୁ ଏତେ ବ୍ୟସ୍ତ କାହିଁକି



**ଦୀପ୍ତିମୟୀ ନାୟକ**

ଏ ଦୁନିଆରେ ଏମିତି ଅନେକ ଲୋକ ଥାଆନ୍ତି ଯେଉଁମାନେ ପ୍ରତି ମୁହୂର୍ତ୍ତରେ ମରିବାପାଇଁ ସୁଯୋଗ ଖୋଜୁଥାଆନ୍ତି। ଚାକିରୀ ସମସ୍ୟା, ବିବାହ ସମସ୍ୟା, ବିବାହ ବିଚ୍ଛେଦ ସମସ୍ୟା,ପାରିବାରିକ ସମସ୍ୟା, ରୋଗରୁ ମୁକ୍ତି ପାଇବା ସମସ୍ୟା, ପ୍ରେମ ସମସ୍ୟା ଏମିତି ଅନେକ ସମସ୍ୟା ପାଇଁ ବେଳେବେଳେ କିଛି ଯୁବକ ଯୁବତୀ ହୁଅନ୍ତୁ କିମ୍ବା କୌଣସି ସାଂସାରିକ ଲୋକ ହୁଅନ୍ତୁ ନଚେତ କୌଣସି ବୃଦ୍ଧ ଲୋକ ହୁଅନ୍ତୁ ଏମାନେ କିଛି ଲୋକଙ୍କ ସାମ୍ନାରେ ମଧ୍ୟ କହି ଦେଇଥାଆନ୍ତି ସମସ୍ତଙ୍କୁ ମରଣ ହେଉଛି ଆମକୁ କାହିଁକି କେଜାଣି ମରଣ ହେଉନି। ଏକଥା ଶୁଣି ମନକୁ ବେଳେବେଳେ ଅନେକ ପ୍ରଶ୍ନ ଉଙ୍କି ମାରିଥାଏ। ଆଉ ସେହି ପ୍ରଶ୍ନର ଉତ୍ତର ଖୋଜିବାପାଇଁ ମନରେ ମନରେ ଉତ୍ତର ଖୋଜୁଥାଏ। ଏମାନେ କାହିଁକି କେଜାଣି ମରିବାକୁ ଏତେ ବ୍ୟସ୍ତ ହୋଇଯାଉଛନ୍ତି। ଚାକିରୀ ସମସ୍ୟା, ବିବାହ ସମସ୍ୟା, ବିବାହ ବିଚ୍ଛେଦ ସମସ୍ୟା,ପାରିବାରିକ ସମସ୍ୟା, ରୋଗରୁ ମୁକ୍ତି ପାଇବା ସମସ୍ୟା, ପ୍ରେମ ସମସ୍ୟା କି ଅଲଗା କିଛି ସମସ୍ୟା ହେଉ ଏସବୁରୁ ମୁକ୍ତି ପାଇବାପାଇଁ କଣ ମରଣ ଏକମାତ୍ର ସମସ୍ୟାର ସମାଧାନ କି। ଯଦି ଏସବୁ ସମସ୍ୟାର ସମାଧାନ ମରଣ ନୁହେଁ ତାହେଲେ କାହିଁକି ଲୋକମାନେ ମରିଯିବା କଥା କହିଥାଆନ୍ତି। କଣ ପାଇଁ ପ୍ରତି କଥାରେ କହିଥାଆନ୍ତି ସମସ୍ତଙ୍କୁ ମରଣ ହେଉଛି ଆମକୁ କାହିଁକି ମରଣ ହେଉନି। ମରିବାକୁ ଚାହିଁଲେ ଲୋକ ଲଜ୍ୟା ନମରିପାରିଲେ ଜିଅନ୍ତା ଶବ। ତେଣିକି ମରଣ ହେଉ ସବୁ ସମସ୍ୟାର ମୁକ୍ତି ମିଳିଯାଉ ବୋଲି ଲୋକମାନେ କହିଥାଆନ୍ତି। ତେବେ ଏଠାରେ ଗୋଟେ କଥା ନିଶ୍ଚିନ୍ତ ଭାବରେ କହିବି ଚାକିରୀ କରିବାର ଇଚ୍ଛା ଥିଲେ ଯେକୌଣସି ଚାକିରୀ କରିପାରିବ। କୌଣସି କାମ ବଡ଼ ହୋଇନଥାଏ କି କୌଣସି କାମ ଛୋଟ ହୋଇନଥାଏ। ବିବାହ ସମସ୍ୟା ମଧ୍ୟ କୌଣସି ସମସ୍ୟା ହୋଇନଥାଏ ହୁଏତ ବିଳମ୍ବରେ ବିବାହ ହୋଇଥାଏ ଜୀବନକୁ ଗୋଟେ ନୂଆ ସାଥୀର ସାହାରା ମିଳିଥାଏ। ହୁଏତ ଲୋକ କହିବେ ଅନେକ କଥା ତା ବୋଲି ନୁହେଁ ମରଣକୁ ସବୁ ସମସ୍ୟାର ସମାଧାନ ଭାବିଦେବା। କିଛି ଲୋକଙ୍କର ବିବାହ ପରେ ବିଚ୍ଛେଦ ହେଉଛି ଯେଉଁ ସମସ୍ୟା ପରବର୍ତ୍ତୀ ସମୟରେ ମଣିଷକୁ ଏକା ବଞ୍ଚିବା ଶିଖେଇ ଦେଉଛି କିନ୍ତୁ କିଛି ଜଣ ମାନସିକ ସ୍ତରରେ ଦୁର୍ବଳ ହୋଇଯାଉଛନ୍ତି ଯାହାଫଳରେ ସେମାନେ ନିଜ ମରଣକୁ ପ୍ରତି ମୁହୂର୍ତ୍ତରେ ଖୋଜୁଛନ୍ତି। ପାରିବାରିକ ସମସ୍ୟା ସବୁ ପରିବାରରେ ଥାଏ କିନ୍ତୁ କିଛି ଲୋକ ପାରିବାରିକ ସମସ୍ୟାରୁ ମୁକ୍ତି ପାଇବାପାଇଁ ନିଜେ ମରିଯାଇଥାନ୍ତି ତ ଆଉ କିଏ ମରଣ ହେଉନି କାହିଁକି କେଜାଣି କହିଦେଇଥାନ୍ତି। ଆଉ କିଛି ଲୋକ ନିଜ ରୋଗରୁ ମୁକ୍ତି ପାଇବା ପାଇଁ ମରଣକୁ ଖୋଜିଥାଆନ୍ତି କାରଣ ଏମାନେ ଭାବିଥାଆନ୍ତି ଡାକ୍ତରଙ୍କର ଯେଉଁ ଔଷଧ ଏମାନଙ୍କ ଯନ୍ତ୍ରଣାକୁ ଠିକ କରିପାରୁନି ଏମାନେ କେମିତି ଏତେ ଯନ୍ତ୍ରଣା ସହିକି ରହିବେ ଜାଣିକି ମରଣ ହୋଇଗଲେ ସବୁ ସମସ୍ୟାର ସମାଧାନ ହୋଇଯାଆନ୍ତା ବୋଲି କହିଦେଇଥାନ୍ତି। ଠିକ ସେହିଭଳି ପ୍ରେମ ସମସ୍ୟା ଭାରି ଭୟଙ୍କର। ହୁଏତ ପାଗଳଙ୍କ ପାଗଳାମିକୁ ରୋକି ହେବ କିନ୍ତୁ ପ୍ରେମରେ ଟିକେ ଧୋକା ମିଳିଲେ ଏମାନେ ନିଜ ଜୀବନ ହାରିଦେବେ ନହଲେ କହିବେ ପ୍ରେମତ ମିଳିଲାନି ଜାଣିକି ମରଣ ହୋଇଯାଆନ୍ତା କି। ଏମିତି ପ୍ରତ୍ୟେକଟି ସମସ୍ୟାରେ ଆଜିର ଯୁବପିଢ଼ି ହୁଅନ୍ତୁ କିମ୍ବା କୌଣସି ସାଂସାରିକ ମଣିଷ ହୁଅନ୍ତୁ ନଚେତ କୌଣସି ବୃଦ୍ଧ ହୁଅନ୍ତୁ ସମସ୍ତେ ସମସ୍ତଙ୍କ ସମସ୍ୟାରୁ ମୁକ୍ତି ପାଇବାପାଇଁ ମରଣକୁ ଖୋଜିଥାଆନ୍ତି।

ତେବେ ମଣିଷ ଜନ୍ମ ମାନେ ଜୀବନ ହାରିବା କି ମରଣକୁ ଖୋଜିବା ନୁହେଁ। ମଣିଷ ଜୀବନ ମାନେ ଦୁଃଖ ଭିତରେ କେଇକ୍ଷଣ ଖୁସିକୁ ସାଉଁଟି ନିଜେ ହସିବା ଅନ୍ୟକୁ ହସାଇବା। ପ୍ରତ୍ୟେକଟି ସମସ୍ୟାର ସମାଧାନର ରାସ୍ତା ଖୋଜିବା। ବୟସ ହୋଇଗଲେ ତ ଆମେ ସମସ୍ତେ ନିଶ୍ଚିନ୍ତ ମରିବା କିନ୍ତୁ କାହିଁକି ବଞ୍ଚି ଥାଉ ଥାଉ ନିଜ ଜୀବନକୁ ମରଣ ଚିନ୍ତାରେ ଅଧା ଶେଷ କରିଦେବା। ଯେମିତି ଗଛରେ ଫଳିଥିଲା କଞ୍ଚା ଆମ୍ବଟି ଗଛରେ ଥାଏ ପାଚିଗଲା ପରେ ଗଛରୁ ତଳକୁ ଖସିପଡିଥାଏ ଠିକ ସେମିତି ମଣିଷ ଯେତେବେଳେ ବୃଦ୍ଧ ବୟସରେ ଉପନୀତ ହେବ ସେ ଆପେ ମରିବ। ତେଣୁ ସେ ମରିବା ଚିନ୍ତାରେ ସାରା ଜୀବନକୁ କାହିଁକି ନଷ୍ଟ କରିବା। ସବୁବେଳେ ସମସ୍ତେ ଖୁସିରେ ରୁହନ୍ତୁ ମରିବା ଚିନ୍ତା ଠାରୁ ଦୂରେଇ ରୁହନ୍ତୁ। ଆଉ ଯଦି କିଛି ସମସ୍ୟା ଆସୁଛି ଜୀବନରେ ସେହି ସମସ୍ୟାକୁ ଦୂର କରିବାପାଇଁ ନିଜର ଧର୍ଯ୍ୟ ସବୁବେଳେ ରଖନ୍ତୁ ନିଜ ପାଖରେ।

**ଅନ୍ଧାରୁଆ, ଭୁବନେଶ୍ୱର, ମୋବାଇଲ୍: ୯୦୯୦୬୬୧୫୮୬**

# ମନ ତୋହର ନିଜ ଗୁରୁ...

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଗୁରୁଙ୍କ ସାନ୍ନିଧ୍ୟ ପାଇ ଭକ୍ତର ଭାବ ତିନୋଟି ସ୍ତର ଦେଇ ବିକାଶ ଲାଭ କରେ। ପ୍ରଥମ ସ୍ତରରେ ଭକ୍ତ କିପରି ଅନୁଭବ କରେ? ଉତ୍ତର - ପ୍ରଥମେ ଭକ୍ତଙ୍କୁ ଲାଗେ ଯେପରି ଗୁରୁ ହେଉଛନ୍ତି କଳ୍ପତରୁ ସଦୃଶ। ଜ୍ଞାନରୂପକ ଫଳ-ପୁଷ୍ପ ସହ ସେ କୃପାଛାୟା ପ୍ରଦାନ କରିବେ। ଏହି ପ୍ରଥମ ମିଳନ ସମୟରେ ଭକ୍ତ ଗୁରୁଙ୍କ ଦିବ୍ୟ ଗୁଣ ଜାଣି ନପାରି ତାଙ୍କୁ ସାଧୁ ରୂପେ ଗ୍ରହଣ କରିଥାଏ। ଭକ୍ତ ମାୟାଜାଲାରେ ଏପରି ପଡ଼ିଥାଏ ଯେ ତାକୁ ଗୁରୁଙ୍କ ସ୍ୱରୂପ ଜାଣିବା ପାଇଁ ଗୁରୁଙ୍କ କୃପା ଦରକାର ହୁଏ। ଗୁରୁଙ୍କ ଉପରେ ଶ୍ରଦ୍ଧା ଓ ବିଶ୍ୱାସ ରଖିଲେ ମାୟାରୁ ମୁକ୍ତ ହୋଇ ଜ୍ଞାନ ମାର୍ଗରେ ଅଗ୍ରସର ହୁଏ। ଦ୍ୱିତୀୟ ସ୍ତରର ଅନୁଭବ କିପରି? - ଭକ୍ତର ଭକ୍ତି ଦୃଢ଼ ହେଲେ ତା ସହ ଗୁରୁଙ୍କର ନିବିଡ଼ ସମ୍ବନ୍ଧ ହୁଏ। ସେ ଏହି ଦ୍ୱିତୀୟ ସ୍ତରରେ ଦିବ୍ୟତା ବିଷୟରେ ଜାଣିପାରେ। ସେ ଭଗବାନଙ୍କ ସହ ଗୁରୁଙ୍କ ତୁଳନା କରେ। ସେ ଭାବେ ଗୁରୁ ଭଗବାନଙ୍କ ପରି ହେଲେ ମଧ୍ୟ ସ୍ୱୟଂ ଭଗବାନ ନୁହଁନ୍ତି; କିନ୍ତୁ ଧର୍ମ ଶିକ୍ଷା ପାଇଁ ଗୁରୁ ହେଉଛନ୍ତି ଶ୍ରେଷ୍ଠ ମାଧ୍ୟମ। ଏହି ସ୍ତରରେ ମଧ୍ୟ ଭକ୍ତ ସମ୍ପୂର୍ଣ୍ଣ ମାୟାମୁକ୍ତ ହୋଇ ନଥାଏ। ଏହିପରି ଭାବନା ରଖି ଭକ୍ତ ଦ୍ୱିତୀୟ ସ୍ତରରେ ପ୍ରଗତି କରେ। ତୃତୀୟ ସ୍ତରରେ କି ଅନୁଭୂତି ପ୍ରାପ୍ତ ହୁଏ? - ଗୁରୁ ଓ ଭଗବାନ ଅଭିନ୍ନ ନୁହଁନ୍ତି, ଏକ-ଏହି ଭାବନା ଆସିଲେ ଭକ୍ତ ଗୁରୁଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବରେ ନିଜକୁ ସମର୍ପଣ କରେ ଓ ଆଧାତ୍ମିକତାର ଶେଷ ସ୍ତରରେ ଉପନୀତ ହୁଏ। ଏହି ସ୍ତରରେ ଗୁରୁ ଓ ଭକ୍ତଙ୍କ ମଧ୍ୟରେ ତାଦାତ୍ମ୍ୟ ଭାବ ସୃଷ୍ଟି ହୁଏ।

ଗୁରୁକୃପା ପ୍ରାପ୍ତ ହେଲେ ଭକ୍ତ ଶୁଦ୍ଧପୂତ ହୁଏ। କାହାକୁ କିଛି ନମାଗି ଗୁରୁଙ୍କ ଦ୍ୱାରରେ ପଡ଼ି ରହେ। ତା ମନରେ ସଂସାରର ଭୋଗପ୍ରତି ବିତୃଷ୍ଣା ସୃଷ୍ଟି ହୁଏ। ନିଜ ବିଗତ କର୍ମର ଫଳ ବିଷୟରେ ଜାଣିପାରି ସେ ପଶ୍ଚାତ୍ତାପ କରେ। ଗୁରୁ ଶକ୍ତିପାତ କରି ତାର ଅଶୁଦ୍ଧ ଶରୀର ଓ ବିକୃତ ମନୋଭାବକୁ ଶୁଦ୍ଧପୂତ କରି ମୁକ୍ତି ପଥ ଦେଖାଇଥାନ୍ତି। ଗୁରୁଙ୍କ କୃପାରୁ ତା ମନରୁ ଗର୍ବଭାବ ଦୂର ହୁଏ। ସେ ନିଜ ସ୍ୱାର୍ଥକୁ ତ୍ୟାଗ କରି 'ଜୀବପୂଜା ହିଁ ହରି ସେବା'-ଏଇ ମନୋଭାବ ନେଇ ଦୀନଦୁଃଖୀଙ୍କ ସେବା କରିବାକୁ ବ୍ୟଗ୍ର ହୁଏ। ଶିଷ୍ୟ ସଙ୍ଗତରେ ରହି ତାର ଶୁଦ୍ଧଗୁଣ ପରିପ୍ରକାଶିତ ହୁଏ। ଶିଷ୍ୟ ମନର ପ୍ରତ୍ୟେକଟି ଭାବନା ସଦଗୁରୁଙ୍କୁ ଜଣାଥାଏ। ଗୁରୁଙ୍କର ଚେତନା ଶିଷ୍ୟ ମନକୁ ଦିବ୍ୟତାରେ ଭରି ଦିଏ। ସନ୍ଥକବି ଭୀମଭୋଇଙ୍କ ବାଣୀ ଉଲ୍ଲେଖ କରୁଛି - 'ଅନେକ କର୍ମରେ ଥାଉ ପଛେ ସେହୁ, ଗୁରୁପାଦେ ରଖୁ ଚିତ୍ତ ସଦଗୁରୁ ପାଦେ ସେବା ରଖିଥିଲେ ମୋକ୍ଷ ହେବ ପରାପତ।' ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ କହିଲେ - ପରମଗୁରୁଙ୍କ ପରେ ବା ଯୁଗପୁରୁଷୋତ୍ତମଙ୍କ ଠାରେ ଆନତି ଭିତରେ ଦେଇ ଯାହାଙ୍କ ଜୀବନରେ ସାର୍ଥକ ସଂହତି ସମାଧାନ ଆସିଛି, ସେ ହିଁ ଗୁରୁ ହେବାର ଉପଯୁକ୍ତ ଅଟେ। ଏହି ପ୍ରକାର ସମାହିତ ଜ୍ଞାନକୁ କୁହାଯାଏ ବ୍ରହ୍ମଜ୍ଞାନ। ଯୁଗପୁରୁଷୋତ୍ତମଙ୍କୁ ଯିଏ ପାଏ, ତାର ତ କଥା ହିଁ ନାହିଁ। ତାଙ୍କର ଧାରା ଯେତେ ଦିନ ଠିକ ଥାଏ, ସେତେ ଦିନ ପର୍ଯ୍ୟନ୍ତ କୃଷ୍ଟିର ଧାରାଠିକ ଥାଏ। ଭେଦବାଦୀ ଗୁରୁ ପ୍ରକୃତ



ଗୁରୁ ନୁହନ୍ତି ଏବଂ ତାଙ୍କର ଦୀକ୍ଷାର ଭିତର ଦେଇ ଦୀକ୍ଷାର ପ୍ରକୃତି ଉଦ୍ଦେଶ୍ୟ ସିଦ୍ଧ ହୁଏ କମ୍। ଖଣ୍ଡିତଜ୍ଞାନ ଯେଉଁ ମାନଙ୍କର, ସେମାନେ କୌଣସି ଖଣ୍ଡିତ ବିଷୟର ଶିକ୍ଷକ ହୋଇପାରନ୍ତି, ଯେମିତି ପଦାର୍ଥବିଦ୍ୟା, ରସାୟନଶାସ୍ତ୍ର ଇତ୍ୟାଦି। ସେମାନେ ଧର୍ମ, ଯାହାର କାରବାର ସମଗ୍ର ଜୀବନ ନେଇ ସେ ବିଷୟରେ ଆଚାର୍ଯ୍ୟ ହୋଇପାରନ୍ତି ନାହିଁ। ପ୍ରକୃତି ସେମାନଙ୍କୁ ସେ ଯୋଗ୍ୟତା ଦିଏ ନାହିଁ। ପ୍ରଶ୍ନ-ଗୁରୁ ବ୍ୟତୀତ ବ୍ରହ୍ମୋପଲବ୍ଧି ହୋଇ ପାରେନାହିଁ? ଶ୍ରୀ ଶ୍ରୀ ଠାକୁର - ସେହି ଟା ହୁଏତ ଗାଣିତିକ ଭାବେ ସମ୍ଭବ ହୋଇପାରେ, କିନ୍ତୁ ସାଧାରଣତଃ ବାସ୍ତବରେ ସମ୍ଭବ କମ ହିଁ ହୁଏ। ପ୍ରଶ୍ନ କର୍ତ୍ତା - 'ଅହଂ ବ୍ରହ୍ମାସ୍ମି' ଜପର ବିଧାନ ଅଛି। ଶ୍ରୀ ଶ୍ରୀ ଠାକୁର - ସେହି ଟା ବି ଉପଲବ୍ଧିବାନ ଗୁରୁ ହିଁ ଶିଖାନ୍ତି। ଗୁରୁ ବିନା ହୁଏ ନାହିଁ। ବିପଦ ଅଛି, ପ୍ରବୃତ୍ତିର ଅଭିଭୂତି ହୁଏ। ଅନେକ ସମୟରେ ପାଗଳ ହୋଇଯାଏ। ପ୍ରଶ୍ନକର୍ତ୍ତା-ତାହାର ସହଜତମ ପଥ ହେଲା ସକ୍ରିୟ ସେବା ସହ ଇଷ୍ଟଙ୍କ ଉପରେ ଅଚ୍ୟୁତ ଅନୁରାଗ। ତାଙ୍କ ଉପରେ ଟାଣ ଥାଏ, ତେଣୁ ବୃତ୍ତି ଗୁଡ଼ିକ ନିମ୍ନକୁ ଟାଣି ନେଇପାରେ ନାହିଁ। ସେଗୁଡ଼ିକ ଧୀରେ ଧୀରେ ନିୟନ୍ତ୍ରିତ ହୁଏ। (ଆ:ପ୍ର: ୧୪/୧୬.୧୦.୧୯୪୮)

ଗୁରୁଜ୍ଞାନ ଦିଅନ୍ତି, ଯାହା ପାଇ ମଣିଷ ଜୀବନ ବନ୍ଧନରୁ ମୁକ୍ତି ପାଏ। ଦେବତା ମାନଙ୍କୁ ପୂଜାରେ ସନ୍ତୁଷ୍ଟ କଲେ ମନୁଷ୍ୟ ବିଷୟ ସମ୍ପତ୍ତି, କାମନା ବା ବାସନାଦି ପୂରଣ କରେ। ଦେବତା ମାନଙ୍କ ଉପାସନା ସକାମ ଉପାସନା। ଗୁରୁଙ୍କ ଉପାସନା ନିଷ୍କାମ ଉପାସନା। ଦେବ ପୂଜାରେ ଶକ୍ତି ଲାଭ ହୋଇଥାଏ, ପୁଣି ଆମେ ଯେଉଁ ଦେବତାଙ୍କୁ ପୂଜା କରିଥାଉ, ସେହି ଦେବତାଙ୍କ ଶକ୍ତି ଯେତିକି ମାତ୍ର ଶକ୍ତିର ଆମେ ଅଧିକାରୀ ହୋଇଥାଉ। କିନ୍ତୁ ଗୁରୁଙ୍କ ଶରଣ ଗଲେ, ଗୁରୁଙ୍କ ମାଧମରେ ଆମର ଭଗବତ ପ୍ରାପ୍ତି ହୋଇପାରିବ। ଗୁରୁଙ୍କ ଚରଣ ପବିତ୍ର, ତେଣୁ ଭକ୍ତ ତାହାର ନିତ୍ୟ ପୂଜନ କରେ। ଯେଉଁ ନର ପ୍ରତିଦିନ ଗୁରୁଙ୍କ ପଦ ଧୌତ କରେ, ସେ ଜ୍ଞାନ ଭକ୍ତିର ଅଧିକାରୀ ହୁଏ। ଦେବ ପୂଜା କଲେ ଧନ ଜନ ମିଳେ ଓ ଗୁରୁ ପୂଜା କଲେ ଜ୍ଞାନ ମିଳିଥାଏ। ଏଥିରେ ସନ୍ଦେହ ନାହିଁ ଯେ, ଗୁରୁକୃପା ମିଳିଲେ ସବୁ କିଛି ସମ୍ଭବ ହେବ; କିନ୍ତୁ ଗୁରୁକୃପା ମିଳିବ କିପରି? ଗୁରୁଙ୍କୁ ସନ୍ତୁଷ୍ଟ କଲେ ହିଁ ଗୁରୁକୃପା ମିଳେ। ଯଦି ଶିଷ୍ୟ ଗୁରୁଙ୍କର ଆଧାତ୍ମିକ ନିର୍ଦ୍ଦେଶଗୁଡ଼ିକ ସ୍ପଷ୍ଟଭାବରେ ହୃଦୟଙ୍ଗମ କରି ସୁଚାରୁରୂପରେ ପାଳନ କରେ, ତେବେ ଗୁରୁ ତା'ଉପରେ ସନ୍ତୁଷ୍ଟ ହୁଅନ୍ତି। ସୁତରାଂ ଗୁରୁଙ୍କ ପ୍ରତ୍ୟେକଟି ନିର୍ଦ୍ଦେଶ ନିଖୁଣ ଭାବରେ ପାଳନ କରନ୍ତୁ। ତାଙ୍କରି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରନ୍ତୁ। ତେବେ ଯାଇ ଆପଣ ତାହାଙ୍କର ଆଶୀର୍ବାଦ ପାଇବାକୁ ଯୋଗ୍ୟ ହୋଇପାରିବେ ଏବଂ ସେହି ଆଶୀର୍ବାଦ ବଳରେ ଆପଣଙ୍କ ପକ୍ଷରେ ସବୁକିଛି ସମ୍ଭବ ହୋଇପାରିବ। ଯଥାର୍ଥରେ ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି- 'ଏଣେ ଗୁରୁଙ୍କ ସୁକଲ୍ୟାଣ, ସାଧକ ମୋକ୍ଷର କାରଣ। ମନ ବଚନ ନିଜ ଦେହେ, ନିତ୍ୟ ସେବିବ ଗୁରୁପ୍ରୀୟେ। ମୋତେ ପୂଜିବ ଗୁରୁ ଦେହେ, ମୋ ତହୁଁ ଗୁରୁ ଭିନ୍ନନୋହେ। ତୋହରି ମନ ତୋର ଗୁରୁ, ଉଦ୍ଧବ କେତେ ହେଁ ପଚାରୁ?'

**ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ମଣିପୁରରେ ନୂଆ ସରକାର ଗଠନ ହେଉ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ମଣିପୁରରେ ରାଷ୍ଟ୍ରପତି ଶାସନକୁ ଇତିମଧ୍ୟରେ ଚାରିମାସ ପୁରି ଯାଇଥିବାବେଳେ ଏବେ ଏକ ଲୋକପ୍ରିୟ ସରକାର ଗଠନ ପାଇଁ ଦାବି ଜୋର ଧରିଲାଣି। ରାଜ୍ୟର ବିଭିନ୍ନ ଦଳର ୨୦ଜଣ ବିଧାୟକ ପୁନର୍ବାର ଏକ ଲୋକପ୍ରିୟ ସରକାର ଗଠନ କରିବା ପାଇଁ ଲିଖିତ ଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିଛନ୍ତି। ଏହି ବିଧାୟକମାନଙ୍କ ମଧ୍ୟରେ ବଜେପିର ୩୭ଜଣ ସଦସ୍ୟମାନଙ୍କ ମଧ୍ୟରେ ୧୪ଜଣ, ନ୍ୟାଶନାଲ ପିପୁଲସ୍ ପାର୍ଟି (ଏନପିପି)ର ୩ଜଣ, ନାଗା ପିପୁଲସ ଫ୍ରଂଟ(ଏନପିଏଫ)ର ୨ଜଣ ଏବଂ ଦୁଇ ଜଣ ସ୍ୱାଧୀନ ବିଧାୟକ ଅର୍ନ୍ତଭୁକ୍ତ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମଣିପୁର ବିଧାନସଭାର ମୋଟ ସଦସ୍ୟଙ୍କ ସଂଖ୍ୟା ୬୦ ହୋଇଥିବାବେଳେ ଏହା ଏକ କ୍ଷୁଦ୍ର ଗୋଷ୍ଠୀ ହୋଇପାରେ। କିନ୍ତୁ ଏହି ୨୧ଜଣ ଲୋକପ୍ରତିନିଧିଙ୍କ ଆବେଦନକୁ କେନ୍ଦ୍ର ସରକାର ଗୁରୁତ୍ୱର ସହକାରେ ବିଚାର କରିବା ଉଚିତ୍ ପଦକ୍ଷେପ ହୋଇପାରେ। ଉଲ୍ଲେଖ କରାଯାଇପାରେ ଯେ, ଗତ ୨୦୨୩ ମସିହା ମେ' ମାସ ୪ତାରିଖରୁ ରାଜ୍ୟର ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମୈତ୍ରେଇ ଏବଂ କୁକି ଜୋ-ସମ୍ପ୍ରଦାୟ ମଧ୍ୟରେ ଆରମ୍ଭ ହୋଇଥିବା ଜାତିଗତ ଦଙ୍ଗା ରାଷ୍ଟ୍ରପତି ଶାସନ ସତ୍ୱେ ଏବେ ବି ସମ୍ପୂର୍ଣ୍ଣ ଥମି ନାହିଁ। ରାଜ୍ୟରେ କାଁ ଭାଁ ହିଂସାକାଣ୍ଡ ଲାଗି ରହିଛି। ଏହା ନିସନ୍ଦେହ ଯେ, ରାଜ୍ୟରେ ଦୁଇ ପ୍ରଭାବଶାଳୀ ସମ୍ପ୍ରଦାୟ ମଧ୍ୟରେ ଲାଗି ରହିଥିବା ଜାତିଗତ ବିବାଦ ରାଷ୍ଟ୍ରପତି ଶାସନ ଜାରି ପରେ ସାମାନ୍ୟ ଥମିଛି ସତ, କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହେବା ଲାଗି ଆହୁରି ଅଧିକ ସମୟ ନେଇପାରେ। ବିଦାୟୀ ମୁଖ୍ୟମନ୍ତ୍ରୀ ଏନ.ବିରେନ ସିଂହଙ୍କ ପକ୍ଷପାତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ପରିସ୍ଥିତି ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁଁ ରାଜ୍ୟରେ ହିଂସାକାଣ୍ଡ ପୋଡାଜଳା ଉଗ୍ରରୂପ ଧାରଣ କରିଥିଲା। ଏହି ହିଂସାକାଣ୍ଡ ପାଇଁ ବିଦାୟୀ ସରକାରଙ୍କୁ ଦାୟୀ କରାଯାଇପାରେ। ରାଜ୍ୟରେ କୁକି ସମ୍ପ୍ରଦାୟ ଦୁର୍ଗମ ପାହାଡିଆ ଅଞ୍ଚଳରେ ବସବାସ କରୁଥିବାବେଳେ ସେମାନେ ଅନୁସୂଚିତ ଜନଜାତି ଭାବେ ବିଭିନ୍ନ ସଂରକ୍ଷଣ ସୁବିଧା ସୁଯୋଗ ବିଶେଷ କରି ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଇଆସୁଛନ୍ତି। ଇମ୍ଫାଲରେ ପ୍ରଭାବଶାଳୀ ସମ୍ପ୍ରଦାୟ ଭାବେ ପରିଚିତ ମୈତ୍ରେଇ ସମ୍ପ୍ରଦାୟକୁ ମଣିପୁର ହାଇକୋର୍ଟ ସଂରକ୍ଷଣ ସୁବିଧା ଦେବା ଲାଗି ରାଜ୍ୟ ସରକାର କରିଥିବା ସୁପାରିଶକୁ କୁକି ସମ୍ପ୍ରଦାୟ ବିରୋଧ କରି ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଯାହାକୁ ମୈତ୍ରେଇ ସମ୍ପ୍ରଦାୟ ଦୃଢ଼ ବିରୋଧ କରିବା ପରେ ରାଜ୍ୟରେ ଜାତିଗତ ଦଙ୍ଗା ଉପୁଜିଥିଲା। ଦଙ୍ଗାରେ ବହୁ ଛାତ୍ରଛାତ୍ରୀ, ଶିଶୁ, ମହିଳାଙ୍କ ଜୀବନ ଯାଇଥିବା କୁହାଯାଇଛି। ଏପରିକି ପୋଲିସ ଉପସ୍ଥିତିରେ ବହୁ ହତ୍ୟା, ବଳାତ୍କାରର ଘଟଣା ମଧ୍ୟ ଘଟିଥିଲା। ବିଦାୟୀ ସରକାର ପକ୍ଷପାତିତାମୂଳକ କାର୍ଯ୍ୟାନୁଷ୍ଠାନ ବା ଶାସନକୁ ବିରୋଧ କରି କୁକି ସମ୍ପ୍ରଦାୟର ବିଧାୟକ ଏବଂ ମନ୍ତ୍ରୀମାନେ ବିଧାନସଭାକୁ ବର୍ଜନ କରିବା ଯୋଗୁଁ କୌଣସି ଅଧିବେଶନ ଅନୁଷ୍ଠିତ ମଧ୍ୟ ହୋଇପାରିନଥିଲା। ମୁଖ୍ୟମନ୍ତ୍ରୀ ପଦରୁ ବିରେନ ସିଂଙ୍କ ଇସ୍ତଫା ପରେ ପରେ ନୂଆ ନେତା ନିର୍ବାଚିତ ହୋଇନପାରିବାରୁ ସାମ୍ବିଧାନିକ ସଂକଟ ଏଡାଇବା ଲାଗି ଶେଷରେ ରାଜ୍ୟପାଳଙ୍କ ସୁପାରିଶ କ୍ରମେ କେନ୍ଦ୍ର ସରକାର ବିଦାନସଭାକୁ ନିଲମ୍ବିତ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିଥିଲେ। ଗତ ଶନିବାର ଜାତିଆଣ ହିଂସାର ଦ୍ୱିତୀୟ ବର୍ଷ ପୁରଣ ସିଭିଲି ସୋସାଇଟ୍ ପକ୍ଷରୁ ପାଳନ କରାଯାଇଥିବା ସମୟରେ ଏବେ ବି କାଁ ଭାଁ ହିଂସା ଲାଗି ରହିଛି। ସମ୍ପୂର୍ଣ୍ଣ ଥମି ନାହିଁ। ତେବେ ଦଙ୍ଗାର କ୍ଷତ ଲିଭାଇବା ପାଇଁ ବର୍ତ୍ତମାନଠାରୁ ପ୍ରଶାସନ ପ୍ରକ୍ରୀୟା ଆରମ୍ଭ କରିବା ଜରୁରୀ। ଏକ ଲୋକପ୍ରିୟ ସରକାରଙ୍କ ଦ୍ୱାରା ହିଁ ଏହା ସମ୍ଭବ ହେବ। ତେଣୁ ବିଧାୟକମାନଙ୍କ ଦାବିକୁ ଗୁରୁତର ସହକାରେ ନେଇ କେନ୍ଦ୍ର ସରକାର ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର କରିବା ସଙ୍ଗେ ସଙ୍ଗେ ଏକ ଲୋକପ୍ରିୟ ସରକାର ଗଠନ ପ୍ରକ୍ରୀୟା ଆରମ୍ଭ କରିବା ପାଇଁ ଏବେ ଉପଯୁକ୍ତ ସମୟ ଆସିଛି।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨, ମୋବାଇଲ୍: ୭୯୭୮୬୬୬୪୦୩**

# କଶ୍ମୀରରେ ୨ ଜଳବିଦ୍ୟୁତ୍ ପ୍ରକଳ୍ପ କାମ ଆରମ୍ଭ

**ନୂଆଦିଲ୍ଲୀ,୫।୫:** ପାକିସ୍ତାନ ସହ ଉତ୍ତେଜନା ଲାଗି ରହିବା ପରେ ଭାରତ କାଶ୍ମୀରରେ ଥିବା ଦୁଇଟି ଜଳବିଦ୍ୟୁତ୍ ପ୍ରକଳ୍ପରେ ଜଳଭଣ୍ଡାର ଧାରଣ କ୍ଷମତା ବୃଦ୍ଧି ପାଇଁ କାର୍ଯ୍ୟ ଆରମ୍ଭ କରିଛି ବୋଲି ସୂତ୍ରରୁ ପ୍ରକାଶ। ଆଣବିକ ଶକ୍ତି ସମ୍ପନ୍ନ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ତିନୋଟି ଯୁଦ୍ଧ ଏବଂ ଅନ୍ୟାନ୍ୟ ସଂଘର୍ଷ ସତ୍ତ୍ୱେ ୧୯୬୦ ମସିହାରୁ ଅକ୍ଷୁଣ୍ଣ ଥିବା ସିନ୍ଧୁ ଜଳ ଚୁକ୍ତି ଅଧୀନରେ ଥିବା ଚୁକ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଭାରତର ପ୍ରଥମ ଠୋସ୍ ପଦକ୍ଷେପ ହେଉଛି ଏହି କାର୍ଯ୍ୟ।

ତେବେ ଗତ ମାସରେ କାଶ୍ମୀରରେ ହୋଇଥିବା ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇବା ପରେ ୮୦ ପ୍ରତିଶତ ପାକିସ୍ତାନୀ ଫାର୍ମକୁ ଯୋଗାଣ ସୁନିଶ୍ଚିତ କରିବା ପାଇଁ ହୋଇଥିବା ଚୁକ୍ତିକୁ ନୂଆଦିଲ୍ଲୀ ସ୍ଥଗିତ ରଖିଥିଲା ଏବଂ ତିନି ଜଣ ଆକ୍ରମଣକାରୀଙ୍କ ମଧ୍ୟରୁ ୨ ଜଣ ପାକିସ୍ତାନୀ ବୋଲି ଚିହ୍ନଟ କରିଥିଲା। ଇସଲାମାବାଦ ଭାରତର ଏହି ପଦକ୍ଷେପକୁ ନେଇ ଅନ୍ତର୍ଜାତୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଧମକ ଦେଇଛି, ଆକ୍ରମଣରେ କୌଣସି ଭୂମିକାକୁ ଅସ୍ୱୀକାର କରିଛି ଏବଂ ଚେତାବନୀ ଦେଇ କହିଛି, 'ପାକିସ୍ତାନର ଜଳ ପ୍ରବାହକୁ ଅଟକାଇବା କିମ୍ବା ବଦଳାଇବାର କୌଣସି ପ୍ରୟାସ ଏହାକୁ ଯୁଦ୍ଧ କାର୍ଯ୍ୟ ଭାବେ ବିବେଚନା କରାଯିବ।' ଭାରତର ସର୍ବବୃହତ ଜଳବିଦ୍ୟୁତ କମ୍ପାନୀ ରାଷ୍ଟ୍ରାୟତ୍ତ ଏନ୍‌ଏଚପିସି ଲିମିଟେଡ୍ ଏବଂ ସଂଘୀୟ ଅଞ୍ଚଳ ଜମ୍ମୁ-କାଶ୍ମୀରର କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୁରୁବାର ଠାରୁ ତଳପଟୁ ହଟାଇବା ପାଇଁ 'ଜଳଭଣ୍ଡାର ଫ୍ଲସିଂ' ପ୍ରକ୍ରିୟା ଆରମ୍ଭ ହୋଇଛି। ଜଳସେଚନ ଓ ଜଳବିଦ୍ୟୁତ୍ ପାଇଁ ଭାରତ ଦେଇ ପ୍ରବାହିତ ହେଉଥିବା ନଦୀ ଉପରେ ନିର୍ଭର କରୁଥିବା ପାକିସ୍ତାନକୁ ଏହି କାମ ତୁରନ୍ତ ଯୋଗାଣ ପ୍ରତି ବିପଦ ସୃଷ୍ଟି କରିବ ନାହିଁ, କିନ୍ତୁ ଯଦି ଅନ୍ୟ ପ୍ରକଳ୍ପ ଗୁଡ଼ିକ ସମାନ ପ୍ରୟାସ ଆରମ୍ଭ କରନ୍ତି ତେବେ ଏହା ଶେଷରେ ପ୍ରଭାବିତ ହୋଇପାରେ। ଏହି ଅଞ୍ଚଳରେ ଏଭଳି ଅଧା ଡଜନରୁ ଅଧିକ ପ୍ରକଳ୍ପ ରହିଛି। ୧୯୮୭ ଓ ୨୦୦୮/୦୯ରେ ନିର୍ମାଣ ହେବା ପରେ ପ୍ରଥମ ଥର ପାଇଁ ସଲାଲ ଓ ବାଗଲିହାର ପ୍ରକଳ୍ପର କାର୍ଯ୍ୟ ସମ୍ପର୍କରେ ଭାରତ ପାକିସ୍ତାନକୁ ସୂଚନା ଦେଇନାହିଁ। ଗଣମାଧ୍ୟମ ସହ କଥା ବାର୍ତ୍ତା କରିବା ପାଇଁ ସେମାନଙ୍କୁ ଅଧିକାର ନଥିବାରୁ ସେମାନେ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ୧୯୪୭ମସିହାରେ ବ୍ରିଟିଶ ଉପନିବେଶବାଦୀ ଶାସନରୁ ସ୍ୱାଧୀନତା ପାଇବା ପରଠାରୁ ଭାରତ ଓ ପାକିସ୍ତାନ କାଶ୍ମୀରକୁ ନେଇ ସେମାନଙ୍କର ତିନୋଟି ଯୁଦ୍ଧ ମଧ୍ୟରୁ ଦୁଇଟି ଲଢ଼ିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମେ ପହିଲାରୁ ତିନି ଦିନ ଧରି ଏହି ଫ୍ଲସିଂ ଅପରେସନ ଚାଲିଥିଲା। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ଥର ପାଇଁ ଏଭଳି ଅଭ୍ୟାସ କରାଯାଇଛି ଏବଂ ଏହା ଅଧିକ ଦକ୍ଷ ଶକ୍ତି ଉତ୍ପାଦନ ଏବଂ ଟର୍ବାଇନ୍ ର କ୍ଷୟକ୍ଷତିକୁ ରୋକିବାରେ ସହାୟକ ହେବ। ମେ ପହିଲାରୁ ଡ୍ୟାମ୍ ଚଳାଚଳକୁ ଯେକୌଣସି କଟକଣାରୁ ମୁକ୍ତ କରିବା ପାଇଁ ଏହି ପ୍ରୟାସ କରାଯାଇଥିବା ବେଳେ ସଫେଇ ପାଇଁ ଆଡଜଷ୍ଟେବଲ୍ ଗେଟ୍ ଖୋଲିବାକୁ ମଧ୍ୟ କୁହାଯାଇଥିଲା। ଜମ୍ମୁ-କାଶ୍ମୀରର ଚେନାବ ନଦୀ କୂଳରେ ରହୁଥିବା ଲୋକମାନେ କହିଛନ୍ତି ଯେ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଉଭୟ ସଲାଲ ଏବଂ ବାଗଲିହାର ଡ୍ୟାମରୁ ପାଣି ଛଡ଼ାଯାଇଥିବା ସେମାନେ ଦେଖିଛନ୍ତି।



### ପୂର୍ବତନ ସ୍ଲିପର ସେଲ୍ ସଦସ୍ୟଙ୍କ ଦାବି

# ଆତଙ୍କୀଙ୍କୁ ମିଳିଛି ସ୍ଥାନୀୟ ସହଯୋଗ



**ନୂଆଦିଲ୍ଲୀ,୫।୫:** ପହଲଗାମ ଆକ୍ରମଣ ନେଇ ଆସିଛି ବଡ଼ ଖବର। ସ୍ଲିପର ସେଲର ଜଣେ ପୂର୍ବତନ ସଦସ୍ୟ କହିଛନ୍ତି ଯେ ପହଲଗାମ ଆକ୍ରମଣ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କ ସହାୟତା ବିନା ସମ୍ଭବ ହୋଇନଥାନ୍ତା ଏବଂ ସେମାନଙ୍କ ମଧ୍ୟରୁ ପାଖାପାଖି ୫-୬ ଜଣ ଏହି ହତ୍ୟାକାଣ୍ଡ ଘଟାଇଥିବା ଲସ୍କର ଆତଙ୍କବାଦୀଙ୍କ ସହ ଯୋଗାଯୋଗରେ ଥିଲେ। ଏକ ଇଂରାଜୀ ଗଣମାଧ୍ୟମକୁ ଦେଇଥିବା ସ୍ୱତନ୍ତ୍ର ସାକ୍ଷାତକାରରେ ସେ କହିଛନ୍ତି ଯେ ମାସକ ପୂର୍ବରୁ ସ୍ଲିପର ସେଲ୍ ସଦସ୍ୟଙ୍କ ସହ ପରାମର୍ଶ କରାଯାଇଥିଲା ଏବଂ ବୈସରଣ ଉପତ୍ୟକାରେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ପୂର୍ବରୁ ସବୁ କିଛି ଆଗୁଆ ଯୋଜନା କରାଯାଇଥିଲା। ଯଦି ମୁଁ ଶ୍ରୀନଗରରେ ଆକ୍ରମଣ କରିଥାନ୍ତି, ତେବେ ମୁଁ କେବଳ ଅନ୍ଧ ଭାବରେ ଯାଇନଥାନ୍ତି। ତେଣୁ ସ୍ଲିପର ସେଲ୍ ଅପରେଟିଭଙ୍କ ସହାୟତା ବିନା ପହଲଗାମ ଆକ୍ରମଣ ସମ୍ଭବ ହୋଇନଥାନ୍ତା। ମୁଁ କେମିତି ଜାଣିବି ସେଠାରେ କେତେ ସୈନିକ ମୁତୟନ ଅଛନ୍ତି? ଆକ୍ରମଣ ପୂର୍ବରୁ ମୋତେ ସେହି ଅଞ୍ଚଳକୁ ଖୋଜିବାକୁ ପଡ଼ିବ। ସ୍ଲିପର ସେଲ୍ ହିଁ ଏହି ସୂଚନା ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି। ଦୁଇ ବର୍ଷରୁ ଅଧିକ ଜେଲ୍ ଦଣ୍ଡ ଭୋଗୁଥିବା କିନ୍ତୁ ପରେ ସେ ରାସ୍ତା ଛାଡିଦେଇଥିବା କାଶ୍ମୀର ବାସିନ୍ଦା ଜଣକ କହିଛନ୍ତି ଯେ ସେନାର ଗତିବିଧି ଉପରେ ଗୁଇନ୍ଦା ସୂଚନା ପ୍ରଦାନ କରିବା ଏବଂ ଆତଙ୍କବାଦୀଙ୍କୁ ଖାଦ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ କରିବା ହେଉଛି ସ୍ଲିପର ସେଲର କାମ। ସେ କହିବା ଅନୁଯାୟୀ ସେଠାରେ ଆତଙ୍କବାଦୀଙ୍କ ସହ ପ୍ରାୟ ୫-୬ ଜଣ ସ୍ଲିପର ସେଲ୍ ସଦସ୍ୟ କାମ କରୁଥିଲେ ଏବଂ ସେମାନେ ନିଶ୍ଚିତ ଭାବରେ ସେହି ସ୍ଥାନର ସ୍ଥିତି ବିଷୟରେ ସୂଚନା ଦେଇଥିବେ। ସମ୍ଭବତଃ ସେମାନେ ଏକ ମାସ ପୂର୍ବରୁ ଏ ନେଇ ଆଲୋଚନା କରିଥିଲେ, ସବୁ କିଛି ଆଗୁଆ ଯୋଜନା କରିଥିଲେ। ସେ କହିଛନ୍ତି ଯେ ସେ ପ୍ରାୟ ୨-୪ ବର୍ଷ ଧରି ଆତଙ୍କବାଦୀଙ୍କ ସହ କାମ କରିଥିଲେ। ମୁଁ ବହୁତ ସାହାଯ୍ୟ କରିଥିଲି - ସାମଗ୍ରୀ ନେବା, ରାତିରେ ବାହାରକୁ ଯିବା। ମୋ ଜରିଆରେ ଅନେକ ଆକ୍ରମଣ ହୋଇଥିଲା ବୋଲି ସେ କହିଛନ୍ତି।

## ୱାକଫ୍ ମାମଲାର ଶୁଣାଣି କରିବେ ପରବର୍ତ୍ତୀ ପ୍ରଧାନ ବିଚାରପତି

**ନୂଆଦିଲ୍ଲୀ,୫।୫:** ସୁପ୍ରିମକୋର୍ଟରେ ୱାକଫ ସଂଶୋଧନ ଆଇନ ସହ ଜଡ଼ିତ ଏକ ମାମଲାର ଶୁଣାଣି ହୋଇଥିଲା। କୋର୍ଟ ମାମଲାର ଶୁଣାଣି ପାଇଁ ପରବର୍ତ୍ତୀ ସପ୍ତାହ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟ ଏବେ ଆସନ୍ତା ଗୁରୁବାର ଅର୍ଥାତ୍ ୧୫ ମଇରେ ଏହି ମାମଲାର ଶୁଣାଣି କରିବେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ୧୩ ମଇରେ ଅବସର ନେଉଛନ୍ତି। ଏପରି ପରିସ୍ଥିତିରେ, ଏବେ ପରବର୍ତ୍ତୀ ସିଜେଆଇ ଅର୍ଥାତ୍ ଜଷ୍ଟିସ୍ ବି.ଆର. ଗଭାଇଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ଆଜି ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ଏହି ମାମଲାରେ ପାଞ୍ଚଟି ଆବେଦନ ଏବଂ ଏହି ନୂତନ ଆଇନ ସମ୍ପର୍କରେ ଦାଖଲ ହୋଇଥିବା ନୂତନ ଆବେଦନର ଶୁଣାଣି କରିଥିଲେ। ସିଜେଆଇ ସଞ୍ଜିବ ଖାନ୍ନା କହିଛନ୍ତି, 'ଆମେ ଏହା ଉପରେ ଥିବା ଆପତ୍ତି ଏବଂ ସରକାରଙ୍କ ଉତ୍ତର ପଢ଼ିଛୁ।' ହଁ, ପଞ୍ଜୀକରଣ ଏବଂ ଅନ୍ୟ କିଛି ତଥ୍ୟ ଉପରେ କିଛି ପ୍ରଶ୍ନ ଉଠାଯାଇଛି, ଯାହା ଉପରେ ଆବେଦନକାରୀମାନେ ଆପତ୍ତି ଉଠାଇଛନ୍ତି। ଏହାର ବିଚାର କରାଯିବା ଉଚିତ। ଦୁଇଟି ପ୍ରସଙ୍ଗ ଉପରେ ଧ୍ୟାନ ଦେବାକୁ ପଡିବ ମୁଁ ଶେଷ ପର୍ଯ୍ୟାୟରେ ମଧ୍ୟ କୌଣସି ନିଷ୍ପତ୍ତି କିମ୍ବା ଆଦେଶ ସଂରକ୍ଷଣ ରଖିବାକୁ ଚାହୁଁନାହିଁ। ଏହି ମାମଲାର ଶୁଣାଣି ଉପଯୁକ୍ତ ଦିନରେ ହେବା ଉଚିତ। ଏହା ମୋ ସାମ୍ନାରେ ଘଟିବ ନାହିଁ। ଆମେ ଏହାକୁ ବୁଧବାର କିମ୍ବା ଗୁରୁବାର ଜଷ୍ଟିସ୍ ଗଭାଇଙ୍କ ଖଣ୍ଡପୀଠ ସମ୍ମୁଖରେ ଅନ୍ତରୀଣ ଏବଂ ଚୂଡ଼ାନ୍ତ ଆଦେଶ ପାଇଁ ରଖିବୁ।

## ସ୍ୱଦେଶୀ ନିର୍ମିତ କ୍ଷେପଣାସ୍ତ୍ର ପରୀକ୍ଷଣ କଲେ ନୌସେନା-ଡିଆରଡିଓ




**ନୂଆଦିଲ୍ଲୀ, ୫।୫:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ କଡ଼ା ଜବାବ ଦେବାକୁ ପ୍ରସ୍ତୁତ ହେଉଛି ଭାରତ । ଏଥିଲାଗି ଭାରତୀୟ ସେନା ପକ୍ଷରୁ ଗୋଟିଏ ପରେ ଗୋଟିଏ କ୍ଷେପଣାସ୍ତ୍ର ଏବଂ ଅସ୍ତ୍ରଶସ୍ତ୍ରର ପରୀକ୍ଷଣ କରାଯାଉଛି। ଏହାରି ଭିତରେ ସାମ୍ନାକୁ ଆସିଛି ଭାରତୀୟ ନୌସେନାର ଆଉ ଏକ ପରାକ୍ରମ ଭିଡିଓ। ଡିଆରଡିଓ ସହ ମିଳିତ ଭାବେ ଭାରତୀୟ ନୌସେନା 'ମଲ୍ ଟି ଇନଫ୍ଲୁଏନ୍ସ ଗ୍ରାଉଣ୍ଡ ମାଇନ' ଏମଆଇଜିଏମର ସଫଳ ପରୀକ୍ଷଣ କରିଛି । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି ଗ୍ରାଉଣ୍ଡ ମାଇନ ପରୀକ୍ଷଣ ସମୟର ଭିଡିଓ ଯିଏ ଦେଖିବ ଭାରତୀୟ ନୌସେନାର ଶକ୍ତିର ଅନୁମାନ କରିପାରିବ। ଏହି ଉପଲବ୍ଧି ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ନୌସେନା ସହ ଜଡ଼ିତ ଇଣ୍ଡଷ୍ଟ୍ରିକୁ ଅଭିନନ୍ଦନ ଜଣାଇଛନ୍ତି । ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ଭାରତର ଆତ୍ମନିର୍ଭର ରକ୍ଷା ପ୍ରାଣାଳୀକୁ ଆହୁରି ଶକ୍ତିଶାଳୀ କରିବ। ଏଥିସହ ସମୁଦ୍ର ଗର୍ଭରେ ଭାରତୀୟ ନୌସେନାର ଯୁଦ୍ଧ କ୍ଷମତା ବଢ଼ାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେବ। ଅନ୍ୟପଟେ ଯୁଦ୍ଧ ପାଇଁ ବଡ଼ ତୟାରୀ ଆରମ୍ଭ କରିଦେଇଛି ଭାରତ । ପାକିସ୍ତାନ ସହ ଉତ୍ତେଜନା ମଧ୍ୟରେ ଦେଶର ଅଧିକାଂଶ ରାଜ୍ୟକୁ ଗୃହ ମନ୍ତ୍ରାଳୟ ପକ୍ଷରୁ ମେ' ୭ରେ ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଦିଆଯାଇଥିବା ନିର୍ଦ୍ଦେଶରେ ଏୟାର୍ ରେଡ୍ ୱାର୍ଣ୍ଣିଂ ସାଇରନ୍ କାର୍ଯ୍ୟକ୍ଷମ କରାଯିବାକୁ କୁହାଯାଇଛି । ଆକାଶରୁ ହମଲା ହେଲେ ସାଇରନ୍ ବାଜିବାର ପୂର୍ବାଭ୍ୟାସ କରାଯିବ । ସେହିପରି ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ କ୍ରାଶ୍ ବ୍ଲାକ୍ ଆଉଟ୍ ବା ଅଚାନକ୍ ବିଦ୍ୟୁତ ବିଭ୍ରାଟ ପାଇଁ ପ୍ରସ୍ତୁତି କରିବାକୁ କୁହାଯାଉଛି । ଏଥିରୁ ଭାରତ ଯେକୌଣସି ମୁହୂର୍ତ୍ତରେ ପାକିସ୍ତାନ ଉପରେ ଆକ୍ରମଣ ନେଇପାରେ ବୋଲି ଅନୁମାନ କରାଯାଉଛି ।

## ୧୫୦୦ କୋଟି ଟଙ୍କାର ମନି ଲଣ୍ଡ୍ରିଂ ଅଭିଯୋଗରେ ପୂର୍ବତନ କଂଗ୍ରେସ ନେତା ଗିରଫ



**ଚଣ୍ଡିଗଡ଼,୫।୫:** ହରିୟାଣା କଂଗ୍ରେସର ପୂର୍ବତନ ବିଧାୟକ ଧର୍ମ ସିଂହ ଛୋକ୍କରଙ୍କୁ ଗିରଫ କରିଛି ଇଡି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଛୋକ୍କରଙ୍କୁ ଦିଲ୍ଲୀରୁ ଗିରଫ କରିଛି। ପୂର୍ବତନ ବିଧାୟକ ଏବଂ ତାଙ୍କ କମ୍ପାନୀ ଦୀନଦୟାଲ ଆବାସ ଯୋଜନା ଅଧୀନରେ ପ୍ରାୟ ୧୫୦୦ କୋଟି ଟଙ୍କାର ମନି ଲଣ୍ଡରିଂ କରିଥିବା ଅଭିଯୋଗ ହୋଇଛି। ଧର୍ମ ସିଂହ ଛୋକ୍କର ହରିୟାଣାର ସମଲଖା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ରହିଥିଲେ । ତାଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଜମି ଦୁର୍ନୀତି ଅଭିଯୋଗ ଆସିଥିଲା । ପୂର୍ବରୁ ମଧ୍ୟ, ଛୋକ୍କର ଏବଂ ତାଙ୍କ ପରିବାରଙ୍କ ଘରେ ଚଢ଼ାଉ କରାଯାଇଥିଲା । ବିପୁଳ ପରିମାଣର ଡକ୍ୟୁମେଣ୍ଟ ଓ ସନ୍ଦେହଜନକ କାରବାରର ପ୍ରମାଣ ମଧ୍ୟ ମିଳିଥିଲା । ଗିରଫ ପରେ ଧର୍ମ ସିଂହ ଛୋକ୍କରଙ୍କୁ କୋର୍ଟରେ ହାଜର କରାଯିବ ଯେଉଁଠାରେ ଇଡି ତାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିପାରେ। ଯାହାଫଳରେ ପଚରାଉଚରା ମାଧ୍ୟମରେ ସମଗ୍ର ନେଟୱାର୍କ ଏବଂ ଅନ୍ୟାନ୍ୟ ସହଯୋଗୀମାନଙ୍କ ବିଷୟରେ ସୂଚନା ସଂଗ୍ରହ କରାଯାଇପାରିବ।

## ଦାୟିତ୍ୱ ଗ୍ରହଣ କଲେ ଏନ୍‌ଏଫ୍‌ଡିସି ଏମ୍‌ଡି



**ନୂଆଦିଲ୍ଲୀ,୫।୫:** ଆଜି ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନଏଫଡିସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ପ୍ରକାଶ ମଗଦୁମ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମଗଦୁମ ୧୯୯୯ ବ୍ୟାଚ୍‌ର ଭାରତୀୟ ସୂଚନା ସେବା ଅଧିକାରୀ। ଏହା ପୂର୍ବରୁ ସେ ଅହମ୍ମଦାବାଦରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ସଫଳତାର ସହ କାର୍ଯ୍ୟ କରିସାରିଛନ୍ତି। ନିଜର ଦୁଇ ଦଶନ୍ଧିର ଲମ୍ବା କ୍ୟାରିୟରରେ ଶ୍ରୀ ମଗଦୁମ ପୁଣେର ଜାତୀୟ ଚଳଚ୍ଚିତ୍ର ଅଭିଲେଖାଗାର (ଏନଏଫଏଆଇ)ର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ଚଳଚ୍ଚିତ୍ର ଅଭିଲେଖାଗାର ଓ ପୁନରୁଦ୍ଧାର ପ୍ରୟାସ ମାଧ୍ୟମରେ ଭାରତର ସିନେମା ଐତିହ୍ୟକୁ ସଂରକ୍ଷଣ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଶ୍ରୀ ମଗଦୁମ୍ ଭାରତୀୟ ଚଳଚ୍ଚିତ୍ର ଏବଂ ଟେଲିଭିଜନ ସଂସ୍ଥାନ (ଏଫଟିଆଇଇ)ର ରେଜିଷ୍ଟ୍ରାର ଓ ତିରୁଅନନ୍ତପୁରମରେ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଭାବେ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି।

## ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ୫ ଜୀବନ୍ତ ଦଗ୍ଧ

**ଲକ୍ଷ୍ନୌ,୫।୫:** ଉତ୍ତରପ୍ରଦେଶ କାନପୁରର ଚମନଗଞ୍ଜରେ ଭୟାବହ ଅଗ୍ନିକାଣ୍ଡ। ଗୋଟିଏ ପରିବାରର ୫ଜଣଙ୍କ ମୃତ୍ୟୁ ହୋଇଛି । ଗତକାଲିରେ ରାତିରେ ଚମନଗଞ୍ଜ ଅଞ୍ଚଳର ୫ ମହଲା କୋଠାରେ ହଠାତ ନିଆଁ ଲାଗିଯାଇଥିଲା । ଏଥିରେ ବାପା, ମାଆଙ୍କ ସମେତ ୩ ଛୁଆଙ୍କ ଜୀବନ ଯାଇଛି । ସମସ୍ତ ମୃତଦେହ ଉଦ୍ଧାର କରାଯାଇଛି । ନିଆଁ ଏତେ ଭୟଙ୍କରା ଥିଲା ଯେ ଆୟତ୍ତ କରିବାକୁ ଦମକଳ ବାହିନୀକୁ ୮ ଘଣ୍ଟା ସମୟ ଲାଗିଥିଲା। ଅନ୍ୟପଟେ ଅଗ୍ନିକାଣ୍ଡର ଭୟାବହତାକୁ ଦୃଷ୍ଟିରେ ରଖି, ଆଖପାଖ କୋଠାଗୁଡ଼ିକୁ ଖାଲି କରାଯାଇଛି । ଅଗ୍ନିଶମ ବାହିନୀର କର୍ମଚାରୀମାନେ ସିଡ଼ି ବ୍ୟବହାର କରି କୋଠାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି। ସୂଚନା ଅନୁଯାୟୀ, ପାଞ୍ଚ ମହଲା ବିଶିଷ୍ଟ କୋଠାରେ ଏକ ବେଆଇନ ଜୋତା କାରଖାନା ଚାଲୁଥିଲା । ଯଦିଓ ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ, ପ୍ରାରମ୍ଭିକ ତଦନ୍ତରୁ ସର୍ଟସକିଟରୁ ନିଆଁ ଲାଗିଥିବା ଜଣାପଡିଛି। କୁହାଯାଏ ଯେ ନିଆଁ ଧୀରେ ଧୀରେ ଭୟଙ୍କର ରୂପ ନେଇଥିଲା ଏବଂ ସମଗ୍ର କୋଠାଟି ନିଆଁରେ ପୋଡ଼ି ଯାଇଥିଲା। ବର୍ତ୍ତମାନ ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରହିଛି। ସମଗ୍ର ପ୍ରଶାସନିକ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ।



## ପାକିସ୍ତାନୀ ନାଗରିକଙ୍କୁ ଗିରଫ କଲା ବିଏସଏଫ




**ନୂଆଦିଲ୍ଲୀ,୫।୫:** ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ବିଏସଏଫ ଯବାନ ପଞ୍ଜାବର ଗୁରୁଦାସପୁରରେ ଜଣେ ପାକିସ୍ତାନୀ ନାଗରିକଙ୍କୁ ଗିରଫ କରିଛି। ଏହି ଘଟଣାଟି ମଇ ୩ ତାରିଖ ବିଳମ୍ବିତ ରାତିରେ ଘଟିଥିବା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଗିରଫ ପାକିସ୍ତାନୀ ଯୁବକ ଜଣକ ଗୁଜରାନୱାଲାର ବାସିନ୍ଦା ଥିବା ଜଣାପଡ଼ିଛି। ଗିରଫ ପାକିସ୍ତାନ ନାଗରିକଙ୍କ ଠାରୁ ବିଏସଏଫ ଯବାନମାନେ କିଛି ଟଙ୍କା ଏବଂ ଏକ ପରିଚୟପତ୍ର ଜବତ କରି ପଚରାଉଚରା ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଗତ ମଇ ୩ ତାରିଖ ଶନିବାର ଦିନ ରାଜସ୍ଥାନରେ ବିଏସଏଫ ଯବାନମାନେ ଭାରତ-ପାକିସ୍ତାନ ସୀମାରେ ଜଣେ ପାକିସ୍ତାନୀ ରେଞ୍ଜରଙ୍କୁ ଅଟକ ରଖିଥିଲେ। ସମାନ ଦିନ ବିଳମ୍ବିତ ରାତିରେ ବିଏସଏଫ ଯବାନମାନେ ପଞ୍ଜାବର ଗୁରୁଦାସପୁରରେ ଜଣେ ପାକିସ୍ତାନୀ ନାଗରିକଙ୍କୁ ଗିରଫ କରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସୀମାନ୍ତ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୀମା ସୁରକ୍ଷା ବଳ ତିନିଟି ପୃଥକ ଘଟଣାରେ ପଞ୍ଜାବର ଅନ୍ତର୍ଜାତୀୟ ସୀମା ନିକଟରେ ଏକ ଡ୍ରୋନ୍, ଏକ ପିସ୍ତଲ ଫ୍ରେମ୍ ଏବଂ ହେରୋଇନ୍ ଭର୍ତ୍ତି ଏକ ପ୍ୟାକେଟ ଜବତ କରିଛି। ପ୍ରଥମ ଘଟଣାରେ, ଲଖା ସିଂହ ୱାଲା ଗାଁରେ ଅନ୍ତର୍ଜାତୀୟ ସୀମା ନିକଟରେ ନିୟୋଜିତ ବିଏସଏଫ ଯବାନମାନେ ଏକ ଜମିରୁ ଏକ ପିସ୍ତଲ ଫ୍ରେମ୍ ଏବଂ ଦୁଇଟି ପତ୍ରିକା ଜବତ କରିଥିଲେ। ଏହାବ୍ୟତୀତ ଗୁପ୍ତ ସୂଚନା ଆଧାରରେ ବିଏସଏଫ ଅମୃତସର ଜିଲ୍ଲାର ମହାୱା ଗାଁ ନିକଟରେ ଏକ ସର୍ଚ୍ଚ ଅପରେସନ କରିଥିଲା।

### ଭାରତ-ପାକ ଉତ୍ତେଜନା

## ଶାନ୍ତି ପ୍ରତିଶ୍ରୁତିକୁ ସମର୍ଥନ କରିବାକୁ ପ୍ରସ୍ତୁତ: ଜାତିସଂଘ ମୁଖ୍ୟ



**ନୂଆଦିଲ୍ଲୀ,୫।୫:** ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବର୍ଷର ସର୍ବୋଚ୍ଚ ସ୍ତରରେ ଥିବାରୁ ଉଦବେଗ ପ୍ରକାଶ କରିବା ସହ ଅଧିକରୁ ଅଧିକ ସଂଯମ ରକ୍ଷା କରିବା ସହ ସଂଘର୍ଷରୁ ଓହରିଯିବାକୁ ଆହ୍ୱାନ ଦେଇଛନ୍ତି। 'କୌଣସି ଭୁଲ କର ନାହିଁ। ସାମରିକ ସମାଧାନ କୌଣସି ସମାଧାନ ନୁହେଁ ବୋଲି ଗୁଟେରେସ୍ ଏକ ସଂକ୍ଷିପ୍ତ ବିବୃତିରେ କହିଛନ୍ତି। ଗୁଟେରେସ୍ ଆହୁରି ମଧ୍ୟ କହିଛନ୍ତି ଯେ ଏପ୍ରିଲ ୨୨ ରେ ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ସେ 'କଷ୍ଟ ଭାବନା' ବୁଝିଛନ୍ତି ଏବଂ ପୁଣି ଥରେ ସେହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି ଏବଂ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା ଗ୍ରହଣୀୟ ନୁହେଁ ଏବଂ ଏଥିପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ବିଶ୍ୱସନୀୟ ଏବଂ ଆଇନଗତ ଉପାୟରେ ଦଣ୍ଡ ମିଳିବା ଦରକାର ବୋଲି ସେ କହିଛନ୍ତି। ଶାନ୍ତି ସେବାରେ ଉଭୟ ସରକାରଙ୍କୁ ତାଙ୍କର 'ଶୁଭ କାମନା' ପ୍ରଦାନ କରିବାକୁ ସେ ଦୋହରାଇଛନ୍ତି। ଉତ୍ତେଜନା ହ୍ରାସ, କୂଟନୀତି ଏବଂ ଶାନ୍ତି ପ୍ରତି ନୂତନ ପ୍ରତିବଦ୍ଧତାକୁ ପ୍ରୋତ୍ସାହନ ଦେଉଥିବା ଯେ କୌଣସି ପଦକ୍ଷେପକୁ ସମର୍ଥନ କରିବାକୁ ଜାତିସଂଘ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।

# ମହାକାଳେଶ୍ୱର ମନ୍ଦିରରେ ଭୟଙ୍କର ଅଗ୍ନିକାଣ୍ଡ



**ଭୋପାଲ,୫।୫:** ଉଜ୍ଜୟିନୀର ବିଶ୍ୱ ପ୍ରସିଦ୍ଧ ବାବା ମହାକାଳେଶ୍ୱର ମନ୍ଦିରରେ ଭୟଙ୍କର ଅଗ୍ନିକାଣ୍ଡ। ସୋମବାର ଘଟିଥିବା ଏହି ଅଗ୍ନିକାଣ୍ଡର ନିଆଁ ଏବଂ ଧୂଆଁ ପ୍ରାୟ ଏକ କିଲୋମିଟର ଦୂରକୁ ଦେଖାଯାଉଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ତିନୋଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ସୂଚନା ଅନୁଯାୟୀ, ମନ୍ଦିର ପରିସରରେ ଥିବା କଣ୍ଟ୍ରୋଲ ରୁମ୍‌ରେ ଥିବା ବ୍ୟାଟେରୀରୁ ନିଆଁ ଲାଗିଥିଲା। ଏହି ଘଟଣାରେ କେହି ହତାହତ ହୋଇଥିବାର ସୂଚନା ମିଳିନାହିଁ। ତେବେ ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ନଷ୍ଟ ହୋଇଯାଇଥିବାର କୁହାଯାଇଛି। ଘଟଣା ପରେ ତୁରନ୍ତ ମହାକାଳ ମନ୍ଦିର କମିଟିର ବରିଷ୍ଠ ଅଧିକାରୀମାନେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ। ଅଗ୍ନିକାଣ୍ଡ ପରେ, ମନ୍ଦିରରେ ଭକ୍ତମାନଙ୍କ ପ୍ରବେଶ ବନ୍ଦ କରାଯାଇଥିଲା। ସୋମବାର ଦିନ ମହାକାଳ ମନ୍ଦିରରେ ଯେତେବେଳେ ଏହି ଘଟଣା ଘଟିଥିଲା, ସେତେବେଳେ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ସୋମବାର ଥିବାରୁ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ସୌଭାଗ୍ୟବଶତଃ, ଏହି ଅଗ୍ନିକାଣ୍ଡ ଘଟଣାରେ କୌଣସି କ୍ଷତିର ଖବର ନାହିଁ। ଘଟଣାର ସୂଚନା ପାଇବା ମାତ୍ରେ କଲେକ୍ଟର ରୋଶନ ସିଂହ, ମହାକାଳ ମନ୍ଦିର ପ୍ରଶାସକ ପ୍ରଥମ କୌଶିକ, ଉଜ୍ଜୟିନୀ ଏସପି ପ୍ରଦୀପ ଶର୍ମା, ନଗର ନିଗମ କମିଶନର ଆଶିଷ ପାଠକ ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମହାକାଳ ମନ୍ଦିର ପ୍ରଶାସକ ପ୍ରଥମ କୌଶିକଙ୍କ ଅନୁଯାୟୀ, ମନ୍ଦିରର ଗେଟ୍ ନମ୍ବର ୧ରେ ଅବସ୍ଥିତ ଅବନ୍ତିକା ଗେଟ୍‌ର କନଟ୍ରୋଲର ରୁମ୍‌ର ଛାତ ଉପରେ ଏହି ଦୁର୍ଘଟଣା ଘଟିଥିଲା। ପଲ୍ୟୁସନ୍ କନଟ୍ରୋଲ ବୋର୍ଡର କ୍ୱାଲିଟି ମ୍ୟାନେଜମେଣ୍ଟ ସିଷ୍ଟମର ବ୍ୟାଟେରୀ ଜଳି ଯାଇଥିଲା।

### ● ପାକିସ୍ତାନକୁ ଚୀନ୍‌ର ସମର୍ଥନ

## ଶାନ୍ତି କଥା କହି ଆତଙ୍କୀସ୍ତାନକୁ ସମର୍ଥନ ଦେଲେ ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ,୫।୫:** ସାମ୍ନାକୁ ଆସିଲା ଚୀନର ଦୋମୁହାଁ ନୀତି। ଶାନ୍ତି କଥା କହୁଥିବା ବେଜିଂ ଆତଙ୍କୀସ୍ତାନକୁ ସମର୍ଥନ ଜଣାଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବା ବେଳେ ପାକ୍ ସମର୍ଥନରେ ଆଗେଇ ଆସିଛି ଚୀନ୍। ସୋମବାର ଚାଇନା ରାଷ୍ଟ୍ରଦୂତ ଜିୟାଙ୍ଗ ଝାଇଡୋଙ୍ଗ ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲ୍ଲୀ ଜରଦାରୀଙ୍କ ସହିତ ଭେଟ କରିଛନ୍ତି। ଏହି ସାକ୍ଷାତକାରରେ ସେ କହିଛନ୍ତି, ଦକ୍ଷିଣ ଏସିଆରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଚୀନ୍ ସବୁବେଳେ ପାକିସ୍ତାନକୁ ସମର୍ଥନ କରିବ । ପହଲଗାମ୍ ଆତଙ୍କବାଦୀ ହମଲାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଚରମସୀମାରେ ପହଞ୍ଚିଥିବା ବେଳେ ଚୀନ୍ ଚାଲାକି କରିଛି । ରେଡିଓ ପାକିସ୍ତାନର ରିପୋର୍ଟ ଅନୁଯାୟୀ, ଏହି ଭେଟଘାଟରେ ଭାରତ-ପାକିସ୍ତାନ ମଧ୍ୟରେ ଚାଲୁଥିବା ତିକ୍ତତା ସହିତ ବିଭିନ୍ନ ମୁଦ୍ଦା ଉପରେ ଆଲୋଚନା ହୋଇଛି ।

# ବାଘର ଓଜନ ୩୦୦ କେ.ଜି.

**ଡେରାଡୁନ,୫।୫:** ଉତ୍ତରାଖଣ୍ଡର ରାମନଗର ଅଞ୍ଚଳରେ ଥିବା ଜିମ୍ କର୍ବେଟ ଜାତୀୟ ଉଦ୍ୟାନ ଅନ୍ତର୍ଗତ ଫାଟୋ ଟୁରିଜମ ଜୋନ୍ ଏବେ ଚର୍ଚ୍ଚାରେ ରହିଛି। ଏଠାରେ ଥିବା ଏକ ବିଶାଳକାୟ ବାଘ ସମ୍ପ୍ରତି ପର୍ଯ୍ୟଟକ ତଥା ବନ୍ୟପ୍ରାଣୀପ୍ରେମୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବିଶାଳକାୟ ଆକାର ହେତୁ ଏହି ବାଘର ନାମ ହରକ୍ୟୁଲେସ୍ ରଖାଯାଇଛି। ବନ ବିଭାଗ କର୍ମଚାରୀଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଏହି ବାଘର ଓଜନ ପ୍ରାୟ ୩୦୦ କେ.ଜି. ହୋଇଥିବାବେଳେ ଏହାର ଲମ୍ବ ପ୍ରାୟ ୭ ଫୁଟ ରହିଛି। ଉକ୍ତ ଆକଳନ ଅନୁଯାୟୀ, ହରକ୍ୟୁଲେସକୁ ଏସିଆର ସବୁଠାରୁ ବଡ଼ ବାଘ ଭାବେ ମାନ୍ୟତା ମିଳିବା ନେଇ ସମ୍ଭାବନା ଥିବା ବନ କର୍ମଚାରୀ ତଥା ବନ୍ୟପ୍ରାଣୀପ୍ରେମୀମାନେ ଅନୁମାନ କରୁଛନ୍ତି। ହରକ୍ୟୁଲେସକୁ ନେଇ ତେରେଇ ପଶ୍ଚିମ ବନ ଡିଭିଜନର ବିଭାଗୀୟ ବନ ଅଧିକାରୀ (ଡିଏଫ୍‌ଓ) ପ୍ରକାଶ ଆର୍ଯ୍ୟା କହିଛନ୍ତି, ସେ ତାଙ୍କ ପୂରା କ୍ୟାରିୟରରେ କେବେ ମଧ୍ୟ ଏତେ ବଡ଼ ଏବଂ ବିଶାଳକାୟ ବାଘ ଦେଖିନାହାନ୍ତି।



# ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବୁମରା ହେବେନି ଉପଅଧିନାୟକ



ନୂଆଦିଲ୍ଲୀ,୫।୫ଃ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଉପ ଅଧିନାୟକ ଦାୟିତ୍ୱ ତୁଲାଇବେନି ଜସପ୍ରୀତ ବୁମରା। ବୁମରାଙ୍କ ଉପରେ କାମ ପ୍ରେସର ଦେଖି ଟିମ୍ ମ୍ୟାନେଜମେଣ୍ଟ ବଡ଼ ନିଷ୍ପତ୍ତି ନେଇଛି। ଏହି ଟେଷ୍ଟ ସିରିଜ ଭାରତ ପାଇଁ ଆଗାମୀ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଅଭିଯାନର ଆରମ୍ଭ ହେବ। ଜୁନ ୨୦ରୁ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ ଖେଳାଯିବ।

ଖବର ମୁତାବକ, ବୁମରାଙ୍କ ଉପରେ ଅଧିକ ପ୍ରେସର ରହୁଥିବାରୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଉପ ଅଧିନାୟକ ଦାୟିତ୍ୱ ମିଳିବ ନାହିଁ। ବୁମରା ୫ଟି ଯାକ ଟେଷ୍ଟ ସିରିଜ ଖେଳିବେ ନାହିଁ। ଏପରି ସ୍ଥଳେ କିଏ ଟିମର ଉପ ଅଧିନାୟକ ହେବ ତାହାକୁ ନେଇ ଚର୍ଚ୍ଚା ଚାଲିଛି। ବୁମରା ଜଣେ ଫାଷ୍ଟ ବୋଲର ହୋଇଥିବାରୁ, ତାଙ୍କର ଦୀର୍ଘକାଳୀନ ଉପଲବ୍ଧତା ଟିମ୍ ଇଣ୍ଡିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ କିଛି ବର୍ଷରେ ବୁମରା ବାରମ୍ବାର ଆଘାତର ଶିକାର ହୋଇଛନ୍ତି। ଟିମ୍ ମ୍ୟାନେଜମେଣ୍ଟ ଚାହୁଁଚି, ଯିଏ ବି ଉପଅଧିନାୟକ ହେବ, ସେ ଖେଳାଳି ସମସ୍ତ ମ୍ୟାଚ ଖେଳିବ। ସେଥିପାଇଁ ବୁମରାଙ୍କ ସ୍ଥାନରେ ଶୁବମନ ଗିଲ କିମ୍ବା ଋଷଭ ପନ୍ତଙ୍କୁ ମିଳିପାରେ ଉପ ଅଧିନାୟକ ଦାୟିତ୍ୱ।

ସୂଚନାଯୋଗ୍ୟ, ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ବର୍ଡର ଗାଭାସ୍କର ଟ୍ରଫି ସମୟରେ ପିଠି ମାଂସପେଶୀ ଯନ୍ତ୍ରଣାରେ ଝଟପଟ ହୋଇଥିଲେ ବୁମରା। ଫଳରେ ୩ ମାସ ଯାଏଁ ଖେଳିନଥିଲେ ବୁମରା। ଏଥିପାଇଁ ଚାମ୍ପିଅନ୍ସ ଟ୍ରଫି ଏବଂ ଆଇପିଏଲର ଅଧା ମ୍ୟାଚ ଖେଳିନଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ଟିମ୍ ଇଣ୍ଡିଆ ବର୍ଡର-ଗାଭାସ୍କର ସିରିଜ ଜିତିପାରିନଥିଲା। ହେଲେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ସବୁଠାରୁ ଅଧିକ ୩୨ ୱିକେଟ ନେଇଛନ୍ତିଜ ଜସପ୍ରୀତ ବୁମରା ପୂର୍ବରୁ ଟେଷ୍ଟ ମ୍ୟାଚରେ ଭାରତର ନେତୃତ୍ୱ ନେଇଛନ୍ତି।

## ପ୍ରେମିକାଙ୍କୁ ମୁଥମାରି ଅଲିମ୍ପିଆନ୍ ଗିରଫ





ନୂଆଦିଲ୍ଲୀ, ୫।୫ଃ ପୂର୍ବତନ ପ୍ରେମିକା ତଥା ବାଧାଦୌଡ଼ ତାରକା ଅଲିସା ଜନସନ୍ଙ୍କୁ ମୁଥମାରି ଯୁଗଳ ଅଲିମ୍ପିକ୍ସ ପଦକ ବିଜେତା ଆମେରିକୀୟ ଧାବକ ଫ୍ରେଡ୍ କେର୍ଲି ଗିରଫ ହୋଇଛନ୍ତି। ଏହି କାରଣରୁ ମିଆମିଠାରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ୍ରୁ ମଧ୍ୟ ତାଙ୍କୁ ବାଦ୍ ଦିଆଯାଇଛି। ଏହି ଅଶୋଭନୀୟ ଘଟଣା ଗତ ଗୁରୁବାର ମିଆମିର ଏକ ହୋଟେଲରେ ଘଟିଥିଲା। ଉଭୟ କେର୍ଲି ଓ ଜନସନ ଏହି ହୋଟେଲରେ ରହୁଥିଲା ବେଳେ କିଛି କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜନ୍ସନ୍ଙ୍କ ମୁହଁକୁ କେର୍ଲି ମୁଥ ପରେ ମୁଥ ମାରି ଚାଲିଥିଲେ। ଫଳରେ ତାଙ୍କ ନାକ ଫାଟି ରକ୍ତ ବାହାରିବା ସହ ଆଖି ତଳ ଫୁଲି ଯାଇଥିଲା। ହୋଟେଲ କର୍ମଚାରୀମାନେ ଘଟଣା ବିଷୟରେ ପୁଲିସକୁ ଜଣାଇଥିଲେ। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କେର୍ଲିଙ୍କୁ ଗିରଫ କରିଥିଲା।

## ମାଉଣ୍ଟ୍ ମୀରା ଶିଖରରେ ମଧୁସ୍ମିତା



ଭୁବନେଶ୍ୱର, ୫।୫ଃ ଆଉ ଜଣେ ଓଡ଼ିଆ ଝିଅ ମଧୁସ୍ମିତା ପାତ୍ର ନେପାଳର ମାଉଣ୍ଟ୍ ମୀରା (୬୪୭୬ ମିଟର୍ ଉଚ୍ଚ) ଆରୋହଣ କରିବାରେ ସଫଳ ହୋଇଛନ୍ତି। ଗତ ଏପ୍ରିଲ୍ ୨୯ ତାରିଖ ସକାଳ ୯.୪୫ ମିନିଟରେ ସେ ମାଉଣ୍ଟ୍ ମୀରା ଶିଖରରେ ଜାତୀୟ ପତାକା ଉଡ଼ାଇଛନ୍ତି। ବ୍ରହ୍ମପୁରର ଗୋସାଣି ନୂଆଗାଁ ନିବାସୀ ମଧୁସ୍ମିତା ପୂର୍ବରୁ ମାଉଣ୍ଟ୍ କିଲିମାଞ୍ଜାରୋ, ମାଉଣ୍ଟ୍ ଏଲବ୍ରସ୍, ମାଉଣ୍ଟ୍ ଫ୍ରେଣ୍ଡସିପ୍, ମାଉଣ୍ଟ୍ ରେନକ୍, ଚାଦର, କେଦାରକଣ୍ଠ ଆଦି ଚଢ଼ି ସାରିଛନ୍ତି। ଚେନ୍ନାଇରେ ଟିସିଏସ୍ରେ କମ୍ପ୍ୟୁଟର୍ ଇଂଜିନିୟର୍ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ମଧୁସ୍ମିତା ତାଙ୍କ ପର୍ବତାରୋହଣ ନିଶାକୁ ପ୍ରଶମିତ କରିପାରିନାହାନ୍ତି। ଭବିଷ୍ୟତରେ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ଏଭେରେଷ୍ଟ୍ ଶିଖରରେ ପହଞ୍ଚିବା ସ୍ୱପ୍ନ ଦେଖୁଥିବା ମଧୁସ୍ମିତା ହେଉଛନ୍ତି ପୂର୍ବତନ ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଓ ପୁଷ୍ପାଞ୍ଜଳି ପାତ୍ରଙ୍କ କନିଷ୍ଠ କନ୍ୟା। ମଧୁସ୍ମିତାଙ୍କ ଏହି ଯାତ୍ରାରେ ଏନ୍ଏନ୍ଏମ୍ ମାଇନ୍ସ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି ଏବଂ ସ୍ପୋର୍ଟସ ସାଇନ୍ସ ଇଣ୍ଡିଆର ନିର୍ଦ୍ଦେଶକ ଡାକ୍ତର ସାର୍ଥକ ପଟ୍ଟନାୟକ ଆର୍ଥିକ ସମର୍ଥନ ଯୋଗାଇ ଦେଇଥିଲେ। ପର୍ବତାରୋହୀ ନୃସିଂହ ସାହୁ ତାଙ୍କ ଅନ୍ୟତମ ଦିଗ୍ଦର୍ଶକ ଥିଲେ।

### ରାଜ୍ୟ ର୍ୟାଙ୍କିଙ୍ଗ୍ ପିକଲ୍ବଲ୍ ଉଦ୍ଯାପିତ

# ବିନାୟକ, ଅଂଶୁମାନ, ସୁମିତ୍, ସନ୍ତୋଷ, ପ୍ରସିଦ୍ଧିଙ୍କୁ ମୁକୁଟ



**ଭୁବନେଶ୍ୱର, ୫।୫ଃ** ସ୍ଥାନୀୟ ଆଦିତ୍ୟ ରିକ୍ରିଏସନାଲ୍ କ୍ଲବ୍ ପରିସରରେ ଚତୁର୍ଥ ଓଡ଼ିଶା ରାଜ୍ୟ ପିକଲବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୬ ବର୍ଷରୁ କମ୍ ବାଳକ ଏକକ ବର୍ଗରେ ବିନାୟକ ବେହେରା, ଯୁଗଳରେ ରୋନିକ୍ ମେହେର-ହର୍ଷିକ ସିଂହ ବିଜେତା ହୋଇଛନ୍ତି। ୧୯ ବର୍ଷରୁ ଊର୍ଦ୍ଧ୍ୱ ଏକକରେ ଅଂଶୁମାନ ବାବୁ, ଯୁଗଳରେ ଅଂଶୁମାନ ବାବୁ ଓ ଏକଲବ୍ୟ ମହାପାତ୍ର ବିଜେତା ହୋଇଛନ୍ତି। ୩୦ ବର୍ଷରୁ ଊର୍ଦ୍ଧ୍ୱ ଏକକରେ ସୁମିତ ପଣ୍ଡା, ଯୁଗଳରେ ରୋଶନ ମିଶ୍ର-ସୁମିତ ପଣ୍ଡା, ୪୦+ ଏକକରେ ସନ୍ତୋଷ ଜେନା, ଯୁଗଳରେ ସନ୍ତୋଷ ଜେନା-ସୁନିଲ ସାହୁ ଏବଂ ୫୦ ବର୍ଷରୁ ଊର୍ଦ୍ଧ୍ୱ ଏକକରେ ସନ୍ତୋଷ ଜେନା ବିଜେତା ହୋଇଛନ୍ତି। ମହିଳା ଏକକରେ ପ୍ରସିଦ୍ଧି ପୋଦ୍ଦାର ସ୍ୱର୍ଣ୍ଣ ଜିତିଥିବାବେଳେ ଅନୀଶା ପାଣିଗ୍ରାହୀ ରୌପ୍ୟ ଓ ଲଳିତା କୁମାରୀ କାଂସ୍ୟ ପଦକ ଜିତିଛନ୍ତି। ମହିଳା ଯୁଗଳରେ ଅନୀଶା ପାଣିଗ୍ରାହୀ ଓ ଏସ୍ ଲଳିତା କୁମାରୀ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମିଶ୍ରିତ ଯୁଗଳରେ ଯଶରାଜ ନାୟକ ଓ ପ୍ରସିଦ୍ଧି ପୋଦ୍ଦାର ବିଜୟିନୀ ହୋଇଛନ୍ତି। ଫଳରେ ସନ୍ତୋଷ ଜେନା ଏକା ୪ଟି ମୁକୁଟ ଜିତିଥିବାବେଳେ ପ୍ରସିଦ୍ଧି ତ୍ରିମୁକୁଟ ହାସଲ କରିଛନ୍ତି। ଅଂଶୁମାନ ବାବୁ, ସୁମିତ ପଣ୍ଡା ମଧ୍ୟ ଦୁଇଟି ଲେଖାଏଁ ଜିତିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ପିକଲ୍ବଲ୍ ସଂଘର ଉପ ସଭାପତି ଆଦିତ୍ୟ ପାତ୍ର, ସମ୍ପାଦକ ଶୁଭ୍ରାଂଶୁ ଚରଣ ଷଡ଼ଙ୍ଗୀ, ଆୟୋଜନ ସମିତି ସମ୍ପାଦକ ପ୍ରଦୀପ ସିଂହ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



## ସାରାଙ୍କୁ ମିଳିଗଲା ନୂଆ ବୟଫ୍ରେଣ୍ଡ୍

ମହାନ ଭାରତୀୟ ବ୍ୟାଟସମ୍ୟାନ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। କେତେବେଳେ ସୋସିଆଲ ମିଡିଆରେ ତାଙ୍କ ବୋଲ୍ଡ ଅନ୍ଦାଜ୍ ପାଇଁ ତ କେତେବେଳେ ତାଙ୍କ ଡେଟିଂ ଖବର ପାଇଁ। ଏବେ ସାରାଙ୍କୁ ଏକ ନୂଆ ବୟଫ୍ରେଣ୍ଡ୍ ମିଳିଯାଇଛି । ସାରା ଏବଂ ଉଦୀୟମାନ ବଲିଉଡ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି।

ସାରା ଏବଂ ସିଦ୍ଧାନ୍ତଙ୍କୁ ନିକଟ ଅତୀତରେ କିଛି ଥର ଏକାଠି ଦେଖିବାକୁ ମିଳିଛି। ଉଭୟ ବର୍ତ୍ତମାନ ସାଧାରଣ ପ୍ରଶଂସକଙ୍କ ଦୃଷ୍ଟିରୁ ସେମାନଙ୍କ ସମ୍ପର୍କକୁ ଦୂରରେ ରଖୁଛନ୍ତି। ନିକଟରେ ସାରା ଏବଂ ଷ୍ଟାର ଭାରତୀୟ କ୍ରିକେଟର ଶୁବମନ ଗିଲ ପରସ୍ପରକୁ ଅନଫଲୋ କରିଥିଲେ। ଉଭୟଙ୍କ ସମ୍ପର୍କକୁ ନେଇ ୨-୩ ବର୍ଷ ଧରି ଚର୍ଚ୍ଚାରେ ରହିଛି। କିଛି ମାସ ପୂର୍ବରୁ ସାରାଙ୍କୁ ସଚିନ ତେନ୍ଦୁଲକର ଫାଉଣ୍ଡେସନର ନିର୍ଦ୍ଦେଶକ କରାଯାଇଥିଲା। ଏହି ଫାଉଣ୍ଡେସନ ପଛୁଆ ଅଞ୍ଚଳର ଗରିବ ପିଲାମାନଙ୍କୁ ସାହାଯ୍ୟ କରେ। ଏହା ବ୍ୟତୀତ, ସମ୍ପ୍ରତି ସାରା ଇ-କ୍ରିକେଟ ପ୍ରିମିୟର ଲିଗ୍ରେ ମୁମ୍ବାଇ ଦଳ କିଣିଥିଲେ, ଯାହା ଏହି ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଥିଲା।

## ଭର୍ଷ୍ଟାପେନ୍ ବାପା ହେଲେ



ଚାରି ଥର ଫର୍ମୁଲା ୱାନ୍ ରେସ୍ ବିଜେତା ମ୍ୟାକ୍ସ ଭର୍ଷ୍ଟାପେନ୍ ବାପା ହୋଇଛନ୍ତି। ତାଙ୍କ ସାଥୀ କେଲି ପିକ୍ୱେ ଗତ ଶୁକ୍ରବାର ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଉଭୟ ପିଲାଟିର ନାଁ ଲିଲି ରଖିଛନ୍ତି। ୨୭ ବର୍ଷର ରେଡ୍ ବୁଲ୍ ଚାଳକ ତଥା ଗତବର୍ଷର ବିଜେତା ଭର୍ଷ୍ଟାପେନ୍ ଆହ୍ୱାନଭରା ମିଆମି ସର୍କିଟ୍ରେ ଅଭ୍ୟାସ କରୁଥିଲା ବେଳେ ଏହି ଶୁଭଖବର ତାଙ୍କ ପାଖରେ ପହଞ୍ଚିଛି। ମିଆମି ଗ୍ରା ପ୍ରିର ଅଭ୍ୟାସ ରେସ୍ରେ ଭଲ କରି ଭର୍ଷ୍ଟାପେନ୍ ଏହାର ଖୁସି ମନାଇଥିଲେ। ପୁଣି ତୁରନ୍ତ ନିଜ ଇନଷ୍ଟାଗ୍ରାମ ପୃଷ୍ଠାରେ ଲିଲି ଓ ପିକ୍ୱେଙ୍କ ସହ ଉଠାଇଥିବା ଫଟୋ ପ୍ରକାଶ କରି ପ୍ରଶଂସକଙ୍କ ସହ ଖୁସି ବାଣ୍ଟିଥିଲେ। କେଲି ହେଉଛନ୍ତି ବ୍ରାଜିଲର ପୂର୍ବତନ ଫର୍ମୁଲା ୱାନ୍ ବିଜେତା ନେଲସନ୍ ପିକ୍ୱେଙ୍କ ଝିଅ। ତାଙ୍କର ଆଗରୁ ପେନେଲୋପ ନାମକ ୪ ବର୍ଷର ଝିଅ ଅଛନ୍ତି। ଫର୍ମୁଲା ୱାନ୍ ଚାଳକ ଡାନିଏଲ୍ କ୍ୟାଭ୍ଟ୍ ହେଉଛନ୍ତି ତାଙ୍କ ପିତା। ଅନ୍ୟପକ୍ଷରେ ଭର୍ଷ୍ଟାପେନ୍ ପ୍ରଥମ ଥର ଲାଗି ପିତା ହେବାର ଗୌରବ ଅର୍ଜନ କରିଛନ୍ତି। କେଲି ଓ ଭର୍ଷ୍ଟାପେନ୍ ଗତ ତିନି ବର୍ଷ ହେବ ପରସ୍ପରକୁ ପ୍ରେମ କରି ଆସୁଛନ୍ତି। କେଲି ହେଉଛନ୍ତି ଜଣେ ମଡେଲ ଓ ଫେସନ ବ୍ଲଗର୍।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଳକା...

ହରିଚନ୍ଦନ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ କୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାରେ କିଛି ଅସୁବିଧା ନାହିଁ। କିନ୍ତୁ ଅନେକ ସ୍ଥାନରେ ନୀତିକାନ୍ତି ନେଇ ତାଳମେଳ ରହୁନଥିବା ନଜରକୁ ଆସୁଛି। ତେଣୁ ମହାପ୍ରଭୁଙ୍କ ଦୈନିଦିନ କ'ଣ କାର୍ଯ୍ୟ ରହିବ, ସେନେଇ ଶ୍ରୀମନ୍ଦିର ପକ୍ଷରୁ ରାଜ୍ୟର ସବୁ ଜଗନ୍ନାଥ ମନ୍ଦିରକୁ ଖୁବଶୀଘ୍ର ମାର୍ଗଦର୍ଶିକା ଜାରି କରାଯିବ। ଦେଶରେ କେବଳ ଚାରିଟି ଧାମ ରହିଛି। ତେଣୁ କେବଳ ପୁରୀ ଜଗନ୍ନାଥ ମନ୍ଦିର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ 'ଧାମ' ଶବ୍ଦର ବ୍ୟବହାର କରାଯାଇପାରିବ ନାହିଁ। ତେଣୁ ଦୀଘାରେ 'ଜଗନ୍ନାଥ ଧାମ' ବୋଲି ଯାହା ଉଲ୍ଲେଖ କରାଯାଇଛି ତାହା ଠିକ ନୁହେଁ। ସେହିପରି ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବା ବିଧି ମଧ୍ୟ ନାହିଁ। ଏଥିସହ ଜଗନ୍ନାଥଙ୍କ ବିଭିନ୍ନ ନୀତିକାନ୍ତି ବିଷୟରେ ବାହାରେ କ'ଣ ସବୁ ପ୍ରକାଶ କରିପାରିବେ ଓ କ'ଣ ପ୍ରକାଶ କରିପାରିବେ ନାହିଁ, ସେନେଇ ମଧ୍ୟ ମାର୍ଗଦର୍ଶିକା ଜାରି ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏଥିସହ ଜଗନ୍ନାଥ ମନ୍ଦିରରେ ବଳିଥିବା ଦାରୁ ଦୀଘାକୁ ନିଆଯାଇ ସେଠାରେ ମୂର୍ତ୍ତି ତିଆରି କରାଯାଇଛି ବୋଲି ଯେଉଁ ଅଭିଯୋଗ ହୋଇଛି, ତାହାକୁ ମନ୍ତ୍ରୀ ମିଛ ବୋଲି କହିଛନ୍ତି। ସେ କହିଛନ୍ତି ଯେ ରିପୋର୍ଟରେ ଯାହା କିଛି ଉଲ୍ଲେଖ ରହିଛି, ସେହି ଅନୁସାରେ ବଳକା ଦାରୁ କାଠ ବାହାରକୁ ଯିବା ଏବଂ ଏଥିରେ ବିଗ୍ରହ ନିର୍ମାଣ ହେବା ସମ୍ଭବ ନୁହେଁ। ତେଣୁ ଏହା ମିଛ ବୋଲି ନିଯୋଗମାନେ ଉଲ୍ଲେଖ କରିଛନ୍ତି। ଦାରୁ ଘର ଭିତରେ କାଠ ସୁରକ୍ଷିତ ରହିଛି। ୧୯୯୫-୯୬ରେ ତତ୍କାଳୀନ ସରକାରଙ୍କ ନିଷ୍ପତ୍ତି କ୍ରମେ କେତେକ ଦଇତାପତି ନିଯୋଗଙ୍କ ଘରେ କିଛି କାଠ ରହିଛି। ସେ ସମସ୍ତ କାଠ ଦାରୁ ଘରକୁ ଆଣିବା ଓ ଏହାର ଗଣତି ପାଇଁ ଏକ ୫ଜଣିଆ କମିଟି ଗଠନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ଦଇତାପତି ନିଯୋଗ ସମ୍ପାଦକଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ଆସିଥିଲା, ସେଥିନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନୋଟିସ ଜାରି କରାଯାଇଥିଲା। ଏଥିରେ ସେ ଘଟଣା ସମ୍ପର୍କରେ ନିଜର ପକ୍ଷ ରଖିଛନ୍ତି। ତେବେ ଏହି ଘଟଣା ସମ୍ପର୍କରେ କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ନିଆଯିବ ସେଥିନେଇ ଆଗାମୀ ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନିର୍ଦେଶ ଦିଆଯାଇଛି। ଶ୍ରମନ୍ଦିର ପ୍ରଶାସନ ପକ୍ଷରୁ ରିପୋର୍ଟ ପ୍ରଦାନ ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା ଓ ଶିବ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

## ଦୀଘା...

ତେବେ ଏପରି କ୍ରମାଗତ ବିରୋଧ ଚାପରେ ମମତା ଚେପା ହୋଇଯାଇଛନ୍ତି ଓ ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦକୁ ଅପସାରଣ କରିବାକୁ ବାଧ୍ୟ ହୋଇଛନ୍ତି। ଏପରି ନିଷ୍ପତ୍ତିକୁ ଜଗନ୍ନାଥ ସେନା ପକ୍ଷରୁ ସ୍ୱାଗତ କରାଯାଇଛି। ଏନେଇ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ ମମତାଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଓ ଏହା ମହାପ୍ରଭୁଙ୍କ ବିଜୟ। ଏଥିସହ ଦୀର୍ଘ ସପ୍ତାହେ ଧରି ସାଢ଼େ ଚାରି କୋଟି ଓଡ଼ିଆ ଯେପରି ବ୍ୟଥିତ ହୋଇଥିଲେ, ଏହା ସେମାନଙ୍କ ପାଇଁ ମଧ୍ୟ ଏକ ବଡ଼ ବିଜୟ ବୋଲି କହିପାରିବା। ତେବେ ଲୋକଙ୍କ ବିରୋଧ ଆଗରେ ମମତା ମୁଣ୍ଡ ନୂଆଁଇଲେ ବୋଲି ସେ କହିଛନ୍ତି।

## ପିଏସି...

କହି ବୁଲିଲେ। ସଭ୍ୟ ସଂଗ୍ରହ ସମୟରେ ଏକପ୍ରକାର ନିର୍ବାଚନରେ ପଳାଇଲେ। ପାର୍ଟି ଛାଡିବା ଭୟରେ ସଂଗଠନ ସମ୍ପାଦକ ଏଭଳି କଲେ ବୋଲି କର୍ମୀମାନେ ବୁଲି ବୁଲି କହିଲେ। ହେଲେ ଏହା ସତ୍ତ୍ୱେ ବି ପଦ ଛାଡ଼ିଲେ ନାହିଁ। ଯେତେବେଳେ ବିଜେଡି ମୁଖିଆ ସଂଗଠନରେ ବଡ଼ ପରିବର୍ତ୍ତନ କଲେ ସେତେବେଳେ ସଙ୍ଗଠନ ସମ୍ପାଦକ ପଦବୀଟି ଯେମିତି ହେଲେ ଉଚ୍ଛେଦ କରିବା ପାଇଁ ଲାଗି ପଡ଼ିଲେ।

ଶେଷରେ ତାଙ୍କର ପେଞ୍ଚ ବି କାମଦେଲା। ବିଜେଡିରୁ ସବୁଦିନ ପାଇଁ ସାଙ୍ଗଠନିକ ପଦବୀଟି ଉଚ୍ଛେଦ ହୋଇଗଲା। ତେବେ ଦଳର କିଛି ନେତା ଓ କର୍ମୀ ଏହି ପଦବୀରେ ଜଣେ ନିର୍ମଳ ଭାବମୂର୍ତ୍ତିସମ୍ପନ୍ନ ବ୍ୟକ୍ତିଙ୍କୁ ବସାଇବାକୁ ଚାହୁଁଥିଲେ। ଏହାର ସୁରାକ ପାଇବା ପରେ କ୍ରୀତଦାସ ତାଙ୍କ କାମରେ ଲାଗି ପଡ଼ିଲେ। ତେବେ ଦଳର ନୂଆ ରୂପରେଖରେ ତାଙ୍କର ପତିଆରା କେତେ ରହିବ ଏବଂ ପୂର୍ବଭଳି ଆଉ ମାମଲତି କରିବେ କି ନାହିଁ, ତାହା ଉପରେ ଅସନ୍ତୁଷ୍ଟ ନେତାଙ୍କ ସହିତ କର୍ମୀମାନେ ତୀକ୍ଷ୍ଣ ନଜର ରଖିଛନ୍ତି।

ଅନ୍ୟ ପକ୍ଷରେ ଦଳରେ ପଦପଦବୀ ପାଇନଥିବା ଓ ପକ୍ଷଛେଦନ ହୋଇଥିବା ନେତାମାନଙ୍କ ନଜର ଏବେ କ୍ରୀତଦାସଙ୍କ ଉପରେ ରହିଛି। ସେମାନଙ୍କ ଏଭଳି ଅବସ୍ଥା ପାଇଁ କ୍ରୀତଦାସ ହିଁ ଦାୟୀ ବୋଲି ବିଚାରୁଛନ୍ତି। ତେଣୁ ଆଗାମୀ ଦିନରେ ଏହା କି ରୂପ ନେବ, ତାହାକୁ କର୍ମୀମାନେ ଚାହିଁବସିଛନ୍ତି। ଇତି ମଧ୍ୟରେ କେନ୍ଦ୍ରାପଡ଼ା ସମେତ ଆଉ କିଛି ସାଙ୍ଗଠନିକ ଜିଲ୍ଲାର ସଭାପତି କେଁର ସମାଧାନ ହୋଇପାରୁନାହିଁ। ଦଳର ନବକଳେବରରୁ ବାଦ ପଡ଼ିଥିବା କିଛି ବରିଷ୍ଠ ବି ମେଳି ହେବା ନେଇ ସୂଚନା ମିଳିଲାଣି।

ବହୁ ଘଣ୍ଟାଚକଟା ପରେ ନବୀନ ବିଜେଡିର ସାଙ୍ଗଠନିକ ପୁନର୍ବିନ୍ୟାସ କରିଛନ୍ତି, ଯେଉଁଥିରେ ୧୦ଜଣିଆ ରାଜନୈତିକ ବ୍ୟାପାର କମିଟି ବା ପିଏସି ଗଠନ କରାଯାଇଛି। ୨୦୦୦ ମସିହା ପରେ ପୁଣି ଥରେ ନବୀନ ପିଏସି ଗଠନ କରିଛନ୍ତି। ସେହିଭଳି ଦଳର ବିଭିନ୍ନ ପଦପଦବୀରେ ୭୧ ଜଣ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ୭ ଜଣ ବରିଷ୍ଠ ଉପସଭାପତି, ୮ ଜଣ ଉପସଭାପତି, ୨୦ ଜଣ ବରିଷ୍ଠ ସାଧାରଣ ସମ୍ପାଦକ ଓ ୩୫ ସାଧାରଣ ସମ୍ପାଦକଙ୍କ ସହ ଜଣେ କୋଷାଧ୍ୟକ୍ଷଙ୍କୁ ଦାୟିତ୍ୱ ଦିଆଯାଇଛି। ନବୀନଙ୍କ ନୂଆ ଟିମ୍ରୁ ବାଦ୍ ପଡ଼ିଛନ୍ତି ଭୂପିନ୍ଦର ସିଂହ, ଶଶିଭୂଷଣ ବେହେରା ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ଭଳି ୩ ବିବାଦୀୟ ବରିଷ୍ଠ ନେତା। ସେହିଭଳି ବିଜେଡିର ସମ୍ବିଧାନ କହୁଛି, ଦଳର ରାଜନୈତିକ ବ୍ୟାପାର କମିଟି ହେଉଛି ସବୁଠୁ ପାୱାରଫୁଲ। ସେଇଥିପାଇଁ ସେଥିରେ କେବଳ ପାଣ୍ଡିଆନଙ୍କ ଅନୁଗତଙ୍କୁ ହିଁ ନିଆଯାଇଛି। ତେଣୁ ଏହା ବିଜେଡିର ପଲିକାଲ ଆଫେୟାର୍ସ କମିଟି ନୁହେଁ, ବରଂ ପାଣ୍ଡିଆନ ଆଫେୟାର୍ସ କମିଟି ବୋଲି କିଛି ଅସନ୍ତୁଷ୍ଟ ନେତା କହୁଛନ୍ତି।

## ବରିଷ୍ଠ...

ପ୍ରତିଷ୍ଠାତା ସଦସ୍ୟ। ସେହିଭଳି ନିକଟରେ ସଂସଦରେ ୱାକଫ ବିଲରେ ବିଜେଡିର ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଥିବା ଦେବାଶିଷ ସାମନ୍ତରାୟଙ୍କୁ ବରିଷ୍ଠ ନାଗରିକ ସେଲର ଆବାହାକ ଦାୟିତ୍ୱ ଦେଇ କଣଠେସା କରାଯାଇଛି। ଅନ୍ୟତମ ବରିଷ୍ଠ ତଥା ଟାଣୁଆ ନେତା ଅରୁଣ ସାହୁ, ଅମର ପଟ୍ଟନାୟକ, ମହେଶ ସାହୁଙ୍କୁ ମଧ୍ୟ ଭିନ୍ନ ଭିନ୍ନ ସେଲ ଦାୟିତ୍ୱ ଦେଇ ନବୀନ ସେମାନଙ୍କୁ ପର୍ଯ୍ୟାପ୍ତ ସଙ୍କେତ ଦେଇଛନ୍ତି। ବିଭିନ୍ନ ସେଲ ଦାୟିତ୍ୱ ପାଇଥିବା ଏହି ନେତାମାନଙ୍କୁ କେବଳ ବରିଷ୍ଠ ଉପସଭାପତି, ବରିଷ୍ଠ ସାଧାରଣ ସମ୍ପାଦକ ଓ ଉପସଭାପତି ଦାୟିତ୍ୱ ଦେଇଛନ୍ତି। କିନ୍ତୁ ଦଳର କାର୍ଯ୍ୟକର୍ତ୍ତା ତାଲିକାରେ ସେମାନଙ୍କ ନାଁ ନାହିଁ।

## ଗୃହ...

ଦିଆଯାଇଛି। ପହଲଗାମ୍ ଆତଙ୍କୀ ହମ୍ଲାର ପ୍ରତିଶୋଧ ପାଇଁ ନକ୍ସା ପ୍ରସ୍ତୁତି ସରିଛି। କେବଳ ଉପଯୁକ୍ତ ସମୟକୁ ଅପେକ୍ଷା କରିଛନ୍ତି ସେନାବାହିନୀ। ଏଥିସହ ଆଜି ଭାରତର ପ୍ରମୁଖ ଯୁଦ୍ଧାସ୍ତ୍ର ରାଫେଲ ତା'ର ପରାକ୍ରମ ଦେଖାଇଛି। ଆକାଶ ପଥରୁ ଆକ୍ରମଣ ହେଲେ ସାଇରନ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପାକିସ୍ତାନ ସାଇବର ଫୋର୍ସ ନାମକ ସନ୍ଦିଗ୍ଧ ପାକିସ୍ତାନୀ ହ୍ୟାକରଙ୍କ ଏକ ଗୋଷ୍ଠୀ ସୋମବାର ଦାବି କରିଛନ୍ତି ଯେ ସେମାନେ ଭାରତୀୟ ସାମରିକ ଇଞ୍ଜିନିୟରିଂ ସର୍ଭିସ ଏବଂ ମନୋହର ପାରିକର ଇନଷ୍ଟିଚ୍ୟୁଟ୍ ଅଫ୍ ଡିଫେନ୍ସ ଷ୍ଟଡିଜ୍ ଆଣ୍ଡ ଆନାଲିସିସ ସମେତ ଏକାଧିକ ପ୍ରତିରକ୍ଷା ୱେବସାଇଟରୁ ସମ୍ବେଦନଶୀଳ ତଥ୍ୟ ହାସଲ କରିଛନ୍ତି। ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଆକ୍ରମଣକାରୀମାନେ ପ୍ରତିରକ୍ଷା କର୍ମଚାରୀଙ୍କ ସହ ଜଡ଼ିତ ବ୍ୟକ୍ତିଗତ ତଥ୍ୟ ହାସଲ କରିଥାଇପାରନ୍ତି।

## ପାକ୍...

ଚେନାବ ନଦୀର ବାଗଲିହାର ଡ୍ୟାମରୁ ପାକିସ୍ତାନକୁ ଜଳ ପ୍ରବାହ ବନ୍ଦ କରିବା ସହ ଜେଲମରେ ଥିବା କିଶନଗଙ୍ଗା ପ୍ରକଳ୍ପରୁ ଜଳ ପ୍ରବାହ ହ୍ରାସ କରିବାକୁ ମଧ୍ୟ ଭାରତ ପ୍ରସ୍ତୁତି ଚଳାଇଛି। ଜାତୀୟ ଜଳବିଦ୍ୟୁତ ୍ ନିଗମର ଜଣେ ଅଧିକାରୀ ରବିବାର କହିଛନ୍ତି ଯେ ଏକ ସପ୍ତାହର ଆଲୋଚନା ଏବଂ ଜଳବିଜ୍ଞାନ ପରୀକ୍ଷଣ ପରେ ଭାରତ ବାଗଲିହାର ଡ୍ୟାମରେ ସିଲିଂ କାର୍ଯ୍ୟ ଆରମ୍ଭ କରିଛି ଏବଂ ସ୍ଲୁଇସ୍ ଗେଟ୍ ହ୍ରାସ କରିଛି, ଯାହା ଦ୍ୱାରା ପାକିସ୍ତାନକୁ ତଳ ମୁଣ୍ଡରେ ପ୍ରବାହ ୯୦% ପର୍ଯ୍ୟନ୍ତ ହ୍ରାସ ପାଇଛି ଏବଂ କିଶନଗଙ୍ଗା ଡ୍ୟାମ୍ ପାଇଁ ସମାନ କାର୍ଯ୍ୟ ଯୋଜନା କରାଯାଇଛି। ଶନିବାର ଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଅନ୍ୟ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି। ପାକିସ୍ତାନ ଶନିବାର ଭୂପୃଷ୍ଠରୁ ଭୂପୃଷ୍ଠକୁ କ୍ଷେପଣାସ୍ତ୍ର ପରୀକ୍ଷଣ କରିବାର କିଛି ଘଣ୍ଟା ମଧ୍ୟରେ ଭାରତର ଏହି ପଦକ୍ଷେପ ନିଆଯାଇଛି, ଯେଉଁଥିରେ ଦେଶର ସମସ୍ତ ବନ୍ଦରରେ ପାକିସ୍ତାନୀ ପତାକା ଥିବା ଜାହାଜର ଡକିଂ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଗୁରେଜ ଉପତ୍ୟକାରେ ଉତ୍ତର ପଶ୍ଚିମ ହିମାଳୟରେ ଅବସ୍ଥିତ ପ୍ରଥମ ମେଗା ଜଳବିଦ୍ୟୁତ ୍ ପ୍ରକଳ୍ପ କିଶନଗଙ୍ଗା ଡ୍ୟାମର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଖୁବ୍ ଶୀଘ୍ର ହେବ ଏବଂ ଏଥିରୁ ତଳମୁଣ୍ଡରେ ସମସ୍ତ ପ୍ରବାହ ବନ୍ଦ ହୋଇଯିବ। ଏହି ଦୁଇଟି ଡ୍ୟାମର ଡିଜାଇନକୁ ପାକିସ୍ତାନ ବିରୋଧ କରିଛି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ ଜମ୍ମୁ-କାଶ୍ମୀରରେ ଚେନାବ ନଦୀ ଏବଂ ଏହାର ଶାଖା ନଦୀଉପରେ ଚାଲିଥିବା ୪ଟି ଜଳବିଦ୍ୟୁତ ପ୍ରକଳ୍ପ ଉପରେ ଭାରତ ନିରନ୍ତର ଅଗ୍ରଗତି କରିଛି ଏବଂ ୨୦୨୭-୨୮ରେ ଏହା କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି। ଏନ୍ଏଚପିସି ଏବଂ ଜମ୍ମୁ-କାଶ୍ମୀର ରାଜ୍ୟ ଶକ୍ତି ବିକାଶ ନିଗମ (ଜେକେଏସ୍ପିଡିସି)ର ମିଳିତ ଉଦ୍ୟମରେ ପାକଲ ଡୁଲ୍ (୧୦୦୦ ମେଗାୱାଟ୍), କିରୁ (୬୨୪ ମେଗାୱାଟ୍), କ୍ୱାର୍ (୫୪୦ ମେଗାୱାଟ୍) ଏବଂ ରାଟଲେ (୮୫୦ ମେଗାୱାଟ୍) ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି।

ତେବେ ଭାରତ ପକ୍ଷରୁ ଡ୍ୟାମ୍ ବନ୍ଦ ପରେ ପ୍ରତିକ୍ରିୟା ରଖିଛନ୍ତି ନଦୀ କୂଳିଆ ଲୋକେ । କହିଛନ୍ତି- ଆମେ ଖୁସି ଯେ ଭାରତ ସରକାର ପାକିସ୍ତାନକୁ ପାଣି ଛାଡିବା ବନ୍ଦ କରି ଦେଇଛନ୍ତି । ପହଲଗାମ ଆକ୍ରମଣର ଏମିତି ଉଚିତ ଜବାବ ଦିଆଯାଉ, ସରକାରଙ୍କ ନିଷ୍ପତ୍ତିରେ ଆମେ ସହମତ। ସେହିପରି ଅନ୍ୟ ଜଣେ ସ୍ଥାନୀୟ ବାସିନ୍ଦା ମଧ୍ୟ ପାକିସ୍ତାନକୁ ପାନେ ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ସମର୍ଥନ...

ସହ ନିରୀହ ଲୋକଙ୍କ ମୃତ୍ୟୁ ପାଇଁ ସମବେଦନା ଜଣାଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏକ ସୋସିଆଲ ମିଡିଆ ପୋଷ୍ଟରେ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଋଷି ଦୂତାବାସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ପୁଟିନ୍ ଏହି ଆତଙ୍କବାଦୀ ଆକ୍ରମଣକୁ ବର୍ବର କାଣ୍ଡ ବୋଲି କହିବା ସହ ନିରୀହ ଲୋକଙ୍କ ଜୀବନ ହାନି ପାଇଁ ଗଭୀର ସମବେଦନା ଜଣାଇଛନ୍ତି। ଏଥିସହ ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇରେ ତାଙ୍କ ଦେଶ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ମଧ୍ୟ ସେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ସମୟରେ ଚଳିତ ବର୍ଷ ଭାରତରେ ହେବାକୁ ଥିବା ବାର୍ଷିକ ଭାରତ-ରୁଷ୍ ଶିଖର ସମ୍ମିଳନୀରେ ଯୋଗଦେବା ସକାଶେ ମୋଦି ଦେଇଥିବା ଆମନ୍ତ୍ରଣକୁ ମଧ୍ୟ ପୁଟିନ୍ ଗ୍ରହଣ କରିଛନ୍ତି। ବିଜୟ ଦିବସର ୮୦ତମ ବାର୍ଷିକୀ ଅବସରରେ ମୋଦି ପୁଟିନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ପ୍ରତିରକ୍ଷା...

ଆଲୋଚନା କରିଥିଲେ। ତା' ପୂର୍ବଦିନ ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କେ ତ୍ରିପାଠୀ ଆରବ ସାଗରର ଜଟିଳ ସମୁଦ୍ର ପଥର ସାମଗ୍ରିକ ସ୍ଥିତି ସମ୍ପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦି ଘନ ଘନ ବୈଠକ କରିବା ସହ ସେନାକୁ କୌଣସି ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରକାର ସ୍ୱାଧୀନତା ଦେଇଥିଲେ। ଏହାପରଠାରୁ ନିୟମିତ ଭାବେ ଉଚ୍ଚସ୍ତରୀୟ ବୈଠକ ଓ ସେନାର ବରିଷ୍ଠ ପଦାଧିକାରୀଙ୍କ ଆଲୋଚନା ଚାଲିଥିବାରୁ ଖୁବ୍ଶୀଘ୍ର ଭାରତ କୌଣସି ବଡ଼ ପଦକ୍ଷେପ ନେଇ ଚାଲିଥିବା ଚର୍ଚ୍ଚା ଆହୁରି ଘନୀଭୂତ ହୋଇଛି।

## ସବୁ...

ଅର୍ଥ ଦେଉଥିବା ବେଳେ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ଦେବେ। ପୂର୍ବ ସରକାର ରାଜନୈତିକ କାରଣ ଯୋଗୁଁ ଏ ଦିଗରେ ବିଶେଷ ଧ୍ୟାନ ଦେଇନଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଅଭିମନ୍ୟୁ ସେଠୀ, ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ଡ. ଫକୀର ମୋହନ ନାୟକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ, ବିଧାୟକ ସନାତନ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। ମେଡିକାଲ କଲେଜର ଅଧ୍ୟକ୍ଷା ଡା. ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମେଡିକାଲ ସୁପରିଟେଣ୍ଡେଣ୍ଟ ମହେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ କେନ୍ଦୁଝର ଟାଉନରେ ନବନିର୍ମିତ ଥାନା ଗୃହ ଏବଂ ରିଜର୍ଭ ପୁଲିସ ଅଫିସ ଉଦ୍ଘାଟନ କରିଛନ୍ତି। ୩ କୋଟି ୩୪ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ଥାନା ଓ ୨ କୋଟି ୭୬ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ରିଜର୍ଭ ପୁଲିସ ଅଫିସର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବ। ସେହିପରି ପୁଲିସ କର୍ମଚାରୀଙ୍କ ପାଇଁ ୧୭ଟି ଏସୟୁଭି ଓ ୮୦ଟି ମୋଟର ସାଇକେଲକୁ ସବୁଜ ପତାକା ଦେଖାଇ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଥାନାର ପ୍ରମୁଖ ଭୂମିକା ରହିଥିବାରୁ ସମସ୍ତ ଅଧିକାରୀ ଓ କର୍ମଚାରୀ ସାଧାରଣ ଲୋକଙ୍କୁ ଉତ୍ତମ ବ୍ୟବହାର କରିବା ଉଚିତ। ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପାଖରୁ ତୁରନ୍ତ ଏଫଆଇଆର ଗ୍ରହଣ ନକଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟରେ ସମୁଦାୟ ୩୨ ହଜାର ନୂଆ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୧୬ ହଜାର ଖାଲି ପଦବୀ, ନୂତନ ଭାବେ ସୃଷ୍ଟି ହୋଇଥିବା ୧୬ ହଜାର ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆଗାମୀ କିଛି ବର୍ଷ ମଧ୍ୟରେ ରାଜ୍ୟ ପୁଲିସର କର୍ମଚାରୀ ଓ ଅଧିକାରୀ ସଂଖ୍ୟା ୩୨ ହଜାର ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ଥାନୀୟ ଅଞ୍ଚଳର ସବୁ ବିଧାୟକ, ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ବିଶାଳ ସିଂହ, ଏସ୍ପି ନୀତୀନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।

## ଝିଣ୍ଟିକା...

ପାଠ ପଢ଼ାଉଛୁ, ତୁ ଆମ ପ୍ରତି କୃତଜ୍ଞ ରହିବା ପରିବର୍ତ୍ତେ ଆମ ମୁହଁରେ ଜବାବ ଦେଉଛୁ।' ଏକ ଜାତୀୟ ଗଣମାଧ୍ୟମକୁ କିସର କିଛି ଛାତ୍ରଛାତ୍ରୀ ଏଭଳି କହିଛନ୍ତି।

ଏ ହେଉଛି କିସର ଅସଲ ଚିତ୍ର। ଫେବୃଆରୀ ଓ ମେ' ମାସରେ ଦୁଇ ଦୁଇ ଜଣ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିବା ପରେ କିଟ ଓ କିସର ଗୁମର ଧିରେ ଧିରେ ପଦାକୁ ଆସୁଛି। ଜାତୀୟ ମାନବାଧିକାର କମିଶନ ଓ ଶିଶୁ ଅଧିକାର କମିଶନ ବାରମ୍ବାର କିସରେ ଛାତ୍ରଛାତ୍ରୀଙ୍କ ଦୟନୀୟ ରହଣୀ ବ୍ୟବସ୍ଥାକୁ ନେଇ ଆପତ୍ତି ଉଠାଇଛନ୍ତି। ହେଲେ କରିତକର୍ମା ଅଚ୍ୟୁତ ନିଜର ପ୍ରଚଣ୍ଡ ପ୍ରଭାବ ବଳରେ ସବୁ ଆପତ୍ତିକୁ ସରକାରୀ ନାଲିଫିତା ତଳେ ଚାପି ଦେବାରେ ସକ୍ଷମ ହୋଇଆସିଛନ୍ତି। ଅଚ୍ୟୁତ ସାମନ୍ତ ୨୦୦୫ରେ ମାତ୍ର ୧୨୫ ଜଣ ଗରିବ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଭଡ଼ାଘରେ କିସ ଅନୁଷ୍ଠାନ ଆରମ୍ଭ କରିଥିଲେ। ଏବେ ଏହି ଶିକ୍ଷାନୁଷ୍ଠାନରେ ୩ ହଜାର ପିଲା ପାଠ ପଢୁଥିବା ବେଳେ ପଟିଆ ଓ ଆଖପାଖ ଅଞ୍ଚଳରେ ଶହ ଶହ ଏକର ଜମି ଅର୍ଥ ଓ ବାହୁବଳରେ ମାଡ଼ି ବସିଛନ୍ତି। କିସ ଅନୁଷ୍ଠାନ ଛିଡ଼ାହୋଇଥିବା ଜମିରେ ପୂର୍ବରୁ ରକ୍ତର ହୋଲି ଖେଳିଛନ୍ତି ଅଚ୍ୟୁତ। ଯାହାର ତଦନ୍ତ ଏବେ ବି ସରିନି।

ଅର୍ଥାଭାବରୁ ଆଦିବାସୀ ବାପା-ମା'ମାନେ ସେମାନଙ୍କ ପିଲାଙ୍କୁ ଏଠାକୁ ପାଠ ପଢ଼ିବାକୁ ଛାଡୁଛନ୍ତି। ପିଲାମାନେ ମଧ୍ୟ ସବୁ ନିର୍ଯାତନା ସହି ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଢ଼ି ରହୁଥିବା କହିଛନ୍ତି। କିସ ଅନୁଷ୍ଠାନରୁ କେତେବେଳେ ପିଲା ନିଖୋଜ ହେଉଛନ୍ତି, ପରିବାର ଜାଣି ମଧ୍ୟ ପାରୁନାହାଁନ୍ତି। ଏଭଳି ଅଭିଯୋଗ ମଧ୍ୟ ଆସୁଛି। ଗୋଟିଏ ଗୋଟିଏ ଡର୍ମିଟାରୀରେ ଦେଢ଼ ଶହ ପିଲା ରହୁଛନ୍ତି। ତିନିଥାକିଆ ଖଟ, ଖଟର ଉପର ଥାକରେ ଶୋଉଥିବା ପିଲାଟି ବସିବାକୁ ମଧ୍ୟ ସୁଯୋଗ ପାଏନି, ଫ୍ୟାନ ବୁଲୁନି, ପାଇଖାନା ସଫା ହେଉନି, ଆଉ ସବୁଠୁ ଉଦବେଗର କଥା ହେଉଛି ଆପତ୍ତି କଲେ ସମାଧାନ ପରିବର୍ତ୍ତେ ମିଳୁଛି ମାଡ଼। କିସ ଓ କିଟରେ ଚାଲିଥିବା ଏଭଳି ସାଂଘାତିକ ଅବ୍ୟବସ୍ଥା ବାବଦରେ ପୂର୍ବ ସରକାର ସବୁ ଜାଣି ବି ସୁରକ୍ଷା ଦେଉଥିବା ବେଳେ ନୂଆ ସରକାର କି ପଦକ୍ଷେପ ନେବେ, ତାହା ଦେଖିବାର କଥା। କାରଣ ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଏଯାଏଁ କିଟ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

# ‘ରୋଗୀ ସୁସ୍ଥ ହେବାରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

**ଭୁବନେଶ୍ୱର, ୫।୫ (ସଂଚାର ବ୍ୟୁରୋ):** ଡାକ୍ତରମାନେ ରୋଗୀଙ୍କର ଚିକିତ୍ସା କରୁଥିବା ବେଳେ ସେମାନଙ୍କର ସେବା ଓ ଯତ୍ନ ସେବିକାମାନେ ହିଁ କରିଥାନ୍ତି। ସେମାନେ ରୋଗୀଙ୍କ ପାଖରେ ଦିନରାତି ରହି ସେମାନଙ୍କୁ ସୁସ୍ଥ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ଜଣେ ରୋଗୀ ସୁସ୍ଥ ହେବାରେ ନର୍ସମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର।



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଆନ୍ତର୍ଜାତିକ ସେବିକା ସପ୍ତାହ-୨୦୨୫ ପାଳନ ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ତଥା ପୂର୍ବତନ କୁଳପତି ଏବଂ ନିକଟରେ ରାଷ୍ଟ୍ରପତିଙ୍କ ଦ୍ୱାରା ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହୋଇଥିବା ପ୍ରଫେସର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ ହସ୍ପିଟାଲର ଉତମ ରୋଗୀ ସେବାରେ ନର୍ସ ମାନଙ୍କ ଭୂମିକାର ଉଚ୍ଚ ପ୍ରଶଂସା କରିଥିଲେ।

ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନର୍ସମାନଙ୍କୁ ସଶକ୍ତ କରିବା, ସଚେତନ କରିବା, ସମସ୍ୟାର ସମାଧାନ କରିବା ଏବଂ ସେମାନଙ୍କୁ ଚାପମୁକ୍ତ କରିବା ନିମନ୍ତେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ ଏବଂ ସାମାଜିକ କର୍ମୀ ସୁଶ୍ରୀ ଆରତୀ ଦେବୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ର ଗଠନରେ ନର୍ସମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ନିଜ ପରିବାରକୁ ପଛରେ ପକାଇ ରୋଗୀଙ୍କ ସେବା କ୍ଷେତ୍ରରେ ନର୍ସମାନଙ୍କର କାର୍ଯ୍ୟ ପ୍ରଶଂସନୀୟ ଏବଂ ଅତୁଳନୀୟ ବୋଲି କହିଥିଲେ।

### ବର୍ଷକୁ ୭ ମାସ ସମୁଦ୍ରରେ ପ୍ରବେଶ ଉପରେ କଟକଣା

# ଜୀବନଜୀବିକା ନେଇ ଚିନ୍ତାରେ ଧୀବର

**କାକଟପୁର/ଅସ୍ତରଙ୍ଗ, ୫।୫ (ସଂଚାର ବ୍ୟୁରୋ):** ବର୍ଷକ ୧୨ମାସରୁ ୭ମାସ କଟକଣାରେ ଚାଲି ଯାଉଛି। କେତେବେଳେ ଅଲିଭି ରିଡେଲ କଇଁଛଙ୍କ ସୁରକ୍ଷା ନାମରେ ତ ଆଉ କେତେବେଳେ ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇଁ ତ ଆଉ କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଲାଗୁଛି କଟକଣା। ୧୨ମାସ ମଧ୍ୟରୁ ୭ରୁ ୮ମାସ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଉଛି ଧୀବରଙ୍କୁ। ବାକି ୪ମାସ ମାଛ ଧରିବାକୁ ଯାଉଥିଲେ ମଧ ଡିଜେଲ, ବରଫ ଦର ବୃଦ୍ଧିରେ ଯେତିକି ଖର୍ଚ୍ଚ ହେଉଛି ସେହିଅନୁପାତରେ ଜାଲରେ ମାଛ ପଡୁ ନାହାନ୍ତି। ସେଥିପାଇଁ ଧୀବର ମାନଙ୍କୁ ନିଜ ଜୀବନ ଜୀବିକା ହରାଇବାକୁ ପଡିଲାଣି। ବିଶେଷ କରି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ବାଲିଡିଆ, କାଳିଆକଣ, ପାଟସୁନ୍ଦରପୁର, ସହନ, ସୁଦିକେଶର,



ଡ଼ାଲୁଅକଣି ମତ୍ସଜୀବି ଦେବୀ ନଦୀ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ହଜାର ହଜାର ମତ୍ସ୍ୟଜୀବୀ ଏବେ ଜୀବିକା ନିର୍ବାହରୁ ବଞ୍ଚିତ ରହି ଘୋର ଅନାଟନ ମଧ୍ୟରେ କାଳ କାଟୁଛନ୍ତି। ଜୀବନ ଓ ଜୀବିକାକୁ ନେଇ ଏବେ ସେମାନେ ଚିନ୍ତାରେ ପଡିଛନ୍ତି।

ସରକାରଙ୍କ କଟକଣା ଯୋଗୁଁ ଅଡୁଆରେ ପଡୁଛନ୍ତି ମତ୍ସ୍ୟଜୀବୀ। ମତ୍ସ୍ୟଜୀବୀଙ୍କ ଜୀବିକା ନିର୍ବାହକୁ ଅଗ୍ରାଧିକାର ଦେଇ ସରକାର ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ଯୋଗାଇ ନ ଦେଲେ ଏହି ମତ୍ସ୍ୟଜୀବୀମାନେ ଅସୁବିଧା ସମ୍ମୁଖୀନ ପ୍ରତିବର୍ଷ ଭଳି ହେବେ। ଏ ନେଇ ରାଜ୍ୟ ପାରମ୍ପରିକ ସଙ୍ଘ ରାଜ୍ୟ ସଭାପତି ପ୍ରସନ ବେହେରା କହିଛନ୍ତି ମତ୍ସ୍ୟଜୀବୀମାନେ ସମୁଦ୍ର ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି କିନ୍ତୁ କଟକଣା ସମୟରେ ସରକାରଙ୍କ ଠାରୁ ମିଳୁଥିବା ଆର୍ଥିକ ରାଶି ୧୫ହଜାରରୁ ବୃଦ୍ଧି କରି ୩୦ହଜାର ଟଙ୍କା ପ୍ରଦାନ ପାଇଁ ଦାବୀ କରିଛନ୍ତି। ଏହାସହ ମତ୍ସ୍ୟଜୀବୀଙ୍କ ମୃତ୍ୟୁକାଳୀନ ସହାୟତା ୨ଲକ୍ଷରୁ ଅଧିକ ପ୍ରଦାନ କରିବା, ସରକାର ପ୍ରଣୟନ କରିଥିବା ମତ୍ସ୍ୟ କାର୍ଡକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା, ମତ୍ସ୍ୟ ରପ୍ତାନିକାରୀ ସଂସ୍ଥା ଉପରେ ଅଙ୍କୁଶ ଲଗାଇବା, ମାଛର ସର୍ବନିମ୍ନ ମୂଲ୍ୟ ଘୋଷଣା କରିବା ସହ ଅନେକ ଦାବୀ ରହିଛି।

ସରକାର ଏ ଦିଗରେ ସଚେତନ ନ ହେଲେ ମତ୍ସ୍ୟଜୀବୀମାନେ ସେମାନଙ୍କର ଜୀବିକା ହରାଇବେ ବୋଲି ଅସ୍ତରଙ୍ଗ ଅଞ୍ଚଳର ମତ୍ସ୍ୟଜୀବୀମାନେ କହିଛନ୍ତି।

## ଜୁଆଆଡ୍ଡା ଉପରେ ଚଢ଼ାଉ, ୧୩ ବାଇକ ଜବତ

**ବୋରିଗୁମ୍ମା, ୫।୫ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଏସଡିପିଓ ସତ୍ୟବ୍ରତ ଲେଙ୍କା ଙ୍କ ତତ୍ତ୍ୱାବଧାନରେ ରବିବାର ସନ୍ଧ୍ୟାରେ ବି.ସିଂହପୁର ଥାନା ଅନ୍ତର୍ଗତ ରଣସପୁର ପଞ୍ଚାୟତ ଆମ୍ବାବେଲି ଯିବା କେନାଲ ରାସ୍ତା ନିକଟରେ ଏକ ଜୁଆ ଆଡା କୁ ବି.ସିଂହପୁର ପୋଲିସ ଚଡାଉ କରିଥିଲେ। ପୋଲିସ ଚଡାଉ ବେଳେ ସମସ୍ତ ଜୁଆଡି ଛତ୍ରଭଙ୍ଗ ଦେଇ ଥିବା ବେଳେ ଜୁଆ ଆଡାରୁ ମାତ୍ର ନଗଦ ୭୦୦ ଟଙ୍କା ଏବଂ ୧୩ଟି ବାଇକକୁ ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖିଛି ପୁଲିସ। ଦୀର୍ଘ ଦିନ ହେବ ବି ସିଂପୁର ଥାନା ଅଞ୍ଚଳରେ ଜୁଆ ଚାଲୁଥିବା ଅଭିଯୋଗ ହେଉଛି। ବି ସିଂପୁର ପୋଲିସ ଜୁଆ ଆଡ୍ଡା ଚାଲୁ ଥିବା ନେଇ ତାଙ୍କ ପାଖରେ ଖବର ଅଛି କି ନାହିଁ। ଯଦି ଖବର ଅଛି ପୋଲିସ କାହିଁକି ଜୁଆ ଆଡ୍ଡା କୁ ବନ୍ଦ କରୁନାହିଁ। ବର୍ତ୍ତମାନ ଚାଲିଥିବା ଜୁଆ ଖେଳକୁ ରଣସପୁର ଅଞ୍ଚଳର ଜୈନିକ ଯୁବକ ସ୍ଥାନୀୟ ପୁଲିସର ସହାୟତାରେ ଚଳାଇଥିବା ଚର୍ଚ୍ଚା ହେଉଛି। ଗତ ଦୁଇ ମାସ ହେଲା ଏହି ସ୍ଥାନରେ ଜୁଆ ଖେଳ ଚାଲିଥିବା ବେଳେ ପୁଲିସର ନିରବତାକୁ ସନ୍ଦେହ ଘେରକୁ ଟାଣିଛି। ଯେଉଁ ଜୁଆ ଆଡ୍ଡାରେ ୧୩ ଗୋଟି ବାଇକ ଜବତ ହୋଇଛି, ସେହି ଜୁଆ ଆଡ୍ଡା ରେ ମାତ୍ର ୭୦୦ ଟଙ୍କା ଜବତ ହେବା ଘଟଣା କୁ ରହସ୍ୟମୟ କରିଛି। ସେଠାରେ ପ୍ରତିଦିନ ଲକ୍ଷାଧିକ ଟଙ୍କା ଜୁଆ ଖେଳରେ ଚାଲିଥାଏ। କିନ୍ତୁ ପୁଲିସ ମାତ୍ର ତିନି ଜଣଙ୍କ ନାମରେ ମାମଲା ରୁଜୁ କରି ନିଜ ଦାୟିତ୍ୱ ସାରିଦେଇଛି।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା ସନ୍ଦେହ

**ନାଉଗାଁ, ୫।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ଗ୍ରାମର ଅଭିମନ୍ୟୁ ମହାନ୍ତି (୩୭) ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ରବିବାର ବିଳମ୍ବିତ ରାତିରେ ସମସ୍ତେ ଶୋଇବା ପରେ ଘରର ପଛ ପାର୍ଶ୍ୱ କବାଟ ବନ୍ଦ କରି ପଙ୍ଖାରେ ଗାମୁଛା ବାନ୍ଧି ଝୁଲି ପଡ଼ିଥିଲେ। କିଛି ସମୟ ପରେ ତାଙ୍କ ସ୍ତ୍ରୀ ଘର କବାଟ ଖୋଲିବାରୁ କବାଟ ଖୋଲି ନଥିଲା। ପଡୋଶୀଙ୍କ ସହାୟତା କବାଟ ଭାଙ୍ଗି ଭିତରକୁ ଗଲା ବେଳକୁ ଅଭିମନ୍ୟୁ ଝୁଲୁ ଥିବାର ଦେଖିଥିଲେ। ସଙ୍ଗେ ସଙ୍ଗେ ତାକୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଥାନା ପକ୍ଷରୁ ଶବକୁ ଜବତ କରାଯିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରାଯାଇଛି। ମୃତ ଅଭିମନ୍ୟୁଙ୍କର ଘରେ ଗୋଟିଏ ଛୋଟ ପୁଅ, ଝିଅ ଓ ବିଧବା ପତ୍ନୀ ରହିଛନ୍ତି। ସେ ନିଜ ଗ୍ରାମରେ ଏକ ଛୋଟ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ।

## ଖୋର୍ଦ୍ଧା ଡିଷ୍ଟ୍ରିବ୍ୟୁଟର ଆସୋସିଏସନର ବୈଠକ



**ଖୋର୍ଦ୍ଧା, ୫।୫ (ସଂଚାର ବ୍ୟୁରୋ):** ଡିଷ୍ଟ୍ରିବ୍ୟୁଟର ଆସୋସିଏସନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶଶିକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଗୀତା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିବ୍ୟୁଟର ଆସୋସିଏସନର ସଭାପତି ପରମେଶ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଗୋପାଳ ଅଗ୍ରୱାଲ ଉପସ୍ଥିତ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ବୈଠକରେ ଓଡିଶା ବ୍ୟବସାୟୀ ମହାସଂଘର ସମ୍ପାଦକ ସୁଧାକର ପଣ୍ଡା, ଆଇନ ଉପଦେଷ୍ଟା ଶକ୍ତି ଶଙ୍କର ମିଶ୍ର, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ ଯୋଗଦେଇ ବ୍ୟବସାୟୀ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସଭ୍ୟ ମାନଙ୍କ ଭିତରେ ଏକତା ଏବଂ ସଚୋଟତା ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ନୟାଗଡ, ଦଶପଲ୍ଲା, ବେଗୁନିଆ, ଜଟଣୀ, ଟାଙ୍ଗୀ, ବାଲୁଗାଁ ବ୍ୟବସାୟୀ ମାନଙ୍କୁ ନେଇ ଏକ ବୈଠକ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଥିଲା । ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ଖାଉଟି ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ସକାଳର ସ୍ୱଚ୍ଛତା ପକ୍ଷରୁ ରଥିଜେମା ଶ୍ମଶାନରେ ଚାରା ରୋପଣ



**ବାଲିଅନ୍ତା, ୫।୫ (ସଂଚାର ବ୍ୟୁରୋ) :** ଏ ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ସକାଳର ସ୍ୱଚ୍ଛତା ପକ୍ଷରୁ ଆଜି ସକାଳେ ରଥିଜେମା ଶ୍ମଶାନରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ମଶାନ ପ୍ରବେଶ ରାସ୍ତା ଏବଂ ଏହାର ଆଖପାଖ ସଂରକ୍ଷିତ ସ୍ଥାନରେ ବିଭିନ୍ନ ପ୍ରକାର ଫୁଲ, ଜଙ୍ଗଲି କିସମ ଚାରା ରୋପଣ କରାଯାଇଥିଲା । ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମାଜସେବୀ ଅରବିନ୍ଦ ସାହୁ, ଗୋପାଳ ବେହେରା,ପ୍ରଶାନ୍ତ ବାରିକ, ଅସିତ ଦାଶ, ଗୋବିନ୍ଦ ବେହେରା, ରଞ୍ଜନ ସାହୁ, ପ୍ରଭାକର ବାରିକ, ବାବୁଲି ସାହୁ, ଆଶିଷ ଭୋଇ, ସୁଶାନ୍ତ ମହାନ୍ତି, ମନମୋହନ ସାହୁ ଏବଂ ରାହୁଲ ପୃଷ୍ଟି ପ୍ରମୁଖ ଚାରା ରୋପଣ କରିଥିଲେ ।

### ● ଚୋରା ମଦ ବେପାରକୁ ବିରୋଧ କରି ରାସ୍ତା ଅବରୋଧ

# ନାଉଗାଁ ଥାନାର ପ୍ରତିଶ୍ରୁତି ପରେ ହଟିଲା ଅବରୋଧ



**ନାଉଗାଁ, ୫।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦାହାଟରେ ବ୍ୟାପକ ଚୋରା ମଦ ଓ ନିଶା କାରାବାରକୁ ବିରୋଧ କରି ବଜାର କମିଟି ପକ୍ଷରୁ ସୋମବାର ଗାମ୍ୟ ଉନ୍ନୟନ ବିଭାଗର ଶାଳିଜଙ୍ଗା-ତିରୁଣା ରାସ୍ତାକୁ ପ୍ରାୟ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ ଥାନା ଏସଆଇ ନିଳମଣୀ ନାୟକ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରିବା ସହ ଚୋରା ମଦ ଓ ନିଶା ବେପାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା।

ବଜାର କମିଟିର ସଭାପତି ନରେଶ ସେଠୀ ଓ ସମ୍ପାଦକ ବିବେକାନନ୍ଦ ବାରିକଙ୍କ କହିବା ମୁତାବକ ଉକ୍ତ ବଜାରରେ ଦୀର୍ଘ ଦିନ ହେବ ଚୋରା ମଦ ଓ ନିଶା କାରାବାର ବୃଦ୍ଧି ପାଇଛି। ଏହା ଯୋଗୁଁ ବିଭିନ୍ନ ଦୋକାନରୁ ଚୋରି, ମାଡ ପିଟ ସହିତ ମଦ୍ୟପମାନେ ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଯାହାଫଳରେ ପିଲାମାନେ ବିଦ୍ୟାଳୟକୁ କିମ୍ବା ମହାବିଦ୍ୟାଳୟକୁ ଯିବାକୁ ଭୟଭୀତ ହେଉଛନ୍ତି। ଏସଂକ୍ରାନ୍ତରେ ବାରମ୍ବାର ଥାନାଧିକାରୀଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁ ନାହିଁ। ଏହା ଯୋଗୁଁ ଦିନକୁ ଦିନ ମଦ୍ୟପ ଓ ନିଶାଡିମାନେ ପରିବେଶକୁ ନଷ୍ଟ କରୁଥିବାରୁ ଏହାର ପ୍ରତିବାଦରେ ବଜାର କମିଟିର ସମସ୍ତ ସଦସ୍ୟ ରାସ୍ତା ଅବରୋଧ କରିବା ପାଇଁ ବାଧ ହୋଇଥିଲେ। ଯଦି ଚୋରା ମଦ ଓ ନିଶା ଦ୍ରବ୍ୟ ବିକ୍ରି ଉପରେ କୌଣସି ଅଙ୍କୁଶ ନ ଲାଗେ ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି।

ଏହି ଅବରୋଧରେ କମିଟିର ସଦସ୍ୟ ରଶ୍ମିରଞ୍ଜନ ତ୍ରିପାଠୀ, ଉମେଶ ବିଶ୍ୱାଳ, ଖୋକନ ମହାନ୍ତି, ପ୍ରଶାନ୍ତ ଦଳାଇ, ନିତ୍ୟାନନ୍ଦ ବିଶ୍ୱାଳଙ୍କ ସମେତ ଶତାଧିକ ସଦସ୍ୟ ସାମିଲ ଥିଲେ।



## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଅଭ୍ୟାସବର୍ଗ ସମାପନ

**ବୋରିଗୁମ୍ମା, ୫।୫ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସରସ୍ୱତୀ ଶିଶୁମନ୍ଦିରରେ ୨ ଦିନ ଧରି ଚାଲିଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କୋରାପୁଟ ବିଭାଗ ଅଭ୍ୟାସ ବର୍ଗର ସମାପନ ଘଟିଛି। ଏହି ବର୍ଗରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ନିକୁଞ୍ଜ ବିହାରୀ ପଣ୍ଡା ଏବଂ ରାଜ୍ୟ ସମ୍ପାଦକ ସେତାଙ୍ଗସୁ ଶେଖର ବୋରାଇ, ରାଜ୍ୟ ସହ ସମ୍ପାଦକ ମୋହନ ହରିଜନ, ରାଷ୍ଟ୍ର କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ନାୟକ, କୋରାପୁଟ, ମାଲକାନଗିରି ଜିଲ୍ଲାର ଜିଲ୍ଲା ସଙ୍ଗଠନ ସମ୍ପାଦକ ଦିବ୍ୟଜ୍ୟୋତି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବର୍ଗରେ ୩ଟି ଜିଲ୍ଲା ତଥା କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁରର ଶତାଧିକ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ବର୍ଗରେ ଆଗାମୀ ଦିନରେ ହେବାକୁ ଯାଉଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ଅଭିଯାନ ଉପରେ ଚର୍ଚ୍ଚା ହୋଇଥିଲା। ବିଦ୍ୟାର୍ଥୀ ପରିଷଦ କଣ ଓ କିପରି କାର୍ଯ୍ୟ କରେ ଓ ତାର ଲକ୍ଷ୍ୟ ଆଦର୍ଶ କଣ ତାହା ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ ଦିଆଯାଇଥିଲା ଏବଂ ବୋରିଗୁମ୍ମା ନଗର ପରିକ୍ରମା ହୋଇଥିଲା ତତ୍ ସହ ବିଭିନ୍ନ ଦାୟିତ୍ୱରେ ଛାତ୍ରଛାତ୍ରୀଙ୍କୁ ନ୍ୟସ୍ତ କରାଯାଇଥିଲା।

## ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ବିଦ୍ୟୁତ କର୍ମଚାରୀ ଗୁରୁତର



**ଗୋପ, ୫।୫ (ସଂଚାର ବ୍ୟୁରୋ):** ଗୋପ ବିଦ୍ୟୁତ ବିଭାଗ ବେଗୁନିଆ ଫିଡ଼ରରେ ୧୧ କେଭି ଖୁଣ୍ଟିରେ କାର୍ଯ୍ୟ କରୁଥିବା ବେଳେ କରେଣ୍ଟ ସଂସ୍ପର୍ଶରେ ଆସି ଜଣେ କର୍ମଚାରୀ ଗୁରୁତର ହୋଇପଡ଼ିଥିବା ଜଣପଡିଛି। ସୂଚନା ଅନୁସାରେ ଗୋପ ପଞ୍ଚାୟତ ଉଦୟଗିରି ସାହିର ପ୍ରକାଶ ଭୋଇ (୩୧) ଗୋପ ସର୍କଲ ସ୍ଥିତ ବେଗୁନିଆ ଫିଡ଼ରରେ ଦୀର୍ଘ ବର୍ଷଧରି ଇମ୍ପରାଇଲ କମ୍ପାନୀ ଦ୍ୱାରା ନିଯୁକ୍ତି ଠିକା କର୍ମଚାରୀ ଲାଇନ ମ୍ୟାନ ଭାବେ କାର୍ଯ୍ୟକରି ଆସୁଥିଲେ । ଆଜି ସକାଳ ୧୦ ଘଟକା ସମୟରେ ବେଗୁନିଆ ଫିଡ଼ର ସଉରିଆ ଠାରେ ୧୧ କେଭି ଖୁଣ୍ଟରେ ତ୍ରୁଟି ସଜାଡ଼ିବାକୁ ଯାଇଥିଲେ ଟପିସିଓଏଲ ଲାଇନ ମ୍ୟାନ ଅମୁଲ୍ୟ ମହାରଣା ଓ ଲାଇନ ମ୍ୟାନ ପ୍ରକାଶ ଭୋଇ। ୧୧ କେଭି ଖୁଣ୍ଟିରେ କାର୍ଯ୍ୟ କରୁଥିବା ସମୟରେ ପ୍ରକାଶଙ୍କ ମୁଣ୍ଡରେ କରେଣ୍ଟ ଲାଗିବାରୁ ସେ ତଳେ ପଡି ବେହୋସ ହୋଇଯାଇଥିଲେ । ଫଳରେ ପ୍ରକାଶଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହିତ ଶରୀରର ଅନେକ ଅଂଶ ପୋଡ଼ିଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ଆମ୍ବୁଲାନ୍ସ ଦ୍ୱାରା ଗୁରୁତର ଅବସ୍ଥାରେ ଗୋପ ମେଡିକାଲ ରେ ଭର୍ତ୍ତି କରିଥିଲେ। ପରେ ଅଧିକ ଗୁରୁତର ହେବାରୁ ଡାକ୍ତର ପ୍ରକାଶଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିଲେ। ଗୁରୁତର ପ୍ରକାଶଙ୍କ ହୋସ ଆସିନଥିବା ବେଳେ ଅବସ୍ଥା ଏବେବି ଶଙ୍କଟାପର୍ଣ୍ଣ ରହିଛି ଏବଂ ସେ ସମ ହସ୍ପିଟାଲରେ ଚିକିତ୍ସା ଅବସ୍ଥାରେ ଜୀବନ ସହିତ ସଂଘର୍ଷ କରୁଛନ୍ତି। ଏପଟେ ପ୍ରକାଶଙ୍କ ପରିବାର ଭାଙ୍ଗି ପଡ଼ିଥିବାବେଳେ ଏଘାଟଣାର ତୁରନ୍ତ ତଦନ୍ତ କରାଯାଇ ବିଭାଗୀୟ କର୍ମଚାରୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ପ୍ରକାଶଙ୍କୁ ସୁସ୍ଥ କରିବା ଏବଂ ପରିବାରଙ୍କୁ ଭରଣ ପୋଷଣ ଦେବାପାଇଁ ଗୋପ ଜାଗରଣ ମଞ୍ଚ ତରଫରୁ ସାଧାରଣ ଦାବୀ ହୋଇଛି।

### ସୁରେନ୍ଦ୍ରନାଥ ବିଦ୍ୟାପୀଠରେ ମେଧାବୀ ଛାତ୍ର ଐଶ୍ୱରାଜ ସମ୍ବର୍ଦ୍ଧିତ

# ଭବିଷ୍ୟତରେ ଡକ୍ଟର ହେବାକୁ ଲକ୍ଷ୍ୟ

**କାକଟପୁର /ଅସ୍ତରଙ୍ଗ, ୫।୫ (ସଂଚାର ବ୍ୟୁରୋ):** ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୪-୨୫ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ଛାତ୍ର ଐଶ୍ୱରାଜ ବେହେରା ଅସ୍ତରଙ୍ଗ ବ୍ଲକରେ ଟପ୍ପରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୋଟ ୬୦୦ନମ୍ବରରୁ ୫୫୭ନମ୍ବର ରଖି ବିଦ୍ୟାଳୟ ପାଇଁ ତଥା ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।



ଖବର ମୁତାବକ ସୋମବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ପ୍ରକାଶ କୁମାର ବେହେରାଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦାନ କରି ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକରେ ଟପ୍ପରରେ ତୃତୀୟ ସ୍ଥାନରେ ଥିବା ଐଶ୍ୱରାଜ ବେହେରାଙ୍କୁ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହା ସହ ବ୍ଲକ ଟପ୍ପରରେ ତୃତୀୟ ସ୍ଥାନ ହୋଇଥିବା ଐଶ୍ୱରାଜ ବେହେରାଙ୍କ ବାପା କପିଳେଶ୍ୱର ବେହେରା ଜଣେ ଚାଷୀ ହୋଇଥିବା ବେଳେ ପୁଅର ସଫଳତାକୁ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରକାଶ କୁମାର ବେହେରା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭବିଷ୍ୟତରେ ଡକ୍ଟର ହୋଇ ଲୋକଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା ଐଶ୍ୱରାଜ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଜାମୁତୋଟା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବାଲିଅନ୍ତା, ୫।୫ (ସଂଚାର ବ୍ୟୁରୋ):** ବାଲକାଟି ଜାମୁତୋଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ୧୦ମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ୧୨ ଜଣ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଅଂଶୁମାନ ନାୟକ ସର୍ବାଧିକ ୫୫୬ ନମ୍ବର ରଖି ବାଲିଅନ୍ତା ବ୍ଲକରେ ଟପର ହୋଇଥିବା ବେଳେ ଶୁଭମ ଜେନା ବି-୨, ରୁଦ୍ର ନାରାୟଣ ସାହୁ ବି-୧ ଏବଂ ଅନ୍ୟମାନେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଜି ବିଦ୍ୟାଳୟ ସଭାକକ୍ଷରେ ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ରଣସିଂହଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଅଧକ୍ଷ ଡ. ରଜନୀରଞ୍ଜନ ଦାଶ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଙ୍କର ସାହୁ, ସଂପାଦକ ଚୈତନ୍ୟ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହା ସହିତ ପାଠ୍ୟ ଉପକରଣ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ।

# ଶିଳାନ୍ୟାସକୁ ପୂରିଲା ୧୫ ମାସ, ଆରମ୍ଭ ହେଉନି କାର୍ଯ୍ୟ

**ନାଉଗାଁ, ୫।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ଡେରିକି ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣର ଭିତିପ୍ରସ୍ତର ସ୍ଥାପନକୁ ୧୫ ମାସ ପୁରିଲାଣି। କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉନାହିଁ। ଉକ୍ତ ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଜଗତସିଂହପୁର ବିଭାଜନ ଅଧୀନରେ ରହିଛି। ଏହି ନିର୍ମାଣ କାର୍ଯ୍ୟ ପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଠିକାଦାର ଚୟନ କରାଯାଇଛି। ଏହି କାର୍ଯ୍ୟର ଆରମ୍ଭ କରିବା ପାଇଁ ବିଭାଗ ପକ୍ଷରୁ ତତ୍କାଳିନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଦ୍ୱାରା ୨୦୨୪ ଫେବୃଆରି ୨୯ରେ ଭିତିପ୍ରସ୍ତର ସ୍ଥାପନ କରାଯାଇଛି। ହେଲେ କାର୍ଯ୍ୟ ଆରମ୍ଭ କରାଯାଉନାହିଁ। ଯାହାଫଳରେ ବିଭାଗୀୟ ଅଧିକାରୀ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉପରେ ବ୍ଲକର ୫ଟି ପଞ୍ଚାୟତର

### ଡେରିକି ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ

ଜନସାଧାରଣ ନିର୍ଭର କରିଥାନ୍ତି। ବର୍ତ୍ତମାନ କାର୍ଯ୍ୟାଳୟଟି ଗୋଟିଏ ମାତ୍ର ଗୃହରେ ଚାଲୁଥିବା ବେଳେ ଗୃହଟି ଅତ୍ୟନ୍ତ ଛୋଟ। ଏହି କାର୍ଯ୍ୟାଳୟରେ କମ୍ପ୍ୟୁଟର ସମେତ ବିଭିନ୍ନ ଆସବାବପତ୍ର ଓ ଆବଶ୍ୟକୀୟ କାଗଜପତ୍ର ରହୁଥିବା ବେଳେ ଜନସାଧାରଣ କାର୍ଯ୍ୟାଳୟ ମଧକୁ ପ୍ରବେଶ କଲେ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଯାହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ କରାଯିବା ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଭିତିପ୍ରସ୍ତର ସ୍ଥାପନ ପରେ ନୂତନ ଗୃହ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ସ୍ଥାନରୁ ଜବରଦଖଲକୁ ଉଚ୍ଛେଦ ମଧ କରାଯାଇଥିଲା। ବର୍ତ୍ତମାନ ଭିତିପ୍ରସ୍ତର ସ୍ଥାପନକୁ ୧୫ ମାସ ପୁରିଥିଲେ ମଧ କାର୍ଯ୍ୟ ନିର୍ମାଣରେ ବିଭାଗର ସ୍ଥାଣୁତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଉକ୍ତ ଗୃହକୁ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।



# ୧.୨୯ ଲକ୍ଷ କୋଟି ନିବେଶରେ ବଳଶାଳୀ ହେବ କେନ୍ଦୁଝର






## ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଶିଳାନ୍ୟାସ**

**୧୧୫୫ କୋଟିର ୩୪୦ ପ୍ରକଳ୍ପ ଘୋଷିତ**

**ଖୁବ୍‌ଶୀଘ୍ର କେନ୍ଦୁଝରରେ ୩୫୦୦୦ କୋଟିର ଇସ୍ପାତ କାରଖାନା**

**ଭୁବନେଶ୍ୱର/କେନ୍ଦୁଝର,୫।୫(ସଂଚାର ବ୍ୟୁରୋ):** ମହାନ ବିପ୍ଳବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଆଜି ତାଙ୍କ ଜନ୍ମଭୂମି କେନ୍ଦୁଝର ଜିଲ୍ଲାର କୁସୁମିତା ଠାରେ ମହାସମାରୋହରେ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ୫୦ କୋଟି ଟଙ୍କା ବ୍ୟୟ ବରାଦରେ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟରେ ୩୪୦ଟି ପ୍ରକଳ୍ପ ମଧ୍ୟ ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ଦିନରେ କେନ୍ଦୁଝରରେ ଜେଏସଡବ୍ଲ୍ୟୁ ପକ୍ଷରୁ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବ। ଏନେଇ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବାକୁ ଥିବା ବେଳେ ମୋଟ ୧ ଲକ୍ଷ ୨୯ ହଜାର ୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ୩୦ରୁ ୩୫ ହଜାର ଯୁବକଯୁବତୀ ନିଯୁକ୍ତି ପାଇବେ ଓ ଏହା କେନ୍ଦୁଝର ଅର୍ଥନୀତିକୁ ବେଶ୍ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ବିପ୍ଳବୀ ଧରଣୀଧରଙ୍କ ସମ୍ପର୍କରେ କହିଛନ୍ତି ଯେ ଧରଣୀଧର ଓଡ଼ିଶାରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ଦେଇଥିବାରୁ ତାଙ୍କ ଦେଶପ୍ରେମ ଓ ତ୍ୟାଗ ଯୁବପିଢି ପାଇଁ ପ୍ରେରଣାର ସ୍ରୋତ। ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ରାଜ୍ୟ ସରକାର ନାନାଦି ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର କାଙ୍ଗାଳି ଚରଣ ନାଏକଙ୍କୁ ଧରଣୀଧର ସମ୍ମାନ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ଯୋଗଦେଇଥିଲେ। ବିପ୍ଳବୀ ଧରଣୀଧର ନାଏକଙ୍କ ବଂଶଧର କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ ଉପର କୁସୁମିତାଠାରେ ଧରଣୀଧରଙ୍କ ପୈତୃକ ବାସଭବନରେ ପହଞ୍ଚି ସେଠାରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।

# ୮ରୁ ଅସମ୍ଭାଳ ତାତି

**ଭୁବନେଶ୍ୱର, ୫।୫ (ସଂଚାର ବ୍ୟୁରୋ) :** କାଳବୈଶାଖୀ ବର୍ଷା ପରେ ଆଗକୁ ବଢ଼ିବ ଖରାର ପ୍ରକୋପ । ପୁଣି ରାଜ୍ୟରେ ଅନୁଭବ ହେବ ଅସମ୍ଭାଳ ତାତି ସହ ଗୁଳୁଗୁଳି । ୩ ଦିନ ପରେ ରାଜ୍ୟରେ ଉପରମୁହାଁ ହେବ ପାରଦ । ସ୍ୱାଭାବିକ ଠାରୁ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡିଶାରେ ତାତି ବଢ଼ିବ ବୋଲି ଆକଳନ କରାଯାଇଛି । ୮ ଓ ୯ ତାରିଖରେ ଉପକୂଳର ୧୧ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେପଟେ ଆହୁରି ୪୮ ଘଣ୍ଟା ଯାଏଁ କାଳବୈଶାଖୀ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ପାଇଁ ୱାର୍ଣ୍ଣିଂ ଜାରି ହୋଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ




ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡ଼ା, ବରଗଡ଼, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ସମ୍ବଲପୁରରେ ବିଜୁଳି ଘଡଘଡି ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବ । ଯାହାକୁ ନେଇ ଏହି ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଆସନ୍ତାକାଲି କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡଘଡି ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିବ । ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି, ୭କୁ ଘୁଞ୍ଚିଲା ଶୁଣାଣି



**କଟକ, ୫।୫ (ସଂଚାର ବ୍ୟୁରୋ) :** ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଆଶ୍ୱସ୍ତି । ବିଷ୍ଣୁପଦ ଓ ତାଙ୍କ ପରିବାରର ଅନ୍ତରୀଣ ସୁରକ୍ଷା ବଢ଼ିଲା। ଅନ୍ତରୀଣ ଆଦେଶ ବଳବତ୍ତର ରଖିଲେ ହାଇକୋର୍ଟ। କେସ୍ ଡାଏରୀ ଦାଖଲ କରିବାକୁ ନିର୍ଦ୍ଦେଶ ଭର୍ଚୁଆଲରେ ହାଜର ହେବେ ତଦନ୍ତ ଅଧିକାରୀ। ଆସନ୍ତା ୭ ତାରିଖକୁ ଘୁଞ୍ଚିଲା ଶୁଣାଣି। କଠୋର ପଦକ୍ଷେପ ନନେବା ଲାଗି ରହିଛି ଅନ୍ତରୀଣ ନିର୍ଦ୍ଦେଶ। ଗିରଫଦାରୀ ଏଡ଼ାଇବାକୁ ହାଇକୋର୍ଟ ଛୁଇଁଲେ ବିଷ୍ଣୁପଦ। ସୂଚନାଯୋଗ୍ୟ ଯେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଲିମିଟେଡ୍ ପାଇଁ ଏକ ବିଲ୍ ପାସ୍ କରିବାକୁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ନେଇ ସିବିଆଇ ପକ୍ଷରୁ ମାମଲା ହୋଇଥିଲା। ସିବିଆଇ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଘରେ ଚଢ଼ଉ ମଧ୍ୟ କରିଥିଲା । ଏଫଆଇଆରରେ ନାଁ ନଥିଲେ ମଧ୍ୟ ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସିବିଆଇର ବେଆଇନ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇବା ପାଇଁ ପ୍ରାର୍ଥନା କରିଥିଲେ । ତେବେ ଗତ ଫେବୃଆରୀ ମାସରେ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଲିମିଟେଡ୍ ଲାଞ୍ଚ ମାମଲାରେ ସିବିଆଇ ପକ୍ଷରୁ ବିଷ୍ଣୁପଦ ସେଠୀଙ୍କ ଘରେ ଚଢ଼ଉ କରାଯାଇଥିଲା। ସିବିଆଇର ଏଭଳି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଥିଲେ ବିଷ୍ଣୁପଦ ସେଠୀ । ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ବିଚାରପତି ଏସ.କେ. ପାଣିଗ୍ରାହୀ ମାମଲାର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ପୂର୍ବରୁ ଅନ୍ତରୀଣ ସୁରକ୍ଷା ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ତେବେ ଏହି ଅନ୍ତରୀଣ ସୁରକ୍ଷା ଆସନ୍ତା ମେ' ୭ ତାରିଖ ଯାଏ ଅନ୍ତରୀଣ ସୁରକ୍ଷା ବୃଦ୍ଧି ହୋଇଛି।

# ଓଡ଼ିଶା ଲୋକସଂସ୍କୃତିର ଏକ ଅମୂଲ୍ୟ ଅଂଶ ହେଉଛି 'ରଙ୍ଗବତୀ': ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୫।୫ (ସଂଚାର ବ୍ୟୁରୋ):** ରଙ୍ଗବତୀ ପରି କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଏକ ଘୋଷଣା ଯେ, ଓଡ଼ିଶା ଏବେ ତାଙ୍କର ଅନୁପମ କଳାକୁ ଗର୍ବର ସହ ଆଗକୁ ବଢ଼ାଉଛି। ରଙ୍ଗବତୀ କେବଳ ଏକ ଗୀତ ନୁହେଁ, ଏହା ନିଜ ଅସ୍ମିତାର ଅନୁଭବ, ଗୌରବ ଓ ଉଦଯାପନାର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କେନ୍ଦୁଝର ଜିଲ୍ଲାର କାଳୀ ପଡିଆ ଠାରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ 'ରଙ୍ଗବତୀ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ।ଆମେ ଓଡ଼ିଆ, ସବୁଠୁ ବଢ଼ିଆ। ଓଡିଶାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି ଲୋକଗୀତ, ଲୋକନୃତ୍ୟର ମଧୁର ମୂର୍ଚ୍ଛନା। ଏହି ବିବିଧାତା ଭିତରେ ଏକତା ଆମର ଶକ୍ତି। ଆମ ରାଜ୍ୟରେ ଭାଷା ଅଂଚଳ ବଦଳିବ ସହିତ ବଦଳି ଯାଇଥାଏ। ଭାଷା ଅଲଗା ସିନା କିନ୍ତୁ ପରିଚୟ ଏକ । ଓଡ଼ିଶାର ପ୍ରସିଦ୍ଧ ଗୀତ ରଙ୍ଗବତୀ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ରଙ୍ଗବତୀ ଗୀତ ଅନେକ ପୁରୁଣା । 'ରଙ୍ଗବତୀ' ଗୀତ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଓଡ଼ିଆ ମାଟିର ସ୍ପନ୍ଦନ। ଓଡ଼ିଶାର ଲୋକସଂସ୍କୃତିର ଏକ ଅମୂଲ୍ୟ ଅଂଶ ହେଉଛି 'ରଙ୍ଗବତୀ'। ମୁଁ ବିଶ୍ୱାସ କରେଯେ, ଯେଉଁ ରାଜ୍ୟ ତାଙ୍କର କଳାକୁ ସମ୍ମାନ ଦିଏ,ସେ ରାଜ୍ୟର ଆତ୍ମା ସଦା ଜୀବିତ ରହିଥାଏ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅନନ୍ତ ନାୟକ, ବିଧାୟକ ଫକୀର ମୋହନ ନାୟକ, ଅଖିଳ ଚନ୍ଦ୍ର ନାୟକ, ସନାତନ ମହାକୁଡ ଓ କେନ୍ଦୁଝର ଜିଲ୍ଲାପାଳ ୱିଶାଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦେବ ପ୍ରସାଦ ଦାଶ ସ୍ୱାଗତ ଭାଷଣ ଦେଇଥିଲେ।

# ନାବାଳିକାକୁ ଦୁଷ୍କର୍ମ କରି ୩ ମହଲା ଛାତରୁ ଡ଼େଇଁ ପଡ଼ିଲା ଅଭିଯୁକ୍ତ

**ରାଉରକେଲା, ୫।୫ (ସଂଚାର ବ୍ୟୁରୋ) :** ରାଉରକେଲାରେ ପୁଣି ଥରେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ । ଘଟଣା ଘଟିଛି ରାଉରକେଲା ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳରେ। ଜଣେ ଆଠ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଛି ସେହି ଅଞ୍ଚଳର ୨୫ ବର୍ଷୀୟ ଯୁବକ । ଗିରଫ ହେବା ଭୟରେ ୩ ମହଲା ଛାତରୁ ତଳକୁ ଡେଇଁ ପଡିଲା ଦୁଷ୍କର୍ମକାରୀ । ଗତକାଲି ବିଳମ୍ବିତ ରାତିରେ ମାମଲା ରୁଜୁ ପରେ ଅଭିଯୁକ୍ତ ଯୁବକକୁ ଗିରଫ କରିଛି ପୋଲିସ । ତେବେ ଅଭିଯୋଗ ହୋଇଛି କି, ରାଉରକେଲା ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳରେ ଜଣେ ଆଠ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିବା ପରେ ଛାତରୁ ତଳକୁ ଡ଼େଇଁ ପଡିଥିଲା। ଗିରଫ ହେବା ଭୟରେ ୩ ମହଲା ଛାତରୁ ତଳକୁ ଡେଇଁ ପଡିଲା ଦୁଷ୍କର୍ମକାରୀ। ଫଳରେ ଗୁରୁତର ଅବସ୍ଥାରେ ଯୁବକକୁ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ସମୁଦ୍ର ପଥରେ ଚୋରାଚାଲାଣ ନେଇ ପୁଲିସର ରେଡ୍, ୩ ଗିରଫ



**ପାରାଦୀପ, ୫।୫ (ସଂଚାର ବ୍ୟୁରୋ) :** ସମୁଦ୍ର ପଥରେ ଚୋରାଚାଲାଣ ନେଇ ପୋଲିସର ରେଡ୍ । ଘଟଣାରେ ୧୦ ଲକ୍ଷ ଟଙ୍କାର ଚୋରା ସାମଗ୍ରୀ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ନେହରୁବଙ୍ଗଳା ଫିସିଙ୍ଗ୍ ହାର୍ବର୍ ପରିସରରୁ ଏହି ସବୁ ସାମଗ୍ରୀ ଜବତ ହୋଇଛି । ପୋଲିସର ସୂଚନା ମୁତାବକ, ପିକ୍‌ଅପ୍ ଭ୍ୟାନ୍‌ରେ ଚୋରା ସାମଗ୍ରୀ ଆଣି ସମୁଦ୍ରକୁ ନେଇଯାଉଥିଲେ ଗିରଫ ଅଭିଯୁକ୍ତ ମାନେ । ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନେହରୁ ବଙ୍ଗଳା ଫିସିଂ ହାର୍ବର ପରିସରରୁ ପିକଅପ ଭ୍ୟାନରେ ଆଣିଥିବା ୧୦ ଲକ୍ଷ ଟଙ୍କାର ଚୋରା ସାମଗ୍ରୀଗୁଡ଼ିକୁ ଜବତ କରିଥିଲା । ଏହା ସହ ଡ୍ରାଇଭର୍ ଓ ବୋଟ୍ ମାଲିକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ସହ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି ।

### ସେୟାର ମାର୍କେଟିଂ ନାଁରେ କୋଟି କୋଟି ଠକେଇ ମାମଲା

# ଆସାମରୁ ମାଷ୍ଟରମାଇଣ୍ଡ ଗିରଫ

**ମାଲକାନଗିରି, ୫।୫ (ସଂଚାର ବ୍ୟୁରୋ) :** ଓଡ଼ିଶାରେ ଠକେଇ ଆସାମରୁ ଗିରଫ । ଆସାମ ତେଜପୁରରୁ ଆନ୍ତରାଜ୍ୟ ଟ୍ରେଡିଂ ଲୁଟେରାକୁ ଗିରଫ କଲା ପୋଲିସ । ସେୟାର ମାର୍କେଟିଂ ଟ୍ରେଡିଂ ନାଁରେ କୋଟି କୋଟି ଠକେଇ ମାମଲାରେ ମାଷ୍ଟରମାଇଣ୍ଡକୁ ଗିରଫ କରିଛି । ବଲାଙ୍ଗିରର ଠକ ଦେବଜିତ ତ୍ରିପାଠୀକୁ ବାନ୍ଧିଛି ମାଲକାନଗିରି ପୋଲିସ। ସେୟାର ମାର୍କେଟରେ ଅଧିକ ଟଙ୍କାର ଲୋଭ ଦେଖାଇ ମାଲକାନଗିରିରେ ୩ କୋଟିରୁ ଅଧିକ ଟଙ୍କା ଲୁଟିଥିଲେ। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ କୋଟି କୋଟି ଟଙ୍କା ଲୁଟ୍ କରିଛି ଦେବଜିତ। କେ. ଜିତେନ୍ଦ୍ର ପାତ୍ରଙ୍କ ଏତଲା ଅନୁଯାୟୀ ଦେବଜିତକୁ ଗିରଫ କରାଯାଇଛି । ୨୦୧୭ରେ ଦେବଜିତ ମାଲକାନଗିରିରେ ଆସି ରହି ନିଜ ଠକେଇ ସାମ୍ରାଜ୍ୟର କାୟା ମେଲାଇଥିଲା । ୨୦୧୮ରେ ଦେବଜିତଙ୍କ ସହ ସାକ୍ଷାତ ହୋଇଥିଲା । ୫୦ ହଜାର ଟଙ୍କା ନିବେଶ କଲେ ୩ ମାସରେ ୨୦ ପ୍ରତିଶତ ଟଙ୍କା ପାଇବେ ବୋଲି ଲୋଭ ଦେଖାଇଥିଲେ । ଯିତେନ୍ଦ୍ର ମଧ୍ୟ ଲୋଭରେ ପଡି ୫୦ ହଜାର ଟଙ୍କା ଦେଲେ । ଦେବଜିତ ୩ ମାସ ପରେ ୨୦ ପ୍ରତିଶତ ଟଙ୍କା ଦେଇଥିଲେ। ଏଭଳି ୮୦ ଲକ୍ଷ ଟଙ୍କା ଜିତେନ୍ଦ୍ର ଦେବଜିତଙ୍କୁ ଦେଲେ। ହେଲେ ଟଙ୍କା ମାଗିବାରୁ ଦେବଜିତ ଫେରାର ହୋଇଯାଇଥିଲେ । ଗତ ୨୦୨୪ ଅଗଷ୍ଟ ୯ ତାରିଖରେ ମାଲକାନଗିରି ଥାନାରେ ଏତଲା ଦାୟର କରିଥିଲେ । ଏତଲାକୁ ଭିତ୍ତି କରି ଦେବଜିତକୁ ଆସାମରୁ ଗିରଫ କରିଛି ମାଲକାନିଗିରି ପୋଲିସ ।

# ବ୍ଲକ ଅଧ୍ୟକ୍ଷ ବଦଳାଇବାକୁ ଅଣ୍ଟାଭିଡ଼ିଲେ ଶାରଦା



- ପ୍ରକାଶଙ୍କ ଷ୍ଟାଣ୍ଡ ଅସ୍ପଷ୍ଟ
- ପଦ ରକ୍ଷା ପାଇଁ ବିଜେଡିର ସମରସଜ୍ଜା

**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷଙ୍କୁ ବଦଳାଇବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଏହାକୁ ନେଇ ଏବେ ସନ୍ଦେହ ଉପୁଜିଛି। ଖୋଦ୍ ଶାସକ ଦଳର ବିଧାୟକଙ୍କ ଭୂମିକା ସନ୍ଦେହ ଘେରକୁ ଆସିଥିବା ବେଳେ କେଉଁ ପାଣି କୁଆଡ଼େ ଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

ନିଶ୍ଚିତକୋଇଲି ବ୍ଲକ ଉପାଧ୍ୟକ୍ଷ ନିଜ ଆଡୁ ପଦବୀ ଛାଡିବା ପରେ ତାଙ୍କ ସ୍ଥାନରେ ବିଧାୟକ ସାରଦା ପ୍ରଧାନଙ୍କ ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଉପାଧ୍ୟକ୍ଷ ବଦଳିଲା ପରେ ଏବେ ଅଧ୍ୟକ୍ଷ ବଦଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସମିତିସଭ୍ୟମାନେ ଏକଜୁଟ ହୋଇ ଅଧ୍ୟକ୍ଷଙ୍କୁ ବଦଳାଇବାକୁ ଚାହୁଁଥିବା ବେଳେ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଭୂମିକା କିନ୍ତୁ ସନ୍ଦେହରେ। କାରଣ ଉପାଧ୍ୟକ୍ଷ ପଦବୀ ନିର୍ବାଚନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ହାରିଯାଇଥିଲେ। ଯଦିଓ ପ୍ରକାଶ ଏଥିରେ କିଛି ପ୍ରତିକ୍ରିୟା ପ୍ରକାଶ କରିନଥିଲେ। କିନ୍ତୁ ସାରଦାଙ୍କ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ଓ ତାଙ୍କ ପ୍ରାର୍ଥୀଙ୍କ ପରାଜୟକୁ ସେ ସହଜରେ ଗ୍ରହଣ କରିପାରିନଥିଲେ।

ଇତିମଧ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକର ସମିତିସଭ୍ୟମାନେ ବିଧାୟକଙ୍କ ବାସଭବନରେ ଏକାଠି ହୋଇ ଆଲୋଚନା କରିଛନ୍ତି। ଏହି ଆଲୋଚନାର ସଠିକ୍ ଖବର ପଦାକୁ ଆସୁନଥିବାରୁ ବ୍ଲକ ଅଧ୍ୟକ୍ଷ ହଟିବେ କି ନାହିଁ, ତାହାକୁ ନେଇ ସନ୍ଦେହ ରହିଛି। ଅନ୍ୟ ପକ୍ଷରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷ ଯେଭଳି ନହଟିବେ, ସେଥିପାଇଁ ବିଜେଡି କମର କଷିବା ଆରମ୍ଭ କରିଛି। ଦଳ ସଭାପତି ନବୀନ ପଟ୍ଟନାୟକ ପୂର୍ବତନ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କୁ ଡାକି ଏ ସଂକ୍ରାନ୍ତରେ ଆଲୋଚନା କରିବା ସହ ଅଧ୍ୟକ୍ଷ ଯେଭଳି ନ ହାରିବେ, ସେ ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି। ତେଣେ ସ୍ୱାଧୀନ ସଦସ୍ୟ ସାରଦାଙ୍କ ବିନା ଅସନ୍ତୁଷ୍ଟମାନେ ଅନାସ୍ଥା ଜିତିବା ଏତେ ସହଜ ନୁହେଁ ବୋଲି କୁହାଯାଉଥିବା ବେଳେ ପ୍ରକାଶଙ୍କ ଭୂମିକାକୁ ନେଇ ବି ଆଲୋଚନା ଚାଲିଛି। ପ୍ରକାଶ ଯଦି ଶେଷ ମୁହୂର୍ତ୍ତରେ ଉପାଧ୍ୟକ୍ଷ ନିର୍ବାଚନର ରାଗ ଶୁଝାଇବେ, ତେବେ ଅଧ୍ୟକ୍ଷ ପରିବର୍ତ୍ତନ ଯୋଜନା ଫସର ଫାଟିଯିବ ବୋଲି କୁହାଯାଉଛି ।

# ୧୨ ବର୍ଷ ପରେ ଏସ୍‌ଆଇଇଟି କର୍ମଚାରୀଙ୍କୁ ମିଳିବ ପୁନଃନିଯୁକ୍ତି

**କଟକ, ୫।୫ (ସଂଚାର ବ୍ୟୁରୋ) :** ୧୨ବର୍ଷ ପରେ ଏସ୍‌ଆଇଇଟି ଛଟେଇ କର୍ମଚାରୀଙ୍କ ପାଇଁ ଆସିଛି ଖୁସି ଖବର। ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନାଲ ଟେକ୍ନୋଲୋଜି- ଏସ୍‌ଆଇଇଟିର ଛଟେଇ କର୍ମଚାରୀଙ୍କୁ ରାଜ୍ୟ ସରକାର ବିଭିନ୍ନ ବିଭାଗରେ ପୁନଃନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର ନିର୍ଦ୍ଦେଶ ପ୍ରଦାନ କରିଥିଲେ, ମାତ୍ର ଓଡ଼ିଶା ହାଇକୋର୍ଟ ଏହାକୁ ରଦ୍ଦ କରିଦେଇଛନ୍ତି। ଏଥିସହ ଆବେଦନକାରୀ କର୍ମଚାରୀଙ୍କ ଓ୍ୟବସ୍ଥା କରିବା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୩, ଏପ୍ରିଲ ୨୯ରୁ ଏସ୍‌ଆଇଇଟି କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ପ୍ରଦାନ କରିଥିଲେ। ହେଲେ ହାଇକୋର୍ଟ ଏହାକୁ ଖାରଜ୍ କରିବା ସହ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ/ନିର୍ଦ୍ଦେଶାଳୟରେ ଉପଲବ୍ଧ ଥିବା ଖାଲି ପଦବିରେ ଏସଆଇଇଟିର ଏହି ଆବେଦନକାରୀ କର୍ମଚାରୀଙ୍କ ପାଇଁ ବ୍ୟବସ୍ଥା କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେବଳ ସେତିକି ନୁହେଁ, ଆବେଦନକାରୀଙ୍କୁ ନିରନ୍ତର ସେବାର ସୁଯୋଗ ପ୍ରଦାନ ଓ ଚାକିରି ସଂପର୍କିତ ଅନ୍ୟ ସୁବିଧା ଦେବା ଉପରେ କୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ତିନି ମାସ ଭିତରେ ଏହି ପ୍ରସଂଗରେ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବା ପାଇଁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ, ପ୍ରମୋଦ ରଂଜନ ଦାଶ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ତିନିଟି ରିଟ୍ ଆବେଦନର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

# ସେୟାର ମାର୍କେଟରେ ନିବେଶ ଆଳରେ ୬ କୋଟି ଠକେଇ, ୨ ଗିରଫ

**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ):** ସେୟାର ମାର୍କେଟରେ ନିବେଶ ଆଳରେ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ହୋଇଥିବା ବେଳେ ଏବେ ମାମଲାରେ କ୍ରାଇମବ୍ରାଞ୍ଚ ପୁଲିସ ପଶ୍ଚିମବଙ୍ଗରୁ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ଜଣ ହେଲେ ଦାର୍ଜିଲ ଜିଲ୍ଲା ସିଲିଗୁଡିର ଅଶୋକ ପଣ୍ଡା ଓ ଖାରଦା ଥାନା ଅଧୀନ ବର୍ଦ୍ଧମପାଲି ଅଞ୍ଚଳର ଜୟାରାଣୀ ବାଶକ। ଅଭିଯୋଗ ଅନୁଯାୟୀ ଆଇପିଓ ଏବଂ ଓଟିସି ଟ୍ରେଡିଂ ବିଜିନେସରେ ଟଙ୍କା ନିବେଶ କରି ଅଧିକ ରିଟର୍ଣ୍ଣ ମିଳିବ ବୋଲି ଅଭିଯୁକ୍ତମାନେ କହିଥିଲେ। ସେହି ଅନୁଯାୟୀ ଅଭିଯୋଗକାରୀ ମୋଟ ୬ କୋଟି ୪ ଲକ୍ଷ ୫୩ ହଜାର ଟଙ୍କା ଅଭିଯୁକ୍ତଙ୍କ ଏକାଧିକ ଆକାଉଣ୍ଟରେ ଡିପୋଜିଟ କରିଥିଲେ। ଅଭିଯୁକ୍ତମାନେ ୩ ମାସ ମଧ୍ୟରେ ଏହି ଟଙ୍କା ନେଇଥିଲେ। ପରେ ଅଭିଯୋଗକାରୀ ଯେତେବେଳେ ଟଙ୍କା ଉଠାଇ ପାରି ନ ଥିଲେ ସେତେବେଳେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ କ୍ରାଇମବ୍ରାଞ୍ଚରେ ଜାନୁଆରୀ ୧୩ରେ ଅଭିଯୋଗ ହୋଇଥିବାବେଳେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରି ଠକମାନଙ୍କୁ ଗିରଫ କରିଛି।

# ଯୁବକଙ୍କୁ ଗୁଳିମାଡ଼, ପୁଲିସ୍‌ର ତନାଘନା

**ନୂଆପଡ଼ା,୫।୫(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ଫାୟାରିଂ। ସକାଳ ୬ଟାରେ ଯୁବକଙ୍କ ଉପରକୁ ଗୁଳିମାଡ଼ କଲେ ୩ ଦୁର୍ବୃତ୍ତ। ଅଳ୍ପକେ ବର୍ତ୍ତିଲେ ଯୁବକ । ଆଜି ସକାଳୁ ଶାନ୍ତିନଗରପଡାର ଗୌରବ ଅଗ୍ରୱାଲ ନିଜ ଘର ଆଗରେ ଠିଆ ହୋଇଥିଲେ। ୩ ଜଣ ଦୁର୍ବୃତ୍ତ ବାଇକରେ ଆସି ଗୁଳିମାଡ କରିଥିଲେ। ସୌଭାଗ୍ୟବଶତଃ ତାଙ୍କ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ଅଞ୍ଚଳକୁ ୩ ଜଣ ବନ୍ଧୁକଧାରୀ ୩ ଦିନ ଧରି ଆସୁଥିଲେ । ସେମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ପରେ ସିସିଟିଭି ଯାଞ୍ଚ କରି ତଦନ୍ତ କରୁଛି ପୋଲିସ ।

# କୃଷି କ୍ଷେତ୍ରରେ ଓଡ଼ିଶା ଏବେ ରପ୍ତାନୀ ରାଜ୍ୟ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସ୍ୱଳ୍ପ ସମୟ ମଧ୍ୟରେ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ଏକ ଐତିହାସିକ ପଦକ୍ଷେପ। ଧାନ କୁଇଂଟାଲ ପିଛା ୩୧୦୦ ଟଙ୍କା ଦେବା, ୫୮

## ଚାଷୀଙ୍କ ଆୟକୁ ଦ୍ୱିଗୁଣ କରିବ କଲ୍ୟାଣକାରୀ ଯୋଜନା: ମନମୋହନ

ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବା ନିଷ୍ପତ୍ତି, ସିଏମ୍ କିଶାନ ଯୋଜନା ଇତ୍ୟାଦି କୃଷକ କଲ୍ୟାଣକାରୀ ଯୋଜନା ଓଡ଼ିଶାର ଚାଷୀମାନଙ୍କ ଆୟକୁ ଦୁଗୁଣିତ କରିବା ସହ ରାଜ୍ୟକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବ ବୋଲି




ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ୍‌ଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ, କୃଷକଙ୍କୁ ନୂଆ ବୈଷୟିକ ଜ୍ଞାନ ଓ କୌଶଳ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। କେବଳ ଧାନ ନୁହେଁ ଅନ୍ୟାନ୍ୟ ଚାଷ କ୍ଷେତ୍ରରେ ରାଜ୍ୟ ଏବେ ରପ୍ତାନୀ ରାଜ୍ୟ ଭାବେ ପରିଣତ ହୋଇଛି। ଢେଙ୍କାନାଳରୁ ଆମ୍ବ, ବଲାଙ୍ଗୀରରୁ ଷ୍ଟ୍ରବେରୀ ଏବଂ ଜୈବିକ ଫଳ ରପ୍ତାନୀ କରାଯାଉଛି। ୫୮ଟି ଉପଖଣ୍ଡରେ ଏଲ୍‌ଇଡି ମାଧ୍ୟମରେ ଚାଷୀଙ୍କୁ କୃଷକ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଯାଉଛି। ସରକାର ସବୁଜ ବିପ୍ଳବ ଉପରେ ଗୁରୁତ୍ୱ ଦେଉଛନ୍ତି। ଯାହା ଚାଷୀଙ୍କୁ ଆଗାମୀ ଦିନରେ ତିନିଗୁଣ ଲାଭ ଦେବ ବୋଲି ଶ୍ରୀ ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମନ୍ତ୍ରୀ ସୁରେଶ ପୂଜାରୀ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଗୁରତ୍ୱାରୋପ କରିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏହି ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ରଙ୍କ ସମେତ ଶିବାଜୀ ମହାନ୍ତି, ହଳପାଣି ମାଝୀ, ପୁଲିନ ପୁହାଣ, ଉପେନ୍ଦ୍ର ଭଞ୍ଜ, ମନୋଜ ସାହୁ, ପ୍ରଶାନ୍ତ ସ୍ୱାଇଁ, ବିକ୍ରମ କେଶରୀ ରାଉତରାୟ, ବିଶ୍ୱଜିତ୍ ସ୍ୱାଇଁ, ଜଗନ୍ନାଥ ମହାପାତ୍ର, କେଶରୀ ଦୁର୍ଗା, ସୁମନ୍ତ ମହାରଣା, ଲକ୍ଷ୍ମଣ ତ୍ରିପାଠୀ, ଗୋବିନ୍ଦ ପ୍ରଧାନ, ସନ୍ତୋଷ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଶ୍ରୀନିବାସ ପ୍ରଧାନ, ଅଜୟ ପ୍ରଧାନ ଏବଂ ସମସ୍ତ ଜିଲାର ଧାନ ସଂଗ୍ରହ କମିଟି ଚାଷୀ ପ୍ରତିନିଧମାନେ ଉପସ୍ଥିତ ଥିଲେ।

# ଯୁବକଙ୍କ ଉପରକୁ ଗୁଳିମାଡ଼ କଲେ ୩ ଦୁର୍ବୃତ୍ତ

**ନୂଆପଡ଼ା, ୫।୫ (ସଂଚାର ବ୍ୟୁରୋ) :** ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ଫାୟାରିଂ। ସକାଳ ୬ଟାରେ ଯୁବକଙ୍କ ଉପରକୁ ଗୁଳିମାଡ଼ କଲେ ୩ ଦୁର୍ବୃତ୍ତ। ଅଳ୍ପକେ ବର୍ତ୍ତିଲେ ଯୁବକ । ଆଜି ସକାଳୁ ଶାନ୍ତିନଗରପଡାର ଗୌରବ ଅଗ୍ରୱାଲ ନିଜ ଘର ଆଗରେ ଠିଆ ହୋଇଥିଲେ । ୩ ଜଣ ଦୁର୍ବୃତ୍ତ ବାଇକରେ ଆସି ଗୁଳିମାଡ କରିଥିଲେ । ସୌଭାଗ୍ୟବଶତଃ ତାଙ୍କ କୌଣସି କ୍ଷୟକ୍ଷତି ହୋଇନାହିଁ। ଏହି ଅଞ୍ଚଳକୁ ୩ଜଣ ବନ୍ଧୁକଧାରୀ ୩ଦିନ ଧରି ଆସୁଥିଲେ । ସେମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ପରେ ସିସିଟିଭି ଯାଞ୍ଚ କରି ତଦନ୍ତ କରୁଛି ପୋଲିସ ।

# ବସ୍‌କୁ ଧକ୍କା ଦେଲା ଟ୍ରକ୍, ୨୦ରୁ ଊର୍ଦ୍ଧ୍ୱ ଆହତ

**ଦେବଗଡ଼, ୫।୫ (ସଂଚାର ବ୍ୟୁରୋ) :** ଏନ୍‌ଏଚ୍ ୪୯ ନୂଆଭୂଇଁ ନିକଟରେ ସୋମବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦେବଗଡ଼ରୁ କୁଚିଣ୍ଡା ଯାଉଥିବା 'ହୋତା' ନାମକ ଏକ ଯାତ୍ରୀବାହୀ ବସ୍‌କୁ ପଛରୁ ଏକ ଟ୍ରକ୍ ଧକ୍କା ଦେଇଥିଲା, ଯେଉଁଥିରେ ୨୩ ଜଣ ଯାତ୍ରୀ ଆହତ ହୋଇଥିଲେ, ଏଥିମଧ୍ୟରୁ ୧୦ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ତୁରନ୍ତ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା, ଯେତେବେଳେ ଅନ୍ୟମାନେ ଦେବଗଡ଼ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଚିକିତ୍ସା ପାଉଛନ୍ତି। ଖବର ପାଇ ଜିଲାପାଳ କବିନ୍ଦ୍ର କୁମାର ସାହୁ, ଉପଜିଲାପାଳ ପରୀକ୍ଷିତ ସାହୁ ଏବଂ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ପରିସ୍ଥିତି ତଦାରଖ କରିବା ଏବଂ ଉପଯୁକ୍ତ ଚିକିତ୍ସା ସହାୟତା ସୁନିଶ୍ଚିତ କରିବା ପାଇଁ ହସ୍ପିଟାଲରେ ପହଞ୍ଚିଥିଲେ।ସ୍ଥାନୀୟ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ତାଙ୍କ ଦଳ ସହିତ ଆହତମାନଙ୍କୁ ଆମ୍ବୁଲାନ୍ସରେ ପହଞ୍ଚାଇବାରେ ସକ୍ରିୟ ଭାବରେ ସହାୟତା କରିଥିଲେ। ଦେବଗଡ଼ ପୌରପାଳିକା ଅଧ୍ୟକ୍ଷ ପ୍ରଜିତ ଭୋଜ ମଧ୍ୟ ପୀଡ଼ିତମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ହସ୍ପିଟାଲରେ ପହଞ୍ଚିଥିଲେ।

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେଲା ଟିଭିଏସ ସ୍ପୋର୍ଟ ଇଏସପ୍ଲସ



**ନୂଆଦିଲ୍ଲୀ, ୫।୫:** ଟିଭିଏସ ନିଜର ପପୁଲାର କମ୍ୟୁଟର୍ ବାଇକ୍ ସ୍ପୋର୍ଟର ଏକ ନୂତନ ଭାରିଆଣ୍ଟ ଇଏସପ୍ଲସ ଲଞ୍ଚ କରିଛି। ଦିଲ୍ଲୀରେ ଏହାର ଏକ୍ସ-ସୋରୁମ୍ ପ୍ରାଇସ ୬୦,୮୮୧ ଟଙ୍କା ରଖାଯାଇଛି। ଏହି ନୂତନ ବାଇକ୍ର ସବୁଠାରୁ ଖାସ୍ କଥା ହେଉଛି ଏହାର ଜବରଦସ୍ତ ମାଇଲେଜ୍, ଯାହା କମ୍ପାନୀ ଅନୁଯାୟୀ ୬୫କେଏମପିଏଲରୁ ଅଧିକ। ପେଟ୍ରୋଲ ଦର ପକେଟ ଉପରେ ବୋଝ ସୃଷ୍ଟି କରୁଥିବା ସମୟରେ, ଏହି ବାଇକ୍ ଏକ ଜବରଦସ୍ତ ଅପ୍ସନ ଭାବରେ ସାମ୍ନାକୁ ଆସିଛି। ଟିଭିଏସ ସ୍ପୋର୍ଟ ଇଏସପ୍ଲସକୁ ସେହି ଗ୍ରାହକଙ୍କ ପାଇଁ ବେଷ୍ଟ ହୋଇପାରିବ, ଯେଉଁମାନେ କମ୍ ପ୍ରାଇସରେ ଦମଦାର୍ ମାଇଲେଜ୍ ଏବଂ ଷ୍ଟାଇଲ ଖୋଜୁଛନ୍ତି। ଏହା ବ୍ୟତୀତତ, ଏହି ବାଇକ୍ ହିରୋ ସ୍ପ୍ଲେଣ୍ଡର୍କୁ କଡା ଟକ୍କର ମଧ ଦେଇପାରିବ।

ଟିଭିଏସ ସ୍ପୋର୍ଟ ଇଏସପ୍ଲସ କୁ ଏକ ନୂଆ ଡିଜାଇନ୍ ଅପଡେଟ୍ ଦିଆଯାଇଛି, ଯାହା ଭିଡ ଭିତରେ ମଧ ଅଲଗା ଦେଖାଯିବ। ଏଥିରେ ଗ୍ରେ-ରେଡ୍ ଏବଂ ବ୍ଲାକ୍-ନିୟନ ଭଳି କଣ୍ଟ୍ରାଷ୍ଟିଭ୍ କଲର ଅପ୍ସନ ଦିଆଯାଇଛି। ଏହା ବ୍ୟତୀତ ଏଥିରେ ସ୍ପୋର୍ଟି ଆଲଇ ହୁଇଲରେ ପିନସ୍ଟ୍ରିପିଙ୍ଗ ଦିଆଯାଇଛି। କେବଳ ଇଏସପ୍ଲସଭାରିଆଣ୍ଟରେ କଳା ପିଲିଅନ୍ ଗ୍ରାବ୍ ରେଲ୍ ଏହାକୁ ଅନ୍ୟ ମଡେଲଗୁଡ଼ିକଠାରୁ ଭିନ୍ନ କରିଥାଏ। ଏହା ସହିତ, କଲର-କୋଡେଡ୍ ହେଡଲାଇଟ୍ କାଉଲ୍ ଏବଂ ମଡ୍ଗାର୍ଡ ଏହି ବାଇକ୍କୁ ଏକ ପ୍ରିମିୟମ୍ ଲୁକ୍ ଦେଇଛି। ଏହି ସମସ୍ତ ଉପାଦାନଗୁଡ଼ିକ ଟିଭିଏସ ସ୍ପୋର୍ଟ ଇଏସପ୍ଲସ କୁ ଏକ ଷ୍ଟାଇଲିସ୍ ଅପ୍ସନ କରିଥାଏ।

ଇଞ୍ଜିନ ଏବଂ ପରଫରମାନ୍ସ ବିଷୟରେ କହିବାକୁ ଗଲେ ଟିଭିଏସ ସ୍ପୋର୍ଟ ଇଏସପ୍ଲସ ରେ ୧୦୯.୭ସିସିର ସିଙ୍ଗଲ ସିଲିଣ୍ଡର, ଏୟର-କୁଲ୍ଡ, ଫ୍ୟୁଏଲ-ଇଞ୍ଜିକ୍ଟେଡ୍ ଇଞ୍ଜିନ୍ ଦିଆଯାଇଛି। ଯାହା ୮.୦୮ବିଏଚପିର ପାୱାର ଏବଂ ୮.୭ ଏନଏମର ଟର୍କ ଜେନେରେଟ୍ କରିଥାଏ। ଏଥି ସହ ଏଥିରେ ୪-ସ୍ପିଡ୍ ମାନୁଆଲ୍ ଗିୟରବକ୍ସ ମଧ ସାମିଲ ଅଛି। ଏହି ବାଇକ୍ ମ୍ୟାକ୍ସିମମ୍ ୯୦ କିଲୋମିଟର ପ୍ରତି ଘଣ୍ଟା ସ୍ପିଡ ଦେଇପାରିବ ଏବଂ କମ୍ପାନୀ ଅନୁଯାୟୀ ଏହାର ମାଇଲେଜ୍ ୬୫ କିଲୋମିଟର ପ୍ରତି ଲିଟରରୁ ଅଧିକ ହେବ। ଏହା ସହିତ ଜାଣି ରଖନ୍ତୁ ଯେ ବାଇକର ଓଜନ ୧୨୨ କିଲୋଗ୍ରାମ ଏବଂ ଏହାର ଗ୍ରାଉଣ୍ଡ କ୍ଲିୟରାନ୍ସ ୧୭୫ ମିମି ହେବ। ଏଥିରେ ୧୦ ଲିଟରର ଫ୍ୟୁଏଲ୍ ଟ୍ୟାଙ୍କ୍ ଦିଆଯାଇଛି। ବ୍ରେକିଙ୍ଗ୍ ସିଷ୍ଟମ ରୂପରେ ଫ୍ରଣ୍ଟ ଏବଂ ରିୟରରେ ଡ୍ରମ ବ୍ରେକ୍ ମିଳିଥାଏ।

ଏଥି ସହ ପ୍ରାଇସ୍ ଏବଂ ଭାରିଆଣ୍ଟ ବିଷୟରେ କହିବାକୁ ଗଲେ ଟିଭିଏସ ସ୍ପୋର୍ଟ ଇଏସପ୍ଲସ କୁ ଦୁଇଟି ଉପଲବ୍ଧ ଭାରିଆଣ୍ଟ ମଧରେ ରଖାଯାଇଛି। ଇଏସପ୍ଲସ ଭାରିଆଣ୍ଟ ସେହି ଗ୍ରାହକଙ୍କ ପାଇଁ ବେଷ୍ଟ ଅପ୍ସନ ହୋଇପାରିବ, ଯେଉଁମାନେ କମ୍ ପ୍ରାଇସରେ ଅଧିକ ଫିଚର୍ସ ଚାହୁଁଛନ୍ତି। ନିକଟରେ ଏହି ଭାରିଆଣ୍ଟ ପରଫରମାନ୍ସ, ଫିଚର୍ସ ଏବଂ ପ୍ରାଇସ୍ ହିସାବରେ ଜବରଦସ୍ତ ରହିଛି। ଯଦି ଆପଣ କମ୍ ପ୍ରାଇସରେ ଏକ ପାୱାରଫୁଲ୍ ବାଇକ୍ କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଆପଣଙ୍କ ପାଇଁ ଏହି ବାଇକ୍ ବେଷ୍ଟ ଅପ୍ସନ ହୋଇପାରିବ।



# ପାକିସ୍ତାନର ଘନଘନ ସାଇବର୍ ଆକ୍ରମଣ

**ନୂଆଦିଲ୍ଲୀ, ୫।୫:** ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧରେ ସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ରହିଥିବା ବେଳେ ପାକିସ୍ତାନୀ ହ୍ୟାକର୍ମାନେ ଭାରତ ଉପରେ ଘନ ଘନ ସାଇବର୍ ଆକ୍ରମଣ ଜାରି ରଖିଛନ୍ତି। ସେମାନେ ଭାରତର କମ୍ପ୍ୟୁଟର, ଲାପ୍ଟପ୍ ଓ ସ୍ମାର୍ଟଫୋନ୍ଗୁଡ଼ିକୁ ଟାର୍ଗେଟ୍ କରୁଛନ୍ତି। ପିଡିଏଫ୍ ଫାଇଲ୍ ପଠାଇ ସେମାନେ ଶିକାର କରିବାକୁ ଉଦ୍ୟମ କରୁଛନ୍ତି। ଟ୍ରାନ୍ସପାରେଣ୍ଟ ଟ୍ରାଇବ୍ସ ନାମକ ପାକିସ୍ତାନର ଏକ ହ୍ୟାକିଂ ଗ୍ରୁପ୍ 'କ୍ରିମ୍ସନ୍ରାଟ୍' ମାଲ୍ୱେର୍କୁ ଭାରତ ପଠାଇ ସାଇବର୍ ଆକ୍ରମଣ କରିବାକୁ ଉଦ୍ୟମ କରୁଛି। ସେମାନେ ପଠାଉଥିବା ପିଡିଏଫ୍ ଫାଇଲ୍ ଏକ ସରକାରୀ ଫାଇଲ୍ ଭଳି ଦେଖାଯାଉଛି। କିନ୍ତୁ ସେଥିରେ ଫିସିଂ ଲିଙ୍କ୍ ରହିଛି। ଯେଉଁମାନେ ସେହି ଫାଇଲ୍ ଖୋଲିବେ, ସେମାନଙ୍କ ଡିଭାଇସ୍ ସାଇବର୍ ଆକ୍ରମଣର ଶିକାର ହେବା ସମ୍ଭାବନା ରହିଛି। ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଫାଇଲ୍ ନାମରେ ପହଲଗାମ ଆତଙ୍କୀ ହମ୍ଲା ଅପ୍ଡେଟ୍ ଭଳି ବାକ୍ୟ ଲେଖାଯାଉଛି। ପାକିସ୍ତାନୀ ହ୍ୟାକର୍ମାନେ ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷରୁ ଅଧିକ ସାଇବର୍ ଆକ୍ରମଣ କରିସାରିଲେଣି। ସେମାନେ ପ୍ରତିରକ୍ଷା ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଟେଲିଯୋଗାଯୋଗ, ପରିବହନ କ୍ଷେତ୍ରର ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ କରୁଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ହେଉଛି ଡିଭାଇସ୍ ହ୍ୟାକ୍ କରି ସମ୍ବେଦନଶୀଳ ତଥ୍ୟ ଚୋରାଇବା ଓ ଗୁଇନ୍ଦାଗିରି କରିବା। ସେନା ବାହିନୀର ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କିତ ତଥ୍ୟ ଚୋରାଇବାକୁ ମଧ ସେମାନେ ଉଦ୍ୟମ କରୁଛନ୍ତି। ଗତ ଏପ୍ରିଲ୍ ୨୮ ପରଠାରୁ ପାକିସ୍ତାନୀ ହ୍ୟାକରଙ୍କ ସାଇବର ଆକ୍ରମଣ ଜୋରଦାର ହୋଇଛି। ସେମାନେ ରାଜସ୍ଥାନର ପୌରସଂସ୍ଥା, ଶିକ୍ଷା ବିଭାଗ ୱେବସାଇଟ୍ ହ୍ୟାକ୍ କରିବାକୁ ଉଦ୍ୟମ କରିଥିଲେ। ରାଣୀକ୍ଷେତ ଓ ଶ୍ରୀନଗରରେ ଥିବା ଆର୍ମି ପବ୍ଲିକ୍ ସ୍କୁଲ୍ର ୱେବସାଇଟ୍ ହ୍ୟାକ୍ କରି ତାହାକୁ ଡାଉନ୍ କରିବାକୁ ପ୍ରୟାସ କରିଥିଲେ। ଆର୍ମି ସ୍କୁଲ୍ ୱେବସାଇଟ୍ ହ୍ୟାକ୍ କରିବାକୁ ସେମାନେ କରିଥିବା ଉଦ୍ୟମରେ ବିଶେଷ ସଫଳତା ପାଇନଥିଲେ।




# ସ୍କାଇପ୍ ସବୁଦିନ ପାଇଁ ବନ୍ଦ

**ନୂଆଦିଲ୍ଲୀ, ୫।୫:** ଭିଡିଓ କଲିଂ ପ୍ଲାଟଫର୍ମ ସ୍କାଇପ୍କୁ ମାଇକ୍ରୋସଫ୍ଟ ଆସନ୍ତାକାଲିଠାରୁ ସମ୍ପୂର୍ଣ୍ଣ ବନ୍ଦ କରିଦେବ। ମେ' ୫ରୁ ଏହି ସେବା ବନ୍ଦ ହୋଇଯିବ ବୋଲି କମ୍ପାନି ପୂର୍ବରୁ ସୂଚନା ଦେଇଥିଲା। ଏହା ବଦଳରେ କମ୍ପାନି 'ଟିମ୍'କୁ ପ୍ରସାର କରିବ। ଗତବର୍ଷ ମାର୍ଚ୍ଚ ବେଳକୁ ସ୍କାଇପ୍ର ବ୍ୟବହାରକାରୀ ସଂଖ୍ୟା ୨.୮ କୋଟିରୁ ଅଧିକ ଥିଲା। ତେବେ ବ୍ୟବହାରକାରୀମାନେ ଚାହିଲେ ସେମାନଙ୍କ ଚାଟ୍, କଣ୍ଟାକ୍ଟ ଓ କଲ୍ ହିଷ୍ଟ୍ରିକୁ ମାଇକ୍ରୋସଫ୍ଟ ଟିମ୍କୁ ନେଇପାରିବେ। ୨୦୦୩ରେ ଆରମ୍ଭ ହୋଇଥିବା ସ୍କାଇପ୍ ସାରା ବିଶ୍ୱର ଲୋକମାନଙ୍କୁ ଭିଡିଓ କଲ୍ କରିବାର ସୁବିଧା ଦେଇ ଏକ ବିପ୍ଳବ ଆଣିଥିଲା।

ଦୂରଦୂରାନ୍ତ ସ୍ଥାନରେ ଥିବା ଲୋକମାନେ ସେମାନଙ୍କ ପ୍ରିୟଜନଙ୍କ ସହ ଯୋଡ଼ିହୋଇପାରିଥିଲେ। ବର୍ତ୍ତମାନ ସମୟରେ ହ୍ୱାଟସ୍ଆପ୍, ଟିମ୍, ଗୁଗୁଲ୍ ମିଟ୍ ଆଦିରେ ଭିଡିଓ କଲ୍ ଅତି ସହଜରେ ଉପଲବ୍ଧ ହେବା ପରେ ସ୍କାଇପ୍ ଏହାର ଗୁରୁତ୍ୱ ହରାଇଛି। କିନ୍ତୁ ଏହା ନିଜ ଯାତ୍ରା ଆରମ୍ଭ କରିବା ବେଳେ କମ୍ପ୍ୟୁଟରରୁ କମ୍ପ୍ୟୁଟରକୁ ଭିଡିଓ କଲ୍ ସେବା ପ୍ରଦାନ କରି ଲୋକଙ୍କ ପାଇଁ ଅନେକ ଅଭୁଲା ସ୍ମୃତି ସୃଷ୍ଟି କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ କମ୍ପ୍ୟୁଟର ମଧରେ ଏବଂ ପରବର୍ତ୍ତୀ ସମୟରେ ମୋବାଇଲ୍ ଫୋନ୍ ଓ ଲ୍ୟାଣ୍ଡ୍ଲାଇନ୍ ମାଧମରେ ସ୍କାଇପ୍ କଲ୍ ସମ୍ଭବ ହୋଇଥିଲା। ସ୍କାଇପ୍ ବନ୍ଦ ହେବାକୁ ଯାଉଥିବା ବେଳେ ଏହାର ସେବାକ ବ୍ୟବହାର କରି ସ୍ମୃତି ସାଉଁଟିଥିବା ବିଶ୍ୱର ଅନେକ ଲୋକ ଭାବପ୍ରବଣ ହୋଇପଡ଼ିଛନ୍ତି। ସେମାନେ ନିଜ ଅନୁଭୂତିକୁ ସୋସିଆଲ୍ ମିଡିଆ ଜରିଆରେ ବାଣ୍ଟୁଛନ୍ତି।

# ଅବସର ନେବେ ୱାରେନ୍ ବଫେଟ୍



**ନୂଆଦିଲ୍ଲୀ, ୫।୫:** କିମ୍ବଦନ୍ତୀ ନିବେଶକ ୱାରେନ୍ ବଫେଟ୍ ୯୪ ବର୍ଷ ବୟସରେ ନିଜ କମ୍ପାନି ବର୍କସାୟାର ହାଥାୱେର ସିଇଓ ପଦରୁ ଇସ୍ତଫା ଦେଇ ଅବସର ନେବାକୁ ଘୋଷଣା କରିଛନ୍ତି। ଚଳିତ ବର୍ଷ ଶେଷ ଆଡ଼କୁ ସେ ପଦ ଛାଡ଼ିବେ। ତାଙ୍କ ଉତ୍ତରାଧିକାରୀ ଭାବେ କମ୍ପାନିର ଉପାଧକ୍ଷ ଗ୍ରେଗ୍ ଆବେଲ୍ ତାଙ୍କ ବ୍ୟବସାୟ ସାମ୍ରାଜ୍ୟର ମଙ୍ଗ ସମ୍ଭାଳିବେ। କମ୍ପାନିର ବୋର୍ଡ ବୈଠକରେ ବଫେଟ୍ ଏହା ଘୋଷଣା କରିବା ବେଳେ କହିଥିଲେ ଯେ ମୁଁ ଏଭଳି ପଦକ୍ଷେପ ନେବି ବୋଲି କେହି ଜାଣିନଥିଲେ। ଅବଶ୍ୟ କମ୍ପାନିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ନିଜର ଦୁଇ ସନ୍ତାନଙ୍କ ସହ ସେ ଏନେଇ ଆଲୋଚନା କରିଥିଲେ। ବଫେଟ୍ ଏହା ସ୍ପଷ୍ଟ କରିଛନ୍ତି ଯେ କମ୍ପାନିର କୌଣସି ଷ୍ଟକ୍ ବିକ୍ରି କରିବା ଲାଗି ସେ କୌଣସି ଯୋଜନା ରଖିନାହାନ୍ତି। ତାଙ୍କ ଦେହାନ୍ତ ପରେ ସେଗୁଡ଼ିକୁ ଦାନ କରାଯିବ। କମ୍ପାନିର ସିଇଓ ପଦରୁ ଇସ୍ତଫା ଦେବା ସହ ବଫେଙ୍କ ଦୀର୍ଘ ୬୦ ବର୍ଷର କ୍ୟାରିୟର ଶେଷ ହେବାକୁ ଯାଉଛି।

# ପାକିସ୍ତାନ ଉପରେ ଆର୍ଥିକ ଆକ୍ରମଣ

## ପଡ଼ୋଶୀର ପାଣ୍ଠି କାଟ୍ କରିବାକୁ ଏସୀୟ ବିକାଶ ବ୍ୟାଙ୍କ ପାଖରେ ଫେରାଦ ହେଲା ଭାରତ



**ନୂଆଦିଲ୍ଲୀ, ୫।୫:** ପାକିସ୍ତାନକୁ ସବୁଆଡୁ ଏକ ଘରକିଆ କରିବାକୁ ଲାଗିପଡ଼ିଛି ଭାରତ। ବିଭିନ୍ନ ଦେଶରୁ କୂଟନୈତିକ ଘେରାବନ୍ଦୀ କରିବାକୁ ଚେଷ୍ଟା କରୁଥିବା ବେଳେ ଆର୍ଥିକ କ୍ଷେତ୍ରରେ ମଧ ପାକିସ୍ତାନକୁ ଦୁର୍ବଳ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ସଭାପତିଙ୍କୁ ଭେଟି ପାକିସ୍ତାନର ପାଣ୍ଠି ହ୍ରାସ କରିବାକୁ ଦାବି କରିଛନ୍ତି।

ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ନିର୍ମଳା ସୀତାରମଣ ଏଡିବି ସଭାପତି ମାସାଟୋ କାଣ୍ଡାଙ୍କୁ ଭେଟିବା ସହିତ ଇଟାଲୀ ଅର୍ଥମନ୍ତ୍ରୀ ଜିଆନକାର୍ଲୋ ଜିଓର୍ଗେଟିଙ୍କୁ ମଧ ଭେଟି ସମାନ ଦାବି ଜଣାଇଛନ୍ତି। ନଗଦ ଅଭାବରେ ଯୁଝୁଥିବା ପାକିସ୍ତାନର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ସେ ଫିଲିପାଇନ୍ସରେ ଥିବା ଆଞ୍ଚଳିକ ବିକାଶ ବ୍ୟାଙ୍କ ଏଡିବିର ପାଣ୍ଠି ଉପରେ ବହୁଳ ଭାବରେ ନିର୍ଭର କରୁଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ର ସହାୟତା ସହିତ ଏହି ବ୍ୟାଙ୍କ ଜଳବାୟୁ ସ୍ଥିରତା ଠାରୁ ଆରମ୍ଭ କରି ଆର୍ଥିକ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏସୀୟ ଦେଶଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ତେବେ ଭାରତର କଥା ରଖି ଯଦି ଏଡିବି ପାକିସ୍ତାନ ପାଣ୍ଠି ରୋକିଦିଏ ତେବେ ପାକିସ୍ତାନ ଆର୍ଥିକ ସ୍ଥିତି ଆହୁରି ଦୁର୍ବଳ ହୋଇଯିବାର ଆଶଙ୍କା ରହିଛି। ଭାରତର ଏହି ପଦକ୍ଷେପକୁ ପାକିସ୍ତାନ ଉପରେ ଆର୍ଥିକ ଆକ୍ରମଣ ବୋଲି କୁହାଯାଉଛି। କେବଳ ସେତିକି ନୁହେଁ, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଦ୍ୱାରା ପାକିସ୍ତାନକୁ ଦିଆଯାଇଥିବା ୭ ବିଲିୟନ ଡଲାରର ସହାୟତା ପ୍ୟାକେଜ ଉପରେ ମଧ ଭାରତ ଆପତ୍ତି ଉଠାଇପାରେ ବୋଲି କୁହାଯାଉଛି। ଆଇଏମ୍ଏଫ୍ ପାକିସ୍ତାନକୁ ୩ ବର୍ଷ ପାଇଁ ଏହି ଆର୍ଥିକ ସହାୟତା ଦେଇଛି, ଯାହା ଜୁଲାଇ ୨୦୨୪ ଚୂଡ଼ାନ୍ତ ହୋଥିଲା।

ସେହିପରି ଭାରତ ପାକିସ୍ତାନକୁ ଆହୁରି ଦୁର୍ବଳ କରିବା ପାଇଁ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫଏଟିଏଫ)ର ଗ୍ରେ ତାଲିକାରେ ପୁଣିଥରେ ଫେରାଇ ଆଣିବା ପାଇଁ ପ୍ରୟାସ ଆରମ୍ଭ କରିପାରେ। ଯଦି ପାକିସ୍ତାନ ଏଫ୍ଏଟିଏଫର ଗ୍ରେ ଲିଷ୍ଟକୁ ଆସିଯାଏ ତେବେ ଏହାର ଅର୍ଥନୀତି, ଅନ୍ତର୍ଜାତୀୟ ସମ୍ପର୍କ ଏବଂ ଆର୍ଥିକ କ୍ଷେତ୍ରକୁ ଆହୁରି ଚାପ ପଡ଼ିବ। ଏଥିପାଇଁ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହିତ ମଧ ଯୋଗାଯୋଗ କରୁଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି।

# ୩ ବର୍ଷରେ ୟୁଟ୍ୟୁବ୍ରୁ ୨୧ ହଜାର କୋଟି ଆୟ କରିଛନ୍ତି ଭାରତିୟ କଣ୍ଟେଣ୍ଟ କ୍ରିଏଟର

**ନୂଆଦିଲ୍ଲୀ,୫।୫:** ଭିଡିଓ ସେୟାରିଂ ପ୍ଲାଟଫର୍ମ ୟୁଟ୍ୟୁବ୍ ଭାରତୀୟ କଣ୍ଟେଣ୍ଟ କ୍ରିଏଟର, କଳାକାର ଏବଂ ମିଡିଆ କମ୍ପାନୀମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୮୫୦ କୋଟି ଟଙ୍କାରୁ ଅଧିକ ନିବେଶ ଯୋଜନା କରିଛି। ୟୁଟ୍ୟୁବ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନୀଲ ମୋହନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗତ ତିନି ବର୍ଷରେ ୟୁଟ୍ୟୁବ୍ ସମଗ୍ର ଭାରତରେ ନିର୍ମାତା, କଳାକାର ଏବଂ ମିଡିଆ କମ୍ପାନୀମାନଙ୍କୁ ୨୧,୦୦୦ କୋଟି ଟଙ୍କାରୁ ଅଧିକ ପ୍ରଦାନ କରିଛି।

ଗତ ବର୍ଷ ଭାରତରେ ନିର୍ମିତ ଭିଡିଓ କଣ୍ଟେଣ୍ଟକୁ ବିଦେଶୀ ଦର୍ଶକମାନେ ୪୫ ବିଲିୟନ ଘଣ୍ଟା ଦେଖିଛନ୍ତି। ମୋହନ ଏକାନ୍ତେ ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମେଳନର ଉଦଘାଟନ ଦିବସରେ ଆୟୋଜିତ ଏକ ଅଧିବେଶନରେ କହିଛନ୍ତି, "ଆଗାମୀ ଦୁଇ ବର୍ଷରେ ୟୁଟ୍ୟୁବ୍ ଭାରତୀୟ ନିର୍ମାତା, କଳାକାର ଏବଂ ମିଡିଆ କମ୍ପାନୀମାନଙ୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୮୫୦ କୋଟି ଟଙ୍କାରୁ ଅଧିକ ନିବେଶ କରିବ।" ସେ କହିଛନ୍ତି ଯେ ଭାରତୀୟ 'କଣ୍ଟେଣ୍ଟ କ୍ରିଏଟର'ମାନେ ଏହାର ଉଦାହରଣ ଯେ ଭାରତରେ କ'ଣ ବିଶେଷ ଏବଂ ସେମାନେ ବିଶ୍ୱର ପ୍ରତ୍ୟେକ କୋଣରେ ଥିବା ଦର୍ଶକଙ୍କ ସହ ଇତିହାସ, ସଂସ୍କୃତି ଏବଂ ଉତ୍ସାହକୁ ସେୟାର କରିବାର କ୍ଷମତା ରଖନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଭାରତକୁ ବିଶ୍ୱବ୍ୟାପୀ ନିର୍ମାତାମାନଙ୍କ ପାଇଁ ଏକ ଆଲୋକସ୍ତମ୍ଭ କରିଛି, ଯାହା ତାଙ୍କର ନିଜସ୍ୱ ଅସାଧାରଣ ଡିଜିଟାଲ ଉପସ୍ଥିତିରୁ ସ୍ପଷ୍ଟ। ମୋହନ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦୀ ୟୁଟ୍ୟୁବ୍ ରେ ୨.୫ କୋଟିରୁ ଅଧିକ ସବସ୍କ୍ରାଇବର ସହିତ ବିଶ୍ୱର ଅନ୍ୟ ଯେକୌଣସି ସରକାର ମୁଖ୍ୟଙ୍କ ତୁଳନାରେ ସର୍ବାଧିକ ୟୁଟ୍ୟୁବ୍ ଫଲୋଇଂ ରଖିଛନ୍ତି।" ସେ ଭାରତକୁ 'ସୃଜନଶୀଳ ଦେଶ' ବୋଲି ଅଭିହିତ କରି କହିଛନ୍ତି ଯେ ଗତ ବର୍ଷ ଦେଶର ୧୦ କୋଟିରୁ ଅଧିକ ଚ୍ୟାନେଲ ୟୁଟ୍ୟୁବ୍ ରେ କଣ୍ଟେଣ୍ଟ ଅପଲୋଡ କରିଛନ୍ତି, ଯେଉଁଥିରୁ ୧୫,୦୦୦ରୁ ଅଧିକ ଚ୍ୟାନେଲର ସବସ୍କ୍ରାଇବର ୧୦ ଲକ୍ଷରୁ ଅଧିକ ଥିଲେ। ସେ ଆହୁରି ମଧ୍ୟ କହିଛନ୍ତି, "ଏହା କିଛି ମାସ ପୂର୍ବେ ୧୧,୦୦୦ ଚ୍ୟାନେଲ ତୁଳନାରେ ଅଧିକ। ୟୁଟ୍ୟୁବ୍ ଏହି ନିର୍ମାତାମାନଙ୍କୁ ଏବଂ ଅସଂଖ୍ୟ ଲୋକଙ୍କୁ କେବଳ ସେମାନଙ୍କର ଉତ୍ସାହକୁ ବିଶ୍ୱ ସହ ସେୟାର କରିବାରେ ସକ୍ଷମ କରିନାହିଁ, ବରଂ ନିଷ୍ଠାବାନ ପ୍ରଶଂସକ ଏବଂ ସଫଳ ବ୍ୟବସାୟ ଗଢ଼ିବାରେ ମଧ୍ୟ ସହାୟତା କରିଛି।"

# ଚଳିତ ବର୍ଷ ଅଶୋଧିତ ତୈଳ ମୂଲ୍ୟରେ ଏପର୍ଯ୍ୟନ୍ତ ୨୦% ହ୍ରାସ




**ନୂଆଦିଲ୍ଲୀ, ୫।୫:** ବିଶ୍ୱ ବଜାରରେ ଅନିଶ୍ଚିତତା ମଧରେ, ଅଶୋଧିତ ତୈଳ ମୂଲ୍ୟ କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି। ଏପରି ପରିସ୍ଥିତିରେ, ଆଶା କରାଯାଉଛି ଯେ, ସରକାର ଶୀଘ୍ର ଦେଶରେ ମଧ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ କରିପାରନ୍ତି। ଏହାର କାରଣ ହେଉଛି ଯେ ନିକଟରେ ତୈଳ ଉତ୍ପାଦନକାରୀ ଦେଶମାନଙ୍କର ଏକ ଗୋଷ୍ଠୀ ଓପିଇସି ତେଲ ଯୋଗାଣକୁ ଆହୁରି ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଓପିଇସିର ଏହି ପଦକ୍ଷେପ ଯୋଗୁଁ, ଇଣ୍ଟରନେସନାଲ୍ ମାର୍କେଟରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ପାଇଛି।

ଆମେରିକୀୟ ଅଶୋଧିତ ତୈଳର ମୂଲ୍ୟ ୨.୪୯ ଡଲାର କିମ୍ବା ୪.୨୭ ପ୍ରତିଶତ ହ୍ରାସ ପାଇଛି ଏବଂ ପ୍ରତି ବ୍ୟାରେଲ ୫୫.୮୦ ଡଲାର କୁ ହ୍ରାସ ପାଇଛି। ଯେତେବେଳେ, ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ୨.୩୯ ଡଲାର ଅର୍ଥାତ୍ ୩.୯% ହ୍ରାସ ପାଇଛି ଏବଂ ପ୍ରତି ବ୍ୟାରେଲ ୫୮.୯୦ ଡଲାର କୁ ହ୍ରାସ ପାଇଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ, ଅଶୋଧିତ ତୈଳ ମୂଲ୍ୟରେ ପ୍ରାୟ ୨୦% ହ୍ରାସ ଘଟିଛି। ଏହା ସ୍ପଷ୍ଟ ତେଉଛି ଯେ ଆଠଟି ଅଶୋଧିତ ତୈଳ ଉତ୍ପାଦନକାରୀ ଦେଶର ଏକ ଗୋଷ୍ଠୀର ନେତୃତ୍ୱ ନେଉଥିବା ସାଉଦି ଆରବ ଶନିବାର ଦିନ ସହମତ ହୋଇଛି ଯେ ଏହା ଜୁନ୍ ମାସରେ ଦୈନିକ ୪,୧୧,୦୦୦ ବ୍ୟାରେଲକୁ ଅଶୋଧିତ ତୈଳ ଉତ୍ପାଦନ ବୃଦ୍ଧି କରିବ। ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଓପିଇସିପ୍ଲସ ଦେଶମାନେ ମେ ମାସରେ ସେମାନଙ୍କର ଅଶୋଧିତ ତୈଳ ଉତ୍ପାଦନ ବୃଦ୍ଧି କରିବାର ନିଷ୍ପତ୍ତି ନେଇ ବଜାରକୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି।

ଏପ୍ରିଲ ମାସରେ ଦେଶରେ ଡିଜେଲର ଡିମାଣ୍ଡ ପ୍ରାୟ ୪% ବୃଦ୍ଧି ପାଇଛି। କିଛି ମାସ ଧରି ନକାରାତ୍ମକ କିମ୍ବା କମ ଅଭିବୃଦ୍ଧି ପରେ ଏପ୍ରିଲରେ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସହିତ ଡିଜେଲ ବ୍ୟବହାର ବୃଦ୍ଧି ପାଇଛି। ଦେଶରେ ଡିଜେଲ ସବୁଠାରୁ ଅଧିକ ବ୍ୟବହୃତ ଇନ୍ଧନ। ଏହା ଦେଶର ପରିବହନ କ୍ଷେତ୍ର ଏବଂ ଗ୍ରାମୀଣ କୃଷି ଅର୍ଥନୀତିର 'ଜୀବନରେଖା'। ୩୧ ମାର୍ଚ୍ଚ, ୨୦୨୪ ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ଡିଜେଲ ଡିମାଣ୍ଡ ମାତ୍ର ୨% ବୃଦ୍ଧି ପାଇଥିଲା ଏବଂ ପୂର୍ବ ଆର୍ଥିକ ବର୍ଷରେ ଡିଜେଲ ବ୍ୟବହାରରେ କୌଣସି ବୃଦ୍ଧି ହୋଇନଥିଲା। ଏଥି ସହ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ପେଟ୍ରୋଲିୟମ ପ୍ଲାନିଂ ଏବଂ ଆନାଲିସିସ୍ ୱିଙ୍ଗର ଲାଟେଷ୍ଟ ଡାଟା ଅନୁଯାୟୀ, ଏପ୍ରିଲ ମାସରେ ଡିଜେଲ ବ୍ୟବହାର ୮୨.୩ ଲକ୍ଷ ଟନକୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ସମାନ ସମୟ ତୁଳନାରେ ପ୍ରାୟ ୪% ଅଧିକ। ଏପ୍ରିଲ, ୨୦୨୩ ତୁଳନାରେ ବ୍ୟବହାର ୫.୩% ଏବଂ କୋଭିଡ୍-ପୂର୍ବ ସମୟ ଅର୍ଥାତ୍ ୨୦୧୯ ତୁଳନାରେ ୧୦.୪୫%କୁ ବୃଦ୍ଧି ପାଇଛି।

ଏଥି ସହ ଜାଣି ରଖନ୍ତୁ ଯେ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ସହିତ, ଗ୍ରାମାଞ୍ଚଳରେ ଜଳସେଚନର ଚାହିଦା ବୃଦ୍ଧି ପାଏ ଏବଂ ସହରାଞ୍ଚଳରେ ଏୟାରକଣ୍ଡିସନିଂର ଚାହିଦା ମଧ ବୃଦ୍ଧି ପାଏ। ଶିଳ୍ପ ଅଧିକାରୀମାନେ କହିଛନ୍ତି ଯେ ଗତ କିଛି ମାସ ଧରି ଡିଜେଲର ଚାହିଦା ହ୍ରାସ ପାଇଛି, ଯାହା ଫଳରେ ଏହାର ଭବିଷ୍ୟତ ବିଷୟରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏବେ ପ୍ୟାସେଞ୍ଜର ଗାଡ଼ିରେ ପେଟ୍ରୋଲ, ସିଏନଜି ଏବଂ ଇଲେକ୍ଟ୍ରିସିଟି ବ୍ୟବହାର ବୃଦ୍ଧି ପାଉଛି। ଏହା ସତ୍ତ୍ୱେ, ଦେଶରେ ପେଟ୍ରୋଲିୟମ ପ୍ରଡକ୍ଟର ମୋଟ ବ୍ୟବହାରରେ ଡିଜେଲର ଅଂଶ ପ୍ରାୟ ୩୮% ହେବ।

## ଆଜିର ସୁନା ଦର



ସୁନା କିଣିବାକୁ ଚାହୁଁଛନ୍ତି କି ? ସପ୍ତାହ ଆରମ୍ଭରୁ ସୁନା ଦରରେ ହେଲା ପରିବର୍ତ୍ତନ। ଆକାଶ ଛୁଆଁ ସୁନା ଦର। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୫୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୫୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫, ୭୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୭୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫,୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୮୮୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୭୩୦ ଓ ୮୭,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୮୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।

### ଅବୈଧ ପୋଷ୍ୟ ସନ୍ତାନ ମାମଲାରେ ସରକାରଙ୍କ କଠୋର ଆଭିମୁଖ୍ୟ

# ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସହ ୪ ନିଲମ୍ବିତ




**ରାୟଗଡ଼ା,୫।୫(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାରେ ଅବୈଧ ପୋଷ୍ୟ ସନ୍ତାନ ହସ୍ତାନ୍ତର ମାମଲାକୁ ନେଇ ଚର୍ଚ୍ଚା ଚରମସୀମାକୁ ପହଞ୍ଚିଛି। ଏକ ୯ ଦିନର ଶିଶୁକନ୍ୟାଙ୍କୁ ଅନୁମତି ବିନା ଆନ୍ଧ୍ରପ୍ରଦେଶର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଥିବା ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର କଠୋର ଅଭିମୁଖ୍ୟ ଅପନ୍ନ କରିଛି। ଏହି ଘଟଣାର ତଦନ୍ତ ପରେ ରାୟଗଡ଼ା ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ବିଦ୍ୟୁଲତା ହୁଇକା ସହ ୩ ଜଣ ସଦସ୍ୟ ଗାଗାରିନ୍ ସବର, ପ୍ରିୟଦର୍ଶିନୀ ମହାକୁଲ ଏବଂ କୈଳାସ ଚନ୍ଦ୍ର ପାଳଙ୍କୁ ନିଲମ୍ବନ କରାଯାଇଛି। ୧ ମଇ ୨୦୨୫ରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୧୦୯୧୦, ୧୦୯୦୨, ୧୦୯୩୪ ଏବଂ ୧୦୯୨୬ ମାଧ୍ୟମରେ ଏହି ନିଲମ୍ବନ ଆଦେଶ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଜାରି କରାଯାଇଥିବା ଜଣାପଡ଼ିଛି। ଏହା ଶିଶୁ କଲ୍ୟାଣ କମିଟି ପାଇଁ ଏକ ଶକ୍ତ ଝଟକା ବୋଲି ଅନେକର ମତ। ଘଟଣାକୁ ନେଇ ତଦନ୍ତ ନିମନ୍ତେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ପାରୁଲ ପଟୱାରୀ ଉପ-ଜିଲ୍ଲାପାଳଙ୍କ ନେତୃତ୍ୱରେ ବିଶେଷ ଟିମ୍ ଗଠନ କରି ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ କମିଟିର କାର୍ଯ୍ୟ ପ୍ରଣାଳୀରେ ଗୁରୁତ୍ୱପୂର୍ଣ୍ଣ ଅନିୟମିତତା ଏବଂ ଅବହେଳା ପ୍ରମାଣିତ ହୋଇଥିଲା। ଅନଧିକୃତ ପୋଷ୍ୟ ସନ୍ତାନ ଗ୍ରହଣ ପତ୍ର ଥିବା ସତ୍ତ୍ୱେ କମିଟି ଯଥାସମୟରେ ରିପୋର୍ଟ ନ କରିଥିବା, ବେଆଇନ ଦଲିଲ ପ୍ରସ୍ତୁତିରେ ନୋଟାରୀ ଏବଂ ଆଇନଜିବିଙ୍କ ଅନୁଭୂମିକା ଅନ୍ୟ ଅନେକ ତ୍ରୁଟି ଉଜାଗର ହୋଇଥିଲା। ୧୫ ଡିସେମ୍ବର ୨୦୨୪ରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଧ୍ୟକ୍ଷ ସହ ସଦସ୍ୟମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। କିନ୍ତୁ ଅଧ୍ୟକ୍ଷ ବ୍ୟତୀତ ଅନ୍ୟ କୌଣସି ସଦସ୍ୟ ନୋଟିସର ଉତ୍ତର ଦେଇପାରିଥିଲେ ନାହିଁ। ଅଧ୍ୟକ୍ଷଙ୍କ ଉତ୍ତର କୁ ବି ସନ୍ତୋଷଜନକ ନ ଥିବା ଦୃଷ୍ଟିରେ ଏହି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତଦନ୍ତ ରିପୋର୍ଟରେ କମିଟିର ଅପର୍ଯ୍ୟାପ୍ତ ଯୋଜନା, ଶିଶୁ କଲ୍ୟାଣ ପ୍ରୋଟୋକଲର ଅଜ୍ଞାନ ଏବଂ ଦୁର୍ବଳ ଓ ସଂକଟାଗ୍ରସ୍ତ ଶିଶୁଙ୍କୁ ସୁରକ୍ଷା ଦେବାରେ ଅସମର୍ଥତା ଆଭିଘାତ କରିଛି। ଏହି ସମସ୍ତ ଅଭିଯୋଗ ଆଧାରରେ କମିଟିକୁ ଭଙ୍ଗ କରିବା ପାଇଁ ଅନୁଶଂସା କରାଯାଇଛି। ସହିତେ, ଚାରି ଜଣଙ୍କୁ ଶିଶୁ କଲ୍ୟାଣ କମିଟି ସହ ଜଡିତ ସମସ୍ତ ରେକର୍ଡ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ହସ୍ତାନ୍ତର କରିବା ନିର୍ଦ୍ଦେଶ ଦିଆଯାଇଛି ।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ନହେଲେ ଆନ୍ଦୋଳନ ଚେତାବନୀ

**ବୈଶିଙ୍ଗା,୫।୫(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନ କଳମା ପଞ୍ଚାୟତର ଗୋବିନ୍ଦରାୟପୁର ଗ୍ରାମରେ ହେବାକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ସରକାରୀ ସ୍ତରରେ ସ୍ଥିର ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଏହି ବିଦ୍ୟାଳୟ ସେଠାରେ ନହୋଇ କଳମା ଠାରେ ହେବ ବୋଲି ଜଣା ପଡ଼ିବାପରେ ଶାନ୍ତ ଗ୍ରାମରେ ଅଶାନ୍ତିର ପରିବେଶ ସୃଷ୍ଟି ହୋଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟ ସମେତ ଓଡ଼ିଆ ଲୋକ ଉକ୍ତ ଗ୍ରାମରେ ବସବାସ କରୁଥିବା ବେଳେ ୫ କିମି ମଧ୍ୟରେ ଏଭଳି ବିଦ୍ୟାଳୟ ନଥିବାରୁ ଏହି ଆଦର୍ଶ ବିଦ୍ୟାଳୟ ଗୋବିନ୍ଦରାୟପୁର ଗ୍ରାମରେ ପ୍ରତିଷ୍ଠା ହେଲେ ପିଲାମାନେ ଅଧ୍ୟୟନ କରିବା ସହ ନିଜର ଭବିଷ୍ୟତ ଗଠନ କରିପାରିବେ ବୋଲି ସ୍ୱପ୍ନ ଦେଖୁଥିବା ବେଳେ ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତରିତ ଖବର ପାଇ ଅଞ୍ଚଳ ବାସୀ ମର୍ମାହତ ହେବା ସହିତ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଚାରିଶହରୁ ଅଧିକ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ କଳମା ସ୍କୁଲରେ ପିଲା ସଂଖ୍ୟା କମଥିବା ସେମାନେ ଦର୍ଶାଇଛନ୍ତି।



## ହାଇସ୍କୁଲରେ ପୁରାତନ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ



**ନୀଳଗିରି,୫।୫(ସଂଚାର ବ୍ୟୁରୋ):** ନୀଳଗିରି ଓପଖଣ୍ଡ ସାନପାଟପୁର ନୋଡାଲ ହାଇସ୍କୁଲରେ ଦୀର୍ଘ ବର୍ଷ ବ୍ୟବଧାନ ପରେ ପୂର୍ବତନ ଛାତ୍ର ସଂସଦ ଆଲୁମିନି କମିଟି ଗଠନ କରାଯାଇଛି। କମିଟି ପ୍ରାରମ୍ଭ ରେ କମିଟି ଗଠନ ପାଇଁ ଆହ୍ୱାନ କରିଥିବା ପ୍ରଧାନ ଶିକ୍ଷକ କମିଟି ବୈଠକ ରେ ସଭାପତିତ୍ୱ କରିବା ପାଇଁ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ବାରିକ ଙ୍କ ନାମ ପ୍ରସ୍ତାବ ରଖିବାରୁ ସର୍ବ ସମ୍ମତି ମତରେ ସରପଞ୍ଚ ସଭାପତିତ୍ୱ କରିଥିଲେ। ବୈଠକ ପ୍ରାରମ୍ଭ ରେ ପେହେଲ ଗାଁ ରେ ସହିଦ ହୋଇଥିବା ୨୭ ଜଣ ଭାରତୀୟ ସହିଦ ଙ୍କ ଉଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା ର ହୋଇଥିଲା। ପରେ ସରପଞ୍ଚ ଅଭିଭାଷଣ ରେ ପ୍ରକାଶ କଲେ କି ଉକ୍ତ ବିଦ୍ୟାଳୟଟି ନିଜଗଡ଼ ପଞ୍ଚାୟତ ଅଧିନସ୍ଥ ଥିବା ବେଳେ ୧୯୬୬ ମସିହା ରେ ଦ୍ୱିତୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଭାବରେ ସ୍ଥାପନ ହୋଇଥିଲା। ପରେ ପରତାପଡା ଗ୍ରାମ ପଞ୍ଚାୟତରେ ଏକ ମାତ୍ର ବିଦ୍ୟାଳୟ ଭାବେ ୧୯୭୦ ମସିହା ରେ ପ୍ରଥମ ବ୍ୟାଚ ର ପିଲା ମାନେ ପରୀକ୍ଷା ଦେଇଥିଲେ। ଯାରୀ ମଧ୍ୟରେ ୫୫ ଟି ବ୍ୟାଚ ପରୀକ୍ଷା ଦେଇଥିବା ବେଳେ ଏହା ବାଉଁଶ ବଣିଆ ଗ୍ରାମ ପଞ୍ଚାୟତ ର ୧ ମାତ୍ର ନୋଡାଲ ହାଇସ୍କୁଲ ଭାବେ ନିଜର ପରିଚୟ ସୃଷ୍ଟି କରି ପାରିଛି। ବିଦ୍ୟାଳୟ ମାନଙ୍କରେ ଆଲୁମିନି କମିଟି ଗଠନ କରାଯାଇ ବିଦ୍ୟାଳୟ ଗୁଡିକୁ ସରଷ ସୁନ୍ଦର କରି ଗଢି ତୋଳିବା ପାଇଁ କରିଥିବା ଯୋଜନା ଟି ବହୁ ବିଳମ୍ବ ରେ ଆଜି ୨୦୨୫ ମସିହା ମେ ମାସ ୫ ତାରିଖ ରେ ଆଲୁମିନି କମିଟି ଗଠନ କରାଯାଇଥିଲା। ସମସ୍ତ ପଦବୀ ଗୁଡିକ ସର୍ବ ସମ୍ମତି ମତରେ ନାମ ଗୁଡିକ ଗୃହୀତ ହୋଇଥିବା ବେଳେ, ସଭାପତି ପାଦ ପାଇଁ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ସଭାପତି ପଦ ପାଇଁ ପୂର୍ବତନ ଛାତ୍ର ଶରତ ଚନ୍ଦ୍ର ମହାପାତ୍ର ୫୭ ଟି ଭୋଟ ପାଇଥିବା ବେଳେ ଅନ୍ୟତମ ପ୍ରତିଯୋଗୀ ମନୋରଞ୍ଜନ ମହାନ୍ତି (ମଙ୍ଗ) ମାତ୍ର ୧୧ ଗୋଟି ଭୋଟ ପାଇଥିଲେ। ଉପ ସଭାପତି ଭାବେ ଅନିରୁଦ୍ଧ ବେହେରା, ମହିଳା ପ୍ରତିନିଧି ଭାବେ କବିତା ନାୟକ, ଓ କନଭେନର ଭାବେ ଜନ୍ମେଜୟ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ସର୍ବ ଶେଷ ରେ ସମସ୍ତ ଙ୍କୁ କଣ୍ଠଶିଳ୍ପୀ ଅମୃତାଂଶୁ ପଟ୍ଟନାୟକ ଧନ୍ୟବାଦ ଜଣାଇବା ପରେ ଆଲୁମିନି ସଭା ଟି ସମାପ୍ତ ହୋଇଥିଲା।

## କୁଲାଡ ମନ୍ଦିରରେ ମୁଖା ପିନ୍ଧା ୪ ଚୋରଙ୍କୁ ବାନ୍ଧିଲା ପୋଲିସ



**ଭଞ୍ଜନଗର,୫।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳରେ ଚୋରି, ଗଣ୍ଡଗୋଳ ବଢୁଥିବା ବେଳେ ସୋମବାର ଭଞ୍ଜନଗର ପୋଲିସକୁ ଏକ ବଡ ସଫଳତା ମିଳିଛି। ଗତ ୨୫ ତାରିଖ ରାତିରେ କୁଲାଡ ବ୍ୟାଘ୍ରଦେବୀ ମନ୍ଦିରରୁ ହୋଇଥିବା ଚୋରି ଘଟଣାରେ ପୋଲିସ ସୋମବାର ୪ ଜଣକୁ ଗିରଫ କରିଛି। ଏଥିସହ ଅଧିକାଂଶ ଚୋରି ଅଳଙ୍କାରକୁ ମଧ୍ୟ ପୋଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସାରେ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି ବୋଲି ଭଞ୍ଜନଗର ଏସଡିପି ଓ ସୁଜିତ୍ କୁମାର ନାୟକ ଏକ ଖବରଦାତା ସମ୍ମିଳନୀରେ ତାହା ପ୍ରକାଶ କରିଛନ୍ତି। ଏହି ସମୟରେ ଥାନା ଅଧିକାରୀ ଜିବନାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣାରେ ଆଉ ୪ ଜଣ ଜଡ଼ିତ ଥିବା ଜଣାପଡିଛି । ପୋଲିସ ସେମାନଙ୍କୁ ଗିରଫ ପାଇଁ ଚେଷ୍ଟା ଚଳାଇଛି । ଗିରଫ ସମସ୍ତ ଅଭିଯୁକ୍ତ କୁଲାଡ ଅଞ୍ଚଳର। ଘଟଣାରୁ ପ୍ରକାଶ ଯେ, ଦୁର୍ବୃତ୍ତମାନେ କଳାମୁଖା ପିନ୍ଧି ଘଟଣା ଦିନ ମନ୍ଦିର ଭିତରେ ପଶି ଦେବୀଙ୍କ ୩୫ ଟି ରୂପା ଆଖି, ୩ ଟି ସୁନା ଚିତା, ୨ ଟି ରୂପା ଭୁଲର୍ଡା ଚୋରି କରି ନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ଏନେଇ ମନ୍ଦିର କର୍ମକର୍ତ୍ତା ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତ ମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। କୁଲାଡ ବ୍ୟାଘ୍ର ଦେବୀ ମନ୍ଦିର ହେଉଛି ଭଞ୍ଜ ରାଜବଂଶର ଆରାଧ୍ୟ ଦେବୀ।

## ବ୍ଲକ୍ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

**ଜଗତସିଂହପୁର,୫।୫(ସଂଚାର ବ୍ୟୁର):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ବରିଷ୍ଠ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୬୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୦୨ ଟି, ଆବାସ ପାଇଁ ୬ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ ଟି, ଭତ୍ତା ପାଇବା ପାଇଁ ୦୫ ଟି, ପୋଲିସ ସହାୟତା ପାଇଁ ୦୩ ଟି ଏବଂ ଅନ୍ୟାନ୍ୟ ୨୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୪ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରିଡ଼ି, ଆୟୁଷୀ ପତି, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

### ଜିଲ୍ଲା ବିଜେଡି ସଭାପତି ରେସ୍

## ଚ୍ୟାଉଙ୍କୁ ଦାୟିତ୍ୱ, ବିକ୍ରମଙ୍କ ପାଇଁ ଫିଟିଲା ବାଟ !





**ବ୍ରହ୍ମପୁର,୫।୫(ସଂଚାର ବ୍ୟୁରୋ):** ପ୍ରଥମ ଥର ନିର୍ବାଚନ ହାରି ବିରୋଧୀ ଦଳ ଆସନରେ ବସିଥିବା ବିଜୁ ଜନତା ଦଳ(ବିଜେଡି)ର ନୂଆ ସାଂଗଠନିକ ଟିମ୍ ଗଠନ ହୋଇଛି। ଦଳ ସୋମବାର ପଦପଦବୀ ତାଲିକା ଘୋଷଣା କରିଛି। ଦଳରେ ୧୫ ଉପସଭାପତି, ୨୦ ବରିଷ୍ଠ ସାଧାରଣ ସଂପାଦକ ଓ ୩୫ ସାଧାରଣ ସଂପାଦକ ନିଯୁକ୍ତ କରାଯାଇଛି। ସେହିପରି ଦଳର ଅନ୍ୟ ନେତାଙ୍କୁ ବିଭିନ୍ନ ଶାଖା/ସେଲ୍ ର ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ଗଞ୍ଜାମର ବରିଷ୍ଠ ବିଜେଡି ନେତା ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଦଳର ମତ୍ସ୍ୟଜୀବୀ ସେଲ ଦାୟିତ୍ୱ ମିଳିଛି। ଚ୍ୟାଉଙ୍କୁ ଦଳ ଏହି ଦାୟିତ୍ୱ ନ୍ୟସ୍ତ କରିବା ପରେ ଏବେ ଅନେକ କିଛି ସମସ୍ୟାର ସମାଧାନ ସୁନିଶ୍ଚିତ ହେବା ଥୟ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ବାସ୍ତବରେ ଗତ ସାଧାରଣ ନିର୍ବାଚନରେ ଦଳ ରାଜ୍ୟରୁ କ୍ଷମତାଚ୍ୟୁତ ହେବା ସହ ଜିଲ୍ଲାରେ ଶୋଚନୀୟ ପରାଜୟ ବରଣ କରିଥିଲା। ପରେ ଗଞ୍ଜାମ ଶଙ୍ଖ ଶିବିରରେ ନେତାଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିବା କୁହାଯାଉଥିଲା। ଗତ କିଛି ମାସ ପୂର୍ବେ ବିଜେଡିର ଦୁଇ ହେବିୱେଟଙ୍କ ଗୋଷ୍ଠୀ ମଧ୍ୟରେ କଳି ଉଗ୍ର ରୂପ ଧାରଣ କରିଥିଲା। ଏପରିକି ବିବାଦ ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିଲା। ଏହା ପଛରେ ଜିଲ୍ଲା ସଭାପତି ପଦ ମୁଖ୍ୟ କାରଣ ବୋଲି ଆଲୋଚନା ହେଉଥିଲା। ଆଗାମୀ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ ସେମାନଙ୍କର ରଣନୀତି ପ୍ରସ୍ତୁତ କଲେଣି। ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଶିଷ୍ଟ ଜିଲ୍ଲା ଗଞ୍ଜାମରେ ବିଜେଡି ସାଂଗଠନିକ ଦକ୍ଷତା, ନେତୃତ୍ୱ ଅଭିଜ୍ଞତା ପ୍ରତି ନଜର୍ ରଖି ଜଣେ ନେତାଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ଦେବା ଥୟ। ପଦ ଦୌଡ଼ରେ ଅନେକ ନେତା ଥିବା ବେଳେ ବିଶେଷ କରି ବ୍ରହ୍ମପୁରର ଦୁଇ ପୂର୍ବତନ ବିଧାୟକ ଡ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ ବିକ୍ରମ କୁମାର ପଣ୍ଡାଙ୍କୁ ନେଇ ଆଲୋଚନା ଜୋର ଧରି ଆସୁଥିଲା। କାରଣ ରାଜନୈତିକ ଦକ୍ଷତା ଠାରୁ ଆରମ୍ଭ କରି ସଂଗଠନ ସବୁଥିରେ ଚ୍ୟାଉ ବାବୁ ମାହିର। ଗତ ୪ ବର୍ଷ ହେବ ସେ ଜିଲ୍ଲା ସଭାପତି ଭାବେ କାର୍ଯ୍ୟ କରି ଆସୁଥିଲେ। ସେହିପରି ଜଣେ ଯୁବ ନେତା ତଥା ସୁ ସଂଗଠକ ଭାବେ ବିକ୍ରମଙ୍କର ମଧ୍ୟ ବେଶ ଦବଦବା ରହିଛି। ଜଣେ ଯୁବ ଚେହେରା ସହ ରାଜନୈତିକ ଦକ୍ଷତା ଏବଂ ସଂଗଠନ କ୍ଷେତ୍ରରେ ତାଙ୍କର କାର୍ଯ୍ୟକୁ ଦଳର ରାଜ୍ୟ ସ୍ତରୀୟ ନେତୃମଣ୍ଡଳ ଖୁବ୍ ପ୍ରଶଂସା ମଧ୍ୟ କରିଛନ୍ତି। ଗତ ଏପ୍ରିଲ ୧୫ ତାରିଖରେ ୧୮ଟି ଜିଲ୍ଲା ଏବଂ ସୋମବାର ଆଉ ୬ ଟି ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା ହୋଇଛି। କିନ୍ତୁ ଅନ୍ୟ କିଛି ଜିଲ୍ଲାର ସଭାପତିଙ୍କ ନାଁ ଘୋଷଣା ହୋଇନଥିବା ବେଳେ ଏଥିରେ ଗଞ୍ଜାମ ସାମିଲ ରହିଛି। ଚର୍ଚ୍ଚା ପ୍ରକାରେ, ସମ୍ପ୍ରତି ଚ୍ୟାଉ ବାବୁଙ୍କୁ ଦଳ ଦାୟିତ୍ୱ ଦେବା, ବିକ୍ରମଙ୍କ ଜିଲ୍ଲା ସଭାପତି ହେବା ରାସ୍ତାକୁ ପକ୍କା କରିଦେଇଛି। ତେବେ ଏଥିରେ ସେ ସଫଳ ହେଉଛନ୍ତି ନାଁ ଦଳ ଅନ୍ୟ କୌଣସି ତୁଙ୍ଗ ନେତାଙ୍କୁ ଜିଲ୍ଲା ସଭାପତି ଚୌକି ଦେବ ତାହା ଦଳ ସୁପ୍ରିମୋଙ୍କ ଘୋଷଣା ପରେ ହିଁ ସ୍ପଷ୍ଟ ହେବ।

## ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

● ବିଭିନ୍ନ ୫୭ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ




**ସୁବର୍ଣ୍ଣପୁର,୫।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନ୍ୟା ଦାସ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ୪୦ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ସୋନପୁର ପ୍ରତୀକ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଉପଜିଲ୍ଲାପାଳ ସୋନପୁର ଡଃ ସୌମ୍ୟାରୂପା ରଥ ସମେତ ତହସିଲଦାର ସୋନପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ବିଦ୍ୟାମନ୍ଦିର ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**କେନ୍ଦୁଝର,୫।୫(ସଂଚାର ବ୍ୟୁରୋ):** ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି, ଓଡ଼ିଶା ଯୋଜନା ଆଧାରରେ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାଧ୍ୟମିକ ସ୍ତର ୧୦ ଦିବସୀୟ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ପ୍ରାନ୍ତ ମାଧ୍ୟମିକ ଶୈକ୍ଷିକ ସଂଯୋଜକ ଆଶିଷ କୁମାର ରଥଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଆଗାମୀ ପିଢିମାନଙ୍କୁ ନିଜ ଶିକ୍ଷାଦାନ ମାଧ୍ୟମରେ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମଗ୍ର ଓଡ଼ିଶାର ୧୨୨ ଜଣ ଆଚାର୍ଯ୍ୟଆଚାର୍ଯ୍ୟାମାନଙ୍କୁ ୧୪ ଜଣ ପ୍ରଶିକ୍ଷକ ଶିକ୍ଷାଦାନ ଦେଉଛନ୍ତି। ସକାଳ ୫.୩୦ମି.ରୁ ରାତି ୯ଟା ପର୍ଯ୍ୟନ୍ତ ବିଷୟ ଶିକ୍ଷାଦାନ ସହ ଯୋଗାଭ୍ୟାସ, ବ୍ୟାୟାମ, ଯୋଗଚାପ, ସଙ୍ଗୀତ, ଘୋଷ ଓ ବୈଦିକଗଣିତର ପ୍ରଶିକ୍ଷଣ ଦିଆଯାଉଛି। ସମ୍ମାନିତ ଅତିଥିଭାବେ ପୂର୍ବକ୍ଷେତ୍ରର ବିଦ୍ୟାମନ୍ଦିର ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ କୁମାର ମିଶ୍ର ମଞ୍ଚାସୀନ ଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ତ୍ରିଲୋଚନ ନାଏକ ମଞ୍ଚ ପରିଚାଳନା ଓ ଫୁଲବାଣୀ ବିଭାଗ ନିରୀ କ୍ଷକ ପଦ୍ମନାଭ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇଟିଇଆର୍‌ରେ ତୃତୀୟ ଆଇଇଇଇ ଆନ୍ତର୍ଜାତିକ କର୍ମଶାଳା

## 'ଇଣ୍ଟେଲିଜେଣ୍ଟ ଆଣ୍ଡ କ୍ଲାଉଡ କମ୍ପ୍ୟୁଟିଙ୍ଗ' ଆୟୋଜିତ




**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ଅନ୍ତର୍ଗତ ସେଂଟର ଫର୍ ସାଇବର ସିକ୍ୟୁରିଟି ଏବଂ ଆଇଇଇଇ, ଭୁବନେଶ୍ୱର ଏବଂ କୋଲକାତାର ମିଳିତ ସହଯୋଗରେ ମେ ୨ ଏବଂ ୩ ଦୁଇ ଦିନ ଧରି ହାଇବ୍ରିଡ ମୋଡରେ 'ଇଣ୍ଟେଲିଜେଣ୍ଟ ଆଣ୍ଡ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ' ଉପରେ ୩ୟ ଆଇଇଇଇ ଆନ୍ତର୍ଜାତିକ କର୍ମଶାଳା ଆୟୋଜିତ ହୋଇଯାଇଛି। ଇଣ୍ଡଷ୍ଟ୍ରୀ ୪.୦ ପରିପ୍ରେକ୍ଷୀରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏବଂ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ କ୍ଷେତ୍ରରେ ନବୀନ ପ୍ରକ୍ରିୟା ଉପରେ ଅଧିକରୁ ଅଧିକ ତଥ୍ୟ ହାସଲ କରିବା ନିମନ୍ତେ ଗବେଷକ ଏବଂ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନେ ଏହି କର୍ମଶାଳାରେ ଏକତ୍ରିତ ହୋଇଥିଲେ। ବିଶେଷ କରି ଏହି କ୍ଷେତ୍ରରେ ସୁରକ୍ଷା, କାର୍ଯ୍ୟଦକ୍ଷତା, ଏକାନ୍ତତା, ନିରାପତା ଓ ଇଂଟେଲିଜେଂଟ ସିଷ୍ଟମ୍ ଡିଜାଇନକୁ ନେଇ ବିଭିନ୍ନ ଆଲୋଚନା କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇସିଓଆଇସିସିର ପ୍ରୋଗ୍ରାମ ଚେୟାର ତଥା ଆଇଟିଇଆର୍ ସିଏସ୍‌ଇ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ। ସମ୍ମିଳନୀରେ ୟୁଏସ୍‌ଏ ସ୍ଥିତ ମିସୋରୀ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ସଞ୍ଜୟ ମଦ୍ରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡିଜିଟାଲ୍ ଅପରାଧକୁ ରୋକିବା ଦିଗରେ ସାଇବର ସୁରକ୍ଷା ଅଧିକ ଜରୁରୀ ବୋଲି କହିଥିଲେ। ଏଆଇ ଏବଂ କ୍ଲାଉଡ କମ୍ପ୍ୟୁଟିଙ୍ଗ କ୍ଷେତ୍ରରେ ଭାରତର ଛାତ୍ରଛାତ୍ରୀମାନଙ୍କ ପାରଦର୍ଶିତା ବେଶ ଉନ୍ନତ ବୋଲି ଉଲ୍ଲେଖ କରି ସେମାନେ ଅଧିକରୁ ଅଧିକ ଗବେଷଣା କରିବା ଆବଶ୍ୟକ ବୋଲି ପ୍ରଫେସର ମଦ୍ରିଆ କହିଥିଲେ।

## ହରିଶ୍ଚନ୍ଦ୍ର ଯୋଜନାରେ ଦୁର୍ନୀତି ଅଭିଯୋଗ

**ଆନନ୍ଦପୁର,୫।୫(ସଂଚାର ବ୍ୟୁରୋ):** ହରିଶ୍ଚନ୍ଦ୍ର ଯୋଜନାରେ ଦୁର୍ନୀତି ଅଭିଯୋଗ । ଟଙ୍କା ଲୁଟିବା ପାଇଁ ୨୦ରୁ ଅଧିକ ଲୋକଙ୍କୁ ଦୁଇ ଦୁଇଥର ଜୁଇରେ ଶୁଆଇ ଦେଇଥିବା ଅଭିଯୋଗ ହୋଇଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳରେ ହରିଶ୍ଚନ୍ଦ୍ର ଯୋଜନାରେ ମନଇଚ୍ଛା ଟଙ୍କା ବଣ୍ଟାଯାଇଥିବା ନେଇ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଘଷିପୁରା ଗାୟତ୍ରୀ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରାଯାଇ ପୂର୍ବ ସରକାର ଉପରେ ବର୍ଷିଛନ୍ତି ଯଜ୍ଞ ପ୍ରସାଦ ସାହୁ । ତଥ୍ୟ ଅନୁସାରେ, ୨୦୧୭ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରିବା ପାଇଁ ୨୦୧୯ରେ ମରିଥିବା ଦର୍ଶାଯାଇଛି । ସେମାନଙ୍କ ସମ୍ପର୍କୀୟଙ୍କୁ ମୋଟ୍ ୨ ଲକ୍ଷ ୮୨ ହଜାର ଟଙ୍କା ପ୍ରଦାନ କରାଯାଇଛି ।

## ସରସ୍ୱତୀ ଶିଶୁ ମନ୍ଦିରରେ ନୃତ୍ୟ ସଙ୍ଗୀତ ପରୀକ୍ଷା



**ବାଲିଆପାଳ,୫।୫(ସଂଚାର ବ୍ୟୁରୋ):** ହନୁମାନ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁମନ୍ଦିର ବାଲିଆପାଳରେ ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନଙ୍କର ଅର୍ନ୍ତନିହୀତ ଗୁଣାବଳିର ବିକାଶ ନିମନ୍ତେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଅଧିନରେ ନୃତ୍ୟ ସଙ୍ଗୀତ ଏବଂ ତବଲା ବିଷୟରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାକୁ ନିରୀକ୍ଷକ ଭାବେ ଶିବାନନ୍ଦ କଳାବିକାଶ କେନ୍ଦ୍ର କୁରୁଡା ବାଲେଶ୍ୱରର ଅଧାପିକା ମମତା ହାଜିରା, ଗୁରୁ ସୁଶାନ୍ତ କୁମାର ଘଡାଇ, ଗୁରୁ ସଦାନନ୍ଦ ଦାସ, ଗୁରୁ ପ୍ରଫୁଲ ବାରିକ, ଗୁରୁ ରାଧାରମଣ ରାଉତ, ଗୁରୁ ସରୋଜ କୁମାର ଦାସ, ଏବଂ ଗୁରୁମା ଅର୍ଚ୍ଚନା ଉପାଧ୍ୟ ପରୀକ୍ଷାକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ଜେନା, ସଭାପତି ପଞ୍ଚାନନ ପଣ୍ଡା, ସମ୍ପାଦକ ଦେବବ୍ରତ ଦଣ୍ଡପାଟ, ଗୁରୁମା ସଞ୍ଜୁବାଳା ମହାନ୍ତି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ



**ବ୍ରହ୍ମପୁର,୫।୫ (ସଂଚାର ବ୍ୟୁରୋ):** ଦୁଇ ନମ୍ବର ୱାର୍ଡ ସ୍ଥିତ ଲକ୍ଷ୍ମୀ ନୃସିଂହ ସାହି ମୁଖ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି ବ୍ରହ୍ମପୁର ମହାନଗର ନିଗମ। ଏନେଇ ରାସ୍ତା ନିର୍ମାଣର ଶୁଭ ଦେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ କର୍ପୋରେଟର ଆପ୍ପା ରାଓ, ପୂର୍ବତନ ବିଜେପି କର୍ପୋରେଟର ପ୍ରାର୍ଥୀ ଅନୁପ୍ ପଣ୍ଡା, ଆଇନଜିବୀ ଅସିତ୍ ସାବତ, ସୁଶାନ୍ତ ମହାରଣା, ମୁକୁନ୍ଦ ଗୌଡ଼, ସ୍ଥାନୀୟ ଯନ୍ତ୍ରୀ ଶୁଭସ୍ମିତା ପୃଷ୍ଟୀଙ୍କ ସମେତ ଅଞ୍ଚଳର ବହୁ ଲୋକ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଦୀର୍ଘ ଦିନ ଧରି ଏହି ରାସ୍ତା ନିର୍ମାଣ କରିବାକୁ ଦାବି ହୋଇ ଆସୁଥିଲେ। ସ୍ଥାନୀୟ ବିଧାୟକ କେ. ଅନୀଲ କୁମାର ଅଞ୍ଚଳ ପରିଦର୍ଶନ କରି ଏହି ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସ୍ଥାନୀୟ ବସିନ୍ଦା ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଗାଁ ଓ ବଜାରରେ ଚାନ୍ଦା ଆଦାୟ ଅତିଷ୍ଠ କଲାଣି

**କଣାସ,୫।୫(ସଂଚାର ବ୍ୟୁରୋ):** ଦିନକୁ ଦିନ ସମାଜ ଯେତିକି ଯେତିକି ଆଧୁନିକତା ଆଡକୁ ଗତି କରୁଛୁ ଜୁନ ସାଧାରଣଙ୍କ ସଚେତନତା ଅଭାବରୁ ଚାନ୍ଦା ଆଦାୟ ବଜାର ଦୋକାନୀ ମାନଙ୍କୁ ଏବଂ ଗ୍ରାମବାସୀମାନଙ୍କୁ ଅଡୁଆରେ ପକାଉଥିବା ଦେଖିବାକୁ ମିଳୁଛି। ଯଦି କୌଣସି ଗ୍ରାମରେ ବିଶ୍ୱ ଶାନ୍ତି ମହାଯଜ୍ଞ, ମନ୍ଦିର ପ୍ରତିଷ୍ଠା କରାଯାଉଛି ସେହି ଗ୍ରାମର ପାଞ୍ଚ ଦଶ ଜଣ ବ୍ୟକ୍ତି ଛୋଟ ପିଲା ଓ ମହିଳାମାନଙ୍କୁ ସଙ୍ଗରେ ଧରି ଚାରି ଚକିଆ ଜାନ ଓ ଅଟରେ ମାଇକ ଲଗାଇ ଭଜନ ବଜାଇ ବ୍ୟାନର ମାରି ଜଣେ ହନୁମାନ ରୁପ ଧରି ନାଚି ନାଚି ଗାଡି ଆଗରେ ବଜାର ଓ ଗ୍ରାମରେ ବୁଲି ବୁଲି ଦୁଆରକୁ ଦୁଆର ଉଠି ଟଙ୍କା ପଇସା ମାଗୁଛନ୍ତି। ଦିନକୁ ଗୋଟିଏ ନୁହେଁ ଏପରିକି ୪ ଓ୫ ଲେଖାଏଁ ଗାଡି ବଜାର ଓ ଗ୍ରାମରେ ବୁଲୁଥିବାରୁ ଦୋକାନୀମାନେ ଓ ଗ୍ରାମବାସୀମାନେ ଚାନ୍ଦା ଦେଇ ଦେଇ ଅତିଷ୍ଠ ହୋଇଗଲେଣି। ଆଉ ମଧ୍ୟ ଦେଖିବାକୁ ମିଳୁଛି ଯେଉଁଠ ଗାଡିରେ ଯେତିକି ଜଣ ଆସିଛନ୍ତି ସେମାନେ ସକାଳୁ ସଂନ୍ଧ୍ୟା ପର୍ଯ୍ୟନ୍ତ ଜଳଖିଆ ଓ ହୋଟେଲରେ ଖାଇବା ସହିତ ଗାଡିଭଡା ଚାନ୍ଦା ଆଦାୟରୁ ଦେଉଛନ୍ତି। ଏହା ଏକ ନିତି ଦିନିଆ ଫେସନ ହୋଇଗଲାଣି।



# ପ୍ରଦୂଷିତ ଆକାଶରେ ବେଶୀ ବଜ୍ରପାତ

ବାୟୁ ପ୍ରଦୂଷଣ ପରି ମନୁଷ୍ୟକୃତ ପାରିବେଶିକ ପରିବର୍ତ୍ତନର ପରିଣତିଗୁଡ଼ିକ ହଠାତ୍ ଜଣା ପଡ଼ି ନଥାଏ। ତେବେ ଏଥିଯୋଗୁଁ ବାୟୁମଣ୍ଡଳରେ ଘଡ଼ଘଡ଼ି ବେଳେ ଅଧିକ ବଜ୍ରପାତ ହୋଇଥାଏ ବୋଲି ଏକ ଅନୁଧାନରୁ ଜଣାଯାଇଛି। ଆମେରିକାର ମାଡିସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୨ ବର୍ଷ ଧରି ବାସିଂଟନ୍ ଡିସି ଓ କାନ୍‌ସାସ୍ ସହର ଉପରେ ସଂଘଟିତ ପାଖାପାଖି ୫,୦୦,୦୦୦ ଘଡ଼ଘଡ଼ିକୁ ତର୍ଜମା କରି ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ପ୍ରଦୂଷଣ ଯୋଗୁଁ ବାୟୁମଣ୍ଡଳରେ ଅଧିକ ସଂଖ୍ୟକ ସୂକ୍ଷ୍ମ କଣିକା (ଏରୋସୋଲ୍)ର ଉପସ୍ଥିତି ଯୋଗୁଁ ଅଧିକ ପରିମାଣର ବଜ୍ରପାତ ହେଉଥିବା ସ୍ପଷ୍ଟ ହୋଇଛି।



ବାୟୁମଣ୍ଡଳରେ ପ୍ରଦୂଷକ କଣିକାଗୁଡ଼ିକ ହିଁ ମେଘର ନାଭିକେନ୍ଦ୍ର ଭାବେ କାମ କରିଥାଏ। ତାହା ମେଘର ବିଦ୍ୟୁତ୍‌ଚାର୍ଜିତ ଅଂଶରେ ବିଭାଜନ ଆଣି ବିଜୁଳି ସୃଷ୍ଟି କରିଥାଏ। ଗବେଷକମାନେ ବାୟୁମଣ୍ଡଳରେ ୨.୫ ମାଇକ୍ରୋମିଟର (ପିଏମ୍୨.୫)ରୁ ୧୦ ମାଇକ୍ରୋମିଟର ବ୍ୟାସ ବିଶିଷ୍ଟ କଣିକା (ପିଏମ୍୧୦) ସହିତ ଘଡ଼ଘଡ଼ିର ମାତ୍ରାକୁ ତୁଳନା କରି ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ପ୍ରଦୂଷଣ ସୃଷ୍ଟିକାରୀ କଣିକାଗୁଡ଼ିକର ପରିମାଣ ଅପେକ୍ଷା ବାୟୁମଣ୍ଡଳରେ ସେମାନଙ୍କର ସାନ୍ଦ୍ରତା ଘଡ଼ଘଡ଼ିକୁ ଅଧିକ ପ୍ରଭାବିତ କରୁଛି। ସୁତରାଂ ସହର ଉପରିସ୍ଥ ଆକାଶରେ ଅଧିକ ସଂଖ୍ୟକ ପ୍ରଦୂଷକ କଣିକା ରହୁଥିବାରୁ ସେଠାରେ ବଜ୍ରପାତର ସଂଖ୍ୟା ଅଧିକ ହେଉଥିବା ଅନୁମେୟ। ସେହିପରି ବାୟୁମଣ୍ଡଳର ତାପମାତ୍ରା ଓ ଆର୍ଦ୍ରତା ଯୋଗୁଁ ଏହା ଅଧିକ ଶକ୍ତିଶାଳୀ ହେଉଥିବାରୁ ପ୍ରଦୂଷଣର ସ୍ତର ବଢ଼ିବା ସହ ବଜ୍ରପାତ ପରିମାଣରେ ବୃଦ୍ଧି ମଧ ଘଟିଥାଏ।

ଗବେଷକମାନଙ୍କ ଆଉ ଏକ ମଜାଦାର ଆବିଷ୍କାର ହେଲା, ଉଭୟ ସହରରେ ସ୍ୱାଭାବିକ ଭାବେ ଗୁରୁବାର ହିଁ ଘଡ଼ଘଡ଼ି ସହ ବଜ୍ରପାତ ସଂଘଟିତ ହେଉଥିବା ବେଳେ ବାସିଂଟନ୍ ଡି.ସି.ରେ ସୋମବାର ଓ କାନ୍‌ସାସ୍ ସହରରେ ଶୁକ୍ରବାର ହିଁ ଆକାଶ ଶାନ୍ତ ରହିଥାଏ।



# ଭୂସ୍ଖଳନ ବୃଦ୍ଧି ପଛରେ ଜଳବାୟୁ ପରିବର୍ତ୍ତନ ଓ ଭିତ୍ତିଭୂମି ନିର୍ମାଣ

ବିଶ୍ୱସ୍ତରୀୟ ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଆମ ଭାରତରେ ଜାରି ରହିଥିବା ଭିତ୍ତିଭୂମି ବିକାଶ ଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ସଂଖ୍ୟା ବୃଦ୍ଧି ପାଇବା ସହ ତାହା ଭୀଷଣରୁ ଭୀଷଣ ରୂପ ନେଉଥିବା କଥା ଏକ ସଦ୍ୟ ଅନୁଧାନରୁ ଜଣାଯାଇଛି। କିଛି ଦିନ ତଳେ କେରଳ ବାୟନାଡ଼ରେ ୨୦୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିବା ଭୟାନକ ଭୂସ୍ଖଳନ ପରେ ଏପରି ଏକ ତଥ୍ୟ ସାମନାକୁ ଆସିଛି।

ପ୍ରାକୃତିକ ଓ ମନୁଷ୍ୟକୃତ ଦୁର୍ବିପାକଗୁଡ଼ିକର ବିଶ୍ଳେଷଣ କରୁଥିବା ବିଶ୍ୱସ୍ତରୀୟ ସଂସ୍ଥା 'ରିସ୍କ ମ୍ୟାନେଜ୍‌ମେଣ୍ଟ୍ ସଲ୍ୟୁସନ୍‌ସ୍ ଇନ୍‌କର୍ପୋରେଟେଡ୍ (ଆର୍‌ଏମ୍‌ଏସ୍‌ଆଇ) ବିଭିନ୍ନ ସ୍ଥାନରେ ସଂଘଟିତ ଭୂସ୍ଖଳନଗୁଡ଼ିକର ତର୍ଜମା କରିବା ସହ ତାହାକୁ ଅନ୍ୟ ଭୂସ୍ଖଳନପ୍ରବଣ ଅଞ୍ଚଳ ସହ ତୁଳନା କରି ଏପରି ନିର୍ଯାସ ପାଇପାରିଛି। ଆମର ୨୨ ରାଜ୍ୟ ଏବଂ ପୁଡୁଚେରି ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର

> **ସ୍ୱାଧୀନତା ପରେ ୧୯୫୦ ମସିହା ବେଳକୁ ଦେଶରେ ମୋଟ ୩,୯୯,୪୯୨ ବର୍ଗ କି.ମି.ର ପକ୍କା ରାସ୍ତା ଥିବା ବେଳେ ୨୦୨୧ ବେଳକୁ ତାହା ୬୨,୯୫,୭୧୭ ବର୍ଗ କି.ମି. ହୋଇଛି। ଏଥି ସହିତ ମନୁଷ୍ୟକୃତ ଜଙ୍ଗଲହ୍ରାସ ଓ ବନସ୍ପତି ଅପସାରଣ ମଧ ଏହି ସମସ୍ୟାକୁ ବଢ଼ାଇଚାଲିଛି।**

କିଛି ଅଂଶକୁ ମିଶାଇ ଦେଶର ପ୍ରାୟ ୩୦ ପ୍ରତିଶତ ସ୍ଥାନ ହେଉଛି ପାହାଡ଼ ପର୍ବତଭରା, ଯେଉଁଠି ଭୂସ୍ଖଳନର ଆଶଙ୍କା ରହିଛି। ସେମାନଙ୍କ ମଧରୁ ଅରୁଣାଚଳ ପ୍ରଦେଶ, ସିକ୍କିମ୍, କେରଳ, ମେଘାଳୟ, ମହାରାଷ୍ଟ୍ର, ମଣିପୁର, ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ଆଦି ରାଜ୍ୟ ସବୁଠୁ ଅଧିକ ଭୂସ୍ଖଳନପ୍ରବଣ ବୋଲି ଜଣାଯାଇଛି। ତେବେ ଦେଶରେ ଅନେକ ସ୍ଥାନରେ ଜଳବାୟୁ ପରିବର୍ତ୍ତନଜନିତ ଭୀଷଣ ବର୍ଷା ଭୂସ୍ଖଳନ ଆଶଙ୍କାକୁ ବଢ଼ାଇବାରେ ଉଲ୍ଲେଖନୀୟ ଭୂମିକା ନେଇଥିବା ଜଣାଯାଇଛି। ଆଗାମୀ ଦଶନ୍ଧିମାନଙ୍କରେ ବାୟୁମଣ୍ଡଳରେ ଘନୀଭୂତ ଜଳୀୟବାଷ୍ପକ ସାନ୍ଦ୍ରତା ଅନେକ ପରିମାଣରେ ବଢ଼ିଯିବ ବୋଲି ଏହି ଅନୁଧାନରୁ ଆକଳନ କରାଯାଇଛି। ଉଦାହରଣ ସ୍ୱରୂପ, ୨୦୫୦ ମସିହା ବେଳକୁ କର୍ଣ୍ଣାଟକର ମାଙ୍ଗାଲୁରୁ ସହରର ବର୍ଷା ପରିମାଣରେ ୩୦ ପ୍ରତିଶତ ବୃଦ୍ଧି ଦେଖାଯିବ ବୋଲି ଅନୁମାନ କରାଯାଉଛି। ସେହିପରି ଆସାମରେ ୨୦୮୦ ବେଳକୁ ଏହି ପରିମାଣ ୨୧ ପ୍ରତିଶତ ବଢ଼ିଯାଇଥିବ। ତେବେ ଏଥିପାଇଁ କେବଳ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରାଯିବା ଠିକ୍ ହେବନାହିଁ। କାରଣ ଦ୍ରୁତ ଭିତ୍ତିଭୂମି ବିକାଶ, ବିଶେଷ କରି ପାହାଡ଼ ଇଲାକାରେ ରାସ୍ତାଘାଟ ନିର୍ମାଣ ଆଦି କାର୍ଯ୍ୟକଳାପ ଭୂସ୍ଖଳନକୁ ଉତ୍‌ପ୍ରେରିତ କରୁଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ସ୍ୱାଧୀନତା ପରେ ୧୯୫୦ ମସିହା ବେଳକୁ ଦେଶରେ ମୋଟ ୩,୯୯,୪୯୨ ବର୍ଗ କି.ମି.ର ପକ୍କା ରାସ୍ତା ଥିବା ବେଳେ ୨୦୨୧ ବେଳକୁ ତାହା ୬୨,୯୫,୭୧୭ ବର୍ଗ କି.ମି. ହୋଇଛି। ଏଥି ସହିତ ମନୁଷ୍ୟକୃତ ଜଙ୍ଗଲହ୍ରାସ ଓ ବନସ୍ପତି ଅପସାରଣ ମଧ ଏହି ସମସ୍ୟାକୁ ବଢ଼ାଇଚାଲିଛି। ପ୍ରାକୃତିକ ଭୂମିରୂପକୁ ନଷ୍ଟ କରିବା ଏବଂ ବନସ୍ପତି ଅପସାରଣ ଦ୍ୱାରା ଜଳ ଶୋଷଣରେ ବାଧା ଉପୁଜିବା ସାଙ୍ଗକୁ ଭଙ୍ଗୁର ଇଲାକାରେ ରାସ୍ତାଘାଟ ସମ୍ପ୍ରସାରଣ ଗଡ଼ାଣିଗୁଡ଼ିକୁ ଅସ୍ଥିର କରିଦେବା ଦ୍ୱାରା ତାହା ଭୂସ୍କଳନର ବେଶୀ ଶିକାର ହେଉଛି। ତେବେ ବିଶେଷ କରି ୨୫ରୁ ୪୫ ଡିଗ୍ରି ଢାଲୁ ବା ଗଡ଼ାଣି ଥିବା ପାହାଡ଼ ଅଞ୍ଚଳ ଓ ବିଭିନ୍ନ ସ୍ତରୀୟ ପ୍ରସ୍ତର ଥିବା ସ୍ଥାନଗୁଡ଼ିକ ମାତ୍ରାଧିକ ଭୂସ୍ଖଳନପ୍ରବଣ ହୋଇଥିବାରୁ ସେଠାରେ ନିର୍ମାଣକାର୍ଯ୍ୟର ସୁପରିଚାଳନା ପାଇଁ ପରାମର୍ଶ କରାଯାଇଛି।

# ତାପମାତ୍ରା ସହ ବଢ଼ୁଛି କିଡ୍‌ନି ରୋଗ

ସମ୍ପ୍ରତି ଆମେରିକାରେ କିଡ୍‌ନି (ବୃକ୍‌କ) ଜନିତ ରୋଗରେ ଅଧିକ ଲୋକ ପୀଡ଼ିତ ହେଉଥିବା ଜାଣିବାକୁ ମିଳିଛି। ତେବେ ଜଳବାୟୁ ସଂକଟ ଯୋଗୁଁ ଲଗାତାର ବଢ଼ି ଚାଲିଥିବା ତାପମାତ୍ରା ହିଁ କିଡ୍‌ନି ରୋଗ ବୃଦ୍ଧିର କାରଣ ବୋଲି ଜଣାଯାଇଛି। ଆଟଲାଣ୍ଟାସ୍ଥିତ ଏକ ଡାୟଲିସିସ୍ କେନ୍ଦ୍ରର ଜଣେ ବିଶେଷଜ୍ଞ ଡାକ୍ତରଙ୍କ କହିବାନୁଯାୟୀ, ବହିର୍ବିଭାଗକୁ ଆସୁଥିବା କିଡ୍‌ନି ରୋଗୀଙ୍କ ମଧରୁ ଅଧିକାଂଶ ସାଧାରଣତଃ ବରିଷ୍ଠ ନାଗରିକ ହୋଇଥାନ୍ତି। ମାତ୍ର ଏବେ ବୟସର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଦଶକରେ ଥିବା ବ୍ୟକ୍ତି ମଧ ଏହି ରୋଗରେ ପୀଡ଼ିତ ହେଉଛନ୍ତି। ତେବେ ଅପେକ୍ଷାକୃତ ଉଷ୍ମ ଜଳବାୟୁରେ ରହୁଥିବା ଲୋକଙ୍କର କିଡ୍‌ନି ରୋଗ ଆଶଙ୍କା ଅଧିକ ଥାଏ ବୋଲି ଜଣାପଡ଼ିଛି। ଅବଶ୍ୟ କେବଳ ତାପମାତ୍ରା ଏକମାତ୍ର କାରଣ ନୁହେଁ, ବାୟୁମଣ୍ଡଳର ଆର୍ଦ୍ରତାର ମଧ ଉଲ୍ଲେଖନୀୟ ଭୂମିକା ରହିଛି। କାରଣ ଉଭୟ ତାପମାତ୍ରା ଓ ବାୟୁମଣ୍ଡଳୀୟ



ଆର୍ଦ୍ରତା ଶରୀରରୁ ଜଳୀୟ ଅଂଶ ବାଷ୍ପୀକରଣ ପାଇଁ ଦାୟୀ। ଆମ ଶରୀର ଯେତେବେଳେ ମାତ୍ରାଧିକ ତାପମାତ୍ରାର ସାମନା କରିଥାଏ, ସେତେବେଳେ କିଡ୍‌ନି ଓ ହୃତ୍‌ପିଣ୍ଡ ପରି ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ପ୍ରତ୍ୟଙ୍ଗର କାର୍ଯ୍ୟକଳାପ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ତେଣୁ ଶରୀରକୁ ଏକ ନିରାପଦ ତାପମାତ୍ରା ସମ୍ପନ୍ନ ପରିବେଶରେ ରଖିବା ଲାଗି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ କରିଥା'ନ୍ତି। ତେବେ ଅଧିକ ତାପମାତ୍ରାରେ କିଡ୍‌ନି ଅଧିକ ପ୍ରଭାବିତ ହେଉଥିବାରୁ ବିଶେଷ କରି ବାହାରେ ସମୟ କାଟୁଥିବା ଲୋକଙ୍କ କ୍ଷେତ୍ରରେ କିଡ୍‌ନି ସମସ୍ୟା ଅଧିକ ବୋଲି କୁହାଯାଇଛି। ଅବଶ୍ୟ ଅନେକ ବିଶେଷଜ୍ଞ ତଥା ଗବେଷକଙ୍କ ମତରେ ସୁସ୍ଥସବଳ ଲୋକଙ୍କ କ୍ଷେତ୍ରରେ କିଡ୍‌ନି ସମସ୍ୟା ଦେଖାଦେବା ପଛରେ ମାତ୍ରାଧିକ ତାପମାତ୍ରା ନା କୀଟନାଶକ ନା ପ୍ରଦୂଷିତ ପାନୀୟ ଜଳ କି ଅଧିକ ପରିମାଣର ଯନ୍ତ୍ରଣାନାଶକ ଔଷଧ (ପେନ୍‌କିଲର୍)ର ଭୂମିକା ରହିଛି, ତାହା ସ୍ପଷ୍ଟ ହୋଇନାହିଁ। ତେବେ କିଡ୍‌ନି ପରି ଏକ ସୂକ୍ଷ୍ମ ପ୍ରତ୍ୟଙ୍ଗରେ କିଛି କ୍ଷତି ହୋଇଥିଲେ ତାହାକୁ ବାହ୍ୟ ତାପମାତ୍ରା ବହୁଗୁଣରେ ବଢ଼ାଇଦେବ ବୋଲି ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି।

# ହେଗ୍‌ରେ ନିଷିଦ୍ଧ ହେବ ଜୀବାଶ୍ମ ଇନ୍ଧନ ବିଜ୍ଞାପନ

ଆନ୍ତର୍ଜାତିକ ଆଇନ ଅଦାଲତର ମୁଖ୍ୟ ଦପ୍ତର ଥିବା ଉତ୍ତର ନେଦରଲାଣ୍ଡ୍‌ସର ହେଗ୍ ସହରରେ ଆସନ୍ତା ଜାନୁଆରି ମାସରୁ ଜୀବାଶ୍ମ ଇନ୍ଧନର ସମସ୍ତ ପ୍ରକାର ବିଜ୍ଞାପନକୁ ନିଷିଦ୍ଧ କରାଯିବାକୁ ସରକାର ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ କଳକାରଖାନା ଓ ଗାଡ଼ିମୋଟରରେ ଜାଳେଣି ଭାବରେ ଖଣିଜତୈଳ, ବାଷ୍ପ ଓ କୋଇଲା ପରି ଜୀବାଶ୍ମ ଇନ୍ଧନଗୁଡ଼ିକର ଦହନ ଯୋଗୁଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରି ପ୍ରଦୂଷକ ବାଷ୍ପର ମାତ୍ରା ଆଶାତୀତ ଭାବେ ବଢ଼ିଚାଲିଛି। ଏହା ହିଁ ଜଳବାୟୁ ପରିବର୍ତ୍ତନର ଅନ୍ୟତମ ପ୍ରମୁଖ କାରଣ ସାଜିଛି, ଯେଉଁଥିପାଇଁ ଆମକୁ ନାନା ମନୁଷ୍ୟକୃତ ଦୁର୍ବିପାକର ସାମ୍ନା କରିବାକୁ ପଡୁଛି। ଅପରପକ୍ଷେ, ବିଭିନ୍ନ ତୈଳ କମ୍ପାନି ମଧ ବ୍ୟାବସାୟିକ ଫାଇଦା ଦୃଷ୍ଟିରୁ ନିଜ ଉତ୍ପାଦର ପ୍ରସାର ଓ ପ୍ରଚାର ଲାଗି ଜୀବାଶ୍ମ ଇନ୍ଧନର ବିଜ୍ଞାପନ ଦେଇ ଚାଲିଛନ୍ତି। ମାତ୍ର ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାରର କୁପରିଣତିକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘର ସାଧାରଣ ସଚିବ ଆଣ୍ଟୋନିଓ ଗୁଟେରସ୍ ଗତ ଜୁନ୍ ମାସରେ ଜୀବାଶ୍ମ ଜାଳେଣିକୁ ସାମ୍ପ୍ରତିକ 'ପାଣିପାଗ ବିଭ୍ରାଟର ଧର୍ମପିତା' ଭାବେ ଅଭିହିତ କରିଛନ୍ତି। ଏଥି ସହିତ ଏହି ସମସ୍ୟାର ମୁକାବିଲା ପାଇଁ ପ୍ରତ୍ୟେକ ଦେଶ ଜୀବାଶ୍ମ ଇନ୍ଧନ ବିଜ୍ଞାପନକୁ ନିଷିଦ୍ଧ ଘୋଷଣା କରନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି। ଅବଶ୍ୟ ପୂର୍ବରୁ ବିଶ୍ୱର ଅନେକ ସହରରେ ଜୀବାଶ୍ମ ଇନ୍ଧନ ବିଜ୍ଞାପନଗୁଡ଼ିକୁ ହଟାଇବା ଦିଗରେ ପଦକ୍ଷେପ ନିଆଯାଇଛି। ମାତ୍ର ନେଦରଲାଣ୍ଡସ୍‌ର ତୃତୀୟ ବୃହତ୍ତମ ସହର ହେଗ୍ ବିଶ୍ୱର ପ୍ରଥମ ସହର ଭାବେ ଏଥିପାଇଁ ବିଧିବଦ୍ଧ ଆଇନ ପ୍ରଣୟନ କରିଛି। ମାନବ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥିବା ତମାଖୁ ବିରୋଧରେ ପୂର୍ବରୁ ଅନେକ ଦେଶ ଏପରି ବିଜ୍ଞାପନକୁ ନିଷିଦ୍ଧ କରିଛନ୍ତି। ତେବେ ହେଗ୍ ସହରରେ ଜୀବାଶ୍ମ ଇନ୍ଧନ ବିଜ୍ଞାପନ ନିଷିଦ୍ଧ କରିବାକୁ ଗତ ଗୁରୁବାର ଦେଶରେ ଆଇନ ପାରିତ ହୋଇଛି। ଏହା ଦ୍ୱାରା ଉକ୍ତ ସହର ୨୦୩୦ ମସିହା ସୁଦ୍ଧା ସଂପୂର୍ଣ୍ଣ ରୂପେ ଜଳବାୟୁ ନିରପେକ୍ଷ ହୋଇପାରିବ ବୋଲି ଆଶା କରାଯାଉଛି।




# ଫରେଷ୍ଟ ମ୍ୟାନ୍ ପାୟେଙ୍ଗ

ଭାରତର 'ଫରେଷ୍ଟ ମ୍ୟାନ୍' ଭାବେ ଜଣାଶୁଣା ଯାଦବ 'ମୋଲାଇ' ପାୟେଙ୍ଗ ବ୍ରହ୍ମପୁତ୍ର ନଦୀ ଅବବାହିକାରେ ୫୫୦ ହେକ୍ଟର ପରିମିତ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି କରି ବିରଳ କୃତିତ୍ୱ ହାସଲ କରିଛନ୍ତି। ମୋଲାଇ ଜଙ୍ଗଲ ନାମରେ ପରିଚିତ ଏହି ଅଞ୍ଚଳ ଏବେ ମହାବଳ ବାଘ, ଭାରତୀୟ ଗଣ୍ଡା, ହରିଣ ଓ କୋକିଶିଆଳ, କୁଟୁରା ଓ ଠେକୁଆ ଭଳି ବନ୍ୟପ୍ରାଣୀମାନଙ୍କ ବାସସ୍ଥଳୀ ପାଲଟିଛି। ୧୯୫୯ ଅକ୍‌ଟୋବର ୩୧ରେ ଆସାମର ଜୋରହାଟରେ ଜନ୍ମିତ ପାୟେଙ୍ଗ ଆସାମର ଲୁପ୍ତ ପ୍ରାୟ ଆଦିମ ଆହୋମ୍ ଜନଜାତିର ସଦସ୍ୟ। ଏଭଳି ବିରଳ କାର୍ଯ୍ୟ ପାଇଁ ତାଙ୍କୁ ୨୦୧୫ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି।

୨୦୦୮ରେ ଅରୁଣା ଚାପୋରି ଗାଁରେ ସମ୍ପତ୍ତି ନଷ୍ଟ କରିଥିବା ୧୧୫ଟି ବଣୁଆ ହାତୀଙ୍କୁ ସ୍ଥାନୀୟ ବନ ବିଭାଗ କର୍ମଚାରୀ ଖୋଜୁଥିବା ସମୟରେ ମୋଲାଇ ଜଙ୍ଗଲରେ ପହଞ୍ଚି ଚକିତ ହୋଇଯାଇଥିଲେ। ଏହି ଘଟଣା ଯାଦବ ପାୟେଙ୍ଗଙ୍କୁ ସମଗ୍ର ଭାରତରେ ପରିଚିତ କରାଇଥିଲା। ନିକଟରେ ଏକ ପରିବେଶ ସମ୍ମିଳନୀରେ ଯୋଗଦେବାକୁ ପଦ୍ମଶ୍ରୀ ପାୟେଙ୍ଗ ଭୁବନେଶ୍ୱର ଆସିଥିବା ସମୟରେ ନିଜର ୫ ଦଶନ୍ଧିର ଜଙ୍ଗଲ ପୁନରୁଦ୍ଧାର କାର୍ଯ୍ୟକ୍ରମ ପ୍ରସଙ୍ଗରେ କହିଥିଲେ, "୧୯୭୯ରେ ଭିନ୍ନ ଭିନ୍ନ ପ୍ରଜାତିର ବହୁସଂଖ୍ୟକ ସାପ ବନ୍ୟା ପରେ ଅତ୍ୟଧିକ ଗରମ ଯୋଗୁଁ ବ୍ରହ୍ମପୁତ୍ରର ବୃକ୍ଷହୀନ ନଦୀଶଯ୍ୟାରେ ମୃତ୍ୟୁବରଣ କରିଥିଲେ। ଯେଉଁଦିନ ମୃତ ସାପମାନଙ୍କୁ ଦେଖିଲି ମୋର ଜଙ୍ଗଲ ସୃଷ୍ଟି ପାଇଁ ଆଗ୍ରହ ହେଲା। ଜଣେ ଆଦିବାସୀ ଭାବେ ମୋତେ ନଦୀ ଅବବାହିକା ଗଛଲତା ଶୂନ୍ୟ ହେବା ଯନ୍ତ୍ରଣା ଦେଉଥିଲା। ତା'ପରେ ମୁଁ ଗଛ ଲଗାଇବା ଆରମ୍ଭ କଲି।" ମୋଲାଇ ଜଙ୍ଗଲର ବିଶେଷତ୍ୱ ନେଇ ସେ କହନ୍ତି, "ମୋ ପ୍ରଚେଷ୍ଟାରେ ଏଠାରେ ସାପ ଓ ଶାଗୁଣାଙ୍କ ସଂରକ୍ଷଣରେ ସଫଳତା ଏକ ନୂଆ ଉଦାହରଣ ପାଲଟିଛି। ପ୍ରାୟ ୫୦ ଏକର ଅଞ୍ଚଳକୁ ମୁଁ ଘଞ୍ଚ ବାଉଁଶ ବଣରେ ପରିଣତ କରିବାରେ ସଫଳ ହେବା ପରେ ପ୍ରତିବର୍ଷ ଏଠାକୁ ବଣୁଆ ହାତୀ ଆସନ୍ତି ଏବଂ ପ୍ରାୟ ୬ ମାସ ଏଠାରେ ଅତିବାହିତ କରନ୍ତି। ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ପ୍ରଥମେ ମୁଁ ମାତ୍ର ୨୦ଟି ବାଉଁଶ ଚାରା ଏହି ଜଙ୍ଗଲରେ ଲଗାଇଥିଲି। ଗତବର୍ଷ ଏଠାରେ ୧୦ଟି ହାତୀ ଛୁଆ ଜନ୍ମ ହୋଇଥିଲେ।"



# ସୁନାମୁଣ୍ଡା ସୃଷ୍ଟିରେ ଭୂମିକମ୍ପର ଭୂମିକା



ସୁଦୃଶ୍ୟ ତଥା ଦୀର୍ଘସ୍ଥାୟୀ ଅଳଙ୍କାର ଗଢ଼ଣରେ ସୁନା ଧାତୁର ଭୂମିକା ବାବଦରେ ସମସ୍ତେ ଅବଗତ। ବିଭିନ୍ନ ରାସାୟନିକ ପ୍ରତିକ୍ରିୟାରେ ସୁନା ଏକ ଉତ୍ତମ ଉତ୍‌ପ୍ରେରକର କାର୍ଯ୍ୟ କରିଥାଏ। ଏହା ଏକ ଉନ୍ନତ ବିଦ୍ୟୁତ୍ ସୁପରିବାହୀ ମଧ। ଏହା ପ୍ରାକୃତିକ ଭାବେ ଉପଲବ୍ଧ ସୁନା ମୁଣ୍ଡା ବା ସୁନା ପଥରରୁ ନିଷ୍କାସନ ପ୍ରକ୍ରିୟାରେ ବାହାରିଥାଏ। ଏହି ମୁଣ୍ଡା ସୁନା ବା 'ଗୋଲ୍‌ଡ ନଗେଟ୍' ସାଧାରଣତଃ ଭୂଗର୍ଭରେ ପଥର ଫାଟରେ ମିଳୁଥିବା 'କ୍ୱାର୍ଜ' ବା ସିଲିକନ୍ ଡାଇଅକ୍ସାଇଡ୍ ପରି ସ୍ଫଟିକ ଭିତରେ ରହିଥାଏ। ତେବେ ସ୍ଫଟିକରେ ଥିବା ସୁନାମୁଣ୍ଡାର ଉତ୍ପତ୍ତି କିପରି ହେଲା ତାହା ଗବେଷକମାନଙ୍କୁ ଦ୍ୱନ୍ଦ୍ୱରେ ପକାଇ ଆସିଛି। ଏକ ସଦ୍ୟ ଗବେଷଣା ଅନୁଯାୟୀ, ଭୂମିକମ୍ପ ବେଳେ ପିଜୋ-ବିଦ୍ୟୁତ୍ ପ୍ରକ୍ରିୟା ଦ୍ୱାରା ସ୍ଫଟିକ ଭିତରେ 'ଗୋଲ୍‌ଡ ନଗେଟ୍' ସୃଷ୍ଟି ହୁଏ ବୋଲି ଅନୁମାନ କରାଯାଉଛି। ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ ପୃଥିବୀ ଅଭ୍ୟନ୍ତରରେ ଥିବା ଶିଳାସ୍ତର ଫାଟ ଦେଇ ଜଳବହୁଳ ଉତ୍ତପ୍ତ ତରଳ ପଦାର୍ଥ ପ୍ରବାହିତ ହେଲାବେଳେ ସୁନା କଣିକା ଘନୀଭୂତ ହୋଇ ପ୍ରସ୍ତର ଫାଟରେ କଠିନ ଅବସ୍ଥାରେ ରହିଯାଇଥାଏ। ତେବେ ଭୂଗର୍ଭସ୍ଥ ଉତ୍ତପ୍ତ ତରଳ ପଦାର୍ଥରେ ସୁନାର ଭାଗ ଖୁବ୍ କମ୍ ହୋଇଥିବାରୁ ସେହି ପ୍ରକ୍ରିୟାରେ ବଡ଼ ବଡ଼ ସୁନାମୁଣ୍ଡା ସୃଷ୍ଟି ହେବା ସମ୍ଭବ ନୁହେଁ। ସୁତରାଂ ଭୂମିକମ୍ପ ସମୟରେ ପିଜୋ-ବିଦ୍ୟୁତ୍ ପ୍ରକ୍ରିୟା ଯୋଗୁଁ ତାହା ସୃଷ୍ଟି ହୁଏ ବୋଲି ଗବେଷକଙ୍କ ମତ। କ୍ୱାର୍ଜ ବିଦ୍ୟୁତ୍ କୁପରିବାହୀ, ସୁନା ସୁପରିବାହୀ ହୋଇଥିବାରୁ ଭୂମିକମ୍ପ ଜନିତ ପିଜୋ-ବିଦ୍ୟୁତ୍ ପ୍ରକ୍ରିୟା ଦ୍ୱାରା ସ୍ଫଟିକ ଭିତରେ ଏଭଳି ସ୍ୱର୍ଣ୍ଣକଣିକାଗୁଡ଼ିକ ଠୁଳ ହୋଇ ବଡ଼ ରୂପ ଧାରଣ କରନ୍ତି ବୋଲି ଅନୁମାନ କରାଯାଉଛି।

# ବିଜୟଙ୍କ ହେନ୍ତାଳ ବଣ ଅଭିଯାନ

୧୯୯୯ ମସିହାର ମହାବାତ୍ୟା ପରିବେଶ ଯୋଦ୍ଧା ବିଜୟ କୁମାର କବିଙ୍କ ଗାଁର ନକ୍ସାକୁ ବଦଳାଇ ଦେଇଥିଲା। ସେତେବେଳେ ବିଜୟ ପ୍ରାକୃତିକ ଦୁର୍ବିପାକ ସହ ଲଢ଼ିବା ଓ ଏହାର କୁପ୍ରଭାବ ହ୍ରାସ କରିବାକୁ କେନ୍ଦ୍ରାପଡ଼ା ଉପକୂଳର ବିଭିନ୍ନ ଅଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି ଦିଗରେ କାମ ଆରମ୍ଭ କରିଥିଲେ। ତାଙ୍କର ଏହି ଅବିରତ ପ୍ରଚେଷ୍ଟାକୁ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ସାଧୁବାଦ ଜଣାଇଛନ୍ତି। ୧୯୯୯ରେ ରେଭେନ୍‌ସାରୁ ସ୍ନାତକୋତ୍ତର ପାଠ୍ୟକ୍ରମ ସାରି ଟିଉସନ୍ କରୁଥିଲେ ବିଜୟ। ବାତ୍ୟା ଯୋଗୁଁ ଜଗତସିଂହପୁର ଓ କେନ୍ଦ୍ରାପଡ଼ାର କେଉଁ ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି ଓ କାହିଁକି, ତାହାକୁ ସେ ଆଗ ବୁଝିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ବୁଝି ଜାଣିଲେ, ହେନ୍ତାଳ ବଣ ପାଖାପାଖି ରହୁଥିବା ଲୋକ କମ୍ ପ୍ରଭାବିତ ହୋଇଛନ୍ତି। ସେ ଅନୁଭବ କରିଥିଲେ ଯେ ହେନ୍ତାଳ ବଣ ହିଁ ଲୋକମାନଙ୍କ ଜୀବନଜୀବିକାକୁ ସୁରକ୍ଷିତ କରିପାରିବ। ହେନ୍ତାଳ ବଣ ସୃଷ୍ଟି ଲାଗି ସେ ସ୍ଥାନୀୟ ଲୋକଙ୍କୁ ବୁଝାଇ ବୃକ୍ଷରୋପଣ ଆରମ୍ଭ କରିଥିଲେ। ଧୀରେଧୀରେ ରାଜନଗରର ବଡ଼ପୁଟ ଆଦର୍ଶ ଗ୍ରାମରେ ରୂପାନ୍ତର ହୋଇଥିଲା। ବାସ୍ତବରେ ବଡ଼ପୁଟ ଗାଁ ପାଖରେ ବରୁଣେଇ ମୁହାଣ ନିକଟରେ ଆଗରୁ କ୍ଷୀରକୁଟ ଗାଁ ରହିଥିଲା। ଉଚ୍ଚ ଜୁଆର ଦ୍ୱାରା ନଦୀର ତଟକ୍ଷୟ ଦ୍ରୁତ ଗତିରେ ହେବା ଫଳରେ କ୍ଷୀରକୁଟ ଗାଁ ଲୋକେ ସପ୍ତମ ଦଶକରୁ ଧୀରେଧୀରେ ବିସ୍ଥାପିତ ହୋଇ ସେହି ଗାଁର ୭୦ ପରିବାର ନିକଟସ୍ଥ ବଡ଼ପୁଟ ଗାଁକୁ ଆସି ବାସ କଲେ। ମହାବାତ୍ୟା ପରେ ବଡ଼ପୁଟର ଅବସ୍ଥା କ୍ଷୀରକୁଟ ଭଳି ହେବାକୁ ଲାଗିଲା। ଲୋକେ ଆତଙ୍କିତ ହୋଇଗଲେ। ବିଜୟ ସେଠାକୁ ଯାଇ ସମସ୍ତଙ୍କ ସହାୟତାରେ ହେନ୍ତାଳ ବଣ ସୃଷ୍ଟି ପାଇଁ ରୁଅ, ହେନ୍ତାଳ, ବନି, ସିନ୍ଦୂକା ଆଦି ମଞ୍ଜି ସଂଗ୍ରହ କରି ୨୫ ଏକର ଜମିରେ ଚାରାରୋପଣ ଆରମ୍ଭ କରିଥିଲେ। ପ୍ରାୟ ୧୨ ବର୍ଷର ପରିଶ୍ରମ ପରେ ଏବେ ସେଠାରେ ଏକ ସୁନ୍ଦର ଜଙ୍ଗଲ ଦେଖିବାକୁ ମିଳୁଛି। ନଦୀ ତଟକ୍ଷୟ ବି ବନ୍ଦ ହୋଇଯାଇଛି। ଏବେ ବିଜୟ ଜଗନ୍ନାଥପୁର ଗାଁର ୧୪ ଏକର ଜମିରେ ହେନ୍ତାଳ ବଣ ସୃଷ୍ଟି ଆରମ୍ଭ କରିଦେଇଛନ୍ତି। ଜାରି ରହିଛି ତାଙ୍କର ହେନ୍ତାଳ ବଣ ସୃଷ୍ଟି ଯାତ୍ରା।



## ୭ ମାସ ପରେ ପୁଲିସ ଉପସ୍ଥିତିରେ ବିଦ୍ୟାଳୟ ଅଫିସ ଗୃହ ତାଲା ଖୋଲିଲା



**କଣାସ,୫।୫ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ସାନପୁଟ ଗ୍ରାମପଞ୍ଚାୟତ ର ବାରଦାବାଦଲପୁର ଉଚ୍ଚ ବିଦ୍ୟାଳୟ ରେ ପୂର୍ବତନ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କ ମଧ୍ୟରେ ତିକ୍ତତା ଲାଗି ରହିବାରୁ ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବଡଜେନା ବିଦ୍ୟାଳୟ ଅଫିସ ଗୃହରେ ୨୦୨୪ ମସିହା ଅକ୍ଟୋବର ମାସରେ ଅଫିସ ଗୃହରେ ତାଲା ପକାଇ ଦେଇଥିଲେ। ପ୍ରଧାନ ଶିଣକ ତାଲା ପକାଇବା ଦେଖି ଅନ୍ୟ ଶିକ୍ଷକମାନେ ଓ ଗ୍ରାମବାସୀ ଅଫିସ ଗୃହରେ ଦ୍ୱିତୀୟ ତାଲା ପକାଇଥିଲେ। ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବଡଜେନାଙ୍କୁ ଅନ୍ୟତ୍ର ବଦଳି କରିବା ସହିତ କଣାସ ମହନ୍ତ ବନମାଳୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୁପଶ୍ରୀ ଛୋଟରାୟଙ୍କୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେନିଯୁକ୍ତି କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀମତୀ ଛୋଟରାୟଙ୍କୁ ଦାୟିତ୍ୱ ହସ୍ତାନ୍ତର କରିନଥିଲେ। ଦୀର୍ଘ ସାତମାସ ଧରି ବିଦ୍ୟାଳୟ ଅଫିସ ଗୃହ ତାଲା ପଡ଼ିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ, କଣାସ ଅତିରକ୍ତ ତହସିଲିଦାର ଉପେନ୍ଦ୍ର କୁମାର ସେଠୀଙ୍କୁ ମାଜିଷ୍ଟ୍ରେଟ ଭାବେ କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ .ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ରୁପଶ୍ରୀ ଛୋଟରାୟ ତଦନ୍ତକାରୀ ଅଧିକାରୀ ଭାବେ ଗଡ଼ଶାହି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭୁତିଭୂଷଣ ମହାପାତ୍ରଙ୍କୁ ଉପସ୍ଥିତ ରହି ତାଲା ଭାଙ୍ଗିବାକୁ ନିର୍ଦ୍ଦେଶ ଦେବାରୁ ଆଜି ଅତିରିକ୍ତ ତହସିଲିଦାର, କଣାସ ଥାନା ଅଧିକାରୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଏବଂ ତଦନ୍ତକାରୀ ପ୍ରଧାନ ଶିକ୍ଷକ ଉପସ୍ଥିତ ରହି ତାଲା କାଟି ଅଫିସ ଗୃହ ଖୋଲିଥିଲେ।

### ଜଳ, ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତା ସୁବିଧା ହୋଇଛି ସାତ ସପନ

## କୋକସୁରରେ ବିକାଶର ଦିଗହରାରେ

**କଳାହାଣ୍ଡି,୫।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବେନଗାଁ ପଞ୍ଚାୟତ କୋକସୂର ବାସିନ୍ଦାଙ୍କ ପାଇଁ ଅପହଞ୍ଚରେ ମୌଳିକ ସୁବିଧା। ଗାଁରେ ରୁହନ୍ତି ୨୪ଟି ଆଦିବାସୀ ପରିବାର। ହେଲେ ଗାଁରେ ପାନୀୟଜଳ ପାଇଁ ଭଲ ବ୍ୟବସ୍ଥା ନାହିଁ। ଯାତାୟାତ ପାଇଁ ରାସ୍ତା ନାହିଁ। ବିଦ୍ୟାଳୟ ନାହିଁ, ଅଙ୍ଗନବାଡ଼ି କେନ୍ଦ୍ର ନାହିଁ କି ସ୍ୱାସ୍ଥ୍ୟସେବା ବି ନାହିଁ। ସତେ ଯେମିତି ନାହିଁ ନାହିଁର ଫିତା ତଳେ ବନ୍ଧା ପଡ଼ିଛି କୋକସୁର ଗାଁର ଭାଗ୍ୟ। ପ୍ରଶାସନ ପକ୍ଷରୁ କାମ ନମିଳିବା ଯୋଗୁଁ ଲୋକଙ୍କ ଆର୍ଥିକ ଅବସ୍ଥା ସବୁବେଳେ ଦୟନୀୟ। ବହୁ ବର୍ଷ ପରେ ନୂତନ ଭାବେ ଆଦିବାସୀ ବୋଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଖଣ୍ଡେ ମିଳିଥିଲା। କିନ୍ତୁ ରାସ୍ତା ନଥିବା ଯୋଗୁଁ ଘର କରିବା କଷ୍ଟକର ହୋଇ ପଡ଼ିଛି। ଗାଁରେ ଗୋଟିଏ ନଳକୂଅ ଥିବା ବେଳେ ବହୁବର୍ଷ ହେଲା ତାହା ଅଚଳ ହୋଇପଡ଼ିଛି। ନିକଟସ୍ଥ ଝରଣାରୁ ଗାଁକୁ ଏକ ପାଇପ ସଂଯୋଗ କରି ସେହି ପାଣି ପିଇବାକୁ ବାଧ୍ୟ ହେଉଛନ୍ତି ଗାଁ ଲୋକେ। ଖରାଦିନେ ତାହା ମଧ୍ୟ ଶୁଖିବାକୁ ବସିଲାଣି। ଗତ ୧୧ ବର୍ଷ ତଳୁ ବିଜୁଳି ସଂଯୋଗ ପାଇଁ ଖୁଣ୍ଟ ପୋତାଯାଇ ତାର ଟଣାଯାଇଛି। ହେଲେ ବିଦ୍ୟୁତ ସଂଯୋଗ ନ ଥିବାରୁ ଏବେ ବି ଅନ୍ଧାରରେ ରହୁଛି ଗାଁ। ଏସବୁ ସମସ୍ୟା ନେଇ ଗାଁ ଲୋକେ ଗତ ୨୦୨୦ ମସିହାରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ୍ ପ୍ରଶାସନ ପକ୍ଷରୁ ଲାଞ୍ଜିଗଡ଼ର ତତ୍କାଳୀନ ତହସିଲଦାର ମୁନୀନ୍ଦ୍ର ହୋନ୍ନାଗା ଓ ଲାଞ୍ଜିଗଡ଼ ତତ୍କାଳୀନ ବିଡିଓ ଜିତେନ୍ଦ୍ର ମିଶ୍ର ଗାଁକୁ ଯାଇ ଗାଁର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଗାଁର ଯୁବକଙ୍କୁ ମନରେଗା ଯୋଜନାରେ କାମ ଯୋଗାଇବା ସାଙ୍ଗକୁ ଅନ୍ୟ ମୌଳିକ ସୁବିଧା ଉପଲବ୍ଧ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ରାସ୍ତା ନିର୍ମାଣ ହୋଇଥିଲା। ପାନୀୟଜଳ ଯୋଗାଣ ପାଇଁ ଗାଁରେ ଦୁଇଟି ଗଭୀର ନଳକୂଅ ଖନନ କରାଗଲା। ବିଦ୍ୟୁତ ବିଭାଗ କର୍ମଚାରୀମାନେ ମଧ୍ୟ ପହଞ୍ଚି ଥିଲେ। ହେଲେ ସତେଯେମିତି ସେତିକିରେ ହିଁ ଉନ୍ନୟନ ମୂଳକ କାମ ଠପ୍ ହୋଇଗଲା। ଗାଁକୁ ଯାଇଥିବା କଚ୍ଚା ରାସ୍ତାଟି ବର୍ଷା ପାଣିରେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବାଇକ୍ ଯିବା ବି କଷ୍ଟ ଦେଖାଗଲା।ଗ୍ରାମବାସୀଙ୍କୁ ଏଯାଏଁ କାମ ମିଳିନାହିଁ। ଏନେଇ କୋକସୁର ଗାଁର ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚ ସେ ପଞ୍ଚାୟତ ବୈଠକ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରିଛନ୍ତି। ଲାଞ୍ଜିଗଡ଼ ବିଧାୟକଙ୍କ ସହିତ ଆଲୋଚନା କରିଛନ୍ତି। ଗତ ଜାନୁଆରି ମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ଗାଁକୁ ଆସି ରାସ୍ତା ନିର୍ମାଣ ପାଇଁ ଦେଖିକି ଯାଇଛନ୍ତି।କେବେ ମୌଳିକ ସୁବିଧାର ଅଧିକାରୀ ହେବେ କୋକସୁର ଗାଁ ଲୋକେ ତାହା ଅପେକ୍ଷା ରେ ରହିଲା।



## ମାତା ପାର୍ବତୀଙ୍କୁ ଧରି ଚାପ ଖେଳୁଛନ୍ତି ବାବା ସ୍ୱପ୍ନେଶ୍ୱର

**ବାଲିପାଟଣା,୫।୫(ସଂଚାର ବ୍ୟୁରୋ):** ମହାଆଡ଼ମ୍ବରରେ ପାଳନ ହେଉଛି ଭୁବନେଶ୍ୱର ଉପକଣ୍ଠ ବାଳକାଟି ଅଞ୍ଚଳର ଆରାଧ୍ୟ ତଥା ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣର ଥାନପତି ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ଚନ୍ଦନ ଯାତ୍ରା। ମାତା ପାର୍ବତୀଙ୍କୁ ଧରି ଚାପ ଖେଳୁଛନ୍ତି ବାବା ସ୍ୱପ୍ନେଶ୍ୱର। ଏହି ଚାପ ଖେଳକୁ ଉପଭୋଗ କରୁଛନ୍ତି ଆବାଳ ବୃଦ୍ଧ ବନିତା। ଚନ୍ଦନପୋଖରୀରେ ହେଉଥିବା ଭଗବାନଙ୍କ ଏହି ଚାପ ଖେଳ ଦେଖିବା ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଜମୁଛି। ପୋଖରୀର ଚାରିପଟେ ଶ୍ରଦ୍ଧାଳୁ ଭକ୍ତଙ୍କ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହେଉଛି ସମଗ୍ର ଅଞ୍ଚଳ। ପ୍ରକାଶଥାଉକି ଅକ୍ଷୟତୃତୀୟା ଦିନ ଯଥା ରୀତିନୀତି ଅନୁସାରେ ପ୍ରଥମେ ଶ୍ରୀ ଦୋଳଗୋବିନ୍ଦ ଏବଂ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ସୁସଜ୍ଜିତ ବିମାନ ଯୋଗେ ସ୍ୱପ୍ନେଶ୍ୱର ମନ୍ଦିରକୁ ଆସନ୍ତି। ସେଠାରେ ନୀତିକ୍ରାନ୍ତି କରାଯାଇ ଗୋଟିଏ ପାଲିଙ୍କିରେ ବାବା ସ୍ୱପ୍ନେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର, ମାତା ପାର୍ବତୀ, ଶ୍ରୀ ଦୋଳଗୋବିନ୍ଦ(ଗୋପୀନାଥ ଦେବ), ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଚନ୍ଦନପୋଖରୀକୁ ବିରାଟ ପଟୁଆରରେ ଆସନ୍ତି। ସେଠାରେ ତୁଳସୀ ଚଉରା ନିକଟରେ ଆଳତୀ ପରେ ପୋଖରୀରେ ପ୍ରସ୍ତୁତ ହୋଇ ରହିଥିବା ଡ଼ଙ୍ଗାରେ ଚାପ ଖେଳନ୍ତି। ଚାପ ଖେଳିସାରିଲା ପରେ ଠାକୁରଙ୍କୁ ଚନ୍ଦନ ମଣ୍ଡପ ବା ଚନ୍ଦନ ଗୃହକୁ ପାଛୋଟି ନିଆଯାଇ ସେଠାରେ ଚନ୍ଦନ ପାଣିରେ ସ୍ନାନ ପରେ ଠାକୁରଙ୍କୁ ସୁନ୍ଦର ବେଶରେ ସଜାଇ ଯଥା ରୀତିନୀତି ପୂଜାର୍ଚ୍ଚନା କରାଯାଇଥିଏ। ଏଥିସହ ଚୁଡା ଏବଂ ବିଭିନ୍ନ ଫଳ ପଡ଼ି ପଣା ଭୋଗ କରାଯାଇ ଶ୍ରଦ୍ଧାଳୁ ଭକ୍ତଙ୍କୁ ବଣ୍ଟା ଯାଏ। ପରେ ସୁସଜ୍ଜିତ ପାଲିଙ୍କିରେ ଘଣ୍ଟାଘଣ୍ଟ, ଖୋଳ କିର୍ତ୍ତନ, ଆଲଟ, ଚାମର ଆଦି ବିରାଟ ପଟୁଆରରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥାଏ। ଠାକୁରଙ୍କ ଏହି ନୀତିକ୍ରାନ୍ତି ଛତିଶା ନିଯୋଗ ସମେତ କୈବର୍ତ୍ତ ସେବାୟତ, ଗୋପାଳ ସେବାୟତ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରିଥିବା ବେଳେ ସ୍ୱପ୍ନେଶ୍ୱର ଟ୍ରଷ୍ଟ, ମନ୍ଦିର ପରିଚାଳନା କମିଟି, ଚାରିଦେଶର ମୁରବୀ, ପ୍ରତାପଶାସନ ପଞ୍ଚାୟତ ଜନପ୍ରତିନିଧି ପରିଚାଳନା କରିଥିଲେ।



## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

- ଦୀର୍ଘ ଦିନରୁ ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ସୁଯୋଗର ସଦୁପଯୋଗ କରନ୍ତୁ

**ସୁବର୍ଣ୍ଣପୁର,୫।୫(ସଂଚାର ବ୍ୟୁରୋ):** ୧୦. ୦୫.୨୦୨୫ ରିଖରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସୋନପୁର ସିଭିଲ କୋର୍ଟ ପରିସର ଅନୁଷ୍ଠିତ ହେବ। ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ମାମଲାର ଆପୋସ ସହମତିରେ ସମାଧାନ କରାଯାଇ ପାରିବ ଓ କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବ୍ୟାଙ୍କଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ ଓ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ ଅଟେ ଓ ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପୈଠ ହୋଇଥିବା କୌଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ଓ ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତଥା ତାଲୁକ ଆଇନ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ହେଲେ ବିଜେଡିର ରାଜ୍ୟ ଉପସଭାପତି



**ସୋନପୁର,୫।୫(ସଂଚାର ବ୍ୟୁରୋ):** ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି, ପଶ୍ଚିମ ଓଡ଼ିଶାର ଅନ୍ୟତମ ଟାଣୁଆ ନେତା ତଥା ଓଡ଼ିଶାର ପ୍ରଭାବଶାଳୀ ନେତା ଭାବେ ବେଶ ପରିଚିତ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ତାଙ୍କର ଦକ୍ଷତା ପାଇଁ ତାଙ୍କ ଉପରେ ଆସ୍ଥା ପ୍ରକଟକରି ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ରାଜ୍ୟ କମିଟିରେ ତାଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଛନ୍ତି।ତେବେ ବିଜେଡ଼ି ର ରାଜ୍ୟ ଉପ ସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସୋନପୁର ବିଜେଡ଼ି କମିଟି ତରଫରୁ ଶୁଭେଚ୍ଛାର ସୁଅଛୁଟୁଛି, ବିଜୁ ଜନତା ଦଳର ସୁବର୍ଣ୍ଣପୁର ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, ପୂର୍ବତନ ରାଜ୍ୟ ମସ୍ୟ ନିଗମର ଅଧକ୍ଷ ଅଭିମନ୍ୟୁ କୁଶଳ, ସୋନପୁର ଜୋନ ଦୁଇ ର ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତା, ବିଜେଡ଼ି ନେତା କୈରୁସ୍ୱାଇଁ, ଶଙ୍କର ପ୍ରସାଦ ସା, ବିଜେଡ଼ି ଯୁବ ନେତା ଜ୍ୟୋତି ରଞ୍ଜନ କୁଶଳ ଶୁଭେଚ୍ଛା ଜଣେଇଛନ୍ତି, ଆଗାମୀ ଦିନରେ ଜିଲ୍ଲାରେ ଏବଂ ରାଜ୍ୟ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବ ବୋଲି କହିଛନ୍ତି ନିରଞ୍ଜନ ପୂଜାରୀ ତାଙ୍କ ଉପରେ ନବୀନ ବାବୁ ଭରସା କରିଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ନବୀନ ପଟ୍ଟନାୟକ ଙ୍କ କ୍ୟାବିନେଟ ମନ୍ତ୍ରୀ ଟିମରେ ପୂର୍ବରୁ ଖାଦ୍ୟ ଯୋଗାଣ, ଅବକାରୀ, ଶିଳ୍ପ, ଅର୍ଥ, ଓଡ଼ିଶାର ବାଚସ୍ପତି ଭଳି ପଦବୀରେ ରହି ନିଜର ଦକ୍ଷତା ଦେଖେଇ ପାରିଛନ୍ତି ।

## ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ନିର୍ଦ୍ଦୋଷରେ ଖଲାସ



**ଫୁଲବାଣୀ,୫।୫(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଏକ ବହୁଚର୍ଚ୍ଚିତ ଡକାୟତି ମାମଲାରେ ଫୁଲବାଣୀର ପୂର୍ବତନ ବିଜେଡି ବିଧାୟକ ଦେବେନ୍ଦ୍ର କହଁର ନିର୍ଦୋଷରେ ଖଲାସ ହୋଇଛନ୍ତି। ଏହି ମାମଲାରେ ଥିବା ଦୁଇ ପୋଲିସ ଅଧିକାରୀଙ୍କ ସହିତ ମୋଟ ଛଅ ଜଣ ମଧ୍ୟ ନିର୍ଦୋଷରେ ଖଲାସ ହୋଇଛନ୍ତି। ଫୁଲବାଣୀ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି। ୨୦୨୧ ମସିହା ଫେବୃୟାରୀ ୯ ତାରିଖରେ ଦେବେନ୍ଦ୍ର ଏବଂ ତାଙ୍କ ଅନ୍ୟ କିଛି ସହଯୋଗୀ ଅନ୍ୟ ଜିଲ୍ଲାରୁ ଆସିଥିବା ୩ ଜଣଙ୍କୁ ଫୁଲବାଣୀର ଫୁଟବଲ୍ କ୍ଲବକୁ ଅପହରଣ କରି ନେଇ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଡକାୟତି କରିଥିଲେ। ଏହି ମାମଲାରେ ସାକ୍ଷ୍ୟ ବିଚାର ପରେ ଆଜି ରାୟ ଶୁଣାଇଛନ୍ତି କୋର୍ଟ। ଏହି ମାମଲା ସେତେବେଳେ ବହୁ ଚର୍ଚ୍ଚାର ବିଷୟ ହୋଇଥିଲା। ଅଭିଯୋଗକାରୀ ଢେଙ୍କାନାଳର କାମାକ୍ଷା ବେହେରା ଏହି ମାମଲା ରୁଜୁ କରିଥିଲେ ଏବଂ ପୂର୍ବତନ ବିଧାୟକଙ୍କ ସମେତ ଅନ୍ୟ ଜଣଙ୍କୁ ସେତେବେଳେ ପୋଲିସ ଗିରଫ କରିଥିଲା। ରାଜନୈତିକ ଆକ୍ରୋଶ ରଖି କିଛି ଖଳ ପ୍ରକୃତି ଲୋକେ ଫସେଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆଜି ସତ୍ୟ ଓ ଧର୍ମର ଜୟ ହୋଇଛି କହିଲେ ଦେବେନ୍ଦ୍ର। ରାଜନୀତିରୁ ବିଦା କରିବାକୁ ବିଜେଡି ଏପରି ମାମଲା କରିଥିବା ମଧ୍ୟ କହିଲେ ଦେବେନ୍ଦ୍ରଙ୍କ ଓକିଲ ଅଜିତ ପଟ୍ଟନାୟକ।

## ଜିଲ୍ଲାରେ ନୂତନ ଏସପି ଭାବେ ଯୋଗଦେଲେ ନାରାୟଣ



**ସୁବର୍ଣ୍ଣପୁର,୫।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ନୂତନ ଏସପି ଭାବରେ ଯୋଗ ଦେଲେ ଶ୍ରୀ ନାରାୟଣ ନାୟକ। ସୁବର୍ଣ୍ଣପୁର ଜିଲ୍ଲା ଏକ ଶାନ୍ତି ପ୍ରିୟ ଜିଲ୍ଲା। ସଧାରଣ ଲୋକଙ୍କୁ ସଠିକ ନ୍ୟାୟ ଓ ଉତ୍ତମ ପୋଲିସ ସେବା ଉପରେ ପ୍ରଥମେ ଗୁରୁତ୍ୱ ଦେବାକୁ ଶ୍ରୀ ନାୟକ କହିବାସହ ଟ୍ରାଫିକ ସମସ୍ୟା ର ସମାଧାନ ଦିଗରେ ପୁରା ପ୍ରୟାସ କରିବା ସହିତ ଛିନତାଇ, ଚୋରୀ ଡକାୟତି ଓ ନିଶା କାରବାର ତଥା ଅସାମାଜିକ କାର୍ଯ୍ୟ କଳାପ କୁ ମୋଟେ ବରଦାସ୍ତ କରାଯିବନି ବୋଲି ମତ ରଖି ସେ ସବୁର ମୂଳୋତ୍ପାଟନ କରିବା ଦିଗରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି କାମ କରିବୁ ବୋଲି କହି ଏଥିପାଇଁ ଜନସାଧାରଣ ଙ୍କ ସହଯୋଗ ନିହାତି ଜରୁରୀ ବୋଲି କହିଥିଲେ। ଶ୍ରୀ ନାୟକ ଏହା ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ଅଫିସ, ତରଭା ଥାନା ରେ ଓଆଇସି, ବଲାଙ୍ଗିର ସଦର ଥାନାରେ ଭାରପ୍ରାପ୍ତ ଥାନା ଅଧିକାରୀ, ଏସଡିପିଓ ଭାବେ, ମେରାଇନ ଓ କୋଷ୍ଟାଲ ସୁରକ୍ଷା ଦାୟିତ୍ୱ ଏବଂ ସମ୍ବଲପୁର ଡି ଆଇ ଜି ଅଫିସ୍ ରେ ଖୁବ୍ ଦକ୍ଷତା ଓ ସଫଳତା ର ସହ କାର୍ଯ୍ୟ କରି ଥିଲେ। ପ୍ରକାଶ ଥାଉ କି ଯେ ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ ଆନ୍ଦୋଳନ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ରେ ଶ୍ରୀ ନାୟକ ଙ୍କ ଉଲ୍ଲେଖନୀୟ ଭୂମିକା ରହିଥିବା ବେଳେ ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲ୍ଲାର ଆଇନଶୃଙ୍ଖଳା, ଟ୍ରାଫିକ ସମସ୍ୟା ବେଆଇନ ନିଶା କାରବାର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ଉପରେ ତାଙ୍କର ପ୍ରାଥମିକତା ରହିବ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ତାଙ୍କର ସହାୟତା କାମନା କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲା,୨ ଅଟକ




**ଗୋପାଳପୁର,୫।୫(ସଂଚାର ବ୍ୟୁରୋ):** ଜଣେ ଯୁବକକୁ ପଥର ଛେଚି ଆକ୍ରମଣ କରିଥିବା ମାମଲାରେ ଗୋପାଳପୁର ପୁଲିସ ୨ ଜଣକୁ ଅଟକ ରଖି ତଦନ୍ତ କରୁଛି । ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ବ୍ରହ୍ମପୁର ଆଙ୍କୁଲି ମାଳି ସାହିର ସମିର ମଣ୍ଡଳ ବୋଲି ପୁଲିସ କହିଛି । ସୂଚନା ପ୍ରକାରେ ଶନିବାର ରାତି ପ୍ରାୟ ୧୧ ସମୟରେ ଖୋଡାସିଂ ନିକଟରେ ଥିବା ବ୍ଲାକ ସି ବାର ନିକଟରେ ସମିର ଓ ସାଙ୍ଗ ଆଶିଷ ଚୌଧୁରୀ କିଛି ଅଜଣା ଲୋକଙ୍କ ସହ ବଚସା ହୋଇଥିଲା । ପରେ ସେଠାରୁ ଗାଡ଼ିରେ ଯିବା ସମୟରେ ୫ ରୁ ୬ ଜଣ ହୋଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଆଶିଷ ପ୍ରତିବାଦ କରିବାରୁ ତାକୁ ମାଡ଼ ମାରିଥିଲେ। ସମିର ପଚାରିବାରୁ ତାକୁ ମଧ୍ୟ ଇଟା ଏବଂ ପଥରରେ ମୁଣ୍ଡକୁ ଓ ଦେହକୁ ଆକ୍ରମଣ କରିଥିଲେ । ଆକ୍ରମଣ ପରେ ମୁଣ୍ଡ ଫାଟି ବେହୋସ ହେବା ପରେ ମରି ଗଲା ଭାବି ନିକଟରେ ଥିବା ଏକ ଗୁଡ଼ି ଗଦାରେ ଶୁଆଇ ସେଠାରୁ ଚାଲି ଯିବା ସହ ସୁନା ଚେନ ଓ ସୁନା ଲକେଟ ନେଇ ଚମ୍ପଟ ମାରିଥିଲେ । ପରେ ଉପସ୍ଥିତ ଥିବା ସାଙ୍ଗ ମାନେ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ନେଇଥିଲେ । ସମିରଙ୍କ ମୁଣ୍ଡରେ ୧୮ଟି ସିଲାଇ ପଡିଥିଲା । ସୁସ୍ଥ ଅନୁଭବ ପରେ ସମିର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୧୩୨/୨୫ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଥିଲା । ଅଞ୍ଚଳର ସିସି କ୍ୟାମେରା ଯାଞ୍ଚ କରି ସମ୍ପୃକ୍ତ ଥିବା ଖୋଡାସିଂ ଅଂଚଳର ବିରୁ ଦାସ ଓ ଡ଼ମ୍ବୁରୁ ଦାସକୁ ଆଣି ଅଟକ ରଖି ପଚରା ଉଚରା କରୁଛି ପୋଲିସ ।

## ମିନାକ୍ଷୀ ହାଇଡ୍ରୋ ବିଦ୍ୟୁତ ପ୍ରକଳ୍ପ ବିରୋଧରେ ଏକାଠି ହେଲେ ୧୯ ଗାଁ



**ଜୟପୁର,୫।୫(ସଂଚାର ବ୍ୟୁରୋ):** ମିନାକ୍ଷୀ ହାଇଡ୍ରୋ ବିଦ୍ୟୁତ ପ୍ରକଳ୍ପକୁ ବିରୋଧ। ପ୍ରକଳ୍ପ ଫଳରେ ପାଣିରେ ବୁଡିବ ତିନି ଗାଁ କିନ୍ତୁ ତିନି ଗାଁ ଲୋକଙ୍କୁ ପ୍ରତି ପ୍ରଶାସନ ପାଲଟିଛି ନିଷ୍ଠୁର। ବିନା ପଲ୍ଲୀସଭାରେ ପ୍ରକଳ୍ପ ନିର୍ମାଣକୁ ନେଇ ବଢ଼ିଲା ଜନ ଆକ୍ରୋଶ। ଏହାର ପ୍ରତିବାଦ ରେ ୧୯ ଖଣ୍ଡ ଗ୍ରାମ ବାସୀ ଅଣ୍ଟା ଭିଡ଼ିଲେ। ଏକାଠି ହେଲେ ବୈଠକ କଲେ ଏବଂ ପ୍ରକଳ୍ପ ସମ୍ମୁଖରେ ଧାରଣା ଦେବେ ପାଇଁ ନିଷ୍ପତ୍ତି ନେଲେ। ଆଜି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ପଂଚାୟତର ପୂଜାରୀପୁଟ ଠାରେ ୧୯ ଖଣ୍ଡ ଗ୍ରାମ ବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିନା ପଲ୍ଲୀସଭାରେ ମିନାକ୍ଷୀ ହାଇଡ୍ରୋ ବିଦ୍ୟୁତ ପ୍ରକଳ୍ପ ନିର୍ମାଣକୁ ନେଇ କୋରାପୁଟ ଜିଲ୍ଲାପାଳ ଏବଂ ଜୟପୁର ଉଜିଲ୍ଲାପାଳ ଙ୍କୁ ପୂର୍ବରୁ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ଏନେଇ ଜଣୁଣାଣି କରିବା ପାଇଁ ଗ୍ରାମବାସୀ ଙ୍କୁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏ ଯାଇ ଜନ ଶୁଣାଣି ହେଲା ନାହିଁ। ଯାହାକୁ ନେଇ ଅଞ୍ଚରେ ଅସନ୍ତୋଷ ବଢୁଛି। ଜିଲ୍ଲାପାଳ ଙ୍କୁ ଅଭିଯୋଗ କରି ଦୁଇ ମାସ ବିତିଲା କିନ୍ତୁ ପ୍ରଶାସନ ଚୁପ। ଦିନ ପରେ ଦିନ ଖାଲି ଗଡ଼ାଉଛି ପ୍ରଶାସନ କିନ୍ତୁ କୌଣସି ସମାଧାନ ର ବୈଠକ କରୁନାହାନନ୍ତି। ପ୍ରଶାସନ ର ଠିଲା ମନବୃତି ନା କମ୍ପାନୀ ପ୍ରତି ଅନୁକମ୍ପା ବୈଠରେ ଗାଁ ଲୋକେ ନିଷ୍ପତ୍ତି ନେଇଛନ୍ତି ଯେ, ଆଗାମୀ ଦିନରେ ମିନାକ୍ଷୀ ହାଇଡ୍ରୋ ବିଦ୍ୟୁତ ପ୍ରକଳ୍ପ ସମ୍ମୁଖରେ ଧାରଣା ଦେବେ। ସୂଚନା ଥାଉକି, ହାଇଦ୍ରାବାଦର ଘରୋଇ କମ୍ପାନୀ (ମିନାକ୍ଷୀ ବିଦ୍ୟୁତ ପ୍ରକଳ୍ପ) ତେନ୍ତୁଳିଗୁମ୍ମା ଠାରେ କାର୍ଯ୍ୟ ଆରମ୍ଭ କରି ୨୫ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରୁଛି।

## ୨ ଘରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଅଳଙ୍କାର ଚୋରି

**ଗୋପାଳପୁର,୫।୫(ସଂଚାର ବ୍ୟୁରୋ):** ଗୋପାଳପୁର ଥାନା ଅନ୍ତର୍ଗତ ବହାଦୁରପେଟା ଗାଁରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ୨ଟି ଘରୁ ଲକ୍ଷାଧିକ ଟଙ୍କାର ସୁନା,ରୂପା ଓ ଟଙ୍କା ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ସେହି ଗ୍ରାମର ପ୍ରତିମା ବେହେରା କରାପଲ୍ଲୀ ଗୋବିନ୍ଦ ନଗରରେ ରହୁଛନ୍ତି । ଶୁକ୍ରବାର ରାତିରେ ବହାଦୁରପେଟାରେ ଥିବା ନିଜ ଘରର ଦୁଇଟି ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଆଲମିରାରେ ଥିବା ଜିନିଷ ପତ୍ର ଫିଙ୍ଗାଫିଙ୍ଗି କରିବା ସହ ଏକ ସୁଟକେଶ ଭାଙ୍ଗି ସେଥିରେ ଥିବା ୪ ରୁ ୫ ଲକ୍ଷ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ । ତା'ସହ ପଡ଼ୋଶୀରେ ରହୁଥିବା ରାମକୃଷ୍ଣ ସାହୁଙ୍କ ଘରର ୩ଟି ତାଲା ଭାଙ୍ଗିବା ସହ ଆଲମିରା ଭାଙ୍ଗି ସେଥିରେ ଥିବା ସୁନା ଖାସୁ ଗୋଟିଏ, ୩ଯୋଡ଼ି ସୁନା କାନ ଫୁଲ, ୩ଟି ରୂପା ପାଉଁଜି, ଗୋଟିଏ ରୂପା ଚେନ, ଗୋଟିଏ ରୂପା ଲକେଟ, ଛୋଟିଆ ଛୋଟିଆ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି ।

## ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



**ସୁନ୍ଦରଗଡ଼,୫।୫(ସଂଚାର ବ୍ୟୁରୋ):** ହେମଗିର ବ୍ଲକ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୭୭ ଗୋଟି ଅଭିଯୋଗ ରହିଥିବା ବେଳେ ସେଥି ମଧ୍ୟରୁ ୩୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ଏବଂ ୪୬ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୯ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ହେମଗିରି ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ 'ଫୁ' କରି ଉଡାଇ ଦେଲା ତହସିଲ୍

## ପାକିସ୍ତାନୀ ଗଲେ,ବାଂଲାଦେଶୀ କେବେ ?



**ବାଲିପାଟଣା,୫।୫(ସଂଚାର ବ୍ୟୁରୋ):** ସାରା ଭାରତବର୍ଷ ର ସାଧାରଣଜନତା ଆଜି ଆତଙ୍କବାଦ ବିରୁଦ୍ଧରେ ଦୃଢ ପ୍ରତିବାଦ କରୁଥିବା ବେଳେ,ଭାରତ ସରକାର ପାକିସ୍ଥାନୀ ନାଗରିକ ଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ଏକ ସମୟୋଚିତ୍ ପଦକ୍ଷେପ।କିନ୍ତୁ ଏହି ସମୟରେ ବଙ୍ଗଲାଦେଶର ନାଗରିକ ମାନଙ୍କୁ ମଧ୍ୟ ଦେଶରୁ ବହିଷ୍କାର କରିବାର ଆବଶ୍ୟକତା ରହିଛି। କାରଣ ବର୍ତ୍ତମାନର ବାଂଲାଦେଶ ସରକାର ର ଭାରତ ବିରୋଧୀ ମନୋବୃତ୍ତି ଓ ହଜାର ହଜାର ସଂଖ୍ୟାରେ ସେ ଦେଶର ଲୋକମାନେ ଭାରତରେ ରହି ଆମ ଦେଶ ବିରୁଦ୍ଧ ରେ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବା ଅଧିକାଂଶ ଘଟଣାରେ ସେମାନେ ସଂପୃକ୍ତ ରହୁଥିବା ଅସମ୍ଭବ ନୁହେଁ।ଏହି ପରିପ୍ରେକ୍ଷୀରେ ବାଲିପାଟଣା ନିକଟସ୍ଥ ଅନେକ୍ ଅଞ୍ଚଳରେ ସରକାରୀ ଓ ଗୋଚର ଜମିରେ ବାଂଲାଦେଶୀ ମାନେ ଜବରଦଖଲ କରି ଘର ତିଆରି କରି ରହୁଛନ୍ତି।ସେମାନଙ୍କ ସଂଖ୍ୟା ଆସ୍ତେ ଆସ୍ତେ ବୃଦ୍ଧି ପାଇ ଚାଲିଛି। ସ୍ଥାନୀୟ କିଛି ଦଲାଲ ଙ୍କ ମାଧ୍ୟମରେ ସେମାନେ ଆଧାର କାର୍ଡ ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ମଧ୍ୟ ପାଉଛନ୍ତି।କେହି କେହି ଜମି କିଣି ଘରଦ୍ୱାର ମଧ୍ୟ ନିର୍ମାଣ କରି ରହିଲେଣି। କିନ୍ତୁ ସେମାନଙ୍କର୍ ଭାରତ ପ୍ରତି ଆନୁଗତ୍ୟ ରହିଥିବା ପ୍ରତୀୟମାନ ହୁଏନାହିଁ। ସ୍ଥାନୀୟ ଲୋକମାନେ ସେମାନଙ୍କ ବ୍ୟବହାର ରେ ଅତିଷ୍ଠ ହୋଇ ଗତ ୨୦୨୨ ମସିହାରେ ବାଲିପାଟଣା ତହସିଲଦାର ଙ୍କୁ ଜବରଦଖଲ ଜାଗାରୁ ଉଚ୍ଛେଦ ପାଇଁ ଦରଖାସ୍ତ କରିଥିଲେ।ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଧ୍ୟ ଯଥାବିଧି ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନଥିଲା। ପୁନର୍ବାର ୨୦୨୩ ରେ ମଧ୍ୟ ତହସିଲଦାର ଙ୍କୁ ଜଣା ଯାଇଥିଲା।ତାହା ସ୍ଥାନୀୟ କିଛି ଦଲାଲ ସେମାନଙ୍କୁ ସହଯୋଗ କରିବା ଯୋଗୁଁ ସରକାରୀ ଅଧିକାରୀ ଚୁପ୍ ରହିଯାଇଥିଲେ। ଅନ୍ୟ ଉପାୟ ନପାଇ ଗ୍ରାମବାସୀ ମାନେ ବିଭାଗୀୟ ପ୍ରମୁଖ ସଚିବ,ଜିଲ୍ଲାପାଳ ଙ୍କ ଜନଶୁଣାଣୀ ଶିବିର ରେ ଅଭିଯୋଗ କରିବାପରେ ଜିଲ୍ଲାପାଳ ୧୪ ଅଗଷ୍ଟ ୨୦୨୪ ରେ ଚିଠି ନଂ ୯୮୨୫ ରେ ତହସିଲଦାର ଙ୍କୁ କଡା ନିର୍ଦ୍ଦେଶ ଦେଇ ତୁରନ୍ତ ୧୫ ଦିନ ମଧ୍ୟରେ ଗୋଚର ଜାଗା ପ୍ଲଟ ନଂ୧୨୦୬ ରୁ ଉଚ୍ଛେଦ ପାଇଁ କହିଥିଲେ ମଧ୍ୟ ଏହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ବାରମ୍ବାର ସରପଞ୍ଚ ଙ୍କ ତରଫରୁ ମଧ୍ୟ ଏ ବିଷୟରେ ଅବଗତ କରାଯାଇଛି।ଆଇନ ର ରକ୍ଷକ ମାନେ ଭକ୍ଷକ ସାଜିଥିବାରୁ ଆଇନ ବାଟବଣା ହେଉଛି ବୋଲି ସାଧାରଣ ଲୋକେ ଅଭିଯୋଗ କରୁଛନ୍ତି।